# ଗଳ୍ପ ସମୂହ

ଡା: ଉପେନ୍ଦ୍ର ପ୍ରସାଦ ନାୟକ

SHAMBHU DAS

SHAMBHU DAS

Digitized by sayuda@gmail.com

# ଗଳ୍ପ ସମୁଦ୍ର

( ପ୍ରଥମ ଖଣ୍ଡ )

SHAMBHU DAS

ସମ୍ପାଦନା :
ଡ଼ାଃ ଉପେନ୍ଦ୍ର ପ୍ରସାଦ ନାୟକ

ଶତପ୍ରୁ ପ୍ରକାଶନୀ
ଭୁବନେଶ୍ୱର

Digitized by srujanika@gmail.com

ଗଳ୍ପ ସମୁଦ୍ର
( ପ୍ରଥମ ଖଣ୍ଡ )

ସମ୍ପାଦନା :
ଡ଼ାଃ ଉପେନ୍ଦ୍ର ପ୍ରସାଦ ନାୟକ

ପ୍ରକାଶକ :
ଶତଦ୍ରୁ ପ୍ରକାଶନୀ
ୟୁନିଟ୍-୧ ଫ୍ଲାଟ୍, ଭୁବନେଶ୍ୱର

ପ୍ରଥମ ପ୍ରକାଶ :
୧୯୮୫

ପ୍ରଚ୍ଛଦ :
ଉଦୟ ଜେନା

ମୁଦ୍ରଣ :
ପ୍ରକାଶ ପ୍ରିଣ୍ଟିଙ୍ଗ୍ ୱାର୍କସ୍
ଭୁବନେଶ୍ୱର-୫

ମୂଲ୍ୟ : ତରିଶ ଟଙ୍କା ମାତ୍ର

GALPA SAMUDRA
( First Part )

Edited by :
Dr. Upendra Prasad Nayak.

Published by :
Satadru Prakashani
Unit-IX Flat,
Bhubaneswar

First Edition
1985

Cover Artist
Udaya Jena

Printing
Prakash Printing Works
Bhubaneswar-5

Price
Rupees Thirty only

SHAMBHU DAS

Digitized by srujanika@gmail.com

# ଉପୋଦ୍ଘାତ

ସାହିତ୍ୟର ସମାରୋହରେ ଗଳ୍ପର ସ୍ଥିତି ଯେପରି ଚମତ୍କାର ସେହିପରି ଚେତନଶୀଳ । ସଂବେଦନର ତୀକ୍ଷ୍ଣ ଓ ସ୍ଥଳ ପରସ୍ପର ମଧ୍ୟରେ ବଣାଳତାର ଅବଧାରଣା ଗଳ୍ପର ବକ୍ତବ୍ୟଗତ ବୈଶିଷ୍ଟ୍ୟ । ଅବଧାରଣା ବନ୍ଦୁରେ ସମଗ୍ର ବୃତ୍ତ ପରି ମୌଳିକ ଭିତ୍ତିରେ ବସ୍ତୁତର ଅବଧାରଣ ଗଳ୍ପର ସ୍ୱତନ୍ତ୍ର୍ୟ । ଭିତ୍ତିର ଦ୍ୱନ୍ଦରେ, ସାହିତ୍ୟର ଅନ୍ୟାନ୍ୟ ବକ୍ତବ୍ୟ ପରି, ଗଳ୍ପର ପ୍ରସାରଣ ମଧ୍ୟ ଅର୍ଥନିତ ଅନୁରଣନ । ଏ ସମସ୍ତ ବିବେଚନାରେ ଗଳ୍ପର ମୂଳଭିତ୍ତିମାନ ମହାକାଳର ଦୃଢ଼ସ୍ପନ୍ଦନ ଭଳି ପ୍ରତିଟି କ୍ଷଣ, ଅନୁକ୍ଷଣ ସୃଷ୍ଟି କରେ ଓ ସେ ସବୁକୁ ସଞ୍ଚାଳିତ କରେ । ପ୍ରାରମ୍ଭଠାରୁ ପରିସମାପ୍ତି ପର୍ଯ୍ୟନ୍ତ ଏହି ସଞ୍ଚାଳନ ଅବ୍ୟାହତ ରହିଲେ ସୃଷ୍ଟି ସାର୍ଥକ ହୁଏ ।

ଅବ୍ୟାହତ ଗତିର ଧାରା ସୃଷ୍ଟି କରିବାର ସାମର୍ଥ୍ୟ ସାଧନାସାପେକ୍ଷ । ଚିନ୍ତା, ଚେତନାର ପ୍ରସାରଣ ଓ ପରିଣମନ ସମ୍ବନ୍ଧରେ ସ୍ରଷ୍ଟାର ବୋଧ ସ୍ପଷ୍ଟ ନ ହେଲେ ଘଟଣାର ଉପାଦାନ ପରିଚିତ ସମ୍ଭବ ହୁଏ ନାହିଁ । ତେଣୁ ଘଟଣାକୁ ଗତିଶୀଳ କରିବା କିମ୍ବା ଗତିର ଛନ୍ଦ ଓ ଅନୁଛନ୍ଦ ରକ୍ଷା କରିବା ମଧ୍ୟ ଯଥାର୍ଥ ହୁଏ ନାହିଁ । ସେହି କାରଣରୁ ବହୁ ସ୍ଥଳରେ ଘଟଣାଗତ ଚରିତ୍ର ବା ବ୍ୟକ୍ତିଚିତ୍ର ଘଟଣାର ବନ୍ୟାସ୍ରୋତ ସଫଳ ଭାବେ ପ୍ରତିପାଦିତ ହୋଇପାରେ ନାହିଁ । ଅନେକ କ୍ଷେତ୍ରରେ ଅଗତ୍ୟାର ଚିନ୍ତା ଓ ଫଳଶ୍ରୁତିମାନ ଅନୁରଣନରୁ ଉଦ୍‌ଭିନ୍ନ କଳ୍ପନା ପ୍ରକାଶ ପାଏ । ମାନ ଏ ସବୁ ଅତ୍ୟନ୍ତ କ୍ଷୀଣସ୍ରୋତୀ ଏବଂ ପ୍ରଚ୍ଛନ୍ନଗାମୀ ।

ବହୁ ପ୍ରକାର ସ୍ୱାଦର ଗଳ୍ପ କଥା ସାହିତ୍ୟ ପରିସରକୁ ସମୃଦ୍ଧ କରିଛନ୍ତି । ବହୁ ଭାଷା ବିଭିନ୍ନ ଫର୍ମ୍ଭକୁ ସ୍ୱୀକାର କରି ମାନସୀସ୍ଥ ବସ୍ତୁର ସ୍ଥିତି ବିଚାର ହୋଇଛନ୍ତି । ଭାଷା ଏବଂ ଫର୍ମ୍ଭ ମଧ୍ୟ ଦେଇ ସୃଷ୍ଟି ହେଇଥିବା ରୁଚି ଦିଏ ଚଳଣୀର ମୌଳିକ ବସ୍ତୁରକୁ ପ୍ରଚ୍ଛନ୍ନ କରିଛନ୍ତି । ତେବେ ଏ ବସ୍ତୁର ଜୀବନର ସାମଗ୍ରିକ ଦୃଷ୍ଟିରୁ ଉଦ୍‌ଜୀବନ ହେଲେ ଯଥାର୍ଥ ହୁଏ । ଜୀବନକୁ ଦେଖିବାରେ ଏକାନ୍ତ ଦୃଷ୍ଟି, ଅନୁଭବ କରିବାରେ ଅନାବିଳ ଉଦ୍‌ଘ୍ର, ମନନ ଜଗତରେ ଅନାବୃତ ମାନସ ପାଇଁ ଯେ ଦର ଉପାଦାନ ସେ ହେଉଛି ସାହିତ୍ୟ ଏବଂ ଗଳ୍ପ ତାହାର ଏକ ଶାଖା ଭାବେ ସେ ସମସ୍ତର ଗୁଣାତ୍ମକ ପ୍ରକାଶ । ସ୍ୱୀକାର କରିବାକୁ ହେବ, ଏହାର ସ୍ଥିତିଗତ ଫାଙ୍ଗପ୍ରି ଜୀବନ ବୋଧୀ ତରଙ୍ଗସ୍ଥ ସାହିତ୍ୟରେ ଅନ୍ୟ ଶାଖାର ଗଳ୍ପ ତୁଳନାରେ

Digitized by srujanika@gmail.com

ବର୍ତ୍ତମାନ କୋଣାର୍କକୁ ଜନ୍ମୀତ ହୋଇଛନ୍ତି ଓଡ଼ିଆରେ ବହୁ ଗଳ୍ପ ସେ ସବୁର ସଙ୍କଳନ ସମକକ୍ଷ ।

ଗଙ୍ଗାଧରମୋହନଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ବହୁ ଲବ୍ଧ ପ୍ରତିଷ୍ଠ ଗାଳ୍ପିକଙ୍କର ରଚନା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛୁ । ପ୍ରବୀଣମାନଙ୍କ ପୃଷ୍ଠଭୂମିରେ ଯେଉଁ ଯୁବ ସ୍ରଷ୍ଟାମାନେ ପଦାର୍ପଣ କରୁଛନ୍ତି ସେମାନେ ସାଧନନିଷ୍ଠ ହେଲେ ଅଗମ୍ୟ ଅତଳକୁ କରିବା ପାଇଁ ଯେ ପଥାନ୍ୱେଷୀ ହେବେ ଏ ପ୍ରତ୍ୟୟ ପ୍ରତ୍ୟେକ ସୃଜନଶୀଳ ସାହିତ୍ୟିକର ରହିବା ସ୍ୱାଭାବିକ । ସେହି ଚେତ୍ୟରେ ପ୍ରତୋଦିତ ହୋଇ ମୁଁ ଏହି ସଙ୍କଳନ ପାଇଁ ପଦକ୍ଷେପ ନେଲି । ଏଥିରେ ପ୍ରତିଷ୍ଠିତ ପ୍ରବୀଣମାନଙ୍କର ସୃଷ୍ଟି ସହିତ କେତେକ ଯୁବ ଗାଳ୍ପିକଙ୍କର ରଚନାରସମାବେଶ ହୋଇଛୁ । ପ୍ରକାର, ରୁଚି, ଦୃଷ୍ଟିକୋଣର ଭିନ୍ନତା ପାଠକ-ମାନଙ୍କ ପାଇଁ ଚମତ୍କାର ଉପାଦାନ ଯୋଗାଇବାରେ ଏ ସଙ୍କଳନ କେତେକ ପରିମାଣରେ ଯେ ସଫଳ ହେବ ଏଥିରେ ସନ୍ଦେହ ନାହିଁ ।

ପରନ୍ତୁ ଉକ୍ତ ସଙ୍କଳନରେ କସ୍ମିନ୍ କାଳରେ ଅଥବା ପ୍ରତିଷ୍ଠିତ/ଅର୍ଦ୍ଧ-ପ୍ରତିଷ୍ଠିତ ବା ଅପ୍ରତିଷ୍ଠିତ କାଳରେ ସଯୋଜିତ କରିବାର ପଦକ୍ଷେପ ନେଇନାହିଁ । ବରଂ ଜରୁରୀମାନଙ୍କୁ ସାଚସ୍ତତ ସାଧନାରେ ଅଧିକ ଉତ୍ସାହିତ କରିବା ପାଇଁ ଏକା ମଞ୍ଚରେ ପାଟାପାଖି ହୁଡା କରିଦେବାକୁ ଆଦୌ କୁଣ୍ଠା ପ୍ରକାଶ କରିନାହିଁ । ସମୁଦ୍ରରେ ଗ୍ଲେସିଅର ବରଫ ସବୁ ନଦୀ ମିଶି ଏକାକାର ହୋଇଗଲା ପରି ଏ 'ଗଳ୍ପ ସମୁଦ୍ର'ରେ ପ୍ରବୀଣ ତରୁଣ ନିର୍ବିଶେଷରେ ସଭିଙ୍କର ଗଳ୍ପ ସମ୍ମିବେଶିତ ହେଇ ପାରିଛୁ ଏବଂ ଏ ସଙ୍କଳନ ଯେଉଁ ସ୍ରଷ୍ଟାମାନଙ୍କ ସୃଷ୍ଟିରେ ସମୃଦ୍ଧ ସେମାନଙ୍କୁ ସଂପ୍ରଥମେ ମୋର ଅନ୍ତରର କୃତଜ୍ଞତା ଜ୍ଞାପନ କରୁଛି ।

ଏତଦ୍ ବ୍ୟତୀତ ଏ ସଙ୍କଳନ ପ୍ରକାଶ ଦିଗରେ ମୋର ପ୍ରିୟତମ ସାହିତ୍ୟିକ ବନ୍ଧୁମାନଙ୍କ ମଧ୍ୟରେ ସଂଶ୍ରୀ ପ୍ରଫୁଲ୍ଲ କୁମାର ମିଶ୍ରାଠୀ, ସାଉକଡ଼ ହୋତା, ଦୁର୍ଗା ଚରଣ କୁଅର, ବିନୋଦ ବିହାରୀ ପଣ୍ଡାଇ ଓ ବସିନ ବିହାରୀ ଓମାଙ୍କ ଆନ୍ତରିକ ଅକୁଣ୍ଠ ସାହାଯ୍ୟ-ସହଯୋଗ ତଥା ନିସ୍ୱାର୍ଥ ଜୀବନରେ ଭୁଲିବାର ନୁହେଁ । ଆଜିର ଏ ସଙ୍କଳନ ପ୍ରକାଶ ଅବସରରେ ସେମାନଙ୍କୁ ମୋର ଅନ୍ତରର ଆଶୀର୍ବାଦ ଜଣାଉଛି ।

ଏ ସଙ୍କଳନ ଓଡ଼ିଆ କଥା ସାହିତ୍ୟ ଭଣ୍ଡାରକୁ ଅଣୁମାତ୍ର ଯୋଗ ଦେଇପାରିଲେ ହବେଚତ ହେଲେ ମୋ ସାର୍ଥକ ହେଲା ବୋଲି ମନେ କରିବି ।

**ଉପେନ୍ଦ୍ର ପ୍ରସାଦ ନାୟକ**

ତା ୩୧-୧୦-୮୫

Digitized by srujanika@gmail.com

# ଯାହାଙ୍କ ସୃଷ୍ଟିରେ ଏ ସଂକଳନର ପୃଷ୍ଠା ସମୃଦ୍ଧ


| ସୃଷ୍ଟି | ପୃଷ୍ଠା | ସ୍ରଷ୍ଟା |
|---|---|---|
| ଛନେଲେଡ | ॥ ୧ ॥ | ଗୋପୀନାଥ ମହାନ୍ତି |
| ମଁରୁ ଅବଧାନ | | |
| ଦର୍ପଦଳନ ବଧବାଦ | ॥ ୪ ॥ | ମହାପାତ୍ର ନୀଳମଣି ହାତୁ |
| ଶଙ୍କର ପାଣି | ॥ ୪୧ ॥ | ଚନ୍ଦ୍ରଶେଖର ରଥ |
| ଏ ଜୀବନ ପନ୍ଥେନର୍ଦ୍ଦେ ପଞ୍ଚଆଡ଼ | ॥ ୫୪ ॥ | ଶାନ୍ତନୁ କୁମାର ଆଚାର୍ଯ୍ୟ |
| ନବର ଇଚ୍ଛା ମୃତ୍ୟୁ | ॥ ୫୧ ॥ | ପ୍ରଫୁଲ୍ଲ କୁମାର ତିପାଠୀ |
| ଫୁଲଡୋଡ଼ା | ॥ ୬୮ ॥ | ଉମାଶଙ୍କର ମିଶ୍ର |
| ସକାଳର ଜେଡେଜ | | |
| ଧୃତମାନଙ୍କ ସପର୍ଦ୍ଦରେ | ॥ ୭୧ ॥ | ବଜସ୍ୱକୃଷ୍ଣ ମହାନ୍ତି |
| ଓର୍ଡ଼ିଶ ଡ୍ରାଏପେଷ୍ଟ | ॥ ୮୫ ॥ | ରମେଶ ଚନ୍ଦ୍ର ଧଳ |
| ଗୋଲ୍‌ନେସ୍ୱାର୍ | ॥ ୧୩ ॥ | ବସନ୍ତ କୁମାର ସାମଲ |
| ସ୍ପୁଜ | ॥ ୧୦୧ ॥ | ସତ୍ୟନାରାୟଣ ପଣ୍ଡା |
| 'ଯା-ଜ୍ୱେବାର ଥଲ | ॥ ୧୦୮ ॥ | ଘନଶ୍ୟାମ ମହାନ୍ତି |
| ଧର୍ମଘଟ | ॥ ୧୧୭ ॥ | ଅଚ୍ୟୁତାନନ୍ଦ ନାୟକ |
| ଗଦୁର | ॥ ୧୨୫ ॥ | ମାନସୀ ଦାସ |
| ଶ୍ରେସ୍ୱମୀ | ॥ ୧୩୩ ॥ | ସାଜନଡ଼ ହୋଡା |
| ଆଶୋଶ | ॥ ୧୪୫ ॥ | ରବୀନ୍ଦ୍ର ନାଥ ଦାସ |


## ପ୍ରଥମ ଖଗର ଦ୍ୱିତୀୟ ପାହାଚ


| | | |
|---|---|---|
| ମଗୀ କଣ୍ଟେଇ | ॥ ୧୫୩ ॥ | ଉତ୍କଳମଣି ଦାସ |
| ନ୍ୟୁ | ॥ ୧୫୬ ॥ | ଡାଃ ଜେବେନ୍ଦ୍ର ନାଥ ମାନସିଂହ |
| ବାଇଧର ବାବୁଙ୍କ ଦଦଲ | ॥ ୧୬୩ ॥ | ପଞ୍ଚାନନ ଦାସ |
| ...ଭା ମୁହଁ | ॥ ୧୭୧ ॥ | ଡାଃ ସତ୍ୟବ୍ରତ ଭାସ୍ୱ |
| କଦନ ଦାଦାଜ | ॥ ୧୯୮ ॥ | ଜୋସ୍ନା ଗୁହଠାକୁରତା |


Digitized by srujanika@gmail.com

| ସୃଷ୍ଟି | ପୃଷ୍ଠା | ସ୍ରଷ୍ଟା |
|---|---|---|
| ଆଲୋକର ଅନ୍ଧକାର | ॥ ୧୮୨ ॥ | କାଳନ୍ଦୀ ଚରଣ ଜେନା |
| ଅପହୃତ ବିମାନରେ | | |
| ଅନେକ ଯାଇଥିବା ଯାତ୍ରୀ | ॥ ୧୮୪ ॥ | ହୃଷୀକେଶ ପଣ୍ଡା |
| କପୋତର ପ୍ରତିଶୋଧ | ॥ ୧୪୭ ॥ | ମନଜ୍ୟୋସ୍ନା ସାମଲ |
| ଗୋଟିଏ ରକ୍ତାକ୍ତ ମସ୍ତିଷ୍କର ବିସ୍ଫାନ | ॥ ୨୦୩ ॥ | ଚନ୍ଦ୍ରଶେଖର ଗଉଡ଼ |
| ଅନ୍ୟ ଏକ ଫାଗୁଣ | ॥ ୨୧୩ ॥ | ଫଣୀନ୍ଦ୍ର କୁମାର ଗଉଡ଼ |
| କାହାଣୀ ଏକ ପ୍ରଶ୍ନବାଚୀର | ॥ ୨୧୪ ॥ | ମାନଗୋବିନ୍ଦ ବାରିକ |
| ଭିନ୍ନ ଜଲାସ୍ଥ | ॥ ୨୨୨ ॥ | ପ୍ରଦ୍ଯୁମ୍ନ ମିଶ୍ର |
| ପ୍ରତିଶୋଧ . ଏକ ପୂର୍ଣ୍ଣୋଦସ୍ଥର | ॥ ୨୨୫ ॥ | ଅମିସ୍ମବାଳା ମୁନ୍ଦ |
| ଶାପ ମୋଚନ | ॥ ୨୨୮ ॥ | ଭରତ ମହାପାତ୍ର |
| ଫାଶିଯାଇଥିବା ମଣିଷ | ॥ ୨୩୩ ॥ | ଶିଶୁରଞ୍ଜନ ସେନାପତି |
| ଛି' ଦାନ୍ତ ଶାଢ଼ୀ | ॥ ୨୩୭ ॥ | ରମେଶ ବିଶ୍ୱାଳ |
| ରଙ୍ଗାସ୍ତ ଇଲ୍ଲାକାର ଇତକଥା | ॥ ୨୩୮ ॥ | ଡାଃ ଉପେନ୍ଦ୍ର ପ୍ରସାଦ ନାସ୍ତ |


Digitized by srujanika@gmail.com

SHAMBHU DAS

# ଭିତନ ଚଲ୍‌କ

## ଗୋପୀନାଥ ମହାନ୍ତ

ଗୋଟି ଗୋଟି ଘର, ଧାଡ଼ ଧାଡ଼ ଘର, ମେଞ୍ଚା ମେଞ୍ଚା ଘର । ସେ-ବାଟେ ଯାଉ ଯାଉ କେତେବ ଦନେ ଲାଗିଥିଲ, ସତେ ଅବା ପ୍ରତ୍ତ ଘର ଗୋଟିଏ ଗୋଟିଏ ମଣିଷ । ବୁଲ ବାହାରଲେ ଏମିତ ଗୋଟିଏ ଲେଖାଁ ଚନ୍ଥା ଖଣ୍ଡେ ବାଟ ଚେଲ ନଏ । ନତ୍ତେଲେ ଖାଲ ମନ ହାକୁ ହାକୁ କରେ, ଆସେ ଆଉ କଛୁ ଚନ୍ଥା, ବେଶିଥର ବ୍ୟକ୍ତଗତ, ସେବ ନୁହେଁ ସାଫଲ୍ୟର କ ଅନ୍ୟ କେଉଁ ସୁଖର । ତେଣୁ ବୋଧହୁଏ ମୋ ମୁହଁରେ ଖର ଧାସ ପଡ଼ି ନାହିଁ । ଖାଲ ଗୁଇଚଲଆ ଗଣ୍ଡ, ଚଲେ କେତେ ଚଲେ ଫଲର ଦଦଲ । ଆଉ, ମୁଁ ଜ୍ଞାବଁ । ତେଣୁ ବୋଧହୁଏ କେହ୍ନ ମୋ ସଙ୍ଗେ ଗପିବାକୁ ଆଗ୍ରହ ଦେଖାନ୍ତି ନାହିଁ, କାହା ନମନ୍ତ୍ରଣରେ ଗଲେବ ଦେଖିଛୁ ମୋ ଦ୍ୱପାଖେ ରୌକ ଖାଲ ଦେ ଇସାଏ, ସେମାନେ ଜଠି ଗୁଲସାନ୍ତି ଆଉ କାହା ସଙ୍ଗେ ଗପିବେ ବୋଲ । ବୃଦ୍ଧିଟିଏ ମୋର ଅଛୁ; ଛକ ଉପରୁ ମଟ୍ଟଲ ହୋଟେଲ୍‌ଟିଏ, ଲୋକ ଅଚ୍ଛନ୍ତ ଚଲାନ୍ତି, ମୋ ବଖରାରେ ମୁଁ । ବସିଥାଏଁ ।

ଏପଟକୁ ମୁଁ ବୁଲପାଏଁ । ଏସବୁ ଘର ଉଣ୍ଡୁରୁ ଗୋଟାଏ ଖାଁ ଖାଁ ଜଳାଭୂଇଁ, ପାଣି, କାଦୁଅ, ଖରଘାସ, ଆଖିପାଏ ନାହିଁ ଲମ୍ବି ରହିଛୁ ଦଚନ୍ଥକୁ । ଏପଟକୁ କାହା ଗତାଗତ ଦେଖେ ନାହିଁ । ଆଉ ମୁଁ ଜ୍ଞାବୁଥାଏ, ଏ ପ୍ରତ୍ତ ଘର ସତେ ଯେପର ଜଣେ ଲେଖାଁ ମଣିଷ ।

କନ୍ତୁ ମତେ କପର କାଣିଲ ପର ଲଗୁଛୁ, କ ଶୁଣିଲପର ? ଯେ ଏକା ଘରେ ଏକା ମଣିଷ ସବୁଦନେ ନଥାଏ, ଥାଏ ଅନେ ମଣିଷ । କାହିଁକ

Digitized by srujanika@gmail.com

ଲଗୁଛୁ ? କଏ କହିଲ ? ପ୍ରଭୁ ଘର ଫାଙ୍କରେ ଗୋଟିଏ ଲେଖାଁ ନାଁ ଫଲକ, ପଢୁଛୁ । ଲକ୍ଷ୍ୟ କରୁଛୁ କଦଳ ନାହିଁ । ବୋଧହୁଏ ନାଁ ସଙ୍ଗେ ଘରର କ ବାସିନ୍ଦାର କୌଣସି ସମ୍ବନ୍ଧ ନାହିଁ । କନ୍ତୁ ସେପରି ବା କାହିଁକ ଲେଖୁଛୁ ? ମୁଁ ତ ପଣ୍ଡିତ ନାହିଁ । ପଣ୍ଡିତାକୁ ଲାଜ ମାଡ଼େ । ମୁଁ ବ କାହାରକି ଚଢ଼େଇ ନାହିଁ । ସତେ କଣ ଏଠି ଏକା ଘରେ ଆଜ ଜଣେ ଅନ୍ୟ କେବେ ଆଉ ଜଣେ ବାସିନ୍ଦା ? ଯେମିତି କେଉଁ ଅବାନ୍ତର ପ୍ରଶ୍ନ ଡଠାଡ଼ ଲେଲେ ଜରୁଣ୍ଟ ଲଗେ ଓ ମନକୁ ଯାବୁଡ଼ ଧରେ, ଉତ୍ତର ନପାଇଲେ ଆଉ ଗୁଡ଼େ ନାହିଁ । ସେମିତି ଥରେ ଏ ପ୍ରଶ୍ନ ମତେ ଘୋଟିଗଲ୍ । ମୁଁ ଉତ୍ତର ଖୋଜଲ । ସକାଳେ ସଞ୍ଜରେ ବେଳ ପାଇଲେ ସେ ବସ୍ତି ଆଡ଼େ ବୁଲିଗଲ, ଘର ଗୁଡ଼କୁ ଅନାଇଁ ଅନାଇଁ ତା ଆଗ ସଡ଼କରେ ବୁଲିଲ, କନ୍ତୁ ଭିତରୁ କବାଟ ବନ୍ଦ, ଝରକା ବନ୍ଦ, କେହି ବାହାରନ୍ତୁ ନାହିଁ । ବାହାରିଲେବ ମତେ ଉତ୍ତର ଦେବ କଏ ? ଦୁଏତ ସେମାନେ ମୋ ଭାଷା ବୁଝି ପାରବେ ନାହିଁ ଏ ସହରରେ ସେପରି ମୁଁ କେତେଥର ଅନୁଭବ କଲଣି ।

ତଥାପି ମୁଁ ବୁଲୁଥାଏଁ । ଦିନେ ଉପରଓଳ, ୫ ନମ୍ବର ଘର ଆଗରେ ମୁଁ ଠିଆ ହେଲ, ଭିତରୁ କେହି ପୁରୁଷ ଗୀତ ଗାଉଥାନ୍ତି, ବୁଝି-ପାରୁ ନଥାଏଁ କନ୍ତୁ ଭଲ ଶୁଭୁଥାଏ । ଅଳ୍ପ କେତେ ମିନଟ୍‌ରେ ପଶିଲ । ତଥାପି ମୁଁ ଠିଆ ହୋଇଛୁ । ହସ ଶୁଭିଲ, ଆଉ ମନ ଖସିର ଆଉ କେତୋଟି ଶବ୍ଦ । ତାପରେ ଦୁମ୍ବୁ ଦୁମ୍ବ ଘୁଲ । ହସି ହସି ଦୁଷ୍ଟପୃଷ୍ଟ ଶ୍ୟାମଳ ଯୁବକ ଜଣେ ବାହାରିଲେ । ମୋ ଆଡ଼କୁ ଏଭଳ ମିଠା ମୁହଁ କଣ ଅନାଇଁ ଦେଇଗଲେ ଯେ ତାଙ୍କ ଠାଣୀ ତାଙ୍କ ମୁହଁର ଭାବ ତାଙ୍କର ସେ ସ୍ୱିଗ୍ଧ ଗୃହାଶି ମୋର ଚେତନା ପଟରେ ସତେ ଅବା ଅନନ୍ତ ମୋହର ଗ୍ଲୋପାମାର ଦେଇଗଲ । ସେ ବାହାର ଗଲେ । ମୁଁ ବହ୍ୱଳ ହୋଇ ଠିଆ ହୋଇ ରହିଲ । ସେପରି ମୁଁ ଗୋଟିଏ ଅଲୌକିକ ଦର୍ଶନ ପାଇଛୁ । ଯୌବନ, ଆଶା, ଉତ୍ସାହ, ଆନନ୍ଦ, ବିଶ୍ୱାସ, ଓ ସ୍ନେହ ସବୁ ଏକାଠି ହୋଇ ମୂର୍ତ୍ତିମାନ୍ ହୁଅନ୍ତେ ତେବେ ସେ ରୂପ ବୋଧହୁଏ ଏହିପରି ବିଶଦ । ମୁଁ ଭାବିଲ । ତା ପରେ କେତେଥର ସେ ମୁହଁର ଛବି ମୋର ମନେ ପଡ଼ିଯାଇଛୁ, ଓ ମୋ ମନ ଭିତରେ ଲହଡ଼ି ଖେଳିଛି ଆନନ୍ଦର ପୁଲକ ।

Digitized by srujanika@gmail.com

ଆଜ କେତେଥର ସେହ୍ନ ୫ ନମ୍ବର ଘର ସାମ୍ନାକୁ ଯାଇଛି । କାହାକୁ ଦେଖି ନାହିଁ ।

ମନର ସେ ଖିଆଲ୍ ଯାଶୋର ଯାଇଥିଲା । କେତେ ବର୍ଷ ପରେ ମନେ ପଡ଼ିଲ ଆଜ ଏନେ । ଜଲାଭୁଇଁ ସେତେବେଳେ ତ ସେମିତ ଥାଏ । ଆଜ ସେ ଘର ଗୁଡ଼ିକ । ମତେ ଲଗୁଥାଏ ସେମିତ ଥାଏ, ମୋ ଦୋଷେଲ୍ ବ ସେମିତ, ମୁଁ ବ ସେମିତ । ଦୋଷେଲ୍‌ର ଓ ମୋର କଣ ପରିବର୍ତ୍ତନ ଦୋଇଥିବ ପର, କନ୍ତୁ ଯେଉଁ ଭୁଇଁରୁ ସବୁ ଜପୁଡ଼ି ପଡ଼ିବାହିଁ ସାଧାରଣ ପ୍ରବଣତା, ସେଠି ଏତେ ନିସ୍ପା ପ୍ରତିନିସ୍ପା ଭିତରେ ମୁଁ ନ ଜପୁଡି ରହିଛି, ଘଣ୍ଟାର ସମତା ଚେତାଇବାକୁ ମୋ ପାଇଁ ଏତିକ ପରିଶ୍ରମ ବୋଲି ମୁଁ ଭାବୁଥିବି ।

ସେହ୍ନ ଅମରତ୍ନ । ପାଞ୍ଚ ନମ୍ବର ଘର ଦୁଆର ମୁହଁ କବାଟ ଠିଆ ମେଲଥାଏ । ସଡ଼କ ଦାଡ଼ରେ ଠିଆ ଦୋଇଥାନ୍ତୁ ଜଣେ । ଦୂରରୁ ଭାବଲ ପ୍ରେ ସେହ୍ନ ବୋଧେ । ଭାପରେ ଲଗିଲ, ନା ତାଙ୍କ ଅଜା, ନା ତାଙ୍କ ବାପା, ନା ତାଙ୍କର ଖୁବ୍ ବଡ଼ ଭାଇ କେହି ଦୋଇଥିବେ, ଭାପରେ ଲଗିଲ, ସେ ପାଦୁଶା ବ ନାହିଁ, ଭଲେ ଲୋକ । ଜରା-ଜୀର୍ଣ୍ଣ କରୁଣ ବକଳ ମୁହଁଟିଏ, ଆଖିରେ ଦୁଃଖଠୁଁ ବଳ, ନୈରାଶ୍ୟ, ନିଃସହାୟତା, ହାହାକାର, ସେ ଆଖି ମେଲ ଅଛ କନ୍ତୁ ବାହାରର କଛି ଦେଖୁନାହିଁ ପର, ମତେ ଦେଖୁନାହିଁ । ସେ ମୁହଁକୁ ଥରେ ଗହିଁ ଦେଲଷଣି ଗୁଡ଼ ଭିତରେ ପଞ୍ଜରା ହାଡ଼ ଭିତରେ ଦେମାଳ ପୁରଗଲ । ମୋ ଭର୍ତ୍ତିକୁ କଏ ପାବୁଡ଼ ଧଇଲ, ଦେହ ଉପରେ ଥର ଉଠିଲ । ଲଗିଲ ସତ, ସତ, ମୋ ନଜ ଭିତର ବଦଳଯାଇ ସେଇଠୁ ଉଠ ଆସୁଛି ମୁଣ୍ଡିମନ୍ତ ନଷ୍ଟୁର ସତ । ସେ ଲୋକଟି ସତେ ଅବା ମୋ ଭିତରୁ ବାହାରୁଛି ।

"ନା କଦାପି ନୁହେଁ," ପଳେଇ ଯାଉ ଯାଉ ନଜକୁ ନଜେ ଜାଣ କର କହିଲି, "ଘର ଏକା, ମଣିଷ ଭିନେ, ଏ ଘରେ ଭିନେ ଭିନେ ଲୋକ ରହନ୍ତୁ କଏ କେତେବେଳେ," ଅସ୍ୱୀକାର ସାହସ ଦେଲା, ଗୁଲିଲ ଗାଁ ଖାଁ ଝଲ ଆଡ଼କୁ ।

Digitized by srujanika@gmail.com

# ମିଛୁ ଅଜଧାନ
# ଦର୍ପଦଳନ ଇତିହାସ

ମହାପାତ୍ର ନୀଳମଣି ସାହୁ

ବାଲ୍ୟକାଳରୁ ଆଜିପର୍ଯ୍ୟନ୍ତ ମୋର ଏହି ଅଙ୍କ ବା ଗଣିତ ପାଠଟି ପ୍ରତି ମନ ଭିତରେ ମହାଆଡଙ୍କ ଆଡ଼ ଉପୁ ରହି ଆସିଛୁ । ଫଳ୍ୟା ବା ସେମାନଙ୍କ ଭିତରେ ଯୋଡ଼ ସବୁ ଆଦାନପ୍ରଦାନ ଓ କାଣ୍ଡକାରଖାନା ମାନ ଗୁଲେ, ମୋର ସାମାନ୍ୟ ମୁଣ୍ଡ ସେଥିରେ ଆଦୌ ପ୍ରବେଶ କରପାରେ ନାହିଁ । ଏବଂ ସବୁଠୁ ମୁଁ ଭଲଭାବେ ବୁଝି ସାରଲଣି ଯେ ଏ ପୃଥିବୀ ଓ ଏ ଜୀବନ, ଯେତେ ପରମାଣରେ କବିତା, ଗଳ୍ପ, ଦର୍ଶନ, କଳା, ସଂଗୀତ ବା ଧର୍ମରେ ନ ଗୁଲୁଛୁ ତା'ଠାରୁ ଲକ୍ଷେ ଲକ୍ଷେ ଗୁଣରେ ଏହି ସାଂଖ୍ୟ ବା ଅଙ୍କ କଷାକର୍ଷରେ ଗୁଲଛୁ । ଏବଂ ଶତକଡା ଶତେ ଲୋକଙ୍କ ଜୀବନଧାରା ଏହି ଗାଣିତିକ ସାଧ୍ୟ ସାଧନା ଉପରେ ହିଁ ନର୍ଭର କରୁଛୁ । ମୋର ନିଜ ଜୀବନ ମଧ୍ୟ ସେଥିରୁ ବହିର୍ଭୂତ ନୁହେଁ । ଖାଲ ସେତିକି ନୁହେଁ — ଆଧୁନିକ ଜ୍ଞାନ ବିଜ୍ଞାନର ସବୁ ବିଭାଗକୁ ବର୍ତ୍ତମାନ ଅଙ୍କ ହିଁ ଅଧିକାର କରି ସାରଲଣି । ବର୍ତ୍ତମାନର ଦର୍ଶନ, ବ୍ୟାକରଣ, ଅର୍ଥନୀତି, ଚିତ୍ରକଳା, ଏପରିକ ସଙ୍ଗୀତ, ସବୁ ବିଭାଗରେ ଅଙ୍କ ନ ହେଲେ ଚଳୁ ନାହିଁ । ପରମାଣୁ ଓ ପରି ସଂଖ୍ୟାନ ବିଦ୍ୟାରୁପେ ମଧ୍ୟ ଏହି ସାମ୍ରାଜ୍ୟବାଦୀ ଫାସିଷ୍ଟ ଗଣିତ ଶାସ୍ତ୍ର ଆମ ଜୀବନର ସବୁ ତତ୍ତ୍ୱ ଓ ତଥ୍ୟର ସୀମାଞ୍ଚଳକୁ ଅଧିକାର କରି ବସିଅଛୁ ! କିନ୍ତୁ ମୋର ଦୁର୍ଭାଗ୍ୟକୁ ସେଇ ବାଲ୍ୟକାଳରୁହିଁ ମୁଁ ଏହି ମହାନ୍ ବିଦ୍ୟାଟି ପ୍ରତି ମନୋଯୋଗ ଦେଇ ପାରିଲି ନାହିଁ । କେବଳ ସାହିତ୍ୟ, ଧର୍ମ, ଦର୍ଶନ, ସଙ୍ଗୀତ ଇତ୍ୟାଦିକୁ ନେଇ ମାତିଲି । ଅବଶ୍ୟ ଅଙ୍କ ପ୍ରତି ମୋର ଏହି ଆତଙ୍କ ବା ବିରାଗ ପାଇଁ କେବଳ

Digitized by srujanika@gmail.com

ମୁଁ ଯେ ଦାପ୍ତୀ, ତାହା ଆଦୌ ନୁହେଁ । ମୋତେ ବାଲ୍ୟ କାଳରେ ପାଠ ପଢାଇଥିବା କେତେକ ନଷ୍ଟ ଚରିତ୍ର ଅହଙ୍କାର ପଣ୍ଡିତମନ୍ୟ ବେନ୍ଥଧାର୍ଷ୍ଟ ଗଣିତ ଶିକ୍ଷକଙ୍କ ଠାରୁ ନଷ୍ଟପ୍ଟ ବେଶୀ ଦାପ୍ତୀ । ସେମାନେ ଯେତେବେଳେ ମୋତେ ଏକ ଦୁଇ ଅଙ୍କ ଶିଖାଇଲେ, ତାହା ମୁଁ ଆରମ୍ଭରେ ଚଞ୍ଚଳ ଶିଖିଗଲ । ଏବଂ ସେମାନେ ଯେତେବେଳେ ମତେ କେବଳ ଫଙ୍ଖ୍ୟା ଗୁଡ଼କର ମିଶାଣ ଶିଖାଇଲେ ତାହା ମଧ୍ୟ ମୁଁ ଚଟାଚଟ ଶିଖିଗଲ । ମୋର ମନେ ଅଛୁ—ଜପରତଳ ଦୋଇ ସଙ୍କୁଚିତ ରହିଥିବା ଗୁରଅଙ୍କ ବଶିଷ୍ଟ ଏକ ଲମ୍ବା ଛଅସ୍ତରଆ ମିଶାଣକୁ ମୁଁ ପ୍ରାପ୍ତ ଗୋଟିଏ ମିନଟରେ ନର୍ଭୁଲ ଭବେ ମିଶାଇ ଦେଇ ପାରୁଥିଲ । ସେତେବେଳ ପର୍ଯ୍ୟନ୍ତ ମୋର ଗାଣିତିକ ବୁଦ୍ଧି ଜପରେ କାହାର ସନ୍ଦେହ ନଥିଲ । ମାତ୍ର ଅସୁବଧାଟି ଆସିଲ-ଫେଡାଣ ଓ ଦରଣ ବେଳକୁ । ଗୁଣନଟି ମଧ୍ୟ ମୁଁ ଖୁବ୍ ଆରମ୍ଭରେ କଷି ଦେଇ ପାରୁଥିଲ-ତାହା ଯେତେ ବଡ ଗୁଣନ ହେଉ । କନ୍ତୁ ଅସୁବଧାଟି ହେଲ ୯୫୩୪ ରୁ ୮୬୭୯ ଫଙ୍ଖ୍ୟାଟିକୁ ଫେଡ଼ଲ ବେଳେ । ଗୁରରୁ ନଅକୁ ଫେଡ଼ଲ ବେଳେ ତା ପୂବ ଫଙ୍ଖ୍ୟାମାନଙ୍କରୁ କୋଉଠୁ ଠାଏ ଦଶ ଆଣି, ତାକୁ ଗୁରରେ ମିଶାଇ, ପୁଣି ସେଥିରୁ ନଅକୁ ଫେଡ଼, ଫେଡାଣ ଫଳଟିକୁ ତଳେ ଲେଖି, ଫେର୍ ଜପର ଫଙ୍ଖ୍ୟା ଗୁଡ଼କ ଆଡ଼କୁ ଗୁହିଁ ଭବଲ ବେଳକୁ ମୋର ମୁଣ୍ଡ ଗୋଳ-ମାଳ ହୋଇଯାଏ ଓ ମୁଁ କୋଉଠୁ ସେହ୍ନ ଦଶ ଫଙ୍ଖ୍ୟାଟି ଧାର ଆଣି ମୋର କାର୍ଯ୍ୟ ଚଳାଇଥିଲ--ଏବଂ ବର୍ତ୍ତମାନ ସେ ଧାରଟିକୁ ମୁଁ କୋଉ ଫଙ୍ଖ୍ୟାକୁ ସୁଟ୍ଟିବ—ଏବଂ ତା' ଫଳରେ ଅନ୍ୟ ଫଙ୍ଖ୍ୟା ମାନଙ୍କର ଅବସ୍ଥା କଣ ହେବ-ତାହା ଜାଣି ନପାରି ମୁଁ ଦଉ ବଢେଇ ଯାଉଥିଲ ବେଳେ, ମୋର ନଷ୍ଟ ଚରିତ୍ର ଅହଙ୍କାର ଧୈର୍ଯ୍ୟଶୀଳ ପଣ୍ଡିତମନ୍ୟ ଗଣିତ ଶିକ୍ଷକଙ୍କ ବେନ୍ଥ ଧାରାର ସପାଟ୍ ସପାଟ୍ ମୋ ପିଠିରେ ବସିଯାଏ ଓ ମୁର୍ଖ, ଗଧ, ନବ୍ବୁଦ୍ଧିଆ ବ ବଟେଷ୍ଟଣମାନ ମଧ୍ୟ ମୋ ଜପରେ ନବିଘ୍ନରରେ ବର୍ଷିଯାଏ । ସେତେବେଳେ ପୁଣି ମୋର ବାଲ୍ୟ ପ୍ରେମିକା ଛଅବର୍ଷ ବପ୍ପୁଣା ଘୁରୁଲତା ମୋ ପାଖରେ ବସି ସେହ୍ନ ଫେଡାଣଟି ଠିକ୍ କର ଦେଇ ମୋର ମାଡ ଓ ଭର୍ତ୍ସନା ଶୁଣି ହସୁଥାଏ । ଏବଂ ମୋର ମୁଣ୍ଡ ଭତରେ ମୋର ଆଖିର ଲୁହ ଜମା ହୋଇ ଯାଇ ମୋର ସମାନ୍ୟତମ ବୁଦ୍ଧି ବୃତ୍ତି ସେଥିରେ କୁଆଡେ ଭସିଯାଏ । ଆଖର, ମୁଁ ଫେଡାଣ ବ୍ୟାପାରଟିକୁ ସେଇ ଦନ ଆଜ ପର୍ଯ୍ୟନ୍ତ ଭଲ

Digitized by srujanika@gmail.com

ଯାବେ ଶିଖିଥାଏ ନାହିଁ । ସେହିପରି ଦରଣ ଶିଖିଲା ବେଳେ ମଧ୍ୟ ହଇରାଣ ହେଲ—ଓ ମାଡ ଭର୍ତ୍ସନାର ଭୋଗିଲ । ୩୮୭୯ କୁ ୨୫ ସଂଖ୍ୟାରେ ଦରିବା ଠାରୁ ଭଲ ବପଦ ଆଉ କଷ୍ଟ ସାଧ୍ୟ ବ୍ୟାପାର କିଛି ନାହିଁ । ପ୍ରଥମତଃ ବଶେଷ କିଛି ଅସୁବିଧା ନାହିଁ । ୨୫ ଦୁଇଣେ ୫୦ ଯିବନ୍ତ । ତେଣୁ ୨୫ କେ ୨୫ ବସାଇ କୌଣସି ପ୍ରକାରେ ୩୮୭୯ ଫେଡ଼ ଦେଲେ ସରଳ ଭାବେ ୧୩ ରହିଲ । କନ୍ତୁ ତା'ପରେ ଯୋଡ଼ ସବୁ କାଣ୍ଡ କାରଖାନା ଆରମ୍ଭ ହୋଇଯାଏ ଓ ଉପରୁ ତଳକୁ ସଂଖ୍ୟାମାନଙ୍କୁ ଓଦ୍ଧାଇ ତାକୁ ପୁଣି ପଚଶିରେ ଦର ଭାଗଫଳ ଓ ଭାଗଶେଷାଦ୍ଧ କାଢି—ଓଃ—ଓଃ—ବାପାରେ ! ବାପାରେ ! ମୁଣ୍ଡର ଶିଘ୍ର ସବୁ ଫାଟିଯିବା ବେଳକୁ ସେହି ନଷ୍ଟ ଚରତ୍ତ ଧୈର୍ଯ୍ୟହୀନ ଦଣ୍ଡିତମନ୍ୟ ଗଣିତ ଶିକ୍ଷକଙ୍କ ସପାଟ୍ ସପାଟ୍ ଚ୍ରେହାଘାତ ଓ ଗର୍ଦ୍ଧଭ, ମୁର୍ଖ ନବୁଦ୍ଧିଆବ ଅପମାନକର ବଦ୍ଦେଷଣାଦର ଭର୍ତ୍ସନା ଏବଂ ମୋର ବାଲ୍ୟ ପ୍ରେମକା ଛଅବର୍ଷ ବପୁଷ୍କା ଗଣିତ ବଦୁଷୀ ଓ ଆମ କ୍ଲାସର ଲୀଳାବତୀ ଗୁରୁଲତାର ଗଦ୍ଦ ମିଶ୍ରିତ ମନ୍ଦମନ୍ଦ ହସ । ଓଃ କ ଜ୍ୱାଳା ଯନ୍ତ୍ରଣା ନଥିଲା ମୋର ସେଦନର ଅଙ୍କ କ୍ଲାସ ଗୁଡ଼ିକ ।

ତା'ଛଡ଼ା ପୁଣି ମୋର ମନରେ କେତେକ ନଜସ୍ୱ ସନ୍ଦେହ ମଧ୍ୟ ରହୁଥିଲା—ଯାହାକୁ କ ସେତେବେଳେ କେହି ବୁଝାଇ ଦେଇ ନଥିଲେ । ଯଥା—୫ଟା କାଠି ସଙ୍ଗେ ସାତୁଟା ବାଲଗରଡା ମିଶିଲେ କେତେ ହେଲ ? ମୁଁ ଭାବେ କେତେ କଣ ହେଲ ? କେତେ କେମିତ ହେବ ? ପାଞ୍ଚଟା କାଠ ସଙ୍ଗେ ପାଞ୍ଚଟା ବାଲଗରଡା ପୁଣି ମିଶିବେ କେମିତ ? ପାଞ୍ଚଟା ଛେଳ ସଙ୍ଗେ ଅବ ସାତୁଟା ମେଣ୍ଢା ମିଶି ମାଶି ପଡ଼ିଆରେ ଚରିବାରୁ ମାନ କାଠି ଗୁଡାକ ସଙ୍ଗେ ବାଲଗରଡାମ ନେ ମିଶିବେ କେମିତ ? କନ୍ତୁ ଅଙ୍କ ମାଷ୍ଟ୍ରେ ଏମିତି ଅଖାଡୁଆ ପ୍ରଶ୍ନ ସବୁ ପଚାରୁ ଥିଲେ । ସେମିତି ପଚଶିଟା କଦଳୀକୁ ପାଞ୍ଚଜଣଙ୍କ ଭିତରେ ବାଣ୍ଟିଦେଲେ ଜଣକୁ କେତେ ପଡ଼ିଲା ? ଏମିତି ପ୍ରଶ୍ନ ହେବ—କନ୍ତୁ କଦଳୀର ଦେଖା ନଥିବ କ ସଉକୁ ସତ କେଉଁ ଭାଗ୍ୟବାନ ମାନଙ୍କୁ ସେଗୁଡ଼ିକୁ ବଣ୍ଟାଯିବ—ବା ସେହି ବଣ୍ଟନ ଦାୟିତ୍ୱରେ ସଠକ ଭାବେ କାହାକୁ ରଖାଯିବ ଓ ସେହି ବଣ୍ଟନକାସ୍ତ ନଜେ ସେଥିରୁ କଦଳୀଟିଏ ଖାଇ ପାରିବ କ ନାହିଁ—ସେ ସମ୍ବନ୍ଧେ ମୋ ମୁଣ୍ଡରେ ପ୍ରଶ୍ନମାନ ଖେଳୁଥିଲେ ବ ଅଙ୍କ ମାଷ୍ଟ୍ରେ ସେ ବଷୟରେ ସମାନ୍ୟତମ ମଧ୍ୟ ସୂଚନା ଦେବେ ନାହିଁ ।

Digitized by srujanika@gmail.com

ଯାହା ଫଳରେକ ପାଞ୍ଚ ପଞ୍ଚା ପରଶି ମୋତେ ଜଣାଥିଲେ ମଧ୍ୟ ମୋ ମୁଣ୍ଡରେ ସେଇସବୁ ସମସ୍ୟା ଖେଳୁଥିବାରୁ ମୁଁ "ପାଞ୍ଚ ନମ୍ବର ଲେଖା ପଡ଼ିଲ" ବୋଲ କହିପାରେ ନାହିଁ ଓ ଅଙ୍କ ମାଷ୍ଟ୍ରଙ୍କ ଦବ୍ୟ ଦୃଷ୍ଟିକ ଅନ୍ୟମନସ୍କ କମ୍ବା ନମ୍ବର ଛିଆ ବୋଲ ପ୍ରଶ୍ନତ ଦେବାରୁ ପିଠିରେ କମ୍ବା ଗାଲରେ କଣ୍ଟୁ ଉତ୍ତମ ମଧ୍ୟମ ପାଇଯାଏ । ସେହିପର ଜମଶଃ ସଂଖ୍ୟା ଗୁଡ଼କ ସେତେବେଳେ ବ୍ୟକ୍ତ ବଶେଷ ବା ପ୍ରାଣୀମାନଙ୍କ ସଙ୍ଗେ ମିଶି ଆଦ୍ଭର ଅସୌକ୍ତକର ଓ ଜଟିଳ ଗାଣିତିକ ସମସ୍ୟାମାନ ସୃଷ୍ଟି କରନ୍ତି ସେତେବେଳେ ମଧ୍ୟ ମୋର ମୁଣ୍ଡ ଗୋଳ-ମାଳ ଧରଯାଏ । ଧରଯାଉ—ଗୋଟିଏ ଅଙ୍କ ପ୍ରଶ୍ନ ହେଲ୍—ରାମ ଯୋଜକାମକୁ ୬ ଦନରେ କରପାରବ ଶ୍ୟାମ ଓ ଦର ମିଶି ସେ କାମକୁ ଦୁଇ ଦନରେ କର ପାରବେ । ତା'ହେଲେ ଶ୍ୟାମ ଏକୁଟିଆ ସେ କାମକୁ କେତେ ଦନରେ କର ପାରବ ? ମୁଁ ଅବଶ୍ୟ ଚିତ୍ଦନେ ବର୍ତ୍ତମାନ ଭଲ ନମ୍ବର ଛିଆ ଥିଲ । କନ୍ତୁ ସେହି ଅଙ୍କ ପ୍ରଶ୍ନଟି ମୋ ମୁଣ୍ଡରେ ବଡ଼ ବୌର୍ଦ୍ଧିକ ସମସ୍ୟା ସୃଷ୍ଟି କରୁଥିଲ । ଯଥା—ପ୍ରଶ୍ନରେ ଥିବା ସେହି "କାମ"ଟି ଭକ୍ତରେ କୋଉ ପ୍ରକାର କାମ ? ଶାଗ ତୋଳବା ଗୋଟିଏ କାମ—ଆମ୍ବ ଗୋଟାଇବା ମଧ୍ୟ ଗୋଟିଏ କାମ—ଡଲ ବୁଲାଇବା ମଧ୍ୟ ଗୋଟିଏ କାମ—ମାଟି ଚକଟିବା ମଧ୍ୟ ତଦ୍ରୂପ ଏକ କାମ । ଏବଂ ଅଙ୍କ କଷିବା ମଧ୍ୟ ଗୋଟିଏ କାମ ତଳେ ଗଣାଯିବକ ନାହିଁ, ତାଡ଼ା ଅଙ୍କ ମାଷ୍ଟ୍ରେ ତାଙ୍କ ପ୍ରଶ୍ନରେ ଉଲ୍ଲେଖ କରନ୍ତି ନାହିଁ । ସେହିପର ରାମ, ଶ୍ୟାମ ଓ ଦର ଆଦ ମହାନ୍ କର୍ମୀମାନେ କଏ ଓ ସେମାନଙ୍କର ସାଧାରଣ ସ୍ୱାସ୍ଥ୍ୟ, ଶକ୍ତ ଓ କର୍ମ ଦକ୍ଷତା ସହତ ସେମାନଙ୍କର ପାରବାରକ ଜଞ୍ଜାଳାଦର ବବରଣୀ ମଧ୍ୟ ସେ ପ୍ରଶ୍ନରୁ ମିଳୁନାହିଁ । ଏବଂ ସବୋପର ରାମଶ୍ୟାମ ଦାମ ନାମରେ ସତକୁ ସତ କେହି ବ୍ୟକ୍ତ ଅଛନ୍ତି କ ? ଓ କୋଉଠି ସେମାନେ ଥାନ୍ତି—ସେମାନେ ଡେଙ୍ଗା ନା ଗେଡ଼ା-ମୋଟା ସୋଟା ନା ପତଳା ଧେଡ଼େଙ୍ଗା-ଗୋରା ନା କାଳଆ ଏବଂ ସେମାନେ ସେହି ପ୍ରଶ୍ନସ୍ଥିତ କାମଟିକୁ କାହିଁକ କରନ୍ତି—ଓ କରସାର କଣ ପାନ୍ତି—ଏସବୁ ପ୍ରଶ୍ନ ମଧ୍ୟ ମୋ ମୁଣ୍ଡ ଭତରେ ସେତେବେଳେ ଖେଳୁଥାଏ ଓ ତେଣୁ ମୁଁ ପ୍ରଶ୍ନଟିର ଉତ୍ତର ଦେଇ ନପାର ମାଡ଼ ଗାଲଖାଏ ।

ତା'ପରେ ନମେ ମୁଁ ସେମିତ ଆଉ ଟିକେ ବଡ଼ ହେଲ ଓ ମୋ ପାଇଁ ବଧବଦ୍ଧ ଭବେ ଗୋଟିଏ ଗଣିତ ବନ୍ଧ ଆସିଲ ସେ ବନ୍ଧଟିକୁ

Digitized by srujanika@gmail.com

ଦେଖିବା ମାତ୍ରେ ମୋ ମୁଣ୍ଡ ବରିଡ଼ଗଲ । ଆମେ ସେତେବେଳେ ପଢିଥିବା କୌଣସି ବହି—ସାହିତ୍ୟ, ଭୂଗୋଳ, ଇତିହାସ କି ପ୍ରକୃତି ପାଠ—ସେହି ଗଣିତ ବହିଟି ପରି ଏମିତି ଭୟଙ୍କର ଦେଖାଯାଉ ନଥିଲା । ସବୁ ବହିରେ ଉଣା ଅଧିକେ ନାନା ବରଣ ଛବିମାନ ଥିଲା । ବଗଲା, ଲୁକୁର, ପୁଷ୍ପ ଦେଉଳ, ପାପ, ନେଉଳ, ପାହାଡ଼, ଗଛ, ଚଢେଇ, ମାଛ, ଭାଜମଣ୍ଡଳ, ମଣିଷ, ଚନ୍ଦ୍ର ସୂର୍ଯ୍ୟ, ମେଘ, ବାବର ଆକବର ଦଶରଥ, ଋଷି, ଏପରିକ ଇନ୍ଦ୍ର ବାୟୁ ପ୍ରଭୃତି ଦେବଗଣଙ୍କର ଛବିମାନଙ୍କରେ ସେ ବହି ଅତ୍ୟନ୍ତ ଆକର୍ଷଣୀୟ ଥିଲା । ମାତ୍ର ଏଇ ରୁକ୍ଷ ଗଣିତ ବହିଟିରେ ମୂଳରୁ ଶେଷ ପର୍ଯ୍ୟନ୍ତ ଖାଲି ଅଙ୍କ ପ୍ରଶ୍ନଛଡ଼ା ଆଉ କିଛି ଆଖିଦୃଶିଆ ଛବି ନଥିଲା । ତେବେ ବହି କଷ୍ଟରେ ମୁଁ ସେଥିରେ ଗୋଟିଏ ଘଣ୍ଟାର ଛବି ଆବଷ୍କାର କରିଥିଲି । ସେ ଛବିଟାର ଦେହ ମଧ୍ୟ କାଳ ମଞ୍ଜି ମିଞ୍ଜି ହୋଇ ଯାଇଥିଲା—ମାତ୍ର ତା' ଭିତରେ ଡଜନଟା କଣ୍ଟା ସ୍ପଷ୍ଟ ଭାବେ ୧୦ରୁ ୧୨ ପର୍ଯ୍ୟନ୍ତ ନର୍ଦ୍ଦିଷ୍ଟ ସଂଖ୍ୟା ମାନଙ୍କ ଭିତରୁ କାହାକୁ ନା କାହାକୁ ନର୍ଦ୍ଦେଶ କରୁଥିଲା । ଏବଂ ତା' ତଳେ ଅନ୍ତ କଷ୍ଟକର ପ୍ରଶ୍ନମାନ ଲେଖା ଯାଇଥିଲା । ଯଥା—ଘଣ୍ଟାକଣ୍ଟା ଯେତେବେଳେ ଦଶ ଉପରେ ଏବଂ ମିନିଟ କଣ୍ଟା ଯେତେବେଳେ ଦୁଇ ଉପରେ, ସେତେବେଳେ ଦଶଟା ବାଜ କେତେ ମିନିଟ ହୋଇଛି ? ଅଥବା ସେତେବେଳେ ଏଗାରଟା ବାଜିବାକୁ ଆଉ କେତେ ମିନିଟ ବାକି ଅଛି ?

ଯାଉନ୍ତୁ—ସେ ବହିଟାକୁ ଦେଖି ମୁଁ ଖୁବ୍ ବରିଡ଼ଗଲି । ସେ ଗୋଠା ଲେଖକ ବା ପ୍ରକାଶକ-ପୂର୍ଣ୍ଣିମା ବହିଟାର ମଲାଟ ଉପରେ ମଧ୍ୟ ଗୋଟାଏ ଭଲ ଛବି ଦେଇ ନଥିଲା । ସାଧା ମଲାଟର ବହିଟା ଗୋଟେ ପିଢାଶୁଣୀ ଭଳିଆ ମୋ ଆଖିକୁ ଦିଶୁଥିଲା । ଚଣ୍ଡାଳଟା ବହି ଉପରେ ଗୋଟିଏ ସାମାନ୍ୟ ଛବି ମଧ୍ୟ ଦେଇ ପାରିଥାନ୍ତା—ଯୋଉଥିରେକ ପିଲାଟିଏ ମିଲାଟରେ ଦରଣଟିଏ କରୁଛି—ଓ ଗୋଟିଏ ପୁଷ୍ପି ବଗ୍ରଡ଼ା ତା ପାଖରେ ଗୁମ୍‌ସୁମ୍ ହୋଇ ବସିଛି ଓ ତାର ଟ୍ରେଟ ଭଉଣୀଟି କେତୋଟି କାଠି ସଙ୍ଗେ କେତୋଟି ବାଲଗରଡା ମିଶାଉଛି ଏବଂ ମିଶାଇ ନପାରି କାନ୍ଦୁଛି ? ମନେ ମନେ ଚଢ଼କର ଘୁରୁଥାଏ —ଫାଃଫଟ, ପାଠଟା ସେମିତି ପିଢାଶୁଣୀଆ, ମାଷ୍ଟର ସେମିତି ପିଢାଶୁଣୀଆ ଆଉ ଏ ବହିଟା ବି ସେମିତି ପିଢାଶୁଣୀଆ ।

Digitized by srujanika@gmail.com

ଏବଂ ସେହି ବହିଟାରୁ ଅଳ୍ପ ଶିଖିଲା ବେଳେ ମୋ ମୁଣ୍ଡରେ ଫଡ଼ୁଙ୍ଗି ଭଳି ବଢ଼ିଗଲା । ଅଳ୍ପକିଏ କଷିବାକୁ ପଡ଼ିଲେ, ବା ମାନସାଙ୍କକିଏ କଏ ପଗ୍ଧର ଦେଲେ, ସେହିଦିନୁ ମୋର ଆଖିକ ଘୋର ଅନ୍ଧାର ଘୋଟି ଆସେ । ବସ୍ତୁତଃ ଏହି ମାନସାଙ୍କ ବିଷୟରେ ସବୁଠାରୁ ବଡ଼ ବିପଦ ଜନକ । ଜନ୍ମତଃ ଅଳ୍ପ ପ୍ରତି ମୋର ବିମୁଖତା ପେଛକ ବଢ଼ି ଗଲାଲ— କ୍ଲାସ୍‌ରେ, ସ୍କୁଲରେ, ଘରେ, ଏପରକ ଗାଁରେ ମଧ୍ୟ ମୋର ମୋଟା ବୁଦ୍ଧିଆ ବା ନବଦ୍ଧିଡ଼ିଆ ଅପବାଦ ସେଛକ ସେଛକ ମୁଖେ ମୁଖେ ପ୍ରଚାରିତ ହେବାକୁ ଲଗିଲ । ଆମ କ୍ଲାସ୍‌ରେ କୋଡ଼ିଏ ଜଣ ଛାତ୍ର ଛାତ୍ରୀଙ୍କ ଭିତରୁ ଆମେ ଛଅଜଣ ଗ୍ରସ ଗର୍ଦ୍ଦଭ ଆଖ୍ୟା ଓ ଉପାଧି ସଦ୍ଦସମ୍ମତ ନମ୍ବେ ପ୍ରାପ୍ତ ହେଲୁ । ମୋ ଛଡ଼ା ଅନ୍ୟ ଦୁଇଜଣ ହେଲେ ମାଧିଆ ବାଳକ, ତାକୁ ଆମେ ମାଧା ବୋଲି ଡାକୁଥିଲୁ—ଏବଂ ତା'ର ମାଧା ବା ମାଧିଆ ନାମ ସଙ୍ଗେ ଗଧା ବା ଗଧିଆ ଉପାଧିଟି ବେଶ୍ ଖାପିଯାଏ ଓ ଭଲ ଶୁଣାଏ । ଯଥା ଗଧା ମାଧିଆ ବା ଦଧିଆ ମାଧା । ଏବଂ ସେଥି ପ୍ରତି ତାର ମଧ୍ୟ କୌଣସି ଲଜ୍ଜା ବା ଅପମାନ ବୋଧ ନଥାଏ । ତାକୁ ସେମିତି ଡାକିଲେ ବା ତା' ପିଠିରେ ଦୁଇବଧା ଥୋଇ ତାକୁ ସେଇ ନାମରେ ଡାକିଲେ ସେ ବରଂ ହସି ହସି ଗଡ଼ିଯାଏ । "ଧ" ଅନୁପ୍ରାସଟି ତା' କାନକୁ ବଡ଼ କୁଡୁକୁଡୁଆ ଲଗେ । ( ଆହା ! ଥାଉ ଥାଉ ତା' ବିଷୟରେ ଆଉ କଛୁ କହିବ ନାହିଁ । ତାକୁ କୁଷ୍ଠରୋଗ ହେଲ ଓ ସେ ଘା' ଘାଉଡ଼ ହୋଇ ତାଙ୍କ ବାର ବାରଣ୍ଡାରେ ଛୁଣ୍ଡା ହେଁସ ଓ କନାରେ ଶୋଇ ଶୋଇ ମାଛ ଭାଆଁସ ମଣା କାମୁଡ଼ା ଖାଇ ଖାଇ, ଦିନେ ମରିଗଲ । ଏବଂ ତାକୁ ତା' ଭାଇମାନେ କିଣେ କରସିନରେ ପୋଡ଼ି ଦେଲେ ।

ଆର ଗର୍ଦ୍ଦଭଟିର ନାଁ ହେଉଛୁ ପୋବନା ଶେଣ । ସେ ଝୋକାଖ କନ୍ତୁ ସଲକୁ ସତ ଏତେ ନବଦ୍ଧିଆ ନୁହେଁ । ବାହି ଆଉ ଡାଗର ପୁଅ ଖେଳରେ ମଜା ଓସ୍ତାଦ୍ । ଡାଳ ମାଙ୍କୁଡ଼ୀ ଖେଳରେ ତାକୁ ମାଙ୍କଡ଼ ବ ପାରିବେ ନାହିଁ । ତା'ଛଡ଼ା, ତା'ଠାରେ ରୋରକଲା ମଧ୍ୟ ଥିଲ । ଏବଂ ମିଛ କହିବାରେ ତା' ଘାଣ୍ଟିରେ ବାଣ୍ଟୁଳୀ ବାଜିବ ନାହିଁ । ବେଳେ ବେଳେ ମାଡ଼ ଫଜଳଦ ଖା ମଧ୍ୟ କରେ । ହେଡ୍ ପଣ୍ଡିତଙ୍କ ଟ୍ରଙ୍କ୍ ଫିଟାଇ ଟଙ୍କା ଚୋର କରିବା ଠାରୁ ଆରମ୍ଭ କରି ଗୋବିନ୍ଦ ସେନାପତି ବାର ନଡ଼ିଆ ଗଛରେ ବୁଦ୍ଧରେ ଚଢ଼ି ନଡ଼ିଆ ପାର ଆଣିବା ଯାଏ ସବୁ ଅସାଧ୍ୟ ସାଧନ କର୍ମମାନ କର

Digitized by srujanika@gmail.com

ମଧ୍ୟ ସେ ଆପଣାର ଜାଲଆଡ ବୁଦ୍ଧି ବଳରେ ମୁକୁଟ୍ ନର୍ଦ୍ଦୋଷରେ ଖସି ଆସେ । ଅଥଚ ଏଇ ଅଙ୍କ କଷିଲ୍ ବେଳକୁ ତାର ସେ ବଚନ ବୁଦ୍ଧି ଆଦୌ କୁଳାଏ ନାହିଁ । ଗଣିତ ସାର୍ ଙ୍କ ଠାରୁ ଗଧ ଗାଳତ ଶୁଣେ—ବେତ ମାଡ଼ ମଧ୍ୟ ଖାଏ । କନ୍ତୁ ଆଶ୍ଚର୍ଯ୍ୟ କଥା—ସେଥିପାଇଁ ମଧ୍ୟ ତାର କୌଣସି ଶୋଚନା ନଥିଲ୍ । ତାକୁ କେହ୍ନ ବୁଦ୍ଧିମାନ ବା ବୁଦ୍ଧିଘ୍ରାନ କହିବା ଉପରେ —ବା ଘୋଡା କ ଗଧ କହିବା ଉପରେ ତାର କଚ୍ଛ ଗୁରୁତ୍ୱ ନଥିଲ୍ । ସେ ତାର ଗ୍ଲେଶ୍ୱ ପଜଜଡାସ୍ତ ଓ ମିଚ୍ଚ କହିବାର କ୍ଷମତାକୁ ନେଇ ଆନନ୍ଦରେ ଥାଏ ।

କନ୍ତୁ ସବୁଠକ ଶୋଚନା ମୋର । ସବୁଠକ ଦୁଃଖ ମଧ୍ୟ ମୋର । ମାଡ ଖାଇବା ପ୍ରତି ମୋର ସେତେ ଆପତ୍ତି ନଥିଲ— ( କାରଣ, ଆମେ ସେତେବେଳେ ଗୋଟିଏ ନାତବାକ୍ୟ ବାରମ୍ବାର ଶୁଣୁଥିଲୁ ଯେ ମାଡ ଖାଇଲେ ପାଠ ଆସେ । ) ଏଇ ନବ୍ଦ ଛିଆ ଓ ଗଧ ଉପାଧ୍ୟି ପ୍ରତି ମୋର ମୋର ଖୁବ୍ ବ୍ୟଥା ବେଦନା ବୋଧ ରହିଥିଲ । ମୁଁ ଜଜକୁ ଖୁବ୍ ଆଦ୍ତ ଏବଂ ଅପମାନିତ ମନେ କରୁଥିଲ । ଦିନେ ଆମ ସେକେଣ୍ଡ ପଣ୍ଡିତେ ଅଙ୍କ ସାରଙ୍କ ଅନୁପସ୍ଥିତିରେ ଆମ କ୍ଲାସକୁ ଆସି ଆମ ସାଙ୍ଗେ ନାନାଦ ମଜା ଗପ କଲେ । ଏବଂ ତାର ଭିତରେ ସେ ଗୋଟିଏ ମାନସାଙ୍କ ମଧ୍ୟ ଆମ ସମସ୍ତଙ୍କୁ ପଚାରିଲେ—ସେଇଟି ହେଉଛି—ଗୋଟିଏ ଗଛରେ ଶହେ ଛଅଟି ଚଢେଇ ବସିଥିଲେ । ଗୋଟିଏ ବନ୍ଧୁକ ବାଲ୍ଦ ଆସି ବନ୍ଧୁକ ଲାଛୁ ଦେବାରୁ ସେଥିରୁ ଛଅଟି ଚଢେଇ ମର ତଳକୁ ଖସି ପଡିଲେ । କହିଲ ଦେଖି—ଗଛରେ ଆଉ କେଇଟା ଚଢେଇ ରହିଲେ ? ଆମ କ୍ଲାସର ପ୍ରଥମ ଗଧ ମାଧା ବାଳକ ମୂଳରୁ ପ୍ରଶ୍ନଟା ବୁଝି ପାରିଲ ନାହିଁ । ଚଢେଇ ଓ ଗଛ କଥାଟା ବୁଝିଲ । ମାନ ବନ୍ଧୁକ ଶବ୍ଦଟା ଓ ଲାଛୁଦେବା ହିଂସ୍ରାଟି ତାକୁ ବଡ ଅଡୁଆରେ ପକାଇ ଦେଲ୍ । ସେ ଖାଲ ପ୍ରଶ୍ନଟି ଶୁଣି କୁରୁ କୁରୁ ହୋଇ ହସି ଲଗିଲ । ତା'ପରେ, ଆମର ୨ୟ ଗର୍ଭଭ ସୋବନା ଶେଣ ମୂଳରୁ ସେ ପ୍ରଶ୍ନଟି ଶୁଣି ନଥିଲ୍ । ସେ ଝରକା ବାଟେ ବାହାରକୁ ଗୁହାଁ ବାରେଣ୍ଡାରେ ଉଙ୍କି ମାରୁଥିବା ଆଉ ଗୋଟାଏ ବଜାତ ଟୋକାକୁ ଆଙ୍ଗିମାର କଣ ଇସାର ଦେଉଥିଲ । ଜଣ୍ଟୁ ତା' ମୁଣ୍ଡରେ କୌଣସି ଦୁଷ୍ଟ ବୁଦ୍ଧି ଖେଳୁଥିଲ । ମୁଁ କନ୍ତୁ ପ୍ରଶ୍ନଟିକୁ

Digitized by srujanika@gmail.com

ଭଲ କରି ଶୁଣି ତାର ଉତ୍ତର ଠିକ୍ କରି ନେଇଥିଲା ମନେ ମନେ । ଏବଂ ସାର୍ ଯେତେ ବେଳେ "କଏ କହିପାରିବ ଦାନ୍ତ କେତେ" ବୋଲି ଆଦେଶ ଦେଲେ, ସେତେବେଳେ ଅନ୍ୟ ବୁଦ୍ଧିମାନ ଗଣିତଜ୍ଞ ଛାତ୍ରମାନଙ୍କ ମଧ୍ୟରେ ମୁଁ ମଧ୍ୟ ହାତ କେକଲ ! ମାତ୍ର ସାର୍ ମୋଭଳ ବଡ଼ ଆଖ୍ୟାତ ଗର୍ଦ୍ଦଭକୁ ନ ପଚାରି, ଜଣ ଜଣ କରି ବୁଦ୍ଧିମାନ ମାନଙ୍କୁ ପଚାରି ଗଲେ । ଏବଂ ସବୁ ଗଣିତ ପଣ୍ଡିତ ବୁଦ୍ଧିଆ ଛାତ୍ରମାନେ—ଏହି ପ୍ରଶ୍ନଟିକୁ ସାମାନ୍ୟ ଫେଡାଣ ମାତ୍ର ଭାବି ୧୦୬ ରୁ ୬ ଫଖ୍ୟାଏ ଫେଡ଼ି ଦେଇ "ଶହେ ଚଉଦ—ଶହେ ଚଉଦ" ବୋଲି । ମାତ୍ର ମୁଁ ହଠାତ୍ ବୁଦ୍ଧିମାନମାନଙ୍କ ପଉନରେ ଅତ୍ୟନ୍ତ ଜହ୍ନାହିତ ହୋଇ ଠିଆ ହୋଇଥିଲି ଖୁବ୍ ବଡ ପାଟିରେ କହି ଉଠିଲି—ସାର୍ ! ଆଜି ଗୋଟିଏ ବି ଚଉଦ ଗଛରେ ରହିଲେ ନାହିଁ । ସାର୍ ମୋ ଠାରୁ ଏତେକ ଶୁଣି ଆଶ୍ଚର୍ଯ୍ୟ ହୋଇ ଘଣ୍ଟେ ରହିଲେ ମୋ ମୁହଁକୁ ? ଗଧାର ପୁଣି ଏତେ ମେଧା ! ଏବଂ ପରୀକ୍ଷିତ ବୁଦ୍ଧିମାନ ଅଙ୍କ କଷାଳୀମାନେ ମୋ ଉତ୍ତର ଶୁଣି ମୋର ଫେଡାଣ ଜ୍ଞାନର ଏହି ଶୋଚନୀୟ ପରିଣତି ଦେଖି ହସି ଉଠିଲେ । କନ୍ତୁ ସାର୍ ଯେତେବେଳେ ମୋ ଉତ୍ତରଟିକୁ ଠିକ୍ ହେଲା—ଏବଂ କେମିତି ଠିକ୍ ହେଲା—ତାର କାରଣ ବୁଝାଇ ଦେଲେ—ସେତେବେଳେ ଯାଇ ସେମାନେ ବୁଝିପାରି ଲଜ୍ଜିତ ହେଲେ ଓ ମୋ ଉପରେ ପ୍ରଥମ ଥର ଲାଗି ଈର୍ଷାନ୍ୱିତ ହୋଇ ଗଲେ ।

ମୋ ଉତ୍ତରଟି ଠିକ୍ ହେବାର କାରଣ ହେଲା—ମୁଁ ଶହେ ଛଅ ଓ ଛଅ ସଂଖ୍ୟା ଦୁଇଟିର ହରଚମତ ନିଆ ଆଉକୁ ମନ ନଦେଇ ବନ୍ଧୁକର ଶବ୍ଦ ଓ ପକ୍ଷୀମାନଙ୍କ ମନସ୍ତତ୍ତ୍ୱ ବା ସ୍ୱାପୁର ଗତିବଧି ସମ୍ବନ୍ଧେ ବେଶ୍ ଜାଣିଥିଲି । କନ୍ତୁ ଆମ କ୍ଲାସର ସେଇ ତଥାକଥିତ ବୁଦ୍ଧିମାନ ଅଙ୍କ କଷାଳ-ମାନେ ଶହେ ଛଅଟି ପକ୍ଷୀଙ୍କୁ କେବଳ ଶହେ ଛଅଟି ସଂଖ୍ୟା ବୋଲି ମନେ କରିଥିଲେ ।

ସେଦିନ ସେକେଣ୍ଡ ପଣ୍ଡିତ ଆଜି ଗୋଟିଏ କଜଭୁକଆ ମାନସାଙ୍କ ମଧ୍ୟ ପଚାରିଲେ—ତା' ହେଲା—

ଚାରଶ ଅଶୀ—ଶୂନ ନେଇଗଲା ବୁଢୀ ମାଇପୀ—ରହିଲା କେତେ ? ଗଲା କେତେ ?

Digitized by srujanika@gmail.com

ଆମ କ୍ଲାସର ବୁଦ୍ଧିମାନ ଗଣିତ-ବେତ୍ତାମାନେ ସାଙ୍ଗେ ସାଙ୍ଗେ ଗୁଣରେ ଅଶୀରୁ ମନେ ମଥନ ଶୂନ୍ ଲଗାଇ ଦେଇ ୪୮ ରଖିଲେ ଓ ୪୮୦ ରୁ ପୁଣି ୪୮ ଫେଡ ଦେଇ ସଙ୍ଗେ ସଙ୍ଗେ ଫେଡାଣ ଫଳ ବାହାର କରି ସମସ୍ୱରରେ କହି ଉଠିଲେ—୪୩୨ ସାର୍ ୪୩୨ । ଗଲା ୪୩୨—ରହିଲା ୪୮ ।

ସେକେଣ୍ଡ ପଣ୍ଡିତେ ହସି ହସି ମୋ ମୁହଁକୁ ଗୁହାଲେ, ମୁଁ ସାମାନ୍ୟ ଡର ଡର କହିଲି—କଛୁ ସାର୍ ଗଲା ନାହିଁ । ଯାହା ଥିଲା ସେଇଆ ରହିଲା —ସେଇ ୪୮୦ ।

ଏଥରକ ମଧ୍ୟ ସେକେଣ୍ଡ ପଣ୍ଡିତେ ମୋ ମୁଣ୍ଡକୁ ବସ୍ତୁପୁଟରେ ଗୁହିଁ ରହିଲେ ଓ ମୋ ସମ୍ବନ୍ଧେ ମତ ପରିବର୍ତ୍ତନ କରିବାକୁ ସ୍ଥିର କରି—ଅନ୍ୟ ପିଲାମାନଙ୍କୁ "ଶୂନ" ଶବ୍ଦଟିର ସାଂଖ୍ୟ ଅର୍ଥ ବ୍ୟତୀତ, ତାର ଅନ୍ୟ ତାତ୍ପର୍ଯ୍ୟ ବୁଝାଇ ମୋ ଉତ୍ତରଟିର ସଠିକତା ପ୍ରମାଣ କଲେ । ଏବଂ ଏଥର ମଧ୍ୟ ଅନ୍ୟ ବୁଦ୍ଧିମାନ ପିଲାମାନେ ମୋ ଆଡ଼କୁ ବସ୍ତୁପୁ, ଘୃଣପୁ ଓ ଈର୍ଷା ମିଶ୍ରିତ ଗୁହାଣୀରେ ଅନାଇ ରହିଲେ । ଏମିତି ଏମିତି ସେଦିନ ସେକେଣ୍ଡ ପଣ୍ଡିତେ ଆଉ ଗୁରି ପାଞ୍ଚୋଟି କୌତୁକ ପ୍ରଶ୍ନ ପଚାରିଲେ—ଏବଂ ଅନ୍ୟମାନଙ୍କ ଉତ୍ତର ଭୁଲ ହେଲା ଓ ମୋ ଉତ୍ତର ଠିକ୍ ହେଲା ।

ସେଇ ଦିନଟି ଥିଲା ଜାଣ ମୋ ଜୀବନରେ ସୌଭାଗ୍ୟତମ ଦିନ । କାରଣ ମୁଁ ମନେ ମନେ ସେଦିନ ନିଜକୁ ବୁଦ୍ଧିମାନ ବୋଲି ଭାବି ପାରିଲି । ଏବଂ ଅଙ୍କ ନ ଆସୁଥିବାରୁ ଯେଉଁ ନବ୍ୟ ବୁଦ୍ଧିଆ ଏଙ୍କ ଗୁଡା ଉପାଧି ପାଇଥିଲି, ତାକୁ ମନେ ମନେ ଉପେକ୍ଷା କରିବାକୁ ଲଗିଲି । ଏବଂ ଅଙ୍କ ପଢାଉଥିବା ଶିକ୍ଷକ ମାନଙ୍କ ପ୍ରତି ମୋର ଘୃଣା ଓ ବିଦ୍ୱେଷ ମଧ୍ୟ ବଢିବାକୁ ଲଗିଲା ।

ମୋର ଆଜି ଗୋଟିଏ ଗୁଣ ଥିଲା । ତା' ହେଲା ମୁଁ ପଦ ମିଳାଇ ପଦ୍ୟ ରଚନା କରି ପାରୁଥିଲି । ମୋର ସେ କାଳ ରଚିତ କେତୋଟି ପଦ୍ୟର କେତେକ ଧାଡ଼ୀ ମନେ ପଡୁଛି । ଯଥା—

କଜଳ ପାତିଟି ଗାଉଛୁ
କେତେ ମଧୁର ଗୀତ
କଳା ବୋଲି ତାକୁ କମ୍ପାଇଁ
ଗାଳ ଦେଉଛ ମିତ ?

Digitized by srujanika@gmail.com

କମ୍ବା—

ଝପ୍‌ଝପ୍ ପଡେ ବରଷା
ଆକାଶ ନ ଦଶେ ଫରସା ।
ଘଡ଼୍ ଘଡ଼୍ ଡୁଏ ଘଡ଼ଘଡ଼
ଚଡ଼୍ ଚଡ଼୍ ମାରେ ଚଡ଼୍‌ଚଡ଼
ଗୁଇଁ ଗୁଇଁ ମାରେ ବଜୁଳ
ଗଛରେ ପାଚୁଛୁ ପିଜୁଳ ।
କେଁ କେଁ କେଁ କଝର
ବେଙ୍ଗ ପଢୁଅଛୁ ମନ୍ତର ।
ପଚ ପଚ ଡୁଏ କାଦୁଅ
ମାସୁଝାର ନାମ ଗ୍ରେଦୁଅ
ଗମ୍ଭୀର ସେପଝୁ ବରଷା
ମାଡ଼ ଆସୁଅଛୁ ସଦ୍ୟସା ।
ଦନରେ ଘୋଝଇ ଅନ୍ଧାର
ଘରୁ କେହ୍ନ ନୁହେଁ ବାହାର ।

ଏମିତି ଏମିତି ପଦ ମିଳାଇ ବହୁ ପଦ୍ୟ ମୁଁ ଲେଖୁଥିଲ । ଲେଖିବାକୁ ବସିଲେ ଗ୍ଭଁ ଗ୍ଭଁ ଶବ୍ଦମାନ ଜୁଟି ଯାଉଥିଲେ ଓ ପଦ ମଧ୍ୟ ମିଳ ଯାଉଥିଲ ଖତ୍ ସାଙ୍ଗରେ ଭତ୍—କଳ ସାଙ୍ଗରେ ବଳ—ମନ ସାଙ୍ଗରେ ଧନ କମ୍ବା ଗୀତ ସାଙ୍ଗେ ମିତ ମିଳାଇ ପଦ୍ୟ ଲେଖିବାରେ ମୁଁ ଘାଣ୍ଟ ଆତ୍ମପ୍ରସାଦ ଅନୁଭବ କରୁଥିଲ । କନ୍ତୁ ଅଳ୍ପ କେତେକ ଅନ୍ତରଙ୍ଗ ସାଙ୍ଗଙ୍କ ବ୍ୟତୀତ ତାହା ମୁଁ ଆଉ କାହାକୁ ଦେଖାଉ ନଥିଲ । ବଶେଷତଃ ମୋର ସବୁଠାରୁ ପ୍ରିୟ ସାଙ୍ଗ ମାସ୍ଟାଧର ଷଡଙ୍ଗୀକୁ ସେ ସବୁ ପଢି ଶୁଣାଉଥିଲ । ଏବଂ ମାସ୍ଟାଧର ତାହା ଶୁଣି ଖୁବ୍ ଖୁସି ହୋଇ ଯାଉଥିଲ । ଏବଂ ଭବଷ୍ୟତରେ ମୁଁ ଜଣେ ବଡକବ ହେବ କୋଲ ଅନ୍ତଃକରଣରେ ଭବଷ୍ୟବାଣୀ କରୁଥିଲ । ଅବଶ୍ୟ "କବ" କାହାକୁ କହନ୍ତ ଓ କବ ହେବା ଖୁବ୍ ଭଲ ବା ବଡକଥା କ ନୁହଁ, ତାହା ମଧ୍ୟ ମତେ ଜଣା ନଥିଲ । କନ୍ତୁ ମାସ୍ଟାଧରର ଏକଥା ଶୁଣି ମତେ ଖୁବ୍ ଆନନ୍ଦ ଓ ଗର୍ବ ବୋଧ ହେଉଥିଲ । ମାସ୍ଟାଧର ମୋ ଭଳ କ୍ଲାସରେ

Digitized by srujanika@gmail.com

ଅଭିମନ୍ୟୁ ତ ସେ ଚାରି ଯୋଦ୍ଧା ବଂଚିଯାଥିବା ବାର୍ତ୍ତା ସୁଭଦ୍ରା ସଙ୍ଗେ ଖାଁ ବାଡାଇବାକୁ ଦଉଡାଇ ଘରୁ ମୋ ପାଖକୁ ବନ୍ଦୁକ ଧରିଥିଲା ।

ସେ ସମୟେ ଚନ୍ଦ୍ରଭା ଯେ—ଖୁବ୍ ବୁଦ୍ଧି ଥା ନଥେଲେ ତେବେ ତାର ଦୋଷ ଖାଇବେ ନାହିଁ । ତଥାପି ହାତରେ ଖୁବ୍ ଭଲଖାରାପ ଓ ମାନା ତରୁଣ୍ଡି । ମୁଁ ମନେ ମନେ ଭାବେ—ଦୂର୍ତ୍ତେରି ! ମୁଁ ତ ତାର ଦେବର ? ତାର ନା ଦୋଷ । ତଥାପି ମୋ ମନ ଭିତରେ ସବୁବେଳେ ଅନ୍ତ ନଥିଲା ମୁଁ ଖୁବ୍ ତରୁଣ ଆଉ ସୁନ୍ଦର ବୋଲରେ ତାହାକୁ—ମାପ୍ୟାଧର ! ମତେ ତ ଅଙ୍ଗ ଆସୁନାହିଁ । ମୋର ଏତେ ବୁଦ୍ଧି ନାହିଁ ଯେ ମୁଁ କାର ଦେବର ?

ମାପ୍ୟାଧର ମୋର ଏମିତି ସାଜ ଯେ ମୋର ଦୃଶ୍ୟ ସେ ସହ୍ୟରେ ନାହିଁ । ଏବଂ ମୋର ଅଭିମାନ ବା ଅଭିମାନନା ସେ କେବେ ସହ୍ୟ କରି ପାରେନା । ମୋତେ ଅଙ୍ଗ ଆସୁ ନଥିବା ବା ପଣ୍ଡିତା ଖାତାରେ ମୋର ଅଙ୍କରେ ଶୂନ୍ୟ ବା ଗୋଲ ଛଅ ଦେଇଥିବା ସେ ଜାଣିଥିଲା । ଏବଂ ସାର୍ଟ ଖୁଲରେ ମୋର ଅବୁଝିପ୍ରା ଏବଂ ଗଧା ଅଭିଯୋଗ ସମ୍ବନ୍ଧରେ ମଧ୍ୟ ସେ ଶୁଣିଥିଲା । ଏବଂ ମନେ ମନେ ଖୁସୋଷ ଖୋଜୁଥିଲା, ତେମିତି ମତେ ଜନେ ମୋର ଚାଷ ପିଲଙ୍କ ଆଗରେ ସବୁଠାରୁ ବୁଦ୍ଧିମାନ ବୋଲି ପ୍ରମାଣ କରି ପୁରିବ ।

ଜନେ ମୁଁ "ସାଧବ ବୋହୂ" ଭିତରେ ଗୋଟିଏ ଘୁଲୁଘୁଲଆ ପରି ଲେଖିଥିଲି । ତାକୁ ମାପ୍ୟାଧରକୁ ପଢାନେ ସେ ଖୁବ୍ ଜରୁରୀ ଏବଂ ଉତ୍ତାଳରେ ଫାଟି ପଡିଲା । ସେ ଚନ୍ଦ୍ରଭା—ଠିକ୍‌ଥରୁ ଏମିତି ପଢା ଯେ ଲେଖିଲାଣି, ସେ ଜାଣେ ସବୁଠାରୁ ବୁଦ୍ଧିମାନ ଓ ବଡ ଦେବେ ଗୋଟାଏ ମସ୍ତବଡ ଚଢ ଦେଇ ମୋର ସେଇ ପଢାରୁ ଦେଖୋଟି ଧାଡ଼ି ବର୍ତ୍ତମାନ ବି ମନେ ଅଛି ।

ନାଲ ଘୁଲୁ ଘୁଲୁ ସାଧବ ବୋହୂ
ବୁଝାରେ ଆଉ କୁ ? କୁଆରେ ଘାଉ ?
ତବ ଭେଲ ତୋତେ ତନ୍ତିଣୀ ପାଟ ?
ଓଢଣା ପଟାଇ ଘୁଲୁଚୁ ବାଟ ।
ଆମକୁ ଦେଖିଣ ଘାଉଚୁ ଲୁଚ
ଆମେ କଣ ତୋର ଦେଉଥିବୁ ଜ ?

Digitized by srujanika@gmail.com

ଜ କଅଁଳ ତୋର ଝିକ ଦେଢ଼ଝି
କେଉଁ ଛନ୍ଦ ତୋତେ ଚଢି ଅଛୁଝି ?
ସବୁଜ ଘାସର ଗାଲରୁ ତରେ
ଘଲୁଅଛୁ ଲୁହ କେତେ ମନ୍ତରେ ।
ସାଧବ ଝିଅଲେ ସାଧବ ବୋଦୁ
ଶୋଲରେ ତୋଦର ଜଗତ ମୋଦୁ ।

ଏହ୍ନ କବତାଟିକୁ ସେ ମୋ ହାତରୁ ଝିଙ୍କି ନେଇ ଜନର ପଚେଷରେ ରଖିଲା । ମୁଁ ମଧ୍ୟ ତାକୁ ସେଇଟି ଆଉ ମାଗିଲ ନାହିଁ । ତା' ପରଦନ ଷ୍ଟାଲରେ ସେ ଆମ କ୍ଲାସକୁ ଆସିଲା । ଏବଂ ସେ ପିଣ୍ଡଅଡ଼ରେ ଶିକ୍ଷକ ନଥିବାରୁ ସେ ପଚାଶିକୁ ସେ ପାଞ୍ଚିଜର ପଢି ଆମ କ୍ଲାସ ପିଲାକୁ ଶୁଣାଇଲା । ଆମ କ୍ଲାସର ବୁଦ୍ଧିଆ ଅଙ୍କ କଷା ପିଲା କେତେଜଣ ମାସ୍ଟାଧର ମୁହଁରୁ କବତାଟି ଶୁଣି ଖତ୍ ଖତ୍ ଟେଲେ । ଏବଂ ପଚ୍ଛଣଲେ—ଏ କବତା କଏ ଲେଖିଛୁ ? ସେତେବେଳେ ମାସ୍ଟାଧର ମୋ ଆଡକୁ ଅଙ୍ଗୁଳ ନଚର୍ଦ୍ଦେଶ କଣ ଖତ୍ ନାଟକୀୟ ଭଙ୍ଗୀରେ କହିଲା— ଏହ୍ନ ଯେ ସେଠି ବସିଛନ୍ତି କବ ଶ୍ରୀ ନୀଳମଣି ସାହୁ । ମୁଁ ସେତେବେଳେ ଖତ୍ ଗର୍ବିତ ବୋଧ କରୁଥାଏ । କନ୍ତୁ ସେହ୍ନ ପିଲାମାନେ ହଠାତ୍ ହସି ଛଠିଲେ । ତାଙ୍କ ଭତରୁ ଜଣେ ମୋତେ ଘୃଣ୍ଣି ଛୁଘଲଇ କଣ କହିଲା—ଯାହାକୁ ସାମାନ୍ୟ ଫେଡାଣ ଡରଣ ଆସୁ-ନାହିଁ—ସେମିତିଆ ଗଧ କେବେ ଏମିତି କବତା ଲେଖି ପାଶବ ନାହିଁ । ଅସମ୍ଭବ ।

ପ୍ରକାଶ ଆଉ ଜ, ଆମେ ସେତେବେଳେ ସପ୍ତମ ଶ୍ରେଣୀରେ ଉକ୍ତଭବ ମଧୁସୂଦନ ଘୁଣ୍ଡଙ୍କ "ସାହିତ୍ୟ ପ୍ରସଙ୍ଗ" କହ୍ନ ପଢୁଥିଲୁ ଏବଂ ସେ କାଳର ଜଣେ ଭଣ୍ଡାକ୍ୟୁଲର ପଣ୍ଡିତ ଏ କଲଇଦ୍ର ନାପ୍ଟକ ଆମକୁ ତାହା ପଢାଉଥିଲେ । ମୁଁ ମୋ ଜୀବନରେ ଏପଶ ସାହିତ୍ୟ ଶିକ୍ଷକ ଆଉ ଦେଖି ନାହିଁ । ତାଙ୍କୁ ସେତେବେଳେ ଘୁଇଶ ବର୍ଷ ବସ୍ପ ଏବଂ ଅତି ମଧୁର ଗଳାରେ ଚମତ୍କାର ବ୍ୟାଖ୍ୟା ଘୁଚୁଘ୍ଟ ସହ ସେ "ଜୀବନ ଚନ୍ତା" ଭଳି ବୈରାଗ୍ୟଭବ ସମ୍ବଳତ ସେହ୍ନ ପ୍ରସିଦ୍ଧ କବତାଟି ପଢାଇବା ପରେ ମୋର ମନ ସେତେ-

Digitized by srujanika@gmail.com

ବେଳେ ଏଡେ ବୈରାଗ୍ୟପୂର୍ଣ୍ଣ ହୋଇଗଲ ଯେ, ମୁଁ କଣ୍ଠଦିନ ଧରି ବଡ଼ ଶକ୍ତ ଓ ବବକ୍ତ ମନେ କଲ । ଏବଂ ମାପ୍ପାଧର ସଙ୍ଗେ ଘର ଛାଡ଼ି ସନ୍ନ୍ୟାସୀ ହୋଇ କୁଆଡ଼େ ଚାଲିଯିବାକୁ ମସୁଧା କରୁଥିଲ । ଆମର ମଧ୍ୟ ଥରେ ଘର ଛାଡ଼ି ଚାଲିଯିବାର ଦିନ ଧାର୍ଯ୍ୟ ହୋଇ ଯାଇଥିଲ । କିନ୍ତୁ ମୁଁ ସେତେବେଳେ ହଠାତ୍ ଆମ ସ୍କୁଲର ପଞ୍ଚମ ଶ୍ରେଣୀରେ ପଢ଼ୁଥିବା ଜଣେ ଛାତ୍ରୀ କୁମାରୀ ମଞ୍ଜୁଲତାର ପ୍ରେମରେ ମୋର ଆଡୁ ଏକ ପାଖିଆ ପଡ଼ିଯିବାରୁ ଏବଂ ବାଲ୍ୟକାଳରୁ ମା'ଛେଡ଼ାଣ୍ଡ ସାନଭାଇ ଓ ଭଉଣୀଙ୍କ ଦୂରବସ୍ଥା କଥା ଭାବି ମାପ୍ପାଧରର ମନ ଭ୍ରାତୃପ୍ରେମରେ ହଠାତ୍ ବଦଳିଯିବାରୁ ଆମର ଘର ଛାଡ଼ି ସନ୍ନ୍ୟାସୀ ହେବା ପ୍ରସ୍ତାବ ସେଥରକ ଲଗି କାନ୍ଥ ଖାଇଗଲ । ଏବଂ ଆଜି ପର୍ଯ୍ୟନ୍ତ ବି ସେ ଚିନ୍ତା ଆଉ ଥରେ ହେଲେ ବି ମନକୁ ଜୁଟି ନାହିଁ । ଅବଶ୍ୟ ମନ ଭିତରେ ମୃଦୁ ଚିନ୍ତା ପଶିଗଲାଣି ।

ସାହିତ୍ୟରେ ତେଣୁ ଆମ କ୍ଲାସର ପିଲାମାନଙ୍କର ଖୁବ୍ ଭଲ ପ୍ରବେଶ ଥିଲ । ସେଥିଲଗି ସେମାନେ ମୋ ଲିଖିତ କବିତାକୁ ବେଶ୍ ପସନ୍ଦ କଲେ ମଧ୍ୟ, ମୋର କବିତ୍ୱ ପ୍ରତିଭାକୁ ବିଶ୍ୱାସ କଲେ ନାହିଁ । ସେମାନେ ବାରମ୍ବାର କହୁଥାନ୍ତି ଯେ ମୋ ଭଳି ଗଦ୍ୟ ସେମିତି କବିତା କେବେ ଲେଖି ପାରିବ ନାହିଁ । ମାତ୍ର ମୋର ପରମ ବନ୍ଧୁ ମାପ୍ପାଧର ସେମାନଙ୍କୁ ଛାଡ଼ୁ ନ ଥାଏ । ସେ ବରାବର ଜିଦ୍ କରି କହୁଥାଏ ଯେ ମୁଁ ଜଣେ ଭବିଷ୍ୟତରେ ବଡ଼ କବି ହେବି ଏବଂ ଏ କବିତାଟି ମୁଁ ଲେଖିଥିବା ସେ ନିଜ ଆଖିରେ ଦେଖିଛି । ମାପ୍ପାଧରର ଏତେଦୂର ଜିଦ୍ ଦେଖି—ମୋ କ୍ଲାସର ଜଣେ ପିଲା ମୋତେ ଚିଢ଼ି କହିଲା—

ତା' ହେଲେ ସେ କୋଉ କବିଙ୍କ ଲେଖାରୁ କପି କରିଥିବ ।

ଏ କଥା ଶୁଣି ମୋ ମୁଣ୍ଡରେ ବଜ୍ର ପଡ଼ିଗଲା । ମୁଁ ଅତ୍ୟନ୍ତ ଅପମାନିତ ମନେ କରି ଭିତରେ ଭିତରେ କାନ୍ଦୁଣି ମାଡ଼ୁଣି ହେଲି । କିନ୍ତୁ ମାପ୍ପାଧର ତଥାପି ସେମାନଙ୍କୁ ଛାଡ଼ୁ ନ ଥାଏ । ସେ ମୋର ଅନ୍ୟାନ୍ୟ କବିତା କଥା ମଧ୍ୟ ଉଲ୍ଲେଖ କଲ । ସେଇଠି ଦି'ଜଣ ପିଲା ମାପ୍ପାଧରକୁ ଧରି ସେହି କବିତାଟିକୁ ଆମ ସାହିତ୍ୟ ସାର୍‌ଙ୍କୁ ଦେଖାଇବା ଲଗି ଅଫିସକୁ ଗଲେ । ମୁଁ

Digitized by srujanika@gmail.com

ମଧ୍ୟ ତାଙ୍କ ପଛେ ପଛେ ଗଲା । ଅଫିସରେ ସାହବ୍ଟ୍ୟ ସାର୍ ନଥିଲେ ।କିନ୍ତୁ ଗଣିତ ସାର୍ ମୁହଁଟାକୁ ଭୟଙ୍କର ଗମ୍ଭୀର କରି ବସିଥିଲେ ଓ ତାଙ୍କ ଆଗରେ ଟେବୁଲ୍ ଉପରେ ତାଙ୍କର ବେତଟି ମଧ୍ୟ ଥୁଆ ହୋଇଥିଲା । ପିଲାମାନେ ମୋତେ ଅପମାନ ଦେବା ଲଗି ଏତେ ଉତ୍ତେଜିତ ହୋଇଥିଲେ ଯେ ସେଇ କବତାଟିକୁ ଅଙ୍କ ସାର୍‌ଙ୍କୁ ଦେଖେଇ କହିଲେ—ସାର୍ ! ଏ କବତାଟିକୁ ପଢ଼ନ୍ତୁ । ପ୍ୟାକୁ କୁଆଡ଼େ ମାଲମଣି ଲେଖିଛୁ ! ଗଣିତ ସାର୍ କବତାଟିକୁ ନେଇ ଅଙ୍କ ବହିରେ ମୁହଁ ମାଡ଼ି ପ୍ରଶ୍ନ ଗୁଡ଼ାକୁ ଦେଖିଲା ପରି ମନେ ମନେ କବତାଟି ପଢ଼ିଲେ । ତା'ପରେ କଣ ଭାବି ବେତଟିକୁ ଧରିଲେ ଓ ସେଇ ବେତଟା ମୋ ଆଡକୁ ନୁଆଁଇ ମତେ ତାଙ୍କ ପାଖକୁ ଡାକିଲେ—ହେପ୍ପ ! ଟୋକା ! ଏଠିକି ଆ ।

ମୁଁ ଡରି ଡରି ତାଙ୍କ ପାଖକୁ ଗଲି । ହାତ ଯୋଡ଼ିଲି ଭଲି କରି ଠିଆ ହେଲି । ସେ ମୋ ମୁଣ୍ଡରେ ବେତଟି ଛୁଆଁଇ ଧମକଲା ଭଳି ପଚାରିଲେ—

ଏ ପଦ୍ୟ ତୁ ଲେଖିଛୁ ? ସତ କହ । ନ ହେଲେ ତୋ' ପିଠି ଫଟେଇ ଦେବ ରେ ଛନ୍ନ ନମ୍ବର ଗଧା !

ମୁଁ ଡରି ଡରି କାନ୍ଦି କାନ୍ଦି ହୋଇ କହିଲି—ହଁ ସାର୍ ! ମୁଁ ଲେଖିଛି !

ଗଣିତ ସାର୍ ଫେର୍ ନାଲି ଆଖି କରି ମତେ ଧମକେଇଲେ—

ଗ୍ଲେପ୍ ଗଧା ! ଫେର୍ ମିଛ କହୁଛୁ ? ତୁ ପ୍ୟାକୁ କପି କରିନୁ ?

ମୁଁ ଏଥର ଜୋର୍‌ରେ କାନ୍ଦି ଉଠି କହିଲି—ନା, ସାର୍ । ମୁଁ କୋଉଠି କପି କରିନି । ନିଜ ବୁଦ୍ଧିରୁ ଲେଖିଛି । (ଭିତାଉ "ମନରୁ" ଶବ୍ଦଟି ଜାଗାରେ "ବୁଦ୍ଧି"ରୁ ଶବ୍ଦଟି କାହିଁକି ମୋ ତୁଣ୍ଡରୁ ବାହାର ପଡ଼ିଲ କେଜାଣି ! )

ଗଣିତ ସାର୍ ସେଇ ବେତରେ ମତେ ଘାଦ୍ୱାରେ ପକାଇ ତାଣ୍ଡବ କରି କହିଲେ—

Digitized by srujanika@gmail.com

ବୁଝିଚୁ ଲେଖିଛୁ ? ତୋର ପୁଣି ବୁଦ୍ଧି ? ସ୍ୱାଃପ—ଫେଡ଼ାଣ ଆସୁନ ସପ୍ତମ ଶ୍ରେଣୀରେ ପଢ଼ୁଛୁ ! ବାର କାହାଣ ପନ୍ଦର ପଣ କୋଉଠ ଅଛୁ କହିଲୁ !

"ତେଇଶି ନୁଆଁ ଦୁଇଶ ସାତ ପଣ ବାର କାହାଣ ପନ୍ଦର ପଣ"—ଏହା ମୁଁ ଜାଣିଥିଲେ ବି, ସେତେବେଳେ ସେହି ଘୋର ଦୁଃଖ ଆଉ କ୍ରୋଧ ବେଳାରେ ମୋର ସେତକ ମନେ ପଡ଼ିଲ ନାହିଁ । ମୁଁ କେବଳ ପାପୁଲାରେ ଆଖି ବୁଜ କାନ୍ଦିବାକୁ ଲଗିଲ ।

ଗଣିତ ସାର୍ ମୋ ପିଠିରେ ଆଉ ଥାପ୍ପାରେ ପକାଇ କହିଲେ—

ଯାଃ ପଳା । ସ୍ୱାଃପ ଗଧ କାହିଁକା ।

ମୁଁ ସେଠାରୁ ପଳାଇ ଆସି ବଞ୍ଚିଲ । ମୋର କ୍ଲାସ ପିଲାମାନେ ମହା ଆନନ୍ଦରେ ଗଡ଼ ଜଗଲ୍ଲ ପରି କୋଳାହଳ କରି କରି କ୍ଲାସକୁ ଗୁଲିଲେ । ମାସ୍ଟାଧର କନ୍ତୁ ଘୋର ନୈରାଶ୍ୟ ଓ ଦୁଃଖରେ ମୋ ସାଙ୍ଗେ ସାଙ୍ଗେ ଆସିଲ୍ଲ ଏବଂ ଆମେ ଦୁହେଁ ଆଜି କ୍ଲାସକୁ ନ ଯାଇ ସ୍କୁଲ ଗ୍ରୁଣ୍ଡ ପଳାଇଗଲୁ । ମାନ ଘରକୁ ଗଲୁ ନାହିଁ । ନଈ କୂଳଆଡ଼େ ଗଲୁ । ନଈ କୂଳରେ ଯୋଉଠି ଗୋଟାଏ ବାଲକୁଦ ଅଛୁ—ଏବଂ ତାର ସାମାନ୍ୟ ତଳକୁ ଯୋଉଠି ଗୁଡ଼ଏ ତାଳ ଗଛ ଅଛୁ—ସେଇଠି ଗୋଟିଏ ନାଗାରେ ଯାଇ ଆମେ ବସିଲୁ । ଦୁଇ ବନ୍ଧୁ ଚପ୍ ଗପ୍ ଢୋଇ ଆଜି । କେହି କାହାକୁ କଛୁ କଥା କହୁ ନ ଥାଉଁ । ଅଳ୍ପ କ୍ଷଣ ପରେ ମାସ୍ଟାଧର ପାଟି ଖୋଲଲ୍ଲ । କହିଲ୍ଲ—ଏ ସ୍କୁଲରୁ ଧର୍ମ ଗ୍ରୁଡ଼ଗଲ୍ଲଣି । କନ୍ତୁ ମୁଁ ସେ କବଡାଟି ନଣ୍ଟୁପ୍ପ ସାହିତ୍ୟ ସାର୍ ଙ୍କୁ ଦେଖେଇବ । ଏ ଗଣିତ ସାର୍ ଗୋଟେ କ ମଣିଷ ? ଅଙ୍କ କଷି କଷି ତା' ବଦନ ଯାଉଛୁ । ସାହିତ୍ୟ ସାର୍ ନଣ୍ଟୁପ୍ପ ସବୁ କଥା ଜାଣି ପାରିବେ ।

ମୁଁ ମାସ୍ଟାଧର ଆଡ଼କୁ ବଡ଼ ବଷର୍ଣ୍ଣି ଆଖିରେ ଗୁହିଁଲି ଏବଂ କରୁଣ ସ୍ୱରରେ କହିଲି—ନାଃ ! ଆଜି କାହାକୁ ସେ କବତା ଦେଖେଇବା ଦରକାର ନାହିଁ । ସେମାନେ କେହି ବଶ୍ୱାସ କରିବେ ନାହିଁ ଯେ ମୁଁ ସେଇଟି ଲେଖିଛୁ । ସାହିତ୍ୟ ସାର୍ ମଧ୍ୟ ଅଙ୍କ ସାର୍ ଙ୍କ ଭଳି ମତେ ସନ୍ଦେହ କରିବେ । କନ୍ତୁ ମାସ୍ଟାଧର ! ମୁଁ ଆମ କୁଡାମଚଣ୍ଡୀଙ୍କ ଗଣ ପକାଇ କହୁଛୁ—ମୁଁ ସାନ୍ତାସବୁ ଲେଖିଛୁ, କୋଉଠୁ କପି କରି ନାହିଁ ।

Digitized by srujanika@gmail.com

ମାସ୍ଟାରର ମୋର କଥାଶୁଣି କଛୁ ଉତ୍ତର ଦେଲ ନାହିଁ । କେବଳ ମୋର ହାତକୁ ଟାଣି ନେଇ ତାର କୋଳରେ ରଖି ଚୁପ୍‌ଚାପ୍ ବସିଲା । ସେଇଠ ମୁଁ କହିଲି—ବୁଝିଲୁ ମାସ୍ଟାରର ! ମୁଁ ଯାଉଛି—ମୁଁ ଯେବେ ବଡ଼ ହୋଇ ଆହୁରି ବହୁତ ବଡ଼ ବଡ଼ ପଦ୍ୟ ଲେଖିବି, ସେତେବେଳେ ଏହା ତାଙ୍କମାନେ ଜାଣିବେ ଯେ ମୁଁ କାହାଠାରୁ କପି ନ କରି ନିଜ ବୁଦ୍ଧିରୁ ସବୁ ଲେଖିଛି ।

ମାସ୍ଟାରର ମତେ ସାନ୍ତ୍ୱନା ଦେଇ କହିଲା—ଠିକ୍ କହୁଛୁ । କିନ୍ତୁ ସେ ଗଣିତ ସାର୍‌କୁ ଗୋଟେ ଶିକ୍ଷା ଦେବାକୁ ହେବ ।

ମୁଁ କହିଲି—ଚୁପ୍ ସେ କଥା । ଆ ଘରକୁ ପଳାଇବା ।

ଆମେ ଦୁହେଁ ଘରକୁ ଫେରିଲୁ । କିନ୍ତୁ ସେଦିନ ମୋ ମନ ଖୁବ୍ ଦବି ପାଇଥାଏ । ମୋର ହୃଦସ୍ପନ୍ଦନ ବଢାରି ହୋଇ ଯାଉଥାଏ । ସେଦିନ ସ୍କୁଲରେ ମତେ ଯୋଉ ଅପମାନ ମିଳିଲା, ମୋ ଜୀବନରେ ମୁଁ ସେମିତି ଅପମାନ ଆଉ କେବେ ପାଇ ନାହିଁ । ଅପମାନବୋଧ ମୋର ଜୀବନରେ ପ୍ରଥମ କରି ସେଇଦିନ ହିଁ ହେଲା । ତା' ପରେ ଦୁଏତ ବଉଳା ସମୟରେ ବଉଳା ଷ୍ଟେଜରେ ବଉଳା ଲୋକଙ୍କ ଦ୍ୱାରା ମୁଁ ଯେ ଖୁବ୍ ଅପମାନିତ ନ ହୋଇଛି, ତା' ନୁହେଁ । କିନ୍ତୁ ପରବର୍ତ୍ତୀ କାଳରେ ମୁଁ ଆଉ କାହାର ଅପମାନ ଇର୍ଷ୍ଟାକୁ ହୃଦସ୍ପନ୍ଦ ଭିତରେ ଘେନା କରିନାହିଁ । କାରଣ କ୍ରମଶଃ ମୋର ଧାରଣା ହୋଇଛି ଯେ, ଅପମାନ ଯେ ବିଷ—ଅବଶେଷରେ ସେହି ଲୋକହିଁ ଅପମାନିତ ହୁଏ । ଅପମାନକୁ ଗ୍ରହଣ ନ କଲେ ତାହାଁ ସେହି ଅପମାନକାରୀ ନକଟକୁ ଦିଗୁଣ ଶକ୍ତିରେ ଫେରସାଇ ତାକୁଇ ଆହାନ୍ତ କରେ । ମାତ୍ର ପିଲାଦିନର ସେ ଅପମାନ ମୁଁ ଆଜି ପର୍ଯ୍ୟନ୍ତ ବି ଭୁଲି ପାରି ନାହିଁ । ମୋର କଅଁଳ ମନରେ ସେ ଦିନ ଯୋଉ ଆଘାତ ଲଗିଥିଲା, ତାହାର ଜ୍ୱାଳା ଏ ପର୍ଯ୍ୟନ୍ତ ମଧ୍ୟ ମୋର ମନରେ ଅଛି । ଏବଂ ସେହି ବ୍ୟକ୍ତିଗତ ଗୋପନ ଜ୍ୱାଳାଟି ମତେ ଶିକ୍ଷା ଦେଇଛି ଯେ ନଗ୍ନତା ନରପଶୁ ଲୋକଙ୍କୁ ଜାଣତ ବା ଅଜାଣତରେ ଅପମାନ କଲେ-ତାହା ବଣୁର ମାନବାତ୍ମାର ମର୍ମକୁ ସମସ୍ତଙ୍କର ଅଲକ୍ଷ୍ୟରେ ଆଘାତ କରେ । ଜଣକର ଅପମାନ ସାରା ମାନବାତ୍ମାର ଅପମାନ ହୋଇଯାଏ । ମୁଁ ମୋ ଜୀବନରେ କାହାର ଆତ୍ମାକୁ ବାଧା ଦେଲି

Digitized by srujanika@gmail.com

ଲକ୍ଷ ଅନୁମାନ ହେଲ ନାହିଁ । ଜନ୍ମ ଉତ୍ସବରେ ଓ ମୋ ଜୀବନଭାଳ ଉତରେ ମୋ ବାପ ବଡ଼ଭେଇ ଅନୁମାନଙ୍କ ଦୋଇଚନ୍ତି କୋଳ ମୁଁ ପରେଶରେ ଦୃଷ୍ଟିବାକୁ ପାଇଛୁ । ମୁଁ ଜନ୍ମୁଛୁ—ତାଡା ଦୋଇଥିବ । ଏ ଦୃଶ୍ୟରେ ସଦଃ ଉତ୍ସାହୀ ଜଣମାନ । ଜନ୍ମୁ ଅନେ ମଧ୍ୟ ସବୁବେଳେ ସେ ସମ୍ଭବେ ଦେଉନ ନଥାନ୍ତି-ଓ ଅମର ଅଙ୍ଗଭାର-ପ୍ରମଣ୍ଡଳରେ ଜନ୍ମୁଛ ଥାପ୍ ଏ ଏଥରେ ଅଚଳାଚ ଦେଇଥାନ୍ତି । କେତେବେଳେ ବାଡା-ଦେହରେ ଗାଡ ବାଢ ଯାଇଥିବ, କେତେବେଳେ ବାଡ଼ା ମନ୍ଦିରେ ଅମ କଥାର କୁନ୍ତ ବାଳ ଯାଇଥିବ, କେତେବେଳେ ବା ଜଏ ଅମର ଚାହଲ୍‌ଜାଗ୍ର ଗୃହାଣୀର ଅଚାରଚର ଟାଉଁଚ ଉଡ଼ିଥିବ—ସେ କଥା ଅମେ କେମିତ ବା ଅସ୍ୱୀକାର କରିବା ? ସେଇଥି ଗାଇଁ ତ ଅଜ ଏନ୍ତୁ ଉଡାନ୍ତୁ ବାଡାଇଲ ମାନେ-ଯାଡା ଉପରେ ଅଖି ଉଡୁଛୁ—ମନେ ମନେ ଚାନ୍ତୁ ମୁଁ ନମୋ ନମୋ କରୁଥାଏ । ସେ କେତଟିଏ ଦେଲ ବ ବୁବୁରଟିଏ ଦେଲ-ଉଚ୍ଚଟିଏ ଦେଲ ବା ମଣିଷଟିଏ ଦେଲ । ବୈଷ୍ଣବ ମହାଜନମାନେ ମାନ୍ୟଜ୍ଞାନ ଯୋଡଟିକୁ ବ ବଡ଼ମାନ୍ୟ ପ୍ରଭୁଙ୍କର ଜବେଦନ କରିବାକୁ କହିଛନ୍ତି—ଜନ୍ମୁ ବଡ଼ମାନ୍ୟ ବ୍ୟକ୍ତକୁ ମଧ୍ୟ ଅମାନ୍ୟ କଲ ବଡ଼କେଳେ ଅମେ ମୁହଁ ଫେରାଇ ନେଇଯାନ୍ତୁ ।

ଚୁଡ଼ ସେ କଥା । ସେଥି ଦନଠାରୁ ଆଜ କେବେ ବ ମୋର କରତା କଥା ଅମ ଝିଅରେ ଆଜ ପଡ଼ନାହିଁ । ଜନ୍ମୁ ମୁଁ ମଧ୍ୟ ଅଙ୍କ ପାଠଟିକୁ ଆପ୍ତୁଛ କରିବାକୁ ଜଉଁ ଉତଲ । ମାଝ ସେ ପାଠ ମୋ ବହାଣ ଦେଲନାହିଁ । ଏ ଜନ୍ମରେ ବ ଦେବା କଥା ନୁହେଁ । ମୋ ଧାତୁରେ ସେ ପାଠ ଟିକ ନାହିଁ । ତଥାପି ଯୋଗାଯୋଗି କର ଜୌଣସି ମତେ ମାଇନର ପଛପାରେ ଅଙ୍କ ଖେତରେ ଯେମତେମ ପାସ୍ ମାର୍କ ରଖି ପାସ୍ କରଇଲ ।

ତା'ପରେ ଅସିଲ ମୋର ହାଇସ୍କୁଲ ପାଠଢ଼ୋ ଅଧ୍ୟାୟ । ଆମ ଗ୍ରାମରେ ତ ହାଇସ୍କୁଲ ନଥିଲ । ତେଣୁ ଆମ ଗାଁଠାରୁ ପ୍ରାୟ ବଶ ପନର ମାଇଲ ଦୂରରେ ଗୋଟିଏ ପ୍ରାଚୀନ ସମୃଦ୍ଧ ଗ୍ରାମରେ ନୂଆ ଡୋଇ ହାଇସ୍କୁଲଟିଏ ଡୋଇଥାଏ ଏବଂ ତାର ଜିଲ୍ଲା ନାମ ଭାକ ଡୋଇଥାଏ । ମୁଁ ସେଠିକ ଉଲ-ଜ୍ଞେଲରେ ରହି ପାଠ ପଢିଲ । ଏଇଠି ଜାଣ ମାସ୍ଟାଧର ସଙ୍ଗେ ମୋର ଅଂଶିକ ଜଜ୍ଞେବ ଡେଲ ।

Digitized by srujanika@gmail.com

ମୁଁ ତ ମେସିନ ଚଳେଇବା ଭଲ ଶିଖି ନଥିଲି । ତା' ଛଡ଼ା ଗଣିତ ଶିକ୍ଷୟିତ୍ରୀ ପ୍ରତି ମୋର ଟୋଲ୍ଲ ଆତଙ୍କ । ସେ ମାଡ଼ା ଦେଉ ପ୍ରଥମ ବର୍ଷ ପରେ ନବମ ଶ୍ରେଣୀରେ ମୁଁ ସଂସ୍କୃତ ଅର୍ଥନାଲ ନେଲି ଏବଂ ବାଧ୍ୟତା ମୂଳକ ଅଙ୍କ ପେପରଟିକୁ ଖୁବ୍ ମନ ଦେଇ ଜଣେ ଭଲ ଅଙ୍କ ଜାଣିଥିବା ପିଲା ମାଙ୍କେ ପଚାରିଲି । କୋଉଏ ପଣ୍ଡିତ ନମ୍ବର ରଖୁଥାଏ । ତା' ଛଡ଼ା ଆଲଜେବ୍ରା ବା ଜ୍ୟାମିତ ଓ ତ୍ରିକୋଣମିତ ମଧ୍ୟ ମତେ କଣ୍ଠ କଣ୍ଠ ନମ୍ବର ରଖିବାରେ ସାହାଯ୍ୟ କରୁଥାଏ । ମାଡ଼ ଏଇ ସ୍କୁଲରେ ମୋର ବନ୍ଧୁ ଗୁପ୍ତ ଗୁଣଗୁଡ଼ିକର ବିକାଶ ଲଗି ସୁଯୋଗ ମିଳିଲା । ଏଠାରେ ତର୍କ ସଭା, ହାତଲେଖା ପତ୍ରିକା, ବଉଳ ଖେଳ, ନାଟକ, ସ୍କାଉଟ୍ ଇତ୍ୟାଦିରେ ମୁଁ ଭାଗ ନେଇ ସ୍କୁଲରେ ଜଣେ ନେତୃ ସ୍ଥାନୀୟ ଛାତ୍ର ହୋଇଗଲି ଏବଂ ବଉଳ ଦଶରେ ମୋର କୃତିତ୍ୱ ପ୍ରକାଶ ପାଇବା ହେତୁ ଶିକ୍ଷକ ଓ ଛାତ୍ର ମହଲରେ ବେଶ୍ ଆଦୃତ ହେଲି । ଇତ ମଧ୍ୟରେ ମୋର ଦୈହିକ ସ୍ୱାସ୍ଥ୍ୟ ମଧ୍ୟ କ୍ରମଶଃ ଯୌବନ ଆଡ଼କୁ ଅଗ୍ରସର ହେଉଥିଲା ଏବଂ ଚେହେରାରେ ମୋର ଗୋଟାଏ ବ୍ୟକ୍ତିତ୍ୱ ମଧ୍ୟ ଫୁଟି ଉଠୁଥିଲା । ଘର ଗୋଡ଼, ବନ୍ୟା, କଲେରା ସେତେବେଳେ ଗାଁ ଗଣ୍ଡାରେ ଖୁବ୍ ପ୍ରବଳ ହେଉଥାଏ ଏବଂ ସେତେବେଳେ ଜଣେ ନେତୃ ସ୍ଥାନୀୟ ସ୍ୱେଚ୍ଛା ସେବକ ସ୍କାଉଟ୍ ଭାବେ ମଧ୍ୟ ଶିକ୍ଷକ ଓ ଛାତ୍ର ମହଲରେ ମୋର ଖୁବ୍ ସୁନାମ ହୋଇ ଯାଇଥାଏ ଏବଂ ବଜାରରେ ମଧ୍ୟ ମୋତେ ଲୋକେ ଖୁବ୍ ଜାଣିଗଲେ ଓ ଖୁବ୍ ସମ୍ମାନ ଦେଖାଇଲେ । ଦୋକାନୀମାନେ ବନାଦ୍ଧିଧାରେ ମତେ କାଳ ବାଙ୍କରେ ମଧ୍ୟ ପାନ ଓ ଜଳଖିଆ ବ ଦେଉଥିଲେ । ତା' ସଙ୍ଗେ ସଙ୍ଗେ ମୋର କବତା ଲେଖା ମଧ୍ୟ ବଢି ଘୁଲୁଲ ଏବଂ ସେ ସ୍କୁଲର ଘଣଶ ପିଲାଙ୍କ ଭିତରେ ପାଞ୍ଚ ଛଅ ଜଣ ଛାତ୍ର କବଙ୍କ ଭିତରେ ମୁଁ ଜଣେ ବୋଲି ଗଣ୍ୟ ହେଲି । ଏଠି କେହି ମୋର କବତାକୁ ଦେଖି କଟି କରିଛୁ ବୋଲି ସନ୍ଦେହ ମଧ୍ୟ କଲେ ନାହିଁ । ବରଂ ପ୍ରଶଂସା କଲେ । ପଢ଼ିଓ ସେତେବେଳକୁ ମୁଁ ଭଲ ଭାବେ ଜାଣି ପାରିଲିଣି ଯେ ସେହି ସ୍କୁଲରେ ଆଉ ଦୁଇଜଣ ଛାତ୍ର କବ ମୋଠାରୁ ଯଥେଷ୍ଟ ଭଲ କବତା ଲେଖୁଛନ୍ତି ଏବଂ ରଧାନାଥ ଛତ୍ରାବଳୀର ବଡ଼ ଫଂକ୍ସ ମୋ ଅପେକ୍ଷା ସେମାନଙ୍କର ଅଧିକ ମୁଖସ୍ଥ ଥିଲା । ମୋ ଉପରେ ମୁଁ ସେତେବେଳେ ମୋର ବ୍ୟକ୍ତିତ୍ୱର ସ୍ୱରୂପ ଉପରେ ଖୁବ୍ ସଚେତନ ହେଲିଣି ଏବଂ ଅନ୍ୟମାନଙ୍କ ଉପରେ ମୋର ବ୍ୟକ୍ତିତ୍ୱ ଓ ଗୁଣବତ୍ତାର ପ୍ରଭାବ

Digitized by srujanika@gmail.com

ସୃଷ୍ଟି କର ସାରଲଣି । ମୋ ଭଉଚୁ ସେହ୍ନ ମାଇଚଆ କଅଁଳ ଟ୍ରର୍ଣ କାଉର ବ୍ୟକ୍ତଉଚି ଲୋପ ଯାଇ ସାଇଥିଲ ।

ସେଚ୍ଚକ କେଲର କଥା । ମୋର ଜଣେ ଦଚଦଇ ଝିଅ ଭଉଣୀ ଧୋଇଆ ଗାଁରେ ଚବାହ କରଥିଲ । ସେ ଭଉଣୀଚି ପିଲଚନୁଁ ବାପ ମା' ଛେଉଣ୍ଡ ହୋଇ ଥିବାରୁ ମୋର ବାପା ମାଆ ତାକୁ ବଡ଼େଇ କୁଡ଼େଇ ବାଡ଼ା ଦେଇଥିଲେ । ଏବଂ ମୋର ସେହ୍ନ ଭଣୋଇ ଥିଲେ ଜଣେ ଅଚ୍ଚ ସରଳ ଭଦ୍ରଲୋକ । ସେ ଆମ୍ଭମାନଙ୍କୁ ଖ୍ୱବ୍ ଭଲ ପାଉଥିଲେ ଏବଂ ଆଗେ ମଧ୍ୟ ତାଙ୍କୁ ନଜ ଭଣୋଇଙ୍କଠାରୁ ଅଧିକ ମଣୁଥିଲୁ । ଆମେ କେବେ ତାଙ୍କ ଘରକୁ ଗଲେ ସେ କୋଚିନଧି ପାଇପାନ୍ତ୍ର । ମୋର ଦଚଦଇ ଝିଅ ଭଉଣୀଚି ଦୁଇଚି ପିଲଙ୍କୁ ଛୁଡ଼ ଅକାଳରେ ମରଗଲ । ସେଇ ଭଣୋଇଁ ମୋର ଆଉ ଦିଘାପୁ ବବାହ କଲେ ନାହିଁ । ଏବଂ ସେଥି ପୋଗୁଁ ତାଙ୍କର ଆମ ପ୍ରତି ସ୍ନେହ ସର୍ବଗ ଖ୍ୱବ୍ ବଢିଗଲ । ତାଙ୍କର ସ୍ୱଚ୍ଛଳ ପରିବାର—କନ୍ତୁ ସେ ଗାଁରେ କେହ୍ନ ମଧ୍ୟ ୪ର୍ଥ ଶ୍ରେଣୀ ଯାଏ ମଧ୍ୟ ପାଠ ପଢି ନଥାନ୍ତ୍ର । ଛଅ ଘରଘର ମୋଟେଚ ବ୍ରାହ୍ମଣ । ଏବଂ ଅନ୍ୟମାନେ ପ୍ରାପ୍ୟ ସମସ୍ତେ କୃଷୀ-ଗୁଡ଼ଆ, ତେଲା ଓ କରଣ । କୃଷ ଓ ବେପାର ସେ ଗାଁରେ ମୂଳ । କନ୍ତୁ ଗା ବାଲମାନେ ଖ୍ରସ୍ତ ଧାମିକ ଓ ସଂସ୍କୃତବନ୍ତ । ଖ୍ରଗବତ ଘର ଠାକୁରଣୀ ମନ୍ଦିର ଓ ମଡାଦେବଙ୍କ ମନ୍ଦିର ଥାଏ । ନାଚ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ହୁଏ । ପୁରାଣ, ଖ୍ରଗବତ ପଢା ଯାଏ । ବର୍ଷକେ ବଡ଼ବାର ମେଳା ମଉଚ୍ଛବ ହୁଏ । ରାସଲୀଳା, କୃଷ୍ଣଲୀଳା ହୁଏ । ଯାତ୍ରା ମେଳନ ହୁଏ । ଏବଂ ସବୁଠାରୁ ବଡ଼କଥା ଢେଲ ପାଠୁଆ ଲୋକଙ୍କ ପ୍ରତି ସେମାନଙ୍କର ଯୋଉ ଆଦର, ସମ୍ମାନ ଆଉ ଅଭ୍ୟର୍ଥନା । ତା' ପୁଣି ସେଇ ପାଠୁଆଚି ଯଦି ଇଂରଜୀ କି ସଂସ୍କୃତ ଖ୍ରଷା· ବି'ପଦ ଜାଣିଥାଏ । ତେବେ ତାଙ୍କ କି ବୟସ ନର୍ବିଶେଷରେ ସେ ସେହ୍ନ ଗ୍ରାମବାସୀଙ୍କ ଦ୍ୱାରା ଆଦୃତ ହୁଏ ।

ସେହ୍ନ ଗାଁରେ ଥାଏ ଗୋଟିଏ ଗୃହାଳୀ । ଏବଂ ବହୁ ବର୍ଷ ଧରି ସେଥିରେ ଜଣେ ମାଝି ବଂଶ ଅବଧାନ ମାସ୍ଟରୀ କରୁଥାନ୍ତ୍ର । ତାଙ୍କ ନାମ ମିଚ୍ଚୁ ଅବଧାନେ । ସେତେବେଳେ ତାଙ୍କୁ ଷାଠିଏ ଖଣ୍ଡେ ବୟସ ହେବ । ମୋ ଭଣୋଇ ମଧ୍ୟ ତାଙ୍କ ପାଖେ ପାଠ ପଢିଥିଲେ । ମିଚ୍ଚୁ ଅବଧାନ ଖ୍ରବ କଡ଼ା

Digitized by srujanika@gmail.com

ଓ ଝିପ ଝାଣିଆ ପଣ୍ଡିତ । ପ୍ରାଚୀନ ଗ୍ରନ୍ଥ ଓ ଗ୍ରୋପଦ୍ୟ ଗାଇବାରେ ତାଙ୍କର କେହି ସମକକ୍ଷ ନଥିଲେ ସେତେବେଳେ କୋଡ଼ଏ ଖଣ୍ଡ ମୌଜାରେ । ଶଙ୍କର ଭେଦ ଭଜନରେ ମଧ୍ୟ ତାଙ୍କର ଅଗାଧ ପ୍ରବେଶ ଥିଲା । ଗ୍ରାମର ବପ୍ତ୍ତ ପଣ୍ଡିତ ମାନଙ୍କୁ ବାଲ୍ୟକାଳରେ ପାଠପଢ଼ାଇ ଥିବାରୁ ସମସ୍ତ ଗ୍ରାମ ଉପରେ ତାଙ୍କର ଗୋଟାଏ ଗୁରୁତ୍ୱପୂର୍ଣ୍ଣ ଆଧିପତ୍ୟ ମଧ୍ୟ ଥିଲା । ସମସ୍ତେ ତାଙ୍କୁ ଡରୁଥିଲେ । ନ୍ୟାୟ ଜଣାପଡ଼ରେ ମଧ୍ୟ ସେ ସବ୍ଦଶେଷ ରପ୍ତ ଦେଇଥିଲେ । ଏବଂ ତାହା ବନାବରରେ ଆଜ୍ଞା ପ୍ରାପ୍ତ ଗ୍ରହୀତ ହେଉଥିଲା ।

ମିଚ୍ଛୁ ଅବଧାନେ ଦେଖିବାକୁ ବେଶ ଲମ୍ବା ପଣ୍ଡିତ । ପତଳା କନ୍ଥୁ ଦୃଢ଼ ଶଙ୍ଖର । ନାକତଳେ ପାଚଲା ଲମ୍ବା ଜଶ । ବେକରେ ତେଲରେ ପାଚ ପାଇଥିବା ତୁଳସୀ ମାଳ । ମୁଣ୍ଡରେ ସାନ ଚ୍ଟିକିଏ ବନ୍ଧା ହୋଇ ତା' ଭିତରେ କନଅର ବା କଠରମ୍ପା ଫୁଲଟିଏ ଖୋସା ହୋଇଥାଏ । ମୁଖମଣ୍ଡଳ ସାମାନ୍ୟ ଲମ୍ବା, ଏବଂ ଶିଘ୍ରଯୁକ୍ତ । ଆଖିର ଗୁଡ଼ାଣୀ ଖାଲ୍ ସ୍ପଷ୍ଟ, ଦୃଢ଼ ଓ ଆତ୍ମ ପ୍ରତ୍ୟୟ ଶୀଳ । ଧୋତ ଜମରେ ଚଦରଟିଏ ଅଣ୍ଟାରେ ବନ୍ଧା ହୋଇଥାଏ । କାନ୍ଧରେ ପାଚଲ ଗାମୁଛା । କାଖ ତଳେ ବହିଆଟିଏ । କପାଳ ଓ ବାହୁରେ ବୈଷ୍ଣବ ତିଳକ । ପାଟିରେ ପାନ ଜାକ ଗୋଟିଏ ପଟ ଗାଲ ଉଞ୍ଚା ଦଶୁଥାଏ । ହାତରେ ପାଚଲ ବାଉଁଟିଏ ଧରି ପାଦରେ କଠାଉ ମାଡ଼ି ସେ ଯେତେବେଳେ ଉଘା ଦୁଅନ୍ତି—ଗାଁର ତନପୁରୁଷଙ୍କ ମଥା ତାଙ୍କ ପାଖେ ନତ ହୋଇଯାଏ । ସତେ କ ଦେବଗୁରୁ ବୃହସ୍ପତି ବୁଢ଼ା !

ତାଙ୍କର ଆଉ ଗୋଟିଏ ବଶେଷ ଗୁଣଥିଲା । ତା ହେଲା—ପ୍ରାଚୀନ ସ୍ମରନ୍ତର ଗଣିତ ବଦ୍ୟାରେ ଅଗାଧ ପ୍ରବେଶ । ଓଡ଼ାଙ୍କ, ଫେଡାଙ୍କ, ଶୋଧୀ କାଣୀ, ନଳ ଇତ୍ୟାଦ ଅତ୍ୟନ୍ତ ଗୂଢ଼ ଅଙ୍କମାନଙ୍କର ରହସ୍ୟ ତାଙ୍କୁ ଜଣାଥିଲା । ଶୁଣାଯଏ— ତାଙ୍କ ପାଖେ ଲୀଳାବତୀ ସ୍ତ୍ରର ପ୍ରାଚୀନ ପୋଥି ରହିଛି । ଏବଂ ସେ ସବୁ ସେ ସାଧିଛନ୍ତି । କେବଳ ମୁଁ ନୁହଁ—ଅଙ୍କ ବଦ୍ୟାରେ ପ୍ରଗାଣ ବ୍ୟକ୍ତକୁ ଏ ପୃଥିବୀରେ ଯେ ସମସ୍ତେ ଡରନ୍ତି ତାହା ମୁଁ ସେଇ ଗାଁରେ ଜାଣିଲା । ସେ ଗାଁର ଲୋକେ କହନ୍ତି—ମିଚ୍ଛୁ ଅବଧାନେ ଗଣିତ ବଦ୍ୟାବଳରେ ଜଡ଼ ଯାଜଥିବା ଚଣ୍ଡେଇର ପର ଗଣି ଦେବେ । ବରଗଛର ପତ ଗଣି ଦେବେ । ଖଣ୍ଡିଏ କାଠରେ ଗୋଟିଏ ନଷତ ଠାରୁ ଆର ନଷତଟିର ଦୂରତା

Digitized by srujanika@gmail.com

ମାପି ଦେବେ । ସେଉଡ ବଡ ପୂରୁଣା ଗୋଖସ୍ତ ଦେଖି—ଛା କୂଳରେ ଠିଆ ହୋଇ ଗୋଖସ୍ତର ଗଭୀରତା ମାପି ଦେବେ । ସେତେବେଳେ ଅଚ୍ଛଣ୍ଡା ଅଙ୍କ ଦେଖି —ସେ ଛାକୁ ଛୁଟେଇ ଦେବେ । ଗଣିତ ବଦ୍ୟା ଜ୍ଞାସ୍ତ ଗହନ ବଦ୍ୟା । ମୋ ଭଉଣାଇଙ୍କ ଗ୍ରାମବାସୀଙ୍କର ଗୋଟେ ଗର୍ବ ଥିଲ ଯେ ତନ୍ନଶି ଖଣ୍ଡ ମୌଜାରେ ମିଚ୍ଛି ଅବଧାନଙ୍କୁ ଗଣିତ ବଦ୍ୟାରେ ଜଣ୍ଡିବ ଏମନ୍ତ ବଦ୍ୟାବନ୍ତ ପୁରୁଷ କେହି ନାହିଁ । ବଡ ବଡ ପାଠୁଆ କୁଣିଆ ଛାଙ୍କ ଗ୍ରାମକୁ ଆସିଛନ୍ତି—କନ୍ତୁ ମିଚ୍ଛ ଅବଧାନଙ୍କ ଗଣିତ ପ୍ରଶ୍ନର ଉତ୍ତର ଦେଇ ନପାରି ଛାଙ୍କ ପାଖେ ମଥାନତ କରି ପରାଜୟ ସ୍ୱୀକାର କରି ଫେରି ଯାଇଛନ୍ତି ।

ଏମନ୍ତ ମହମାବନ୍ତ ଷାଠିଏ ବର୍ଷର ବୃଦ୍ଧ ଗୁରୁ ଗଣ୍ଡାର ଗଣିତଜ୍ଞଙ୍କ ସହିତ ଯେ ଦିନେ ମୋର ସମ୍ମୁଖ ସମର ହେବ, ଏହା ମୋତେ ସେତେ-ବେଳେ ଜଣାନଥିଲ—ଯେତେବେଳେ ମୁଁ ଗୋଟାଏ ବଡ଼ ମେଲଣ ଦେଖିବାକୁ ଗ୍ରୀଷ୍ମ ଛୁଟିରେ ଛାଙ୍କ ଗ୍ରାମକୁ ଯାଇଥିଲ । ମୋର ସୌଭାଗ୍ୟକୁ ମୋର ପରମବନ୍ଧୁ ମାସ୍ଟାଧର ମଧ୍ୟ ମୋ ସଙ୍ଗେ ଯାଇ-ଥାଏ । ମୋର ସେଇଟା ଦଶମ ଶ୍ରେଣୀ । କନ୍ତୁ ମୁଁ ସେତେବେଳକୁ ନାନାବିଧ ଗୁଣ ଦୁର୍ଗୁଣରେ ଓସ୍ତାଦ୍ ବନ୍ନଗଲଣି । କଥା କହିବାରେ ମୋ ପାଟିରୁ ବାଟୁଳ ବାଜୁ ନଥାଏ । ନାନା ଜାଲଆଡ କରି ଜଜକୁ ଖସ୍ତପ ପରସ୍ତ ଛରୁ ଖସାଇ ନେବାର କୌଶଳ ମତେ ଖୁବ୍ ଜଣା ହୋଇ ଗଲଣି । ମୁଁ ଗୋଟିଏ ଖାକି କନାର ହାଫ୍‌ପ୍ୟାଣ୍ଟ ଓ ଧଳା ହାଫ୍‌ସାର୍ଟ ପିନ୍ଧିଥାଏ । ପକେଟରେ ଫାଉଣ୍ଟେନ୍ ପେନ୍ ଟିଏ ଖୋଷିଥାଏ । ଏବଂ ମୁଁ ଓ ମାସ୍ଟାଧର ମୋ କକେଇଙ୍କର ଫିଲପ୍ସ ସାଇକେଲରେ ଡବଲ୍ ରାଇଡିଂ କରି ନାନାବିଧ ଗପ୍ପାର, ଦଣ୍ଡା, ନଘାବନ୍ଧ ଓ ଶୁଶାନମାନ ପାର ହୋଇ ସେଇ ଗାଁରେ ଆସି ପହଁଚିଥାଉଁ । ମୋତେ ଦେଖି ମୋ ଭଉଣାଇ ଓ ଛାଙ୍କ ଗ୍ରାମବାସୀ ଜ୍ଞାସ୍ତ ଖୁସି ହୋଇ ଗଲେ । ଏବଂ ଆମ ସାଇକେଲ୍ ବା ଶୁନଗାଡ଼ିକି ମଧ୍ୟ ସେଇ ଗ୍ରାମର ଆବାଳବୃଦ୍ଧ ବନିତା ସମସ୍ତଙ୍କର ବସ୍ତୁସ୍ତ କୌତୁହଳ ଓ ଆନନ୍ଦ ଜନକ ଦୃଷ୍ଟି ଆକର୍ଷଣ କଲ୍ । ମୋ ଭଉଣାଇ ଖୁବ୍ ଗର୍ବରେ ଛାଙ୍କ ଗାଁବାଲଙ୍କୁ ଜଣାଇ ଦେଲେ ଯେ ଛାଙ୍କର ଏହି ଗୁଣସାଗର ଶ୍ୟାଲକଟି ଅତ୍ୟନ୍ତ ବୁଦ୍ଧି-ମାନ ଓ ପାଠରେ ବଡ ବରଷଣ—ଏବଂ ବର୍ତ୍ତମାନ ଏଣ୍ଟନେସ୍‌ରେ ଇଂରେଜୀ ପଢା କରୁଛନ୍ତି ।

Digitized by srujanika@gmail.com

ଏହା ଶୁଣିବା ମାତ୍ରେ ଗ୍ରାମବାସୀମାନେ ମୋତେ ଖୁବ୍ ସମ୍ଭ୍ରମ କରି ଗ୍ରହଣ କଲେ । କେହି କେହି ବପ୍ତିସ୍ମ ବ୍ୟକ୍ତି ମଧ୍ୟ ତ କରି ଏହି ପରର ବର୍ଷ ବପ୍ତିସ୍ମ ପ୍ରଦାନ କରିବାର ଏଣ୍ଟନେସ୍ ଇଂରେଜୀ ପାଠ୍ୟାଙ୍କ ଉଦ୍ଦେଶ୍ୟରେ ସଭକ୍ତି ପ୍ରଣିପାତ ମଧ୍ୟ ଜଣାଇଲେ । କେହି କେହି ମଧ୍ୟ ସହୃଦୟତା ଗଳାରେ ବନପ୍ତି ଦେଖାଇ କହିଲେ — ଆପଣଙ୍କ ଭଳ ଲୋକ ଆମର ଏଇ ମୂର୍ଖ ମଳ ମୁଣ୍ଡିଆ ମଫସଲ ଗାଁରେ ପାଦ ପକାଇଲେ ଏଇଟା ଆମର ବଡ ସୌଭାଗ୍ୟ । ଏସବୁ ଶୁଣି ମୁଁ ଖୁବ୍ ଆତ୍ମ ପ୍ରସାଦ ଅନୁଭବ କରୁଥାଏ — ଏବଂ ମୋର ସାଙ୍ଗ ମାପ୍ଟାଧର ମୋର ପ୍ରଶଂସାରେ ଅତ୍ୟନ୍ତ ଉତ୍ସାହିତ ହୋଇ ମୋର ଅନ୍ୟାନ୍ୟ ଗୁଣ—ଯଥା ମୁଁ ଜଣେ·କବି—ଏହି କଥାଟି ସମସ୍ତଙ୍କ ଅଗରେ ଘୋଷଣା କରୁଥାଏ । ଏବଂ ମୋର ଶ୍ୟାଲକ ବହୁତ ଉତ୍ତୋଳି ସାଁନ୍ତଙ୍କ ଗୋଡ ଆଡ଼ ତଳେ ଲଗ୍ନ ହୋଇଥାଏ । ଆନନ୍ଦରେ ତାଂକର କଣ୍ଠ ଗଦ୍‌ଗଦ୍ ହୋଇ ପାଉଥାଏ ।

ଏହିପରି ସ୍ତବେ ଦୁଇଦିନ ଖୁବ୍ ଆନନ୍ଦରେ କଟିଗଲା । ଶିଆ ପିଆର ଧୂମ୍ ଉଡ଼ିଲା । ଗୋଟିଏ ଦିନ ମଧ୍ୟ ମେଳନ ଦେଖିବାକୁ ଗଲୁ ପାଖ ଗାଁକୁ । ତା'ପରେ ଆମର ଫେରି ଆସିବା କଥା । ମାତ୍ର ସେ ଗାଁରେ ଆଉ ଦି'ଦିନ ମୁଁ ରହିଗଲି । ଏବଂ ମୋ ଫେରିବାର ପୂର୍ବଦିନ ସ୍ତବ୍ଧରେ—ଆମେ ଦାଣ୍ଡ-ଘରେ ବସି ତାସ୍ ଖେଳୁଛୁ—ଏବଂ ଆମ ପାଖରେ ମଧ୍ୟ କେତେକ ଗ୍ରାମବାସୀ ଦେଖଣାହାରୀ ବସିଥାନ୍ତି । ମଝିରେ ମଝିରେ ମୁଁ ନାନାଦି ବାହାଦୁରିଆ କଥା ଗପି ସମସ୍ତଙ୍କର ମନୋରଞ୍ଜନ କରୁଥାଏ । ଇଂଲଣ୍ଡ, ଆମେରିକା, ପୋଲଣ୍ଡ, ଜର୍ମାନୀ, ରୁଷିଆ, ବୋମା, ଗାନ୍ଧୀ, ନେହେରୁ ସୁଭାଷ ବୋଷ, ହିଟଲର, ମୁସୋଲିନ୍, ଚର୍ଚ୍ଚିଲ, ସ୍ୱାଧୀନତା, ଜାଲିଆନା ବାଗ୍, ଚରଖା, ସତ୍ୟାଗ୍ରହ ଇତ୍ୟାଦି ନାନା ଅଶ୍ରୁତପୂର୍ବ ବିଚିତ୍ରନାମ ଓ ଘଟଣାମାନ ମୋର ବାହାଦୁରିଆ ଉତ୍ତେଜିତ କଣ୍ଠରୁ ଶୁଣିବା ବେଳେ ଆଁକୁ ଆଁ କରୁଛନ୍ତି ତାସ୍ ଖେଳ ବନ୍ଦ ହୋଇ ଯାଉଥାଏ । ଏବଂ ସେ ଗାଁ ବାଳମାନେ ମୋତେ କଣ ନାଇଁ କଣ ବୋଲି ମନେ କରୁଥାନ୍ତି ।

ଏହି ସମୟରେ କଠାଉ ଠକ୍·ଠକ୍ ସଙ୍ଗେ ଗଳାର ଖଣ୍ଡି କାଶ ଶୁଣାଗଲା । ଏବଂ ପୁଅ ବୋଡ଼ୁକୁ ଧରି ଅଯୋଧ୍ୟା ପଥରେ ଆସୁଥିଲା ବେଳେ

Digitized by srujanika@gmail.com

ରାଜା ଦଶରଥ ହଠାତ୍ ପର୍ଶୁରାମଙ୍କ ଆଗମନର ଅବ୍ୟବହିତ ପୂର୍ବ ଏକ ଭୟଙ୍କର ଅଶୁଭ ସଙ୍କେତର କମ୍ପନ ପାଇ ଅଶ୍ୱସ୍ତି ଅନୁଭବ କଲ୍‌ଭଳି ଆମେ ସମସ୍ତେ ଅନୁଭବ କଲୁ । ମୋ ଭଣୋଇଙ୍କ ସମେତ ଗ୍ରାମବାସୀମାନେ ସତର୍କ ହୋଇ ଗଲେ । ହଠାତ୍ ମୋର ଭଣୋଇ ଜୋରରେ କହିଲେ—ଆରେ ହେ ରାସ୍ ବନ୍ଦ କର । ମାଷ୍ଟ୍ରେ ବୋଧେ ଆସୁଛନ୍ତି ।

ତାଙ୍କ କଥା ତାଙ୍କ ପାଟିରୁ ସମ୍ପୂର୍ଣ୍ଣ ବାହାର ନାହିଁ, ସତକୁସତ ମିଛୁ ଅବଧାନ ବାଡ଼ଝିଧର କଠାଜଙ୍ଘି ବାହାରେ ରଖି ଘର ଭିତରକୁ ପଶି ଆସିଲେ । ସମସ୍ତେ ଠିଆ ହୋଇଗଲେ । ମୁଁ କନ୍ତୁ ଗର୍ବିତ ହୋଇ ବସି ରହିଥାଏ । ମୁଁ ତାଙ୍କ ଆଡକୁ ଚାହିଁଲି । ବାପ୍‌ରେ କ ପ୍ରଚଣ୍ଡ ବ୍ୟକ୍ତିତ୍ୱ । କ ଅଭିଜାତ ଆତ୍ମପ୍ରତ୍ୟୟୀ ଶୀଳ ଆଉ ବୁଦ୍ଧିଦୀପ୍ତ ଦୃପ୍ତ ଗର୍ବିତ ଠିଆ ହୋବାର ଭଙ୍ଗୀ ଆଉ ଚାହାଣୀ । ପ୍ରଥମେ ମୁଁ ଟିକେ ଶଙ୍କି ଗଲି । ସେ ମୋ ଆଡକୁ କଟମଟ କରି ଚାହିଁ ରହିଥାନ୍ତି । କନ୍ତୁ ମୁଁ ଠିଆ ହୋଇ ତାଙ୍କୁ ନମସ୍କାର କଲାପରେ ତାଙ୍କର ଚାହାଣୀ ନରମ ହୋଇ ଆସିଲା । ସେ ଆସନ ଗ୍ରହଣ କଲେ ଓ ଅନ୍ୟ ଟୋକା, ଦରବୁଢା ଓ ବୁଢାମାନେ ତାଙ୍କର ଖୁବ୍ ଗୌରବ, ବାଧ୍ୟ ବାଳ-ଶିଷ୍ୟମାନଙ୍କ ଭଳି ତାଙ୍କୁ ଘେରି କରି ବସିଲେ । ତାଙ୍କର ବସିବା ଭଙ୍ଗୀଟି ମଧ୍ୟ ସେହିପରି ଦୃଢ ଓ ଅଭିଜାତ । କିଛି ସମୟ ଗୌରବ ହେଲା ପରେ ସେ ମୋ ଭଣୋଇଙ୍କ ଆଡକୁ ଚାହିଁ ଖୁବ୍ ଗମ୍ଭୀର ଗଳାରେ ପଚାରିଲେ— ଏଇ ବାବୁ ପରା ତୁମର ଶଳା ? ମୋ ଭଣୋଇ ସାମାନ୍ୟ ସଙ୍କୁଚ ଅଥଚ ଖୁବ୍ ଗୌରବ ବୋଧ ସହିତ କହିଲେ— ଆଜ୍ଞା ହଁ । ମୋର ମଝିଆ ଶଳା ।

ତା'ପରେ ମାଷ୍ଟ୍ରେ ମୋ ଆଡକୁ ଚେରେଇ କରି ବେଶ୍ କର୍ତ୍ତୃତ୍ୱ ବ୍ୟଞ୍ଜକ ଗଳାରେ ପଚାରିଲେ— କୋଉଯାଏ ବଦ୍ୟା ପଢିଲେଣି ?

ମୋ ଭଣେଇ ସାମାନ୍ୟ ହସି ହାତ ମଳ ମଳ କହିଲେ—ଆଜ୍ଞା । ଏଣ୍ଟ୍ରେନସ୍‌ରେ ଇଂରେଜୀ ପଢା କରୁଛନ୍ତି । ଦଶମ ଶ୍ରେଣୀ ।

ଗ୍ରାମବାସୀମାନେ ଆଖି ଚରାଇ ଥରେ ମୋ ଆଡକୁ ଓ ଥରେ ମାଷ୍ଟ୍ରଙ୍କ ଆଡକୁ ଚାହୁଁଥାନ୍ତି । ସେମାନେ ଦୁଇ ବଶିଷ୍ଠ ବଦ୍ୱାନ ବ୍ୟକ୍ତିଙ୍କୁ ଦେଖୁଥାନ୍ତି ।

Digitized by srujanika@gmail.com

ଜଣେ ଆଧୁନିକ ଯୁଗର ଇଂରେଜୀ ଶିକ୍ଷାପ୍ରାପ୍ତ ବ୍ୟକ୍ତି—ଯୋଉ ବିଦ୍ୟା-ବଳରେ ଜଣେ ପୋଲିସି ସାହେବ ହୋଇ ପାରେ— ଦୋପଟି ମାଜିଷ୍ଟ୍ରେଟ ହୋଇ ପାରେ— ଆକାଶରେ ବେମ୍‌ଯାନ୍ ଉଡାଇ ପାରେ— ରେଳଗାଡ଼ି ଚଳାଇ ପାରେ ଇତ୍ୟାଦି ଇତ୍ୟାଦି । ଏବଂ ଆଉ ଜଣେ ଆମର ଦେଶିଆ ମରହଟ୍ଟି ବିଦ୍ୟାରେ ଧୁରନ୍ଧର ଯୋଉ ବିଦ୍ୟା ବଳରେ ଜଣେ ଉଡ଼ି ଯାଉଥିବା ଚଢେଇର ପର ଗଣି ଦେଇ ପାରେ-ଚନ୍ଦ ଚୌପଦୀ ଗାଇ ପାରେ-ପିଣ୍ଡ ବ୍ରହ୍ମାଣ୍ଡ ଚତ୍ତ୍ୱ ବଖାଣି ପାରେ ।

ସେଇଠି ମାଷ୍ଟ୍ରେ ମୋ ଆଡକୁ ଗୁହାଁ ପଚାରିଲେ—ବାବୁଙ୍କର ତ ସାହିତ୍ୟ ନଷ୍ଟେ ପଢା ହେଉଥିବ ? କ'ଣ ସବୁ ପଢ଼ା ହେଉଛି ?

ମୁଁ ଖୁବ୍ ଗମ୍ଭୀର ହୋଇ କହିଲି—ରାଧାନାଥଙ୍କ "ଉଷା" କାବ୍ୟ ।

ମାଷ୍ଟ୍ରେ ପଚାରିଲେ—ଉଷା ନା ଉଷା ହରଣ ?

ମୁଁ କହିଲି—ନା-ନା ଉଷା ହରଣ ନୁହେଁ—ଉଷା ।

ମାଷ୍ଟ୍ରେ କହିଲେ "ଉଷା" ବୋଲି କାବ୍ୟଟା ଏ କୁଆଡୁ ଆସିବ ? ବାଣାସୁରର ଝିଅ ଉଷାକୁ ଶ୍ରୀକୃଷ୍ଣଙ୍କ ପୁତ୍ର ଅନିରୁଦ୍ଧ କପଟ ହରଣ କଲେ ସେଇ ବିଷୟ ତ ?

ମୁଁ କହିଲି ଆଜ୍ଞା ନା-ନା । ଆପଣ ସେ ପୁରୁଣା କାବ୍ୟ କଥା କହୁଛନ୍ତି । ଆମେ ପଢୁଛୁ କନ୍ତୁ କବିବର ରାଧାନାଥ ରାମ୍ବାବାହାଦୁରଙ୍କ ଉଷା ଉଷା କାବ୍ୟ । ଆଧୁନିକ । ଉଷା ଓ ଜୟନ୍ତଙ୍କ କଥା ।

ମିନ୍ଟୁ ଅବଧାନେ ସାମାନ୍ୟ ଅପ୍ରସ୍ତୁତ ହୋଇଗଲେ । ସେ ରାଧାନାଥଙ୍କର କୌଣସି କାବ୍ୟ ପଢି ନଥିଲେ । କବିସୂର୍ଯ୍ୟ ଗୋପାଳକୃଷ୍ଣଙ୍କ ପରେ ତାଙ୍କୁ ଆଉ କୌଣସି କବି ବା କାବ୍ୟ ଜଣା ନଥିଲା । ସେ ବୋଧେ ପ୍ରଥମ କରି ତାଙ୍କର ଜ୍ଞାନ ବଳସ୍ଫୁର ସୀମା ସଂପର୍କରେ ସଚେତନ ହେଲେ ଓ କଂଚଡ଼ ଦବିଗଲେ ମଧ୍ୟ । ମାତ୍ର ତାଙ୍କ ବ୍ୟକ୍ତିତ୍ୱରେ ଏହି ଗ୍ରାମରେ ଆଇ ବର୍ଷ ବର୍ଷ ଧରି ଏତେ ଦୂର ସୁଗଠିତ ଓ ଦୃଢ଼ ହୋଇ ସାଇଥିଲା ଯେ ସେ ସାମାନ୍ୟ ମାତ୍ର ଦୋହଲି ଗଲେ ନାହିଁ । ବରଂ ତାଙ୍କର ମହିମା ଏହି

Digitized by srujanika@gmail.com

ଗୋଟାଏ ଭଲ ଗ୍ରାମାଗତ ମେଂଚଡ଼ ଟୋକା ଦ୍ୱାର ସାମାନ୍ୟ ଆହାର ଦେବାକୁ ଯାଉଛୁ ଜାଣି ସେ ଖୁବ୍ ଗୋଟିଏ ମାଷ୍ଟ ର ସ୍ୱରୂପ ବାକ୍ୟ କହିଲେ—

ଆଧୁନିକ ଯୁଗରେ ଆଜ କାବ୍ୟ କାହିଁ ? ଉପେନ୍ଦ୍ର ଭଞ୍ଜ, କବି ସୂର୍ଯ୍ୟ, ଅଭିମନ୍ୟୁଙ୍କ ପଦ ପର ଆଜ କଏ ପଦ ବନ୍ଦୀ କର ପାରିବ ? ସେମାନଙ୍କୁ ମା' ସ୍ୱରସ୍ୱତୀ ପ୍ରସନ୍ନ ହୋଇ ବର ଦେଇଥିଲେ । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରୁ ଗୋଟାଏ ଧାଡ଼ୀରୁ ପନ୍ଦରଟା ଅର୍ଥ ବାହାରିବ । ଏଇ ଶୁଣ—

ଅହ୍ନ ମକର ଛାପ ନାଶେ ଶୋଭା ସାରସ ଚଞ୍ଚୁ
ଅହ୍ନ ମକର ଛାପ ନାଶେ ଶୋଭା ସାରସ ଚଞ୍ଚୁ
ବଶ ପ୍ରକାଶିବ ସୁମନ ଶର ସୁମନ ଶର
ମଦ୍ନା କ ଆଣିଲା ସୁମନ ଶର-ଧୂମନ ଶର !

ଏତେକ ସୁର ଧରି ନିଜ ହାତରେ ତାଳ ପକାଇ ଗାଇ ଦେଇ ସେ ତାର ଅନ୍ତତଃ ପନ୍ଦରଟା ଅର୍ଥ କାଢିଲେ । ସମବେତ ଗ୍ରାମବାସୀ ଆଶ୍ଚର୍ଯ୍ୟ ହୋଇ ଏବଂ ଭସ୍ମାଚ୍ଛାଦିତ ହୋଇ ମିଚ୍ଛା ଅବଧାନଙ୍କର ଏହି ବଚନ ଜ୍ଞାନ ବୁଦ୍ଧିର ମହିମା ଦେଖିବାକୁ ଲାଗିଲେ । ଏବଂ ତାଙ୍କ ଆଗରେ ମୋର ଇଂରେଜୀ ପଢୁଆ ବୁଦ୍ଧି ବଦ୍ୟାର ପରାଜୟ ସୁନିଶ୍ଚିତ ଜାଣି ମୋ ପ୍ରତି ସଦ୍ଭାନୁଭୂତିଶୀଳ ହୋଇ ପ୍ରମାଦ ଗଣିବାକୁ ଲାଗିଲେ । ମୋ ଭଣୋଇଙ୍କ ମୁହଁ ମଧ୍ୟ ଟିକେ ମଳନ ପଡ଼ିଗଲା । ହଠାତ୍-ମାସ୍ଟାଧର ଅନାହୂତ ଭାବେ ବଡ଼ ପାଟିରେ କହିଲା—ନୀଳମଣି ବାବୁ ବର୍ତ୍ତମାନ ପ୍ରଧାନାଥଙ୍କର କେତୋଟି ପଦ ବୋଲନ୍ତୁ । ଶୁଣିବା !

ଆଶ୍ଚର୍ଯ୍ୟ କଥା । ସତେ କି ଗ୍ରାମବାସୀମାନେ ଏଇ କଥା ଗୁହଁ ଥିଲେ ! ତେଣୁ ସମସ୍ତେ ଏକ ସ୍ୱରରେ ସମର୍ଥନ କରି କହିଲେ—ହଁ-ହଁ-ନୀଳମଣି ବାବୁ ତାଙ୍କ ବଦ୍ୟାରୁ ପଦେ ଦ'ପଦ ବୋଲନ୍ତୁ ।

ମୁଁ ସଙ୍ଗେ ସଙ୍ଗେ ସଙ୍ଗେ ମୋର ମଧୁର କଠୋର ଗଳାରେ କହିଲି—ଶୁଣନ୍ତୁ ! କବିବର ପ୍ରଧାନାଥ ରାୟ ବାହାଦୁର ଉଷା ଓ ଜୟନ୍ତର ପ୍ରଣୟ

Digitized by srujanika@gmail.com

ଭାବକୁ କପଟ ସରଳ ମଧୁର, ଅଥଚ କ ଅପୂର୍ବ ଭାବ ଦେଇ ବର୍ଣ୍ଣନା କରୁଛନ୍ତି ! ବ୍ରଜକୁମାର ଜପୁନ୍ତକୁ ଦେଖି ନ ବୁଝି ଜେମା ଉଷା ଭାବୁଛନ୍ତି—

ଏ ରୂପ ମାଧୁରୀ କାହିଁଥିଲ ପୁଣି
ଭୁବନେ ଲୁଚ ?
ଥରେ ପିଇ ଆଢା ! ପାରିବ କ ଛାଡି
ନେତ୍ର ମୁରୁଛୁ ?
ବଧାତା ସୌନ୍ଦର୍ଯ୍ୟ ସୃଷ୍ଟିରେ ସାର ଏ
ବ୍ରଜ କଶୋର
ଦୋଇ ନଥିବଟି କେତେ ରସବତ୍ତା
ହୃଦପ୍ର ଗୋର !

ଇତ୍ୟାଦି ଇତ୍ୟାଦି ପଦମାନ ମୋ ଗଲାରୁ ଶୁଣିବା ମାତ୍ରେଇ ଗ୍ରାମବାସୀମାନେ କରତାଳ କଲେ ଓ ମୋର ବୁଦ୍ଧି ବଦ୍ୟାକୁ ବଯୁଳ ସମର୍ଥନ ଜଣାଇଲେ । ମୋତେ ବୋଧ ହେଲ—ସତେକ ଏହି ଗ୍ରାମର ଅଧିବାସୀମାନେ ବର୍ଷ ବର୍ଷ ଧରି ଏହି ସ୍ୱନାମଧନ୍ୟ ବଦ୍ୱାନ୍ ଚକ୍ରବର୍ତ୍ତୀ ମିଚ୍ଛୁ ଅବଧାନଙ୍କ ଶାସନରେ ରହି ଖୁବ୍ ଅତ୍ତୁଷ୍ଟ ହୋଇ ଉଠିଲେଣି । ସତେକ ସେମାନେ ନିଜ ନିଜ ଅନ୍ତଃକରଣରେ ଛାଙ୍କଠାରୁ ମୁକ୍ତ ହୁଡୁଁଥିଲେ । ଛାଙ୍କର ପଢନ ହୁଡୁଁଥିଲେ ଓ ଛାଙ୍କର ଅସ୍ତ୍ର ମଧ୍ୟ ହୁଡୁଁଥିଲେ । କେହି ଜଣେ ଆଧୁନିକ ବଦେଶୀ ବଦ୍ୱାନ ଆସି ଏହି ମରଦ୍ୱାଟିକୁ ଅମଳର ଅତ୍ୟନ୍ତ ଅହଙ୍କାରୀ ଦୃପ୍ତ ଓ ଆଧୁନିକତା ବରୋଧୀ ବଦ୍ୟାଧାରୀଟିକୁ ଫପୂର୍ଣ୍ଣି ପରସ୍ତ କରି ଏ ଗ୍ରାମ ଅଧିକାର କରୁ ଓ ସେମାନଙ୍କୁ ନୂତନ ଜୀବନ, ଆଲୋକ ଓ ଦିଗ ଦେଖାଉ ଏହାହିଁ ସତେକ ଥିଲ ସେମାନଙ୍କ ଅବଚେତନର ଗୂଢ଼ ଅଭିଳାଷ । ସେମାନେ ସମସ୍ତେ ମୋ ତୁଣ୍ଡରୁ ବାହାରିଥିବା ଉଷା କାବ୍ୟର ପଦ ଗୁଡିକୁ ଖୁବ୍ ପ୍ରଶଂସା କରିବାକୁ ଲଗିଲେ ।

ମୁଁ ମିଚ୍ଛୁ ଅବଧାନଙ୍କ ମୁହଁକୁ ଘୁନ୍ଧିଲି । ଦେଖିଲି ଯେ ସେ ଏତକରେ ହାରିଯିବା ଲୋକ ନୁହନ୍ତି ! ଛାଙ୍କ କାନ୍ଧରେ ଫଗ୍ରାମ ଲଗି ଯେଉଁ ତୁଣୀର ଝୁଲୁଛୁ—ସେଥିରେ ବଡ଼ ପ୍ରାଚୀନ ଗୁଡ଼ଜର୍ମା ଦେବଦତ୍ତ ବଶିଷ୍ଠ ଶର୍ମାନ

Digitized by srujanika@gmail.com

ରହିଛୁ । ପାଣୁପଡ ଠାରୁ ବ୍ରୁଟ୍ଟାସ୍‌ପାଏ । ସେ ଏଡକରେ ହାରିପିବେ କପଣ ? ସାମାନ୍ୟ ମାନ ବଚଳଚ ନ ଦେଇ—ସେ ପୁଣି ପ୍ରଶ୍ନ କଲେ—

ଏ କବତା ଲଳଚ ସତ, କନ୍ତୁ ଏଥିରେ ମାଲ ମସଲା କାହିଁ ? ଅନୁପ୍ରାସ, ଜମକ, ଅବନା, ଶୃଙ୍ଖଳା ବନ୍ଧ, ଦଉଚ୍ୟୁଚାଖର, ପ୍ରବକଚ ଗୁର ଅର୍ଥ, ଗୋମୁନ୍ଦ, ଅଜାଯୁଦ୍ଧ, ମେଷଯୁଦ୍ଧ—ଏସବୁ ନ ଥିଲେ ସେ କ କାବ୍ୟ ? ଆଉ ମଧ୍ୟ ସେ କ କବ ? ସେମିଡ କଣ ଆମ ଗାଁ । ମାଇପେ ଶାଶୁ ଘରକୁ ଗଲ୍‌ବେଳକୁ ପଦ ଫାଡ ବୋଲୁ ନାଦାନ୍ତ କ ? "ଦୁବ ବଡ଼ ଥିଲ କାକର ଖାଇ କ ବୋଉ ମୋର । ମୁଁ ଚ ବଡ଼ ଥିଲ ଚୋ ସ୍ନେହ ପାଇକ ବୋଉ ମୋର !"

ଏ କଣ କାବ୍ୟ ? ନା' ଏଥିରେ କଛୁ ପ୍ରୌଢ ଭାଷା କ ଭାବ ରହିଛୁ ? ଆମ ଗ୍ରାମ୍ୟମାନଙ୍କରେ ଏମିଡ ପଦସବୁ ରହିଛୁ—ଯେଡ଼େ ପଣ୍ଡିଚ ହେଉ ନା' ଦାନ୍ତ ଝଡ଼ିପିବ ।

ମୁଁ ସେଇଠି ଗୋଟାଏ ବାହାପିଆ ବାଣ ଛାଡ଼ କହିଲ—ଆମ କବବର ବ୍ରଧାନାଥ ବ୍ରସ୍ତ ସାହାସବୁ ଲେଖିଛନ୍ତି—ତାର ଅବକଳ ନକଲ କରିଛନ୍ତି ଇଂଲଣ୍ଡର ମହାକବ ଟେନସନ—ଶୁଣନ୍ତୁ ! କବବର ଲେଖିଛନ୍ତି ତାଙ୍କର ଚଲକା କାବ୍ୟରେ—

ହସିଖେଳ ସେଡୁ ଗମନ୍ତ ସମସ୍ତ, ଜୀବନ ମଣନ୍ତ ମହୋତ୍ସବମସ୍ତ
ଛାର ଭଗ୍ୟ ମୋର ବହିଡ ପାଖାଣେ, ମୋ ଜୀବନ ଗଡ଼ା ଭିନ୍ନ ଉପାଦାନେ

ଠିକ୍ ଅବକଳ ସେହି ଭାବକୁ ନେଇ ଇଂଲଣ୍ଡର କବ ଟେନସନ କହୁଛନ୍ତି—

ସ୍ମାଇଲଙ୍ଗ୍ ଦେ ଲାଉ୍ ଆଣ୍ଡ୍ କଲ୍ ଲାଇଫ ପ୍ଲେଜର
ବଟ୍ ଟୁ ମି ଦାଟ୍ କପ୍ ଇଜ୍ ଡେଲ୍ଟ ଇନ୍ ଆନାଦର ମେଜର ।

ଏଡେକ ଶବ୍ଦ ସାହେବୀ କାଇଦାରେ ଦାନ୍ତ ଚପି ଚପି ଆବୃତ୍ତି କରି ଦେଇ ମୁଁ ପୁଣି କହିଲି—ଇଂଲଣ୍ଡର ଆଉ ଜଣେ ମହାକବ, ମାନେ ଗ୍ରେଟ୍

Digitized by srujanika@gmail.com

ପୋଏଟ୍, ଆମର ଏଇ ଇଣ୍ଡିଆ ମାନେ ଗତବର୍ଷକୁ ଆସି ଜଙ୍ଗଲରେ ଟାଇଗର୍, ମାନେ ଏଇ ବାଘକୁ ଦେଖି ଗୋଟାଏ ଏକ୍‌ସଲେଣ୍ଟ କବିତା ଲେଖିଛନ୍ତି । ଶୁଣନ୍ତୁ ସେଇଟା—

ଟାଇଗର୍ ଟାଇଗର ବର୍ଣ୍ଣିଙ୍ଗ୍ ବ୍ରାଇଟ୍
ଇନ୍ ଦ ଫରେଷ୍ଟ, ଅଫ୍ ଦ ନାଇଟ୍
ହ୍ୱାଟ୍ ଇମୋର୍ଟାଲ୍ ହାଣ୍ଡ ଆଣ୍ଡ ଆଇ
କୁଡ୍ ଫ୍ରେମ୍ ଦାଇ ଫିଅରଫୁଲ ସିମେଟ୍ରି ?

ଏଇ ପଦ କେତୋଟି ମୁଁ ଶିଖିଥିଲ—ଆମ ସ୍କୁଲର ପ୍ରଚଣ୍ଡ ଇଂରାଜୀ ଶିକ୍ଷକ ଶ୍ରୀଯୁକ୍ତ ବଳରାମ ରାପ୍ସ ବ: ଏ: ଡ: ଇଡ଼ଙ୍କ ଠାରୁ । ସେ ଜାଡରେ ଖାଣ୍ଟି ଓଡ଼ଆ ଖଣ୍ଡାଏତ ଥିଲେ ବ ଭବ, ଚନ୍ଦା ଓ ଭଷାରେ ଥିଲେ ଖାଣ୍ଟି ଇଂରେଜୀ । ତାଙ୍କର ବ: ଏ:ରେ ଇଂରାଜୀ ଅନର୍ସ ଥିଲ—ଏବଂ ନେସ୍ ଫିଲଡ଼ ଗ୍ରାମାର ତାଙ୍କର ଆମୂଳଚୂଳ ମୁଖସ୍ଥ ଥିଲ । ସେମିତି ମଧ୍ୟ ସେକ୍‌ସପିଅରଙ୍କର "ହ୍ୟାମ୍‌ଲେଟ୍" ଓ "ଜୁଲିଅସ ସିଜର"ର ମହା ମହା ବଚନିକା ସବୁ ଆବୃତ୍ତି କଲ୍‌ବେଳେ ତାଙ୍କ ପାଟିରେ ବାଟୁଳ ବାଜୁ ନ ଥିଲ । ସେ ଓଡ଼ଆ କବମାନଙ୍କୁ ଆଦୌ ଖାତର କରୁ ନ ଥିଲେ । ବରଂ କାଳଦାସ, ମାଘ ପ୍ରଭୃତି ସଂସ୍କୃତ କବମାନଙ୍କୁ ସେ ସମ୍ମାନ କରୁଥିଲେ । ତାଙ୍କ ମତରେ ରାଧାନାଥ ସବୁ ଇଂରେଜୀରୁ କପି କରୁଛନ୍ତି ଓ ମଧୁସୂଦନ ଗଙ୍ଗାଧର ସବୁ କଛି ସଂସ୍କୃତରୁ କପି କରୁଛନ୍ତି । ରାଧାନାଥ କପର ସେଲଙ୍କଠାରୁ କପି କରୁଛନ୍ତି ତାର ନମୁନା ସେ ଆମକୁ ଜଣାଇଥିଲେ । ସେତେକ ମୁଁ ମନେ ରଖିଥିଲ । ବର୍ତ୍ତମାନ ଏହି ବୟସ ବେଳାରେ ମୁଁ ସେହି ବାହାପିଆ ଶରୀରକୁ ମିଛ ଅବଧାନଙ୍କୁ ଲଛୁ ଦେଲ ; ତା'ପରେ ଦେଖ ମଜା । ମୋ ଆବୃତ୍ତିରୁ ମୁଁ ଜାଣେ ଯେ ଗ୍ରାମବାସୀ ବା ମୋ ଭଣୋଇ କଛୁ ବୁଝି ପାରୁ ନଥିଲେ । ତଥାପି ସେମିତି ଷ୍ଟାଇଲରେ ମୁଁ ଗଡ଼ ଗଡ଼ କର ଇଂରେଜୀ ପଦଗୁଡ଼ିକ ହାଙ୍କି ଦେଇଗଲି, ତାହାଶୁଣି ଅତ୍ୟନ୍ତ ଉତ୍ସାହ ଉନ୍ମାଦନାରେ ସମସ୍ତେ ତାଳମାଡ଼ ଦୋ ଦୋ କର ହସି ଉଠିଲେ । ଜଣେ କଏ କହିଲ—ଆଜ ପୁା' ଉପରେ ଆଜ କଥା ଅଛି ? ଇଂରେଜୀ ପଦ ଆଗରେ ଆଜ ଆମର ଏ ମରଡଙ୍କୀ ପଦ କୁଆଡ଼ୁ ଠିଆ ହୋଇ ପାରବ ? ଯେତେ ହେଲେ ସେ ହେଲ ବ୍ରଜବଦ୍ୟା ! ମହାବ୍ରଣୀ ଭକ୍ଟୋରିଆଙ୍କ ବଦ୍ୟା ।

Digitized by srujanika@gmail.com

ମୁଁ ଦେଖିଲି— ସମସ୍ତ ଗ୍ରାମବାସୀ ଅସଆରେ ଏବଂ ଅତ୍ୟନ୍ତ ନମ୍ରଭାବେ ଏବଂ ନଚ୍ଛାନ୍ତ ଅକୁଣ୍ଠଚିତ୍ତ ଭାବେ ସେହି ପରମ ସମ୍ମାନନୀୟ ଯଥାର୍ଥ ଜ୍ଞାନୀ, ପଣ୍ଡିତ, ଚରିତ୍ରବନ୍ତ, ଏବଂ ଏହି ଅଭାଗିଆ ଗ୍ରାମବାସୀଂକ ସମ୍ମୁଖରେ ଏକମାତ୍ର ମସାଲଧାଗ ମିଛୁ ଅବଧାନକୁ ମନ ଭିତରୁ ପରିତ୍ୟାଗ କରି ମୋ ପିଠୁ ଧରିଚଲିଣି । ଏବଂ ସମସ୍ତେ ସଚେତକ ବହୁକାଳ ଧରି ଆପଣା ଆପଣା ମନ ଭିତରେ ଏହି ଗୋପନ ଅଭିଳାଷଟିକୁ ବହୁଦିନ ଧରି ପୋଷଣ କରି ଆସିଥିଲେ । ମୋ କାନରେ ମଧ୍ୟ ଆଡୁରି ଦୁଇଜଣ ଗ୍ରାମ୍ୟ ଯୁବକଂକ ଚପ୍‌ଚପ୍ କଥା ହଁ'ପଡ ପଡ଼ଗଲ୍ । ଜଣେ କହୁଥାଏ—ଶଳା ମରହଟ୍ଟି ବୁଢାର ଗଉଁ ଜାଣ ଆଜ ଭୁଙ୍ଗିଲ୍ । ଶଳା ମୋ ପିଲ୍‌ଦିନେ ମତେ ମାନସାଂକ ଆସୁ ନଥିଲ ବୋଲ ପୋଡ଼ ମାଡ଼ ମାରୁଛୁ । ଆଜଯାଏ ବ ମୋ ପିଠିରେ ସେ ଚଢ଼ ଅଛୁ ! ଶଳାଟାର ଆଖିକୁ ଦେଖୁନ ! ଯେମିତି ନଆଁଭଳ ଜଳୁଛୁ । ଆଜ ଶଳାର ନଗ ଜପାଡ଼ ଦେବ ଏଇ ଇଂରେଜୀବାଲ୍ଲ ଟୋକା । ଶଳାଟା କାଲି ସକାଳ ନଟାହଜଣୁ ଏ ଗାଁ ଛାଡ଼ି ପଳେଇବ ।

ଆଉ ଜଣେ କହିଲ୍—ଚତୁମ ଜାଣ ସେ ଏ ଗାଁରେ କେତେ ବର୍ଷ ହେଲ ରହିଲଣି ? ଗୁଣତି ବର୍ଷ । ଶଳା ଏଠି ଆମ ଗାଁରେ ଅଜାମ୍ବ ହୋଇ ବସି ଆମ ଭଦ୍ରପୁରୁଷଙ୍କୁ ପାଠ ପଢାଇ ଛାଡ଼ିଲଣି । ସେଥିପାଇଁ ସମସ୍ତଙ୍କ ଜାଣ ସେ ଭରେଇ କରି ରଖିଛୁ ।

ଆଉ ଜଣେ କହୁଥାଏ—କଅଁ, କ ପାଠ ସେ ଆମ ପିଲ୍‌ଙ୍କୁ ପଢାଉଛୁ ତାର ସେ ପାଠ କଣ ଆଉ ଆଜକାଲି ବୋଲ କରିବ ? ବନା ଇଂରେଜୀ ବଦ୍ୟା ନଜାଣିଲେ ଏଇ ଓଡ଼ାଂକ ଫେଡ଼ାଂକ କେଇଲ ଗୋଟୀ ଭାଷାରେ କଣ ଆମ ପିଲ୍‌ଏ କଛୁ କରି ପାରିବେ ? ସେଇଥି ପାଇଁ ପରି କଟକରେ ଜଗୁବାବୁ ଦୋରକା ଆମ ଜଲ୍ଲ ବୋର୍ଡ ଚେୟାରମ୍ୟାନ ପଧାନ ବାବୁଙ୍କୁ କହିଲେଣି ଆମ ଗାଁରେ ଗୋଟେ ଇସ୍କୁଲ ବସାଇବାକୁ । ଯେମିତି ନଆଳୀ ଆଉ କସରଦା ଗାଁରେ ହୋଇଛୁ ।

ମୁ ସବୁ ଶୁଣୁଥାଏ । ମାତ୍ର କାହିଁକି କେଜାଣି, ମୋର ମନ ବଡ କରୁଣ ହୋଇ ଉଠୁଥାଏ । ମୁଁ ଯେତେ ବାଦାଡିଆ ଆଉ ଉଦ୍ଧତ [ସ୍ୱଭାବର

Digitized by srujanika@gmail.com

ଦେଲେବ ସତକୁ ସତ ମୋର ହୃଦସ୍ପ ମିନ୍ଟୁ ଅବଧାନଙ୍କ ପାଇଁ କରନ୍ତ ଡୋଇ ପାଉଥାଏ ଓ ଏଇ କୁଡ଼ଘ୍ର ଗ୍ରାମବାସୀଙ୍କ ଉପରେ ଖୁବ୍ ଘୃଣା ଆସୁଥାଏ । ଆଜ ଏତକରେ ନୂଆ ପୁରୁଣା ବା ଇଂଲଣ୍ଡ ସ୍ତରତର ବଦ୍ୟାବବାଦ ଶେଷ ଦେଜ ବୋଲ ମୁଁ ମନେ ମନେ ବାଞ୍ଛା କରୁଥାଏ ।

କନ୍ତୁ ନସ୍ପତର ବଧାନକୁ କଏ ଲଙ୍ଘନ କଶ ପାଶବ ? ତା'ଛଡ଼ା, ସୁପ୍ରସ୍ଥିତ ବଦ୍ୟାବନ୍ତ ଅହଂକାସ୍ତ ଶିକ୍ଷକ ବା ଗୁରୁବୃତ୍ତିଧାସ୍ତ ବ୍ୟକ୍ତମାନଂକର ଅନସମସ୍ତାପ୍ତ ସୁଯୁବକୁ ବା କଏ ପଶବର୍ତ୍ତିତ କଶ ପାଶବ ? ଉପନଷଦ ପଥାର୍ଥ କହ୍ନଛନ୍ତ—ଅଜ୍ଞକାରକୁ ଆଶ୍ରସ୍ପ କଶ ବଞ୍ଚ୍ଥିବା ଲୋକମାନେ ମୂଢ଼ । କନ୍ତୁ କେବଳ ଆଲୋକକୁ ଆଶ୍ରାକଶ ବଞ୍ଚ୍ଥିବା ଲୋକେ ମୂଢ଼ତର । ଅଜ୍ଞାନ ମଣିଷ ଗଡ଼ ମୁକ୍ତ ପାଇଯିବ । ମାନ ଘୋର ଜ୍ଞାନୀ ବଂଜ୍ଜର ଆଉ ନସ୍ତାର ନାହ୍ନିଁ ।

ମିନ୍ଟୁ ଅବଧାନ ଏତେ ସତ୍ତଜରେ ଏଇ ବ' ପଦ ଇଂରେଜୀ ହାକୁଥିବା ଅଧା ପାଠୁଆ ଅଜାଡଶୁଶ୍ର (ମୋର କନ୍ତୁ ସେତେବେଳକୁ ଜଣ ଜୁଠି ପାଇଥିଲ ଓ ମୁଁ ପ୍ରଜାପତ୍ତିଆ ଜଣ ରଖିଥିଲ) ଗ୍ଲେକ୍ସ୍ଥ ପାଖରେ ହାଶଯିବା ଲୋକ ନୁହନ୍ତ । ତାଙ୍କ ମୁହଁ ଖୁବ୍ କଠୋର ଦେଖ ଗଲ ତାଙ୍କ କପାଳର ଶିସ୍ତା ଗୁଡ଼ୁକ ଫୁଲ ଉଠିଲ । ତାଙ୍କ ଆଖି ଦୁଇଟା ଜଳ ଉଠିଲ । ସେ ଥରେ ତାଙ୍କର ଚୁଟିକ ଫିଟାଇ ଦେଇ ପୁଣି ସାଙ୍ଗେ ସଙ୍ଗେ ବାନ୍ଧ ପକାଇଲେ । ତା'ପରେ ତାଙ୍କ ବକ୍ଷ୍ଆଟିକୁ କାଉରୁ କାଢ଼ ଚଟଳ ଦୁମ୍ କନା ଥୋଇ ଦେଇଲ । ସେଇଠୁ ମୋ ଆଡ଼କୁ ଗାତରଡେଇ ଗୁହିଁ ପଶ୍ଚଲେ—

ଗଣିତ ବଦ୍ୟା କଛୁ ଜଣାଅଛୁ ?

ହେଇ ଦେଖୁଚ । ବାଁ ପଟରୁ ତନ୍ ନମ୍ବର କୋଠାର ବାଲ୍-କୋନକୁ ଉଠିଲେଣି ତନଟ୍ଟ କଳାଗୁଇ ! ଦଟ୍ଟା ଲୁଙ୍ଗି ପିନ୍ଧା ଲୋକ ବେଶ୍ ମୋଟା ଆଉ ଜଣକ ପାଇଜମା ପିନ୍ଧା ଡେଙ୍ଗା ଓ ପତଳା । ସମସ୍ତେ ବୁଦ୍ଧ ମାରଓ୍ୟାଡ଼ି ଓଡ଼ିଆ ମିଶାମିଶି ଭାଷା କହୁଚନ୍ତି । ପିଧା ବାଲ୍‌କୋନ ଉଲ୍ଲ ପନ୍ତର୍ପଣରେ କାନ ଡେରଚନ୍ତି ଚନ୍ଦ୍ରଧର ।

"ଯାଇବ ଆମର ପକ୍କା ଲୋକ । ଘର ମିଥିଳାରେ ବା ଭାଇ-ଜାଗ୍‌ରେ ହେଲେ କଣ ହବ । ଏଠି ସମସ୍ତଙ୍କୁ ଓଡ଼ିଆ ବୋଲ କହିବାକୁ

Digitized by srujanika@gmail.com

କହୁଚ । କଲାଡାଣ୍ଡିରେ ଡଜନ୍ଟା କୋଠା, ଭୁବନେଶ୍ୱରରେ ଦଶ୍ଟା କୋଠା ଆଉ ଆଠଟା ପ୍ଲଟ୍ । ଯା' ଚା' ନାଁରେ । ପୁଣି ଚିଲଚିଚକା ସବୁ ଅସଲ ବ୍ୟବସାଯୁ ଭିତରେ—ଗୋଟା ଯେତେ ଜଗ୍ଭ ସେତେ ହୋଇ ଅଛନ୍ତି । ଗୁଚ୍ଛଟା ଟ୍ରକ, ଗୋଟାଏ ବସ୍, ଧାଗ୍ଦାଁପ୍ରରେ ଦଶ୍ଟା ଟ୍ରଲର୍, ଷାଠିଏ ଏକରର ଫାମଁ ପଣେ ଜର୍ସି ଗାଈ । ଉଦ୍ୟୋଗୀ ଲୋକ ।"

"ଆରେ ବାପ ! ସେ ତ ଖୋଦ ସରକାର ଚଲାଇବା ଲୋକ । ସତ୍ତୁର ଦେବ ନମକ ସଚ୍ଚା ଓଡ଼ିଆ କମଁଗ୍ଭଙ୍କ କାନ୍ଧରେ ଚାଦ ଦେଇ ଉଠିଚ । ଆଉ ଏଇଲେ ଅଧା ଶାସନର ଦାଯିତ୍ୱ ତାର ହାତରେ ସିଏ ନ ଥାନ୍ତା ତ ମନ୍ତ୍ରୀ ଏମ୍: ଏଲ୍: ଏ: ହବା ପୂବରୁ ଲୋକଙ୍କୁ ପ୍ଲେନ୍ ଟିକେଟ ଦଅନ୍ତା କଏ ? ସତ୍ତକ ନଜର ବ୍ୟବସ୍ଥା କରନ୍ତା କଏ ? ଦେଖୁନ କା'ର ଗାଈର କୁଣ୍ଡା, ଘାଳ ଦରକାର ତାକୁଇ ଖୋଜା । କା ଝିଅ ବାହାଘରକୁ ଦହ ମାଛ ଦରକାର ତାକୁଇ ଖୋଜା । କାହାର ଭଜନ କୀର୍ତ୍ତନ ବ୍ୟବସ୍ଥା ପାଇଁ ଗୁନ୍ଦୁଆ ଟଙ୍ଗାଠୁ ଦରଦ୍ର ନାରାୟଣ ପଙ୍ଗତ ସେଇ ଏକା ସମ୍ଭାଳ ପାଉବ । ସବୁଠୁଁ ବଚକ୍ଷଣ ବନ୍ଧୁରୂପୀ ଭୈଲାକ୍ତ କମଁଗ୍ଭର ନମ୍ନନା ।

ଦେଖିନା କ ଭମେ ସଦର ଦରଜାରେ ମଟର ଗାଡ଼ି ରହିବା ମାତ୍ରେ ସିଏ କେମିତ ନବେ ଓଡ଼ୀ ଅଣ୍ଟା ଭଙ୍ଗି ପଛ ଦରଜା ଖୋଲି ଭ: ଆଇ· ପି: ମାନଙ୍କୁ ସୁଦ୍ଧ ହାତରେ ଆଡୁଲ ମାର ପାଗ୍ଲେଟି ନଏ । ସତରେ କଣଡକର୍ମା ମଣିଷ, ତାର ଖୋଲକଳାରୁ ଗୋଟିଏ ଲେଖାଏଁ କଳା ଯଦି ସତ୍ତଙ୍କ ପାଖରେ ଥାଆନ୍ତା, ଜଗତ ପଛକେ ନର୍କେ ପଡ଼ିଥାଉ ଶାସନ କଲର ସବୁ ପୂଜା ଉଦ୍ଧାର ହେଇ ଯାଆନ୍ତେ । ଯେତେ ଚନ୍ଦନ କାଠ, ସାଗୁଆନ କାଠ, ଅଫିସ କଣା ଆସବାବ ପତ୍ର ତା ଗାଁକୁ, ତା ପ୍ରଦେଶକୁ ବୋହିନଉ—କଛୁ ଯାଏ ଆସେ ନାହିଁ । ସବୁ ପର୍ଯ୍ୟଟକ ନେତୃବର୍ଗଙ୍କ ସାଙ୍ଗରେ ହର୍ଦ୍ଦନ୍ ତାର ଫଟ ତ ବାହାରୁଚ ଆମର ଯେତେ ଓଡ଼ିଆ କାଗଜରେ !

ପଡଳା ଲୋକଟା ପାଖ ଘରର କବାଟ ଖଡ଼୍ ଖଡ଼୍ ଶବ୍ଦ ଶୁଣି ବଙ୍କା ବଙ୍କା ଓଡ଼ିଆ ଗୁଜୁରାଟୀ ମିଶା ଭାଷାରେ କହିଲ "ହେଇ ପାଟି କରନ । ହାକମ ଉଠିଲଣି ନା କଣ । ଆମ କାରବାର ତ ହେଇ ସାରଚ ।

Digitized by srujanika@gmail.com

ଗୃହଶାସାକ ଅଡ଼ୁଆ ଅର୍ଫିସରଙ୍କୁ ତ ବଦଳ ଜଣଦବ ବୋଲ କହିଛ । ଟୋକଟାକୁ ନେଇ ପୁଣି ବଡ଼ ଘୋର୍ ରୁ ଘୁଡ଼ିବାକୁ ହବ । ଗୁଲ ଶୋଇପଡ଼ ।

ଏଇ ଦରଜଟି ବନ୍ଦ ହେଲ ଏବଂ ପାଖ ଦଣ୍ଡା କୋଠରୀ ଘୁଡ଼ ଅନ୍ୟଟିର ଆଲୋକତ ଝରକା ଆଗକୁ ଦଣ୍ଡା ଘୁଇ ଆସି ଠିଆ ହେଲେ । ନିସ୍ତବ୍ଧ ଘରେ ସେଥିରୁ ଗୋଟିଏ ସ୍ତ୍ରୀ ଲୋକ । ଗୁଣୁ ଗୁଣୁ କରି ଗାଉଛ ବେସୁର 'ଡ଼ର୍ ଲଗେ ବାଲ୍ମା ହୋ' । ଆର ଲୋକଟି ତା କାନ୍ଧରେ ହାତ ପକେଇ ପଚାରୁଛ 'କଣ ଗୀତ ଗାଇଲଣି ?' 'ଶୁଣ ମୁଁ କାହିଁକି ଗାଉଛ । ଆଜ ସାରା ଘଣ୍ଟ ଏଇ ଦାମୀ ହୋଟେଲ କଷ୍ଟରେ ଚୌକାଡ଼ ଶଯ୍ୟନ ବଳାସରୁ ମୁକ୍ତ ଜନ୍ମିଦ୍ର ରହିବାକୁ ମନସ୍ଥ କରିଛ । ତମର ମୋର ମାସକ ଦରମା ମିଶି ପେଜ ପାଣି ପାଇଁ ନଅଣ୍ଟ । ସେତେବେଳେ ଆମେ ସବୁଁ ଠିକ୍ କଲେ ଯେ ସାରା ଜୀବନ କାଳର ଗୋଟିଏ ଦିନ ମାଲ୍ଦାର ବଡ଼ ଲୋକ ପରି ଏଇ ପଞ୍ଚତାରକା ବଶିଷ୍ଟ ହୋଟେଲରେ ବତାଇବାର ପହଞ୍ଜ କରି ବାକ ମାସର ଅଠର ଦିନ ମାଙ୍କଡ଼ ଚଡ଼ ମାରୁଥିବା ହାଣ୍ଡିର ଜପହାସକୁ ନୈବଦ୍ୟ ପରି ଗ୍ରହଣ କରିବା—ତେବେ ଆଜ ଶୋଇବା କାହିଁ କ ! ଜାଗ ଧନମଣି ଜାଗ । ଗୀତ ବୋଲ । ଉତ୍ପାତ ହୁଅ ।'

'ଗୁହୁଁ ଗୁହୁଁ ଦେଖିବ । ପଶ ପବୁ କଅଁଳଲ, ପାକଳ ହେଲ, ଝଡ଼ ଗଲ । ପାଣିର ରୁଆଡ଼େଜ ଗୁଦର ଜପରୁ ମାଳ ମାଳ ଦଂପ ଜଡ଼ଗଲେ ଦକ୍ଷିଣ ଦଗର ଏକ ଲମ୍ବା ପାହାଡ଼ ଜପରକୁ । ଆଜ ନର୍ଘାତ ଖରା ଛାତରେ ଦାଉ ଦାଉ ଛାତଲ ଶିଳା ଶଯ୍ୟାରେ ପିଠି ପିଠି ଜଳଗଲେ । ହାଣ୍ଡିରେ କେଡ଼େ ଯତ୍ନରେ ଛଆର ସଜ ଖେଚୁଡ଼ି ଗଣ୍ଡିକ ଗୁଜଲ ହେଲ । କାଦଲ ଡାଲ ହାଣ୍ଡିକ ଆମ୍ବିଳ ହେଇଗଲ । ଚଗ୍ମାନେ ଆଖି ମିଟିକା ବନ୍ଦ କରି ଦେଲେ; ଆଜ ଛାଙ୍କର ଥଣ୍ଡା ମନଆଁ ଗ୍ଲାଣିରୁ ଧାର ଧାର ଲୁହ ଝର ଘୁଇଗଲ ଧରଣୀର ମଜଲା ଫୁଲ ଶେଯରେ । ସେକେଣ୍ଡ ସୋ ସିନେମା ଫେରନ୍ତା ବୁର୍ଜୁଆ ମଧ୍ୟମ ଶ୍ରେଣୀଯ ଦମ୍ପତ୍ତମାନେ ଘରର ଘଡ଼ା ନ ଧରି ନଈ କୂଳକୁ ଗଲଲେ, ଆଉ ଶୀତ କାକରରେ ଥର ଥର ହେଲେ । କରାଣୀ ଶୁମାସ୍ତା-ମାନେ ଅଧିକ ଦରମା ଦାବ ଓ ଦରଦାମ ସମ୍ପର୍କିତ ଧର୍ମଘଟ ବର୍ଜନ କରି 'ଗେଜେଟଡ୍' ହେବାକୁ ମନ ବଳାଇଲେ । କବତାର ଉଷ୍ମ ଚମକଟିକ ସର

Digitized by srujanika@gmail.com

ଆସୁଛ । ଚିନ୍ତା ନାଇଁ, ଭମ ବେକରେ ଭମ ବୁଢ଼ା ବୁଢ଼ୀ ବାପ ମା ଭାଇ ଭଗାର ବନ୍ଧା । ମୋ ବେକରେ ଦ ଭାଇ ଛନ ଭଉଣୀ ଗୋଟିଏ ବାପର ଜଞ୍ଜାଳ ବନ୍ଧା । ଆମେ ଦଣ୍ଡ ତ ବାନ୍ଧା ଦେଇ ପାରିବାନ । ତଥାପି ଦେଖୁନା ବର୍ଷାର ପ୍ରଥମ ଜଳବନ୍ଦୁଟି ଭୂଇଁରେ ପଡିବା ପୂର୍ବରୁ ଝାଆକୁ କନା ଗିଲ ଦେଇ ଶାମୁକାଟି ବାଲରୁ ପାଣିକୁ କେଡ଼େ ସୁଖରେ ଚଡ଼ ଗଡ଼ ଯାଉଛ । ତା ପେଟ ଭିତରେ ମକ୍ତାଟିଏ ଛଆର ଦେଉଛ । ଗଦେଁନ ଧନ ଗଦେଁନ ବଇଭବ । ତୁମେ ଯେ କବ ସେଇ ମୋ ଗଜରବ' । ଏମିତ ମନଛୁଆଁ କଥାଟିଏ କହିବା ପାଇଁ କବ ବଧୂଟିଏ କେବେ ଆସିବ ଆସିବ ବୋଲ ବାଟ ଗୁହିଁ ବସିଛ । ଭଗବାନ ସତରେ ଆଜକାଲ ଭାର ଅନ୍ୟ ମନସ୍କ ରହୁଚନ୍ତି । ଦେଖୁଚନ୍ତି ଭମ ଆମ ଅବସ୍ଥା, ତେଣେ ମନ ଯାଇ ଗୋଟିପୁଅ ନାଚଠିଁ । ହସ ପ୍ରିପ୍ସ ହସ । ସୁନ୍ଦର ଫାଟିବାକୁ ଆଜ ଅଳ୍ପ ସମପ୍ସ ବାକ, ଆମର ହସିବାକୁ ବା ଚରଚରେଇବାକୁ ମାତ୍ର ସେତକ ସମପ୍ସ ବାକ ।

. ସତକୁ ସତ ଦଣ୍ଡାପାକ ସିଲଭଣ୍ଟ ପ୍ରୁଇ କୋଳାକୋଳ ହୋଇ ବେଦମ ହସରେ ଅଜାଡ଼ ଦେଇ ପଡ଼ଲେ । 'ହୋଃ ହୋଃ ହୋଃ—ହୋ ହୋ ହୋ—ହା ହା ହା'—ଆଖିକୁ ଲୁଡ ଆସିଯିବା ପର୍ଯ୍ୟନ୍ତ । ଏଇ ଭପୁଙ୍କର ହସରେ ଚମକ ଯାଇ ପଲେ କୁକୁର ଏକାବେଳେକେ ଘେଉ ଘେଉ କରି ଚକ୍କାର କରିବାକୁ ଲଗିଲେ ସମଡାଳରେ । ସଙ୍ଗେ ସଙ୍ଗେ ଝର୍କାଟି ଧଡ଼ କରି ବନ୍ଦ ହେଇଗଲ । କନ୍ତୁ ଚନ୍ଦ୍ରଧରଙ୍କର କାନ୍ଧ ଉପରେ ପଡ଼ଲ ଅଧା ମଡ଼ିଲା ଚମକ ବସ୍ତ୍ରଖଣ୍ଡିଏ । ସେଇ ହସକୁଣ୍ଡ ଝିଅଟିର ଗଳାରୁ ମୁକୁଳ ଯାଇ ଅସବଧାନ ଝଙ୍କା ବାଟେ ଛୁଟିକ ପଡ଼ଚ ନଷ୍ଟପ୍ସ । ଇଏ ବ ଏକ ଭିନ୍ନ ରୂପର ଫୁଲ ଛୋଡ଼ା ସମର୍ପଣର ନମୁନା ସାଦା ଉତ୍ସର୍ଗ ହୁଏ ନାହିଁ, ଆକସ୍ମିକ ଭାବେ ପରତ୍ୟକ୍ତ ହୁଏ, ଆଜ ଚନ୍ଦ୍ରଧର ପର ଢାଲ୍‌କା କାନ୍ଧର ଅଧିକାସ୍ପ ଯୁବକକୁ ପାହାଡ଼ ପର ଓଜନଆ ଲଗେ ।

ଚନ୍ଦ୍ରଧର ମଣିଷ ଜନ୍ମରୁ ପାର ହେଇ ପଚଶୀପର ପଷ ବସ୍ତାର କରୁଥିଲେ । ଏଇ ସମପ୍ସରେ ଗୋଟାଏ ବଦେଶି ମଟର ଗାଡ଼ ଖୁବ୍ ବେଗରେ ଆସି ହୋଟେଲର ସଦର ଦରଜାରେ ଅଟକଲ । ଆଜ କାନଫଟା ଆଓ୍ୟାଜ୍‌ରେ ଦୃଶ୍ଚ ମାଗଲ । ଯେଉଁ ଚୁଷପ୍ସ କଷଟିର ଝରକାରୁ ନୀଳ

Digitized by srujanika@gmail.com

ଆଲୋକ ଝରୁଥିଲା ଓ ଅନେକଟା ଜହ୍ନେଇ ନଆଁର ଭ୍ରମ ଆଣୁଥିଲା, ସେଇ କୋଠରୁ ଯୋଡା ମର୍ ମର୍ କର ଓହ୍ଲେଇ ଆସିଲେ ଦୁଇଜଣ ଲୋକ ମନ୍ଦରଗାଡ଼ ପାଖକୁ । ଆଗେ ଆଗେ 'ବବ୍'ବାଲ ଆଉ ଡ଼ିଲ୍ ଗାଉନ୍ ପିନ୍ଧା ମେମ୍ ଜଣକୁ ଦେଖି ଚନ୍ଦ୍ରର ଗ୍ରହ ମାରଲା ପରି ପୋଖରୀ ପାଦାଚରୁ ଉଠି ପଡ଼ ଦଉଡ଼ ଆସିଲା ମନ୍ଦରଗାଡ଼ ପାଖକୁ, ଠିକ୍ ସେ ଶବ୍ଦିଲା । ଏଇ ସିଏ ଆନ୍ଦଉଡ୍ ଯାକୁ ବନ୍ଦନଚରୁ ସେ ପ୍ରତୀକ୍ଷା କର ଅସୁମାରି ଚନ୍ଦମା ବଉଶି ଫ୍ୟାର ବାଟ ଚାହିଁ ବସିଛନ୍ତି । ଆନ୍ଦଉଡ୍ ଡାହାଣ ହାତରୁ ଗ୍ଲୋଭସ୍ ଖୋଲି ତାଙ୍କ ଦଗଦରେ ଧଳା ଆଙ୍ଗୁଠି ଗୁଡ଼ାକ ବଢ଼ାଇ ଦେଇ ଚୁମ୍ବନ କରିବାକୁ ସଙ୍କେତ ଦେଲେ । କନ୍ତୁ ନଶୁନ ବାକ ରୁଦ୍ଧ ଚନ୍ଦ୍ରର କାଠ ପିତୁଳା ପରି ଠିଆ ହୋଇ ଚାହିଁଥିଲେ ଜୁଲୁ ଜୁଲୁ । ଝିଅଟି ପଛରେ ଯେଉଁ ପୁରା ପୁରା ସବୁ ପୋଷାକ ପିନ୍ଧା ଭଦ୍ରଲୋକ ତାଙ୍କର ସନ୍ନିକଟ ହେଲେ ସେ ସମ୍ଭବତଃ ପୂର୍ବୋକ୍ତ ପ୍ରଥମ କୋଠରର ଛଅଜଣ ଅଛୁଙ୍କର ଆଲେଚ୍ୟ ପଦସ୍ଥ କରତ୍-କର୍ମା ସରକାର କର୍ମଧାରପ୍ଟ ।

ବେଶ୍ ଡାକମି ଗଲାରେ ସେ ଗାଡ଼ ଚାଳକଙ୍କୁ ଆଦେଶ ଦେଲେ ଯେ ସାଦ୍ଦେବଙ୍କୁ ନର୍ଦ୍ଦାରିତ ସ୍ଥାନରେ ସମ୍ପୂର୍ଣ୍ଣ ପ୍ରମାଦ ମୁକ୍ତ ଭାବେ ପହଞ୍ଚାଇ ଦଅ । ଗାଡ଼ ଚଲିବା ପରେ ବର୍ମିତ ହୋଇ ସେ ଏଇ ଅବାଚୀନ ଚନ୍ଦ୍ରରଙ୍କୁ କଡ଼ା ଗଳାରେ ପଚାରିଲେ ସେ ତାଙ୍କର ଏଠି କଣ ଦରକାର । ମୌକା ସବୁବେଳେ ଆସେ ନାହିଁ । ଏହା ଈଶ୍ୱର ଦତ୍ତ ପଦାର୍ଥ । ଚନ୍ଦ୍ରର ସୂଚନା ଦେମେ ବୁଝାଇ ଦେଲେ ଯେ ସେ ଡାକମଙ୍କୁ ଏଠିକ ଆସିବାର ଓ ମେମ୍ ସାଦ୍ଦେବଙ୍କ ସାନ୍ନଧ ଲାଭ କରବାର ତଥା ଏ ସବୁର ଉପଯୁକ୍ତରକ ଛଅଜଣ ମଉଲ୍ବୀ ପ୍ରଥମ କୋଠରର ଲୋକଙ୍କ ବଷୟରେ ସବୁ ଜାଣନ୍ତି; ଏବଂ ଏକ୍ବାରେ ଲଗାମ୍ ଛଡ଼ା ହୋଇଥିବାରୁ ସେ ଯଥା ସ୍ଥାନରେ ଓ କାଳରେ ଏସବୁ ପ୍ରକାଶ କରବାକୁ କୁଣ୍ଠାବୋଧ କରବେ ନାହିଁ ।

ପାଠକେ ! କହିବା ବାହୁଲ୍ୟ ଯେ ଉକ୍ତ ପଞ୍ଚମୀ ରଜ କର୍ମଚାରୀଙ୍କ ପ୍ରଯାଦରୁ ଅବଲମ୍ବେ ଚନ୍ଦ୍ରର ଗୁକରଟିଏ ପାଇଲେ ଓ ସଦ୍ୟୋଚ ଡାକମଙ୍କ ବ୍ୟକ୍ତଗତ ସଚୀବ ଭାବରେ ପରମ ରଜଭକ୍ତରେ ପରଣତ ହେଲେ । ତାଙ୍କର ଘର ସଂସାର ଏଗାରଟି ସନ୍ତାନ ସନ୍ତତ ସତ୍ତ୍ୱେ ସମ୍ପୂର୍ଣ୍ଣ ଚୈତାକ୍ତ ଓ ସୁରକ୍ଷିତ ।

Digitized by srujanika@gmail.com

ତଥାପି ଚନ୍ଦ୍ରଧର ଯେ କୌଣସି ଫୁଲ ବା ଫୁଲତୋଡ଼ାର ଅଂଶ ବଶେଷ ଦେଖିଲ ମାତ୍ରେ ନଜକୁ କ୍ଷଣକ ପାଇଁ ଦେଲେ ବ ଅସ୍ଥିର ଓ ଅସହାୟ ମନେ କରୁଛନ୍ତି ।

ବୃନ୍ତରୁ ଛିଣ୍ଡିବା ପରେ ଫୁଲ ଆଉ ଡ଼ାଳରୁ ଛିଣ୍ଡିବା ପରେ ପତ୍ର ବରଦ୍ଦ ବବର୍ଜିତ ପ୍ରେମପତ୍ର ଏଇମିତ୍ତ ସାଦା ସାଦା ନରସ ଫିକା ଦେଇଯାଏ; ଜୀବନ ଦର୍ଶନର ଏଇ ଚୌଗଣ୍ଡ ଅବସ୍ଥା ସାଥିରେ ସେ ସାଲସ୍ କରିପାରୁ ନଥିଲେ କସ୍ମିନ୍ କାଳେ ।

Digitized by srujanika@gmail.com

# ସକାଳର କେତେକ ଧ୍ୱନିମାନଙ୍କ ସଂପର୍କରେ

ବଜୟକୃଷ୍ଣ ମହାନ୍ତ

ରଙ୍ଗନାଥ ବାବୁ ପ୍ରତ୍ୟବେଶୀ ଘରେ ଆସି ରହିବା ପରେ ଆମ୍ଭ-ମାନଙ୍କର ସକାଳ ଆରମ୍ଭ ହୋଇଛୁ । ରଙ୍ଗନାଥ ବାବୁ ସମ୍ବଲପୁରରୁ ବଦଳ ହୋଇ ଅମିଚନ୍ତ୍ର ବୋର୍ଡ ଅଫ ରେଭନ୍ୟୁ ଅଫିସର ଅଣ୍ଡର ସେକ୍ରେଟରି ଘରେ । ଆମର ପଡ଼ୋଶୀ ଘରେ ସେ ଆସି ରହିବାର ସପ୍ତାହେ ହୋଇଗଲ । ଏକମାତ୍ର ଝିଅ ତାଙ୍କର ପ୍ରାତ ବର୍ଷର ଶେଷ ପ୍ରହରରେ ସ୍ୱର ସାଧୁଛୁ, ଗୀତ ମାଡୁଛୁ । ତା'ର ଗୀତ ଗାଇବାରେ ଆମ୍ଭମାନଙ୍କର ଆପତ୍ତି କରିବାର କିଛୁ ନଥିଲ, ପଦ୍ଧ ସେ କଣ୍ଠରେ ଏତେ ମିଠେ ମଳଭ୍ୟ ଥାଆନ୍ତା । ଅତ୍ୟନ୍ତ ଶ୍ରୁତିକଟୁ ସେ କଣ୍ଠ ସ୍ୱରରେ ଆମ୍ଭେମାନେ ସମସ୍ତେ ଅତିଷ୍ଠ ହୋଇ ଉଠିଥିଲୁ । ମାତ୍ର ପ୍ରତିବାଦ କରିପିବ କିପରି ?

ମୁଁ ଘରଟେର ଚମ୍ ଚମ୍ ହୋଇ ବସେ ବାହାରିଥିଲ । ବାପା ମୋ ହାତ ଧରି ଅଟକାଇ ଦେଲେ, "ମାରବରେ ସହିବା ଛଡ଼ା ଅନ୍ୟ ଉପାୟ ନାହିଁ । ତୁ କ'ଣ ଯାଇ ତାଙ୍କ ଝିଅର ଗୀତ ବନ୍ଦ କରି ଦେଇ ପାରିବୁ ? ଆମ ଆଡୁ ବରକୁ ପ୍ରକାଶ କରିଗଲେ ତୁ କ'ଣ ଭାବୁଛୁ ରଙ୍ଗନାଥ ବାବୁ ସୁଖ ହେବେ ?"

ବାପାଙ୍କର ଯୁକ୍ତିକୁ ମୁଁ ଗ୍ରହଣ କରି ନେଇଥିଲ । ବଚ୍ଚାରେ ପଡ଼ରହି ପ୍ରାତର ଗୀତ ଶୁଣୁଛୁ । ମୋ ମୁଖ ଜନ୍ଦ୍ୱାରେ ଘୁବୁକ ମାରି ମୋତେ ଜାଗ୍ରତ କରି ଦେଇଛୁ ବ୍ରାହ୍ମ ମୁହୂର୍ତ୍ତରେ । ମୋ ଧୈର୍ଯ୍ୟର ପରୀକ୍ଷା ହଉଛୁ ।

Digitized by srujanika@gmail.com

ସକାଳର ସୂର୍ଯ୍ୟ ଆସିବ ଆସିବ ହେଲଣି । ଗୀତ ବନ୍ଦ ହେଲ୍ । ମୁଁ କେବଳ ନୁହେଁ, ଅନେକ ଆଶ୍ୱସ୍ତ ହୋଇଥିବେ । ପାଣି ପାଇପ୍ ଖୋଲ ଗଲ୍ଣି । ଗଜ୍ ଗଜ୍ ହୋଇ ପାଣି ପଡୁଛୁ । ମୋ ପାନ ଭଉଣୀ ମୀନା ରେଡ଼ିଓରେ କଝକ ସେଣ୍ଟର ଧରଇଛୁ । ଗୁକର ପିଲ୍ ଖୋମ ସଶବ୍ଦେ ବାସନ ମାଜବାରେ ବ୍ୟସ୍ତ । ଭଜନ ଶୁଣିବାରେ ବାଧା ଜପୁଜଲେ ମଧ୍ୟ ନରୁଆପୁ ଅବସ୍ଥା । ଏକଦମ ସବୁ ଗୁଲଛୁ । ସବୁ ପ୍ରପ୍ନୋଜନ ।

ଦାନ୍ତ ଘଷିଛୁ ବସି, ହଠାତ ଝଣାଡ଼ କର ଏକ ଶବ୍ଦ । କ'ଣ ଗୋଟାଏ ଭାଙ୍ଗିଲ । ଜଠେଇ ଦେଖିଲ ଖୋମ ହାତରୁ କାଚ ଗ୍ଲାସଟା ପଡ଼ ଭାଙ୍ଗି ଯାଇଛୁ ଓ ସେ ବଷର୍ଣ୍ଣ ହୋଇ ଯାଇଛୁ । ଧାଇଁ ଆସିଛୁ ବୋଉ, "ପ୍ୟାକୁ ମିଶାଇ ଏ ମାସରେ କେତେଟା କାଚ ଜନିଷ ଭାଙ୍ଗିଲ୍ ?" ଦୁମ୍ କର ଖୋମ ପିଠିରେ ଗୋଟେ । ମୋର ମନେ ହେଲ ମୋ ପିଠିରେ କଏ ଗୋଟେ ଥୋଇଦେଲ୍ ।

ବୋଉର ଭାର ଖରାପ ପ୍ରକୃତ । ଆଗ ହାତ ଜଠାଇ ଦେବ । ମାନ ପ୍ରତିବାଦ କର ପାରଲନ । କାରଣ ବୋଉ କଥା ଜପରେ କଥା କହିବାର କାହାର ସାହସ ଅଛୁ ଏ ଘରେ ?

ବାପା ଘର ଭିତରୁ ବାହାର ଆସି ଜଣ୍ଡି ଦେଇ ପୁଣି ଘର ଭିତରକୁ ଗୁଲଗଲେ । ଖୋମ କାନ୍ଦୁଛୁ । ତାର ବାପ, ମା' ଜପସ୍ଥିତ ଥିଲେ ବୋଉ ସେମାନଙ୍କ ସାମ୍ନାରେ ମାର ପାରଥାନ୍ତା ଖୋମଙ୍କୁ ? ଏ ଯୁଗରେ ଏମିତି ପିଲ୍ଟିଏ ପାଇବା କେତେ କଷ୍ଟ ବୋଉ କ'ଣ ତା ବୁଝେ ? ବାପା ଥରେ ତାକୁ ବୁଝାଇବାକୁ ଚେଷ୍ଟା କରଥିଲେ, ମାନ ଧମକ ଖାଇ· ଚୁପ୍ ହୋଇ ଯାଇଛନ୍ତି । ଲୁହ ପୋଛୁ ପୋଛୁ ବାସନ ମଜା ହାତର କଳା ଲଗି ଯାଇଛୁ ଖୋମ ମୁହଁରେ । କାନ୍ଦୁ କାନ୍ଦୁ ଗାଁ । ବାପ, ମା, ଭଇ, ଭଉଣୀ ଡ଼ଏ ତ ମନେ ପଡ଼ୁଛନ୍ତି । ଗାଁରେ ଥିଲେ ଏତେ ସକାଳୁ ସେ କ'ଣ ନଦରୁ ଜଠିଥାଆନ୍ତା ? ପାଠ ପଢିଲ ନାହିଁ, ପେଟ ପୋଷିବା ଲଗି ସହରକୁ ଆସି ଏ ଦଶା ।

ବୋଉ କ୍ରୋଧରେ ପଞ୍ଚମ । ତା' ଦରମାରୁ ଗ୍ଲାସ ପଇସା ନଶ୍ଚପ୍ କାଟିବ । ଦରମା ତା'ର ମାସକୁ ଦଶ ଟଙ୍କା । ଗ୍ଲାସର ଦାମ୍ ଦେଢ଼ ଟଙ୍କାରୁ ନଶ୍ଚପ୍ କମ୍ ନୁହେଁ । ଖୋମର ପଦ୍ଧ-ପ୍ରଚ୍ଚ ମାସରେ ଏମିତି ଭୁଲ୍ କେତେଥର ଡ଼ଏ, ତେବେ ଦରମା ଟଙ୍କା ଆଉ ତା ଘରକୁ ଫିବ ନାହିଁ ।

Digitized by srujanika@gmail.com

ବୋଉ ଗୁଲଗଲ୍ପି ଗେଖେଇ ଘରକୁ । ବୋଉର ଅନୁପସ୍ଥିତିର ସୁଯୋଗ ନେଇ ବାପା ଘର ଭିତରୁ ବାଡ଼ାଣ ଆସିଛନ୍ତି । ଆଖି ତାଙ୍କର ଛଳ ଛଳ । ସଦ୍ଭାନୁଭୂତ ଜଣାଇବାକୁ ଆଗେଇ ଯାଇ ପାରୁ ନାଢ଼ାନ୍ତି କନ୍ୟୁ, ବୋଉକୁ ଡର । ଆଖିରୁ ଲୁହ ଗୋଟ୍ଟ ଗୋଟ୍ଟ ଦଠାତ୍ ବୋଉ ପାଟିରେ ଗୁନଆ ଦୋଇ ଖ୍ରାମ ପୁଣି ବାସନ ମାଜଲ୍ପି ।

ସଙ୍ଗେ ସଙ୍ଗେ ବାପା କୁଲପଡ଼ ଘର ଭିତରକୁ ପଶି ଯାଇଛନ୍ତି । କାନ୍ଦଣା ଶୁଭୁଛି । ବାଡ଼ୁନ ବାଡ଼ୁନ କାନ୍ଦୁଛନ୍ତି ରଜନୀ ବାବୁଙ୍କ ପତ୍ନୀ ଉଷସୀ । ସେ ବାଡ଼ୁନାରେ ଅନେକ କାରୁଣ୍ୟ । ଦୁଇ ଦିନ ତଳେ ଅଫିସରୁ ଫେରିବାବେଳେ ଟ୍ରକ ଏକ୍ସିଡେଣ୍ଟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ରଜନୀ ବାବୁ । ଆମ ଘର ଠାରୁ ଦୁଇ ଘର ଗୁଡ଼ ତାଙ୍କ ଘର । ବର୍ଷେ ଦେଲ୍ଲ ପ୍ରେମ ବିବାହ କରିଥିଲେ ସେମାନେ । ଚଣ୍ଡୀ ମନ୍ଦିରରେ ମାଳା ବଦଳ କରି ।

କୁଳୀନ ବ୍ରାହ୍ମଣ ଗୋବର୍ଦ୍ଧନ ରଥଙ୍କ ଦ୍ୱିତିୟ କନ୍ୟା ଉଷସୀ । ଘରୁ ଲୁଚି ପଳାଇ ଆସି ରଜନୀ ଗୁପ୍ତଙ୍କୁ ବିବାହ କରିଥିଲ । ଗୋବର୍ଦ୍ଧନ କୁଆଡ଼େ ପ୍ରଚଣ୍ଡ କ୍ରୋଧରେ ପଇତା ଛିଣ୍ଡାଇ ପକାଇଥିଲେ, "ମୁଁ ସବୁ ଠିକ୍ ବ୍ରାହ୍ମଣ ସନ୍ତାନ ଦୋଇଥାଏ....." ଭୀଷଣ ଅଭିଘାତ । ସେଇ ଅଭିଘାତ କୁଆଡ଼େ ଫଳଗଲ । ଶବ କାନ୍ଧେଇ ଶ୍ମଶାନକୁ ଯାଇଥିଲ । ସେଠାରେ ସବୁ ଶୁଣିଲ ମୁଁ । ପ୍ରକୃତରେ ଗୋବର୍ଦ୍ଧନଙ୍କ ଅଭିସଂଘାତରୁ ଏ ବିପର୍ଯ୍ୟୟ ଘଟିଛି କ ନାହିଁ ସେ ସମ୍ପର୍କରେ ଜିବୁ ନ ଥିଲ ମୁଁ । ଜିବୁଥିଲ ପିତା ଦୋଇ କନ୍ୟାର ଏପରି ଅକଲ୍ୟାଣ ଚନ୍ତା କେହି କରିପାରେ ?

ସ୍ନେହ, ଶ୍ରଦ୍ଧା ଏବଂ ସଦ୍ଭାନୁଭୂତି ଅପେକ୍ଷା ନିଜର କୌଳୀନ୍ୟବୋଧର ଅହଙ୍କାର କେଡ଼େ ଭୟଙ୍କର ସତେ ! ଚରମ ସ୍ୱାର୍ଥପର ହେବା ଦ୍ୱାରା ନିଜର ହୃଦୟର କୋମଳ ବୃତ୍ତିମାନଙ୍କୁ କ'ଣ ନିର୍ଦ୍ଦୟଭାବେ ଜଳାଞ୍ଜଳି ଦିଆ ଦୋଇଥାଏ ?

ଏହି ସବୁ ଧ୍ୱନିମାନଙ୍କ ସହ ଅନ୍ୟ ଯେଉଁ ବିକଳ ଧ୍ୱନିଟି ମିଶି ରହିଥିଲ, ତା ଥିଲ ପରିର । ଆମ ଗୋଷା କୁକୁରର । ସେ ତ କୁକୁର ନୁହେଁ, ଆମ ପରିବାର ଭିତରର ଜଣେ । ପାର୍ଦ୍ଧ ଗୁର ବର୍ଷ ୍ ଏ ଘରର ଜଗୁଆଳ ! ଏ

Digitized by srujanika@gmail.com

ଘରେ ଚପି ସମସ୍ତଙ୍କ ପ୍ରାଣର । ବୋଉ ପର ଶୁଚବାର ଲୋକର ବଛଣାରେ ଶୁଏ । ବୋଉ ଖାଇ ବସିଲେ, ଛା ପାଖରେ ଛାର ଖାଇବାର କଥା ! ବୋଉ ପଛ ଆଡେ ସମସ୍ତେ ଫୁସ୍‌ଫାସ୍ ହୋଇ କଥାବାର୍ତ୍ତା ହୁଅନ୍ତି, ଏତେ ଛୁଆଁ ବେମାର ଯାହାର ଚପି ଷେତରେ ଛାଡା ଯାଏ କୁଆଡେ ? ସେ ବୋଉ କୋଳରେ ଚଣେ । ବୋଉର ମୁଡଁ ଗୁଣ୍ଡ ! ଏଅଁଙ୍କ ଘରେ ବୋଉ ପୂଜା କରୁଥିଲେ ଗୋଜି ହୋଇ ବସିଥିବ ଛା' ପାଖରେ ଫୁଲ, ପାଣି, ଭୋଗ କଛୁ ମାତ୍ରଡ଼ ନାହିଁ । ଅଥଚ ଅନ୍ୟମାନଙ୍କ ବେଳକୁ ସବୁ ବାରଣ ।

ବାପାଙ୍କ ସଙ୍ଗେ ନଉ ସକାଳୁ ଚପିର ବୁଲିଟିବା କଥା । ସାନଭାଇ ରମୁ ସଙ୍ଗେ ଘନଷ୍ଠ ସମ୍ପର୍କ ଚପିର । ରମୁ ବାହାରୁ ଫେରିବାବେଳେ କଛୁନା କଛୁ ଖାଇବା ଜନକ ଆଣିଥିବ ପାଟରେ । ନ ହେଲେ ସରଲ କଥା । ଚପି ଲା ଗୋଡ଼ ଖମ୍ପି ପକାଇ ଛାକୁ ଘରେ ପୁରାଇ ଦେବନ । ସେଇ ଚପି ଅସମୟରେ ସ୍ୱର୍ଗତ ହୋଇଗଲ । ଦେହଯାକ ଛାର ଘା । ଘୁସୁର ଘୁସୁର ଅନେକ ଦିନ ଏପଟ ସେପଟ ହେଲ । ଛା' ପରେ ନଟମ ରହିଗଲ ସେ ।

ସାନ ଭାଇ ରମୁ ଘରେ ଛା'ର ଶେଷ ଶଯ୍ୟା ରଚନା କରି ହୋଇ-ଥିଲ । ଚପିର ଯନ୍ତ୍ରଣା ଲକ୍ଷ୍ୟ କଲେ ଆଖିରେ ଲୁହ ରହିବନ । ବୋଉତ ନଉ ଲୁହ ଗଡ଼ାଏ ପଡିଯାଇଁ । ବାପା ଚପିକୁ ଦେଖିବାକୁ ଆସନ୍ତି ଓ ଫେରିଟିବା ବେଳେ ଆଖିରୁ ଚଷମା କାଢି ଲୁଗା କାନ୍ଥରେ ଲୁହ ପୋଛନ୍ତି । ଆଜି ରମୁ, ସେ ମନକୁ ଟାଣ କରି ଦେଇଥିଲ । ଚପିର ଯନ୍ତ୍ରଣା ନିଜ ମଧ୍ୟରେ ଗଭୀର ଭାବେ ଅନୁଭବ କରି ଦାନ୍ତ ଚପି ସହୁଥିଲ ସବୁ ।

ଦନେ ଛା'ର ମୋର ଚପିକୁ ଦେଖି ଘର ଭିତରୁ ବାହାର ଆସୁଛୁ, ରମୁ ମୋତେ ନସ୍ତେଜ କଣ୍ଠରେ କହିଲ, "ଚପିର ଏ ଅସହ୍ୟ କଷ୍ଟ ସହ୍ୟ କରିବା ମୋ ପକ୍ଷେ ଅସମ୍ଭବ । ଭାବୁଛି·····।" କ'ଣ ସେ ଭାବୁଛୁ, ଛାଡା ପେଟେବେଳେ ସ୍ପଷ୍ଟ କଣ୍ଠରେ ବ୍ୟକ୍ତ କରି ଦେଲ, ମୁଁ ଚମକ ପଡ଼ିଲ । ମାନ ନିଜକୁ ସମ୍ଭରଣ କରି ନେଇ କହିଲ, "ଚପିର ପ୍ରାରବ୍ଧ ଭୋଗ ହେଉଛୁ, ଭୋଗି ଯାଉ, ଛାପରେ ତ ସେ ଆପେ ଆପେ ମୁକ୍ତି ପାଇଯିବ । ତୁ ଛାକୁ ମୁକ୍ତି ଦେବାକୁ କଏ ? ଜୀବନ ତ କାହାକୁ ଦେଇ ପାରିବ ନା, ତେବେ ଛା'ର ମୃତ୍ୟୁ ସମ୍ପର୍କରେ ଚନ୍ତା କରିବା କାହିଁକି ?

Digitized by srujanika@gmail.com

ଗାଧୋଇ ସାରି ବାଥ୍ ରୁମର ଦ୍ୱାର ଖୋଲି ବାହାରି ଆସୁଛି, ସାମ୍ନାରେ ଦେଖିନେଲା ରମୁ ଠିଆ ହୋଇଛି । ମୁହଁ ଉପରେ ଚାରି ଆସନ୍ନ ଚମକର ଛାପ୍ପା । ମୁଁ ଚମକି ପଡ଼ିଲି, "ବାପା ବୋଉ ସପି ପାଖରେ ଜଲଦି ଆସ ।" ବୁଝିବାକୁ କିଛି ଆଉ ବାକି ରହିଲା ନାହିଁ । ଦ୍ରୁତ ପଦକ୍ଷେପ ପରେ ମୁଁ ରମୁକୁ ଅନୁସରଣ କଲି । ସପି ମୁଣ୍ଡ ପାଖେ ବାପା ବସିଛନ୍ତି, ଆଉ ବୋଉ ବସିଛି ସପି ଦେହକୁ ଛୁଇଁ । ଆଖି ପୋଛୁଛି । ମୋ ସାନ ଉଜଣୀ ମୀନା କାନ୍ଦ କାନ୍ଦ ମୁହଁରେ ଠିଆ ହୋଇ ରହିଛି ସପିକୁ ଅନାଇ । ଘର ନଡ଼ାକ । ହୁକ୍‌କା ଜଠୁଛି ସପିର । ଅନ୍ତିମ ମୁହୂର୍ତ୍ତ ଆସନ୍ନ । ରମୁର "ଜଲଦି ଆସ"ର ଅର୍ଥ ଅବଶ୍ୟ ଅନୁମାନ କରି ପାରିଥିଲି । ସପିର ଅର୍ଦ୍ଧ ନମିଲିତ ଦୁଇ ଆଖିରୁ ଦି ଧାର ଲୁହ ଗଡ଼ି ପଡ଼ୁଛି । ବାପା ଫେରି ପଡି ଆମ୍ଭମାନଙ୍କୁ ଗୁହାଁି ଏକ ଘାର୍ଦ୍ଦଶ୍ୱାସ ତ୍ୟାଗ କରି କହିଲେ, "ସପି ଆମ୍ଭମାନଙ୍କୁ ଛାଡ଼ି ଚାଲି ଯାଉଛି, ସମସ୍ତେ ପାଖକୁ ଆସ ।"

ବାପାଙ୍କ ନର୍ଦ୍ଦେଶ ଅନୁଯାୟୀ ନଜକଟକୁ ଫିରିବାରୁ ପୁନଶ୍ଚରେ କହିଲେ, ମୁଁ ଓ ବୋଉ ସପି ଚୁଣ୍ଡରେ ମାଡ଼ାର୍ଦ୍ଦି ଦେଇ ସାରିଲୁଣି । ତମମାନଙ୍କ ହାତକୁ ସେ ଅନାଇଛି ।" ଆମେ ସମସ୍ତେ ଜଣ ଜଣ କରି ନର୍ମାଲ୍ୟ ଢେଲ୍ ଢା ଚୁଣ୍ଡରେ । ଘର ବ । ଢାପରେ ଆମେ ସମସ୍ତେ ସପିର ସେଇ ଅନ୍ତିମ ମୁହୂର୍ତ୍ତକୁ ସ୍ତବ୍ଧ ଦୃଷ୍ଟିରେ ଅପେକ୍ଷା କରିବାକୁ ଲଗିଲୁ । ଜୀବନ ଦୀପ ଢାର ଧିରେ ଧିରେ ଲିଭି ଆସୁଛି । ନର୍ଦ୍ଦିଷ୍ଟ ମୁହୂର୍ତ୍ତଟିକୁ ବାପା ଠିକ୍ ବୁଝି ପାରି-ଥିଲେ । ସପିର କାନପାଖେ ନଇଁ ପଡ଼ି ଅଶ୍ରୁ ଗଦ୍‌ଗଦ୍ କଣ୍ଠରେ କହି ଉଠିଲେ, "କୃଷ୍ଣହେ, ରାଧା ମାଧବ ।"

ଢାପରେ ପଲକ ମଧ୍ୟରେ ସବୁ ଶେଷ । ପୂର୍ଣ୍ଣଚ୍ଛେଦ । ହୁକ୍‌କାର ପର୍ବ ସମାପ୍ତି ଘଟିଛି । ଅର୍ଦ୍ଧ ନମିଲିତ ନୟନ ସ୍ଥିର ହୋଇ ଯାଇଛି । ଆଖିରେ ଲୁହ ଜାକ ବୋଉ କଇଁ କଇଁ ହୋଇ କାନ୍ଦୁଛି । ମୀନା ବ ଯୋଗ ଦେଇଛି ବୋଉ ସଙ୍ଗେ । ମୋ ଆଖିରେ ଲୁହ ନାହିଁ । ଆଜି ରମୁ, ସେ ଯେପରି ପାଷାଣ ମୂର୍ତ୍ତି ପାଲଟି ଯାଇଛି, ବାପା ନଜ ହାତରେ ଧଳା ଚାଦର ଖଣ୍ଡେ ଘୋଡାଇ ଦେଲେ ସପି ଉପରେ ।

Digitized by srujanika@gmail.com

ଧଳା ବୁଦର ତଳେ ମଟି ନଦୋଡ ନଦରେ ଶୋଇଛୁ, ଆଉ ଉଠିବନ ।

ଆଜ ଦନକ ଛୁଟି ନେବା ଲଗି ମୁଁ ଅଫିସକୁ ଛୁଟି ଦରଖାସ୍ତ ପଠାଇ ଦେଇଥିଲ । ଉକ୍ତ ଦରଖାସ୍ତରେ ଥଡିର ମୃତ୍ୟୁ ଯେ ମୋର ହଠାତ୍ ଛୁଟି ନେବାର ହେତୁ, ତାହା କନ୍ତୁ ଉଲ୍ଲେଖ ନଥିଲ ।

---

Digitized by srujanika@gmail.com

# ଖଣ୍ଡିଏ ହାପ୍ ପ୍ୟାଣ୍ଟ୍

ରମେଶ ଚନ୍ଦ୍ର ଧଳ

ଗନ୍ଧଧାମର ଆକାଶ ବର୍ଷା. ବାଦଲରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇନାହିଁ । ଝରକା ଦେଇ ସେ ଗୁହାଁଚେଲ ବସ୍ତାକୁ । ଏବେ ମଧ୍ୟ ଗନ୍ଧଧାମର ଜୀବନ ଚଞ୍ଚଳ, ଦରପୋଡା ଆଜି ଖଣ୍ଡିଏ ବଡରେ ସେ ନଆଁ ଧରଇଲେ । ମନେ ହସିଲେ, କହିଲେ ଧନ୍ୟରେ ଗନ୍ଧଧାମ । ବଡ଼ ଚରିତ୍ର ଏ ସ୍ଥାନ । ତାଙ୍କର ମନେ ହେଲ ପଚେ ଯେଣେ ଏଠାରେ ନାଁପଙ୍ଗତାର ସୀମା ସରହଦ ସେ ଅତିକ୍ରମ ଆଜି କରି ପାରିବେ ନାହିଁ । ସମସ୍ୟାର ସମାଧନ କେବଳ ତାଙ୍କୁଇ କରିବାକୁ ହେବ । କାହାର ସହାନୁଭୂତି, ପରାମର୍ଶ ଅପେକ୍ଷାରେ ରହିବା ପାଗଳାମି ବ୍ୟତୀତ ଅନ୍ୟ କିଛି ନୁହେଁ ।

ନିଜକୁ ମନ ସାନ୍ତ୍ୱନା ଦେଇ କହିଲେ ସେ ତ ସେଦିନ ମହାତ୍ମା ହୋଇ ନ ଥିଲେ । ଆଣ୍ଠୁ ନ ଲୁଚୁ ଲୁଗା ଖଣ୍ଡେ ପିନ୍ଧି ସେଦିନ ପଦାକୁ ଯାଇଥିବେ ତାହା ଦେଖି ଅନ୍ୟମାନେ ନାସ୍ତପ୍ତ ନାକ ଟେକିଥିବେ, କହିଥିବେ ଭଲ ମାନୁଛୁ ଦେଖ । ଅସଭ୍ୟଟା । ମାସ ପରେ ଏହି ପରିଚ୍ଛଦଟି ତାଙ୍କୁ ଅନ୍ୟମାନଙ୍କ ଠାରୁ ଚର୍ଚ୍ଚିବାରେ, ଚଢାଇବାରେ ସହାୟକ ହୋଇଥିଲା । ସେ ନିଜେ ତାଙ୍କପରି ମହାତ୍ମା ନ ହୋଇ ପାରନ୍ତୁ ତେବେ ଜଣେ ସାଧାରଣ ମଣିଷ ଯିବେ ଏତିକି କରି ପାରିବେ ନାହିଁ କାହିଁକି ?

Digitized by srujanika@gmail.com

ଆଜି ଥରେ ସେ ହାତ୍ ପ୍ୟାଣ୍ଟିକୁ ହାତରେ ଧରି ମନକୁ ମନ କହିଲେ, ଅଫିସ ପିନ୍ଧି ଯିବା ପରି ଧୋତି ଦାମ୍ ତୁଳନାରେ ଏହା ନିଶ୍ଚିତ ଭାବେ ଶସ୍ତା । ଧୋଇବା ଓ ଇସ୍ତ୍ରୀକରି ଖର୍ଚ୍ଚ ମଧ୍ୟ କମ୍ । ଦାମ୍ ପାଦାଦେଉ ନା କାନ୍ଦିକି ତାଙ୍କ ପାଇଁ ଅନ୍ୟ ଉପାୟ ନାହିଁ । ଧୋତି ଖଣ୍ଡିଏ କ୍ରୟ କରିବାର ଶକ୍ତି ମଧ୍ୟ ନାହିଁ । ତେଣୁ ତାଙ୍କୁ ଖଣ୍ଡିଏ ହାଫ୍ ପ୍ୟାଣ୍ଟ ପରିଧାନ କରି ଅଫିସ ଯିବାକୁ ହେବ । ହାଇୱାନ ପାର୍ଟକୁ ଭିତରେ ଭର୍ତ୍ତି କରି ପିନ୍ଧିବାକୁ ପଡ଼ିବ । ପ୍ୟାଣ୍ଟ ଉପରେ ବେଲ୍ଟ ବାନ୍ଧିବାକୁ ହୋଇପାରେ । ତାଡ଼ରେ ମୋଜା ପିନ୍ଧିବା ଯୋତା ପିନ୍ଧିବା ପ୍ରଶ୍ନ ଉଠି ନାହିଁ । ସେହି ହାଫ୍ଟାଇ ସ୍ଲିପର । କେତେବେଳେ କେଉଁଠାରେ ଫିତା ଛିଡ଼ିବ ତା'ର ଠିକଣା ନାହିଁ । ଗ୍ଲୋବ୍ ମେସ୍ଟିରେ ଯେତେ ଜଣ ଥାଆନ୍ତୁ ଏହି ସ୍ଲିପର ଉପରେ ସମସ୍ତଙ୍କର ଅଧିକାର । ଯିଏ ଯେତେବେଳେ ମେସ୍ ପାଖ ପାନ ଦୋକାନକୁ ଯାଏ ପାଦରେ ଗଳାଇ ଦେଇ ଯାଏ । ନରକାର ଏଥିପାଇଁ କେବେ ବରକ୍ତ ହୁଅନ୍ତି ନାହିଁ । ବରଂ କୁହନ୍ତି ତାଙ୍କ ମେସ ଜୀବନରେ ଏହା ଏକ ସ୍ଥାପୀ ଫିଚର୍ । ଅନ୍ୟମାନଙ୍କୁ ଦେବା ପରି ତ ତାଙ୍କର ଆଉ କଛି ନାହିଁ । ତେବେ ସେ ପାଟି ଖୋଲି ଅନ୍ତତଃ ପରୁର ପାଣିବେ ଦେ' ଦେ' ମୋ ସ୍ଲିପର ଦୁଇକ କଏ ନେଇଛ ? ମୋ ପାନଆଁ ମୋ ସ୍ଲିପର ଯିଏ ନେଇଛ ନଅ ତେବେ କାମ ସାରି ଆଣି ଠିକ୍ ସ୍ଥାନରେ ରଖିଦଅ । ତାଙ୍କ କହିବା ଭଙ୍ଗୀରେ ଅଭିଯୋଗ ନ ଥାଏ ବରଂ ନରକାର ଏହା ଯେପରି କହନ୍ତି ସମସ୍ତେ ଉପଭୋଗ କରନ୍ତି । ନରକାର ଅଭାବ ସତ କନ୍ତୁ ଅଭାବ ତାଙ୍କୁ ଅମଣିଷ କରି ନାହିଁ । ଅନ୍ୟ ପାଇଁ ତାଙ୍କ ପ୍ରାଣରେ ଅସୁମାର ଦରଦ । ହସଖୁସିର ମଣିଷ ସେ ।

ସେ ଖାଇ ପି, ସାରି ହାଫ୍ ପ୍ୟାଣ୍ଟ ପିନ୍ଧି ପ୍ରସ୍ତୁତ ହେଲେ ଅଫିସ ଯିବାକୁ । ରଙ୍ଗ ଚୁନ୍ଧି ଯାଇଥିବା ଓ ବର୍‌ବର ଚେନ୍ ଖସୁଥିବା ସାଇକେଲ୍‌ଟି ଧରି । ଅଫିସ ସାଇକେଲ ଷ୍ଟାଣ୍ଡରେ ସାଇକେଲ୍‌ଟି ଥୋଇ ଦେଇ ଅଫିସ ଉପରକୁ ଯିବା ପାଇଁ ସେ ଲିଫ୍ଟ ନକଟରେ ଠିଆ ହୋଇ ରହିଲେ ।

ଉପରୁ ଲିଫ୍ଟ ଖସିଲା । ଲିଫ୍ଟବପ୍ଟ ପରିଚତ । ସେ ନରକାରଙ୍କୁ ବସ୍ତ୍ରଭର ଗୁହାଣିରେ ଗୁହିଁବାର ଦେଖି ସେ କଛି କହିବା ପୂର୍ବରୁ ନରକାର

Digitized by srujanika@gmail.com

ପ୍ରଶ୍ନ କଲେ ମେନେଜରାଙ୍କ ଆସିଲେଣି ? ଉତ୍ତର ମିଳିଲା 'ସାଢ଼େ ନଅଟାରୁ ଆସିଲେଣି ।' ନନ୍ଦକାର ମନକୁ ମନ କହିଲେ ହଁ ଆସିଥିବେ, ଆଜି କନ୍‌ଫରେନ୍ସ ଥିଲା । ଅନ୍ୟ କେତେ ଜଣ ଯେଉଁମାନେ ଲିଫ୍‌ଟରେ ଥିଲେ ସେମାନେ ନନ୍ଦକାରଙ୍କୁ ଚାଲୁଚୁଲିଯା ପର୍ଯ୍ୟନ୍ତ କଟମଟ କରି ମାରବରେ କେବଳ ନସ୍ତାଷଣ କରି ନେଉ ଥାଆନ୍ତି । ସତେ ଯେପରି କୌଣସି ଗୋଟିଏ ମୂଲ୍ୟବାନ ଜିନିଷ ଆଜି ଲିଫ୍‌ଟରେ ଉଠି ଅଫିସ ଆଟେଣ୍ଡ କରିବାକୁ ଆସୁଛି । ନନ୍ଦକାର ମନେ ମନେ କହୁ ଥାଆନ୍ତି—ଆବେ ଗୁହ୍ମଁଚ୍ଛ କ'ଣ ? ତୁମେ କ'ଣ ବୁଝିପାରିବ ଏ ଦେଉଛୁ ଅଘ୍ରାଣ ମଣିଷର ପୋଷାକ ! ଦରମା ଯାହାର ମୋଟେଇ ତିନଶହ ସେ ମେସିଂ ଦେବ ଏକଶହ ପଚାଶ, ଘର ଭଡ଼ା ଏଗାରଶ, ବାକି ଧାର ସୁଝିବ ମାସକୁ ପଚାଶ । ତା ବ୍ୟତୀତ ଗାଁର ପରିବାରର ସାମାନ୍ୟ ଗୁଜୁରାଣ ମେଣ୍ଟାଇବାକୁ ଦେବ । ଏଥିରୁ ଆଜି କେତେ ବଳିବ ସେ ସୁଟ୍‌କୁଟ୍ ହୋଇ ସେ ଅଫିସ ଆସିବ । ଠିକ୍ ଅଛି ତୁମେ କେତେ ଗୁହ୍ମଁବ କ'ଣ କହିବ କୁହ । ମୁଁ ସବୁଥିପାଇଁ ପ୍ରସ୍ତୁତ ହୋଇ ଆସିଛୁ ।

ଲିଫ୍‌ଟ ଥାର୍ଡ଼ ଫ୍ଲୋରରେ ଅଟକିଲା । ନନ୍ଦକାର ବାରଣ୍ଡାରେ ଆଗେଇଲେ । ଦୁଇଟି ଡିପାର୍ଟମେଣ୍ଟ ଅତିକ୍ରମ କରିଗଲେ ଯାଇ ତାଙ୍କ ଅଫିସ ।

ନନ୍ଦକାର ଗୁଣିଥାନ୍ତି । ତାଙ୍କୁ କଏ କପରି ଗୁହ୍ମଁଚ୍ଛି ସେ ମାରବରେ ଲକ୍ଷ୍ୟ କରୁଥାଆନ୍ତି । ଅନ୍ୟ ଯେଉଁମାନେ ଦ୍ରୁତ ପଦରେ ଗୁଣିଥାଆନ୍ତି ସେମାନେ କପରି ବେଶଭୂଷା ହୋଇ ଥାଆନ୍ତି ତାହା ମଧ୍ୟ ସେ ନସ୍ତାଷଣ କରୁଥାଆନ୍ତି । ସେ ଅପେକ୍ଷା କରି ଥାଆନ୍ତି ତାଙ୍କୁ ହାପ୍ ପ୍ୟାଣ୍ଟ ପିନ୍ଧିଥିବାର ଦେଖି କଏ କ'ଣ କହୁଛି । ପ୍ରଥମେ ଅଫିସ ପିଅନ ଶ୍ୟାମଳ ବାବୁଙ୍କୁ ଦେଖି ସାମାନ୍ୟ ହସି କହିଲା—ବାବୁ ଆଜି ଏ କ'ଣ ? ବଡ଼ବାବୁ ଆପଣଙ୍କୁ କାହିଁକି ଖୋଜୁଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଯାଇ ଅଣ୍ଡର ସେକ୍ରେଟାରିଙ୍କ ରୁମ୍‌ରେ ଭେଟିବେ । ସେଠାରେ ସେ କ'ଣ ଆଲୋଚନା କରୁଛନ୍ତି । କହିସାଇଛନ୍ତି ।

ତାପରେ ଅଫିସ ଭିତରେ ଦୁଇଟି ରୋ'ରେ ଧାଡ଼ି ହୋଇ ବସିଥିବା ବନ୍ଧୁମାନେ ହଠାତ୍ ପାଟି କରି ଉଠିଲେ—'ଆରେ'ରେ ନରୁ ବାବୁ ଯେ, ଆଜି ଏ କ ରୂପ ଦେଖାଇଲ ହେ ।' ସୁନ୍ଦର କହିଲା କ'ଣ ଘଇନା ଆଜି

Digitized by srujanika@gmail.com

ସିଧା ଏଠାରୁ କ୍ଲବକୁ ଯିବ ନା କ'ଣ ? ମନ୍ଦ ନୁହେଁ ତେବେ ! ସୁରବାବୁ ପିଅନକୁ ଡାକ କହିଲେ ଘଜୁ ସା' ନରୁବାବୁଙ୍କ ନାମ କହି ଚାଞ୍ଚ କପ୍ ଗ୍ଲ ନେଇ ଆସିବୁ । ସେ ଫ୍ୟାଣ୍ଡପିନ୍ଧ ଆସିଜନ୍ତୁ—ନବ ରୂପ ନବକାନ୍ତି, ଏଠାରେ ଆଜ ସେଲବ୍ରେଟ୍ କରାଯିବ । କ'ଣ କହୁଛନ୍ତି ? ନରକାର ବାବୁ ସାମାନ୍ୟ ହସି କହିଲେ ହଁ ଆସୁ କଏ ମନା କରୁଛୁ । ମନେ ମନେ ସାମାନ୍ୟ ବିରକ୍ତ ହେଲେ । ଅଘ୍ରବରୁ ଯିଏ ଧୋଉ ଗ୍ଲଡ଼ ହାତ୍ ଫ୍ୟାଣ୍ଟକୁ ଆସିଲଣି ଡାଠୁ ଗ୍ଲ' ଖାଇ ସେଲବ୍ରେଟ୍ ନ କଲେ ଆଉ ହେଉଛୁ । ଗୁଡ଼ାଏ ମାଗଣାଖିଆ ମଖିଗ୍ଲେଷ ଯୁଟିଜନ୍ତି । ହାତ୍ ଫ୍ୟାଣ୍ଟ ଉପରେ କଛୁ ସମଯୁ ଝିପ୍ପଣୀ ଗ୍ଲଲଲ । କଏ କହିଲ ଏହି ଡ୍ରେସ ସମସ୍ତେ ପିନ୍ଧି ଅଫିସ ଆସିବା ଉଚିତ । ଚପର୍ ଦାନ୍ ଅଦର ଡ୍ରେସେସ୍ । ହରବାବୁ କହିଲେ ଚଡ଼ ଏବଂ ହାତକଟା ଗଞ୍ଜି ଏହାଠାରୁ ଆଡୁଚ ଶସ୍ତା ପଡ଼ିବ । ତେବେ ସମସ୍ତେ କ'ଣ ସେଇଯା ପରିଧାନ କରି ଆସିବେ । ଏକଥା ଶୁଣି ନରକାରଙ୍କ ଦେହରେ ନଆଁ ଲଗିଲ ପରି ମନେ ହେଲ । ମନକୁ ମନ ସେ କହିଲେ ସ୍ତ୍ରୀ ପିଲଙ୍କୁ ପୋଷି ନପାରି ବର୍ଷରେ ଆଠମାସ ଯେ ନେଇ ଶଶୁର ଘରେ ଗ୍ଲଡ଼େ ସେ ପୁଣି ବଡ଼ ବଡ଼ କଥା କହେ ବେଶ ପୋଷାକ ପରିଚ୍ଛଦ ନେଇ । ହରବାବୁ ପୁଣି କହିଲେ, କ'ଣ ପଗ୍ଲରୁଛୁ କେହି କଛୁ କହୁନାହିଁ ଯେ ? ରୁଷିଆରେ କ'ଣ ପିନ୍ଧିଲେ, ଗ୍ଲଇନାରେ କ'ଣ ପିନ୍ଧି ସମସ୍ତେ ଅଫିସ ଆସନ୍ତି ସେଥିରୁ କ'ଣ ମିଳିବ ? ମୁଁ କ'ଣ ପଗ୍ଲରୁଛୁ କଛୁ କହୁନାହିଁ ଯେ । କୃଷ୍ଣବାବୁ ଘାଟିରେ ପାନଖିଲେ ପୃଥ୍ୱି ବଉବାବୁଙ୍କ ଆଡକୁ ଗ୍ଲହିଁ କହିଲେ ହଁ ଚଳିବ । କଛୁ ଅସୁବିଧା ହେବ ନାହିଁ । କଛୁ ଅସୁବିଧା ହେବ ନାହିଁତ ? ଘବଚନ୍ଦ୍ର କୁହନ୍ତୁ । ଚଡ଼ ଆଉ ଗଞ୍ଜି ପିନ୍ଧି ମୁହାଁ ମୁହିଁ ହୋଇ ବଡ଼ବାବୁ ଓ କୁମ୍ କୁମ୍ ବସି ଏ ଅଫିସରେ କାମ କରି ପାରିବେଚ ? ନରକାର କୁମ୍ କୁମ୍ କଥା ପୁରା ଭୁଲି ଯାଇଥିଲ । ତାଙ୍କ ଅଫିସରେ ସେ ଏକମାତ୍ର ଲେଡ଼ି ଅସିସ୍ଟାଣ୍ଟ୍ । ବେଶ୍ ସୁଦର୍ଶା ଥାଚଳ ଝିଅଟିଏ । ଅବବାହତା । ସବୁଦିନ ବେଶ୍ ନଜକୁ ସଜାଇ ସେ ନବବଧୂଟି ପରି ଅଫିସ ଆସେ । ସାରା ଅଫିସ ସଦ୍ଧାକାର୍ଯ୍ୟ ବନ୍ଧୁମାନେ ତାକୁ ସାହାଯ୍ୟ କରିବା ନମନ୍ତେ କେବେ ବମୁଖ ହୁଅନ୍ତି ନାହିଁ । ହଠାତ୍ ନରକାର କୁମ୍ କୁମ୍ ସମ୍ପର୍କରେ ମଚେତନ ହୋଇ ଉଠିଲେ । ସେ ଆଖପାଖରେ ଦୃଷ୍ଟି ଫେରାଇଲେ କୁମ୍ କୁମ୍ ଏପର୍ଯ୍ୟନ୍ତ ଆସି ନାହିଁ । ଟିକେ ବବ୍ରତ ହୋଇ ଉଠିଲେ, ସତରେ

Digitized by srujanika@gmail.com

କୁମ୍ କୁମ୍ ଦେଖି ତାଙ୍କୁ କ'ଣ କହିବ ଦୁଏନ୍ତ କିଛି କହିପାରେ କିଛି ନକହିବ ପାରେ । ସତରେ କୁମ୍ କୁମ୍ ମିନାକରି ନବବଧୂଟିପରି ବେଶ ହୋଇ ଅଫିସ ଆସେ । ସଜାଇ ହୋଇ ଆସିବାକୁ ସେ ସମସ୍ତ ପାଏ କେଉଁ ? ତା ସ୍ତ୍ରୀ ଜୀବନ୍ତରେ କ'ଣ ଏମିତି ସଜାଇ ହେଇ ଦିନେ ପତାକୁ ବାହାରିବାର ସୌଭାଗ୍ୟ କେବେ ଆସିବ ନାହିଁ । କୁମ୍ କୁମ୍ ଜୀବନ୍ତ ବଳା । ବଡ଼ ଜେକର ଝିଅ । ବଏ ପାଶ୍ ପରେ ସମସ୍ତ କହାଇବାକୁ ଅଫିସରେ ଯୋଗ ଦେଇଛୁ । ଦୁଇଚାରି ଜଣ କେଉଁଦିନ ଅଫିସ ଗୁଡ଼ି ଗୁଲିଟିବ । ତାଙ୍କ ପାଇଁତ ଙ୍ଗବନର ଆହ୍ୱାନ ନାହିଁ । ଫଗ୍ରାମ ନାହିଁ । ଆକାଶର ଉଡ଼ନ୍ତା ପକ୍ଷୀ ସେମାନେ । ଉତ୍ସାନକା ତାଗ୍, ତା ସାଙ୍ଗର ଜନ ସ୍ତ୍ରୀ କଲାବଣ୍ଟର ଚୁଲନା କଣ ଲାଭ ବା କ'ଣ ? ସେ କଲମ ଧଣ କାମରେ ମନ ଡେଇଲ ଡେବେ ଦୃଷ୍ଟି ତାଙ୍କର ଅସ୍ଥିର । କାନ ତାଙ୍କର ଚଞ୍ଚଳ । ତାଙ୍କୁ କଏ ଗ୍ରହିଁଛୁକ ? କଏ ତାଙ୍କ ଗୋଷାକ ଉପରେ ଟିପ୍ପଣି କରୁଛୁ କ ?

ଦୁଇଟା ଅଫିସ ଭିତରକୁ ଚଢି ଆସିଲେ ଅଣ୍ଡର ସେକ୍ରେଟ୍ରିଏଟ୍ । ଅଫିସ୍‌ରେ ଯିଏ ଯେତିରି ପଦେ ଅଧେ ଗପଝପ କରୁଥିଲେ ବନ୍ଦ ହୋଇଗଲା । ସତେ ଯେପରି ଝଣା ଧୂଆଁ ଖାଇ ମଣାମାନେ ଜଡ଼ ପଳାଇ ଗଲେ । ଗୁଲି ଗୁଲି ହୋଇ ଅଣ୍ଡର ସେକ୍ରେଟାରି ନରୁକାରଙ୍କ ସିଟ୍ ପର୍ଯ୍ୟନ୍ତ ଆସିଲେ । ଅନ୍ୟମାନେ କଲମ ଗୁଡ଼ି ସହାସ୍ୟ ବଦନରେ ତାଙ୍କ ଆଡ଼କୁ ଗ୍ରହିଁ ରହିଲେ । ଏପରି ଏକ କୌତୁହଳ ପରିବେଶ ଦେଖି ଅଣ୍ଡରସେକ୍ରେଟାରି ପ୍ରଶ୍ନ କଲେ କ'ଣ ହୋଇଛୁ ତୁମେ ସମସ୍ତେ ଆଜ ହସୁଛ କାହିଁକି ? କ'ଣ ହୋଇଛୁ । ସାମାନ୍ୟ ଜାରବତା ପରେ ଧନବାବୁ କହିଲେ—ସାର୍ ନରୁକାରବାବୁ ଆଜ ହାଫ୍ ପ୍ୟାଣ୍ଟ ପିନ୍ଧି ଆସିଛନ୍ତି । ଏଡ଼ାକୁ ଅଫିସିଆଲ୍ ଡ୍ରେସ କରି ଯାଇଲେ ଭଲ ହୁଅନ୍ତା ଆମେ ଭାବୁଛୁ । ଏକଥା ଶୁଣି ଅଣ୍ଡରସେକ୍ରେଟାରି କହିଲେ ସଚେତନା' ନରୁକାରବାବୁ ହାଫ୍ ପ୍ୟାଣ୍ଟ ପିନ୍ଧି ଆସିଛନ୍ତି । ଭଲ କଥା । ଏହା ଧୋତି ପଞ୍ଜାବୀ, ଜାମାପୋଡ଼ ହୋଇ ଆସୁ ଆସୁ ଅନେକ ସମସ୍ତ ପାଉଛୁ । ଏ ସବୁର ପରିବର୍ତ୍ତନ ହେଲେ ଭଲ ହୁଅନ୍ତା ।

ବଳମ୍ବର କାରଣ କ'ଣ କେଜାଣି ? ଶେଷରେ କୁମ୍ କୁମ୍ ଆର୍ଯ୍ୟ ଅଫିସରେ ପଦାର୍ପଣ କଲାବେଳକୁ ସମସ୍ତେ ନିଜ କାମରେ ମନ ଦେଲ୍ । ଅଣ୍ଡରସେକ୍ରେଟାରି ଗଲେ ।

Digitized by srujanika@gmail.com

ସତ୍ତାମତ୍ତ ମଦ ନୁଟେଇଁ । ନଗ୍ନକାର କହିଲେ ବାକ କୁମ୍‌କୁମ୍‌ କ'ଣ କହିବ ଶୁଣିବା ପାଇ ଏମାନେ ଗୁହାଁ ରହିଛନ୍ତି ।

ପାନ ପାଇଁ ଯିବା ଲଗି ନଗ୍ନକାରବାକୁ ଠିଆ ହେଲେ । ପାର୍ଶ୍ୱସ୍ଥ ସିଟ୍‌ରୁ ମୁହଁ ଉଠାଇ କୁମ୍‌ କୁମ୍‌ ଗୁହାଁଲେ ନଗ୍ନକାରଙ୍କୁ । ସାମାନ୍ୟ ହସି ଗମ୍ଭୀର ହୋଇଗଲେ । ନଗ୍ନକାର ସେହିଦିନ ପ୍ରସ୍ତୁତ ଥିଲେ ଯହ କୁମ୍‌ କୁମ୍‌ ମୁହଁ ଖୋଲି କଛୁ କହେ ଜବାବ ଦେବା ଲଗି । ବୁଝିଲେ କୁମ୍‌ କୁମ୍‌ ଦେଗ୍ଦା ! ଆପଣମାନେ ସବୁ ଜିସ୍‌ମାନକା ଭାଗ୍ୟ ମାଟିର ବ୍ୟଥା ବେଦନା ବୁଝି ପାରିବେ ନାହିଁ । ଆପଣଙ୍କ ପରି ଶାଢ଼ି ବ୍ଲାଉଜ୍‌ ନେଲପଲସ୍‌ କଣି ଦେବା ନମନ୍ତେ ବାପ ଭାଇ ମୋର ନାହାନ୍ତି । ମୋ ଜଞ୍ଜାଳ, ଦୁଃଖ, ଦୁର୍ଦ୍ଦଶା ଆପଣ ଅନୁମାନ କରି ପାରିବେ ନାହିଁ । ଆପଣ ଯେପରି ପରିଷ୍କିଏ ପରି ସଜାଇ ଦୋଇ ଆସୁଛନ୍ତି ସେହିପରି ଅନେକକୁ ଆସିବାକୁ ଇଚ୍ଛା ହୁଏ । ମୋ ପରି ଅନେକ ଯୁବକ ବ୍ରଜକୁମାର ପରି ଆପଣାକୁ ସଜାଇ ଘୋଡାରେ ବସି ଆସିବାକୁ ଗୁହାଁନ୍ତି ଆପଣଙ୍କ ପରି ଫୁଲଗଣୀମାନଙ୍କୁ ସଙ୍ଗରେ ନେଇ କାନନ ବହାରରେ ଯିବାକୁ ଗୁହାଁନ୍ତି । ମାନ୍ୟ:..... ନଗ୍ନକାର କୁମ୍‌କୁମ୍‌ଙ୍କ ଉଦ୍ଦେଶ୍ୟରେ ଥରିଏ କଟାକ୍ଷପାତ କରି ଦୃଷ୍ଟି ଫେରାଇ ନେଲେ । ସେ କାହିଁକି କ'ଣ ବା କୁହନ୍ତା । ଆପଣା ଭୁଚ ଭାଙ୍କୁ ବଭ୍ରତ କରାଇଥିଲା ।

ବାକ ଯେଉଁମାନେ ଅଫିସ ଆସି ନଥିଲେ ତା ପରଦିନ ନଗ୍ନକାରଙ୍କୁ ଦେଖି କଏ କପରି ପଦେ ଅଧେ କହିଲେ । ହାସ୍ୟ ରସିକ ବନ୍ଧୁ ଶ୍ୟାମକାନ୍ତ କହିଲେ ଅନେକ ଧନଧର ହାପ୍‌ ପ୍ୟାଣ୍ଟ ପିନ୍ଧି ଅଫିସ ଆସିବ ବୋଲ ଭରୁଥିଲ । ମାତ୍ର ସାହାସ କରୁନଥିଲ । ଏବେ ନରୁଭାଇଙ୍କୁ ଗୁରୁମାନଲ । ମୁଁ ବି କାଲଠାରୁ ଆସିବ । ନରୁଭାଇ ଥ୍ରି ଚଥ୍ଵରସ୍‌ ।

ନଗ୍ନକାର ଗୋଟାଏ ଗଡ଼ ଜିଣିଲପରି ମନେ କଲେ । ଅନେକ ଭାବଲେ ନୂଆ କଛୁ କରିବା ଗୋଟାଏ ଫେସନ୍‌ । ଷ୍ଟାଇଲରେ ଆଜ ପରିଣତ ହୋଇଗଲଣି । ନଗ୍ନକାର ଷ୍ଟାଇଲ୍‌ କରୁଛନ୍ତି । ନକରିବେ କାହିଁକି ? ବପ୍ସ ଅଛୁ । କରନ୍ତୁ ଯାହା ଭାଙ୍କୁ ପସନ୍ଦ ହେଉଛୁ । ଲୁଗାଟୁଡ଼ ହାପ୍‌ ପ୍ୟାଣ୍ଟ୍‌, ହାପ୍‌ ପ୍ୟାଣ୍ଟ ଟୁଡ଼ ଆଜ କଛୁ ପରିଧାନ କରିଥାରନ୍ତି । ମାତ୍ର

Digitized by srujanika@gmail.com

କଏ କପର ବୁଝିବ ନବୀନକାରଙ୍କର ଆର୍ଥିକ ଅନାଟନ ମାନସିକ ବ୍ୟଥା । ଅର୍ଥା ଭିତରୁ ପ୍ୟାଣ୍ଟ ପିନ୍ଧେଇ ମଜୁରୀ ମଧ୍ୟ ପରଶୋଧ କରିଯାଇ ପାରନାହିଁ ।

ତାପରେ ନବୀନକାର ଆଜି କିଛି ଅସ୍ୱାସ୍ତିକର ଅନୁଭବ କରୁନାଡାଁନ୍ତି । ସବୁ ସ୍ୱାସ୍ତିକର, ସାଧାରଣ, ଅବେଳା ଜମେ ଗଣ୍ଡ କରିଛୁ । ସେ ଡାଇପ୍ୟାଣ୍ଟ ପିନ୍ଧି ଅଫିସ ଯାଇଛନ୍ତି । ଆସିଛନ୍ତି । ସାଧାରଣ ସଭା ସମିତିକୁ ମଧ୍ୟ ଯାଇଛନ୍ତି । ସେହି ଡ୍ୟାପପ୍ୟାଣ୍ଟ ନବୀନକାରଙ୍କ ଫକେଟ ଡୋଇ ଯାଇଛୁ ।

ଅନେକ ଦିନପରେ ଥରେ ପାଗରବାକୁ ନବୀନକାରବାବୁଙ୍କୁ ଅଟକାଇ ପକାଇଲ କିଛି ଭାବରେ ନାହିଁ ଯହି ଗୋଟିଏ କଥା ପକାଇବ । ପକାଇ ନାଡାଁନ୍ତି । ବକୁର ବନ୍ଧୁଗ ମାଜଷ୍ଟ୍ରେଟ୍ ଆପଣ । ଖସିରେ ନକହିଲେ କୋର୍ଟକୁ ଟାଣି ଶପଥ ଦେଇ ପଚାରିବେ । ମୁଁ କହିବାକୁ ବାଧ ହେବ । ଏବେ ଖସିରେ ନକହିବ କାହିଁକି ? ପରିହାସ କରି କହିଲେ ନବୀନକାରବାବୁ ।

ପାଗରବାବୁ କହିଲେ ମୁଁ ଦେଖେ ଆପଣ ବେଶ୍ ଦାମି ପୋଷାକ ପିନ୍ଧି ଫିଟ୍‌ଫାଟ୍ ହୋଇ ସେଣ୍ଟବୋଳ ହୋଇ ବୁଲନ୍ତି । ମାସ ମଝିରେ ମଝିରେ ଏହିପରି ଷ୍ଟ୍ରାକନାର ଡାଫ୍‌ପ୍ୟାଣ୍ଟ ଡାଫ୍‌ଡାଓ୍ୱାନ ଇନ୍‌ସାଟ୍‌କରି ସିଧିର ପିନ୍ଧି ପୁରୁଣା ସାଇକେଲରେ ଚଢି ବୁଲନ୍ତି । କଥା କ'ଣ ? କୌଣସି ଗୋପନୀୟ ରହସ୍ୟ ଯହି ଥାଏ କହିବାରେ ଆପତ୍ତି ଯହି ନଥାଏ ତେବେ କହନ୍ତୁ ।

ସାମାନ୍ୟ ରୁମ୍ ହୋଇସାଇ ନବୀକାର କହିଥିଲେ, ଆଜିଠୁ ମୁଁ ଅନେକ ଧନୀ ହୋଇ ଯାଇଛୁ । ମାସ ଦିନଥିଲ ଯେତେବେଳେ ମୁଁ ମାସ ତିନଶ ଟଙ୍କାର କରାଣୀ, ଦଲ ଧୋତି ଖଣ୍ଡଏ କିଣି ପିନ୍ଧି ଅଫିସ ଟିବାର ଭାବିତ ନଥିଲ । ଶସ୍ତାକନାର ଡାଫ୍‌ପ୍ୟାଣ୍ଟ ଖଣ୍ଡିଏ କରାଇଥିଲ । ମିଲଇ ମଜୁରି ଦେଇ ପାର ନଥିଲ । ଆଜି ଦଲି ଦିନରେ ମଧ୍ୟ ମୁଁ ସେମିତି ଭୁଲି ଯାଇନାହିଁ ସେହି କଥାକୁ ଭୁଲି ନଟିବା ନିମନ୍ତେ ମୁଁ ମଝିରେ ମଝିରେ ଡାଫ୍‌ପ୍ୟାଣ୍ଟ ପିନ୍ଧି ପଦାକୁ ବାହାରେ । ମନେ ମନେ ଭାବେ, ମୋପରି ଅନେକ ଲୋକ

Digitized by srujanika@gmail.com

ଅପୂର୍ବ୍ୟା ହେଉ ଅନଇଚ୍ଛା ସତ୍ତ୍ୱେ ଏହିପରି କଛି ନା କଛି ନକରିବା କାମ କରିଥାଏ । ସେମାନଙ୍କୁ ଭଲ ବୁଝିବା ଅନୁଚିତ । ଚମ୍ବକରେ ହାପ୍ ପ୍ୟାଣ୍ଟ ଇଚ୍ଛାରୁ ଶୁଣାଇ ସାମାନ୍ୟ ହସିଲେ ନରସିଂହବାବୁ । ସାଗରବାବୁ ଭଲ ପାଇଥିଲେ ସେ କଥା ।

ଫାର୍ଦ୍ଦାର୍ଦ୍ଦକେଶ୍ ଶୁଣାଣି ଚାଲିଥାଏ । ପ୍ରସିକ୍ୟୁଟର ଗୋଟିଏ ହାପ୍-ପ୍ୟାଣ୍ଟ ଦେଖାଇ ସାକ୍ଷୀକୁ ପଚାରିଲେ ଅନ୍ୟାନ୍ୟ ଜିନିଷ, ବେଡ୍‌ସିଟ୍ ଶାଢ଼ୀ, ହୁଇସ୍କି ସହିତ ଏହି ହାପ୍ ପ୍ୟାଣ୍ଟଟି ମଧ୍ୟ ଜବତ ହୋଇଥିଲା ।

ହଠାତ୍ ସାଗରବାବୁ ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ୍ ଅନ୍ୟମନସ୍କ ହୋଇ ଉଠିଲେ । ସମ୍ମୁଖରେ ତାଙ୍କର ଭସାବାଦଲ ପର ଅନେକ ସ୍ମୃତି ଝଲସି ଉଠିଲା । ସତେ ଯେପରି ସେକ୍ରେଟାରିଏଟ୍ ସମ୍ମୁଖରେ ହସଖୁସିର ନଶିଷ ନରସିଂହବାବୁ ଠିଆ ହୋଇ ତାଙ୍କୁ କହୁଛନ୍ତି ଏହି ହାପ୍ ପ୍ୟାଣ୍ଟ ମୋ ଦୁର୍ଦ୍ଦିନର ସାକ୍ଷୀ ଆଜ ମୁଁ ଅନେକ ଧନୀ ହୋଇ ଯାଇଛି । ମାତ୍ର ମୁଁ ଅନ୍ତତଃ ସେହି ଦିନ ଗୁଡ଼ିକୁ ଭୁଲ ଯିବାକୁ ଚାହେଁନା ସେହି ଦୁଃଖର ଦିନଗୁଡ଼ିକ ମୋପାଇଁ ବହୁମୂଲ୍ୟବାନ୍ । ମାଜିଷ୍ଟ୍ରେଟ୍ ପଚାରିଲେ, କେଶ୍‌ର ଅଭିଯୋଗକାରୀ କିଏ ? ନରସିଂହ ମହାନ୍ତି ? ଉତ୍ତର କଲେ ପ୍ରସ୍ୟୁକ୍ୟୁଟର—ହଁ ସାର୍ । ମାଜିଷ୍ଟ୍ରେଟ୍ ଆଜ୍ଞାରେ ସମ୍ମୁଖ ଟେବୁଲ୍ ଉପରକୁ ଦୃଷ୍ଟି ନକ୍ଷେପ କଲେ । ଟେବୁଲ ହୋଇ ଜବତ ହୋଇଥିବା ତିନି ଗୁରୁଟି ଦାମି ସିଲକ୍ ଶାଢ଼ୀ ଦୁଇଟି ବେଡ୍‌ସିଟ୍ ତିନି ଗୁରୁଟି ହାଓ୍ୱାନ ସାଙ୍ଗ ଭିତରେ ସ୍ୱଳ୍ପ ଦାମ୍‌ର ହାପ୍ ପ୍ୟାଣ୍ଟ ଖଣ୍ଡି ଅତି ଅବହେଳିତ ଅବସ୍ଥା ରେ ପଡ଼ିଥିଲା । ସେ କଛି କହିବାକୁ ଗଲାହିଁ କହି ପାରୁ ନଥିଲେ । କେବଳ ସାକ୍ଷୀଙ୍କ ସାକ୍ଷ୍ୟ ଲିପବଦ୍ଧ କରି ଚାଲିଥିଲେ । କୋର୍ଟ କକ୍ଷରେ ଗୋଟିଏ ପରିଚିତ ସ୍ୱର ପ୍ରତିଧ୍ୱନିତ ହେଉ ଥିବାର ସେ କେବଳ ଶୁଣି ପାରୁଥିଲେ । ସେ ସ୍ୱରଟି ହେଲା — ଏ ହାପ୍ ପ୍ୟାଣ୍ଟ ମୋ ଦୁଃଖ ଦୁର୍ଦ୍ଦିନର ସାକ୍ଷୀ । ଆଜି ମୁଁ ଅନେକ ଧନୀ ହୋଇ ପାରିଛି, ମାତ୍ର ମୁଁ ମୋର ସେହି ଦିନଗୁଡ଼ିକୁ ଭୁଲ ଯିବାକୁ ଚାହେଁ ନାହିଁ ।

Digitized by srujanika@gmail.com

# ଗୋଲନେପ୍ୱାର୍

## ଶ୍ରୀ ବସନ୍ତ କୁମାର ସାମଲ

ଅଦ୍ଭୁତ ନଗର ।

ରଜ ଅନ୍ତଃପୁର

ବାତାପ୍ୟନ ଫାଙ୍କରେ ଶୂନ୍ୟ ଆକାଶକୁ ଘୃଣ୍ଣି ଦୀର୍ଘଶ୍ୱାସ ଢେଳିଲେ ଗୋଲନେପ୍ୱାର । ନାଡ଼କୁ ଫେରି ଆସୁଥିଲେ ପକ୍ଷୀ ଦଳ ରକ୍ତାଭ ଡେଣା ପିଟି ଚଞ୍ଚଳ ଛନ୍ଦରେ । ଅସ୍ତ ସୂର୍ଯ୍ୟର ରକ୍ତରଙ୍ଗ ସବୁଜ ଅରଣ୍ୟର ନୀଳାଭ ଅଞ୍ଚଳରେ ।

ଉଦାସ ଗୋଧୂଳି ସଞ୍ଜରେ ପାଉଥିଲା ବେଗମଙ୍କ ଶୂନ୍ୟ ପ୍ରାଣରେ । ନପ୍ୱନ ପ୍ରାନ୍ତରେ ଲୋଡକର ଝରଣା ପିଟି ପଡୁଥିଲା । ବାସ୍ତବକ ହୃଦପ୍ୱର ଏଇ ଅବ୍ୟକ୍ତ ଯନ୍ତ୍ରଣାରେ ବେଗମ ଅଡଷ୍ଟ ଡୋଇ ଉଠୁଥିଲେ ।

କେଶମୁକ୍ତ । ଦୀର୍ଘତାର ଗଳ ନେଇ ଲେଟି ପଡିଛୁ ଜଘନ ଉପରକୁ ।

ଦୀର୍ଘ ନେତ୍ରରେ କଜ୍ଜଳରେଖା ।

ଯମୁନାର ନୀଳ ନୀର ବେଣୀଭଳ ଖସି ପଡ଼ଛ କଣ୍ଠି ଦେଶ ଓ ଚକୁର ଦେଇ, ରେଖାଙ୍କିତ ଯୋଥି ପ୍ରତିମାପର ମାପଚପ ଅଙ୍ଗ ସୌଷ୍ଠବ ! କ ଉଜ୍ଜ୍ୱଳ ! ଅସାମାନ୍ୟ । ଅତୁଳନୀୟ ସୌନ୍ଦର୍ଯ୍ୟର ଅଧିକାରିଣୀ ବେଗମ ଗୋଲନେପ୍ୱାର ।

Digitized by srujanika@gmail.com

ଅଥଚ ବସନ୍ତର ପଳାଶବନ ପରି ଅଧର ଉଷୁ । ଅଧର ଖୋଜୁଚ ଅଧର, ନେତ୍ର ଖୋଜୁଚ ନେତ୍ର, ବାହୁ ଖୋଜୁଚ ବାହୁ, ବୁକୁ ଖୋଜୁଚ ବୁକୁ । ଅଥଚ ଅଲଭ୍ୟ ବେଦନାରେ ଯନ୍ତ୍ରଣା-ଜର୍ଜର ବେଗମ ଗୋଲନେଯ୍ୟାର ଥରି ଉଠୁଥିଲେ ।

ଅଦ୍ୱିତୀୟ ନଗର ସ୍ୱଜପ୍ରାସାଦର ଅନ୍ତଃପୁରରେ ସେ ସେମିତି ବନ୍ଦିନୀ । ସାରତର ଏକଚ୍ଛତ୍ରାଧିପତି ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ହସ୍ତର କ୍ରୀଡ଼ନକ ପିଞ୍ଜରାବଦ୍ଧ ପକ୍ଷୀ । ଯୁଦ୍ଧରତ ସମ୍ରାଟ ଭୁଲି ଯାଇଛନ୍ତି ପ୍ରାଣସମା ପତ୍ନୀ ରୂପସୀ ଗୋଲ ନେଯ୍ୟାରଙ୍କର ପ୍ରେମ ନିବେଦନ । ନାସ୍ତି ରୂପସୀ । ସେ ସ୍ୱପ୍ନେ ମିଳନ ।

ସ୍ୱଜଅନ୍ତଃପୁରର ସୁସଜ୍ଜିତ ସୁଷମାମଣ୍ଡିତ ବିଳାସ-ବିଳେଳତା ସମ୍ରାଟ ଅନୁପସ୍ଥିତିରେ ଦୋଇ ଉଠୁଚ ଶୂନ୍ୟ ବ୍ୟର୍ଥ । ବ୍ୟର୍ଥ ଦୋଇ ଉଠୁଛି ଯୌବନ । ମାନସ ପଟରେ ଅଜସ୍ର କାମନାର ଉତ୍ତାଳ ତରଙ୍ଗ ପିଟି ଦୋଇ ଯାଉଛି ।

ସେଇ ଅନୁଶୋଚନା, ଅନୁତାପ, ବ୍ୟର୍ଥତା, କାଳକ୍ରମେ କ୍ରୋଧାଗ୍ନିରେ ପରିଣତ ଦୋଇ ଉଠିଛି । ସୁଗଠିତ ତନୁରେ ବେପଥୁ । ଅଜସ୍ର ପ୍ରତୀକ୍ଷା ପରେ ବଦ୍ରୋନ୍ମୁଖୀ ପ୍ରେମିକା ବେଗମ ଗୋଲନେଯ୍ୟାର ନେଇଛନ୍ତି ସର୍ତ୍ତୀବର ଆଶ୍ରୟ । ଆଜ ପ୍ରେଷକଷାର୍ପିତ ନେତ୍ରର କଟାକ୍ଷରୁ ସୃଷ୍ଟି ଦୋଇ ଯୁଲୁଛି ବଡ଼ବାନଳ । ସମଚ୍ଚ ସାରତ ବର୍ଷକୁ ଜାଳପୋଡ଼ ଦେବାର ସାମର୍ଥ୍ୟ ସୁସ୍ପଷ୍ଟ ।

କଏ ବା ବଶ୍ୱାସ କରିବ ସାମ୍ରାଜ୍ଞୀ ଗୋଲନେଯ୍ୟାରଙ୍କ ଆତ୍ମ-ଅସନ୍ତୋଷର କାରଣ । ସମ୍ରାଟ ବାରମ୍ବାର ଯୁଦ୍ଧର ଘନଘଟା ଭିତରେ ଭୁଲି ଯାଇଛନ୍ତି ରୂପସୀପତ୍ନୀ ଗୋଲନେଯ୍ୟାରଙ୍କୁ । ନାସ୍ତିର କଟାକ୍ଷପାତରେ ସମଗ୍ର ସାମ୍ରାଜ୍ୟ ଧ୍ୱଂସ ଦୋଇ ଯାଇପାରେ । ଏଦ୍ଦାର ଭ୍ରିର ଭ୍ରିର ପ୍ରମାଣ ରହିଛି ଇତିହାସରେ ।

ବାତାଯନର ଲୌହରେଲଂକୁ ଧରି ଗୋଲନେଯ୍ୟାର ନଯନରୁ ଲୋତକ ଗଡ଼ାଉଥିଲେ । ସେ ଲୋତକ ଭିତରେ ଲାସି ଉଠୁଥିଲ ତାଜମହଲ ।

Digitized by srujanika@gmail.com

ସେଇ ବଶ୍ୱସ୍ପିଷ୍ଟ ଚାଦର ଆକାଶରେ ପ୍ରେମିକର ଶାସ୍ୱତ ହୃଦସ୍ପନ୍ଦର ତାରକା ଝଲମଲ କରି ଉଠୁଥିଲା । ଧନ୍ୟ ସାହାଜାହାନ, ଧନ୍ୟ ମମତାଜ । ତୁମକୁ ବନ୍ଦୀ କରି ଯେଉଁ ପୂତ ହୃତ୍ୟାକର ଆନନ୍ଦଲାଭ କରିଥିଲ ସାମ୍ରାଜ୍ୟ ନଶାରେ ସେ କେବେ ବୁଝିବ ନାଶ୍ୱର ହୃଦସ୍ପନ୍ଦ ? ନାଶ୍ୱର ବେଦନା ।

ଆଃ ସମ୍ରାଟ ! ସମ୍ରାଟର ରକ୍ତମ ଓଠରେ ଭର ଦେଇପାରେ ଉତ୍ସୁକତା, ଦୃଃ ଦୃଃ—ଧାଗଲମାପର ହସି ଉଠିଲେ ବେଗମ । ସେଇ ଶୂନ୍ୟହସର ପ୍ରଚ୍ଛଧ୍ୱନୀ ମୂଲ୍ୟବାନ ଶସ୍ପନକକ୍ଷର ଗୁରୁ କାନ୍ଥରେ ବାଜି ଅସ୍ପଷ୍ଟ ହୋଇ ଉଠିଲା ।

ଶଯ୍ୟାରେ ଅଳସ ତନୁକୁ ଲେଟାଇ ଦେଲେ, କନ୍ତୁ ଆକସ୍ପିକ ଭାବରେ ପ୍ରବେଶ କଲେ ମୋଗଲ ସମ୍ରାଟ ଆଓରଙ୍ଗଜେବ । ଗୁରୁଆଡ଼େ ବକ୍ଷସ୍ତ ଭାବେ ଲେଟିଥିବା ସମ୍ରାଜ୍ଞୀ ପାଶ ଦେଖି ଦୃଣାରେ ଥର ଉଠିଲେ ସେ । ଏ କ'ଣ, ଗୋଲନେସ୍ୱାର ?

ଗୋଲନେସ୍ୱାର ସମ୍ରାଟଙ୍କ ମୁହଁକୁ ଥରେ ଗୁହିଁଲେ, ତା'ପରେ ଉତ୍ତତ କଣ୍ଠରେ କହିଉଠିଲେ—ମନେରଖ ସମ୍ରାଟ ! ଏ ଯୌବନ ମୋତେ ଉତ୍ତତ୍ତା ଆଜ୍ଞ ସୃଗ୍ଧକ୍ତା କରିଛୁ । ଯୌବନକୁ ଉପଭୋଗ କରିବାର ମସ୍ତବଡ଼ କାମନା ନେଇ ମୁଁ ଆସିଥିଲ ସମ୍ରାଟ । ପ୍ରତ୍ୟେକ ମୂହୂର୍ତ୍ତ ମୋର ଜଳୁଡ଼ ଯାଇଛୁ— ଏଇ ଜଳୁଡ଼ା ବସନ୍ତର ସମ୍ମୋହନ ତୁମ ଭିତରେ ମୂହୂର୍ତ୍ତକ ପାଇଁ ଶୀତ୍କରଣ ସୃଷ୍ଟି କଲନାହିଁ । ମୁଁ ଏହାର ପ୍ରତ୍ତଶୋଧ ନେବ ସମ୍ରାଟ । ତୁମକୁ ମୁଁ ମଧ୍ୟ ଦେଖାଇପାରେ ମୃତ୍ୟୁର ତାଣ୍ତବ ନୃତ୍ୟ । ସମର ବଶ୍ୱସ୍ତିକା । ତୁମର ସାମ୍ରାଜ୍ୟର ପତନର ଅନତ୍ତାର୍ଯ୍ୟ ଦୃଶ୍ୟ ।

ସମ୍ରାଟ ଆଉରଙ୍ଗଜେବ ହସି ଉଠିଲେ···ଗୋଲନେସ୍ୱାର ତୁମର ପ୍ରେମିକ ଗୁଠୋର ଦୁର୍ଗାଦାସ ବର୍ତ୍ତମାନ ବନ୍ଦୀ । ତାର ବୀରତ୍ତ ବଳବୀର୍ଯ୍ୟ ଶୌର୍ଯ୍ୟ ଅଜ ନଷ୍ତ୍ରୁ ହୋଇ ଯାଇଛୁ । ତୁମେ କଣ ଜାଣନ ତୁମକୁହିଁ କେନ୍ଦ୍ର କରି ମୋର ଏ ଦାକ୍ଷିଣାତ୍ୟ ଅଭିଯାନ । ଗୋଲନେସ୍ୱାର ପ୍ରଗଲ୍ଭ କଣ୍ଠରେକହିଲେ—ଦୁର୍ଗା ଦାସ ବନ୍ଦୀ ! ବନ୍ଦୁତ୍ୱ ହେବାର କାରଣ ନାହିଁ ଗୋଲନେସ୍ୱାର ସେଥିପାଇଁ କାବଲେଶ ଖାଁ ପୁରସ୍କୃତ ହୋଇଛୁ ।

Digitized by srujanika@gmail.com

'ଏଡା କଣ ସତ୍ୟ ନାହିଁ।ପନା'

"ଦନଗ୍ଭ ପର ସତ୍ୟ"

ଗୋଲନେପ୍ୱାର ଶୂନ୍ୟ ଦୃଷ୍ଟିରେ ଗୃହିଁରହ୍ଵଲେ—ଆଖି ଆଗରେ ଭାସି ଉଠିଲ ଅଶ୍ଵାତ୍ତର ଏକ ସୁରଣୀପ୍ଵ ଘଟୀ । ପେଉଁଦନ ସ୍ୱହସ୍ତରେ ଶୃଙ୍ଖଳ ମୁକ୍ତ କଣ ପ୍ରଦଶ୍ଵ ଭ୍ଵରେ ଅଶ୍ଵ ପୃଷ୍ଠରେ ଦୀର୍ଘ ପଥ ଅତ୍ତନ୍ମ କଗ୍ଵଇ ଠିଆ କଗ୍ଵଇଥିଲେ ସୁପୁରୁଷ ଦୁର୍ଗାଦାସ ଦଲ୍ଲୀ ରାଜପ୍ରସାଦ ପାଖରେ । ସେହ୍ଵଦନ ସାଲ ଦୁର୍ଗାଦାସର ସୁବ୍ଵଳ-ବପୁ, ପ୍ରଶସ୍ତ କପାଳ, ପିତ୍ତଦାପ୍ତ ଯୁକ୍ତ ଅଧରପ୍ରାନ୍ତ । ଆଃ ପୌରୁଷର ଦମ୍ଭ ଅହଂକାର ନେଇ ମତେ ଥରେ ସ୍ପର୍ଶ କରପାରଲ ନାହିଁ—ଗୁରୁ କାପୁରୁଷ । ମୋର ଅସାଧାରଣ ସୌନ୍ଦର୍ଯ୍ୟ ପଗ୍ଵଜତ ହୋଇ ଯାଇଥିଲ ତାର ଉତ୍ପଙ୍କର ଧୈର୍ଯ୍ୟ ପାଖରେ ।

ଗୋଲନେପ୍ୱାର !

ନାହିଁ।ପନା

ତୁମେ ନାଶ୍ଵ ହୋଇ ସୁଗ୍ପାଃରେ ଦେଖୁଚ ଯୌବନର ପ୍ରତ୍ତବମ୍ଭ । ତୁମେ ଧର୍ମଭ୍ରଷ୍ଟା ।

କ୍ରୋଧ ତ୍ୟାଗ କରନ୍ତୁ ସମ୍ରାଟ । ଥରେ ଗୃହିଁ ମତେ । ମୋର ଅପାମାନ୍ୟ ଜ୍ୱଳନ୍ତା ରୂପରେ ପତଙ୍ଗଭଳ ଝାସ ଦେଇ ନାଦାନ୍ତୁ ଦୁର୍ଗ ଦାମ, ଆଜ୍ ତୁମେ । ନାଶ୍ଵର ଯୌବନ ଗଟ ଖଟ ହୋଇ ଯାଇଛୁ । କଣ ଦରକାର ଏ ଅସାମାନ୍ୟ ସୌନ୍ଦର୍ଯ୍ୟର, କଣ ଦରକାର ଆଜାନୁଲମ୍ବିତ ଘନକେଶଗୁଚ୍ଛର, କଣ ଦରକାର ସୁଦୀର୍ଘ ନେତ୍ର ଆଜ୍ ଚନ୍ଦ୍ରସମ ସୁଷମ ମୁଖମଣ୍ଡଳର; କଣ ବା ଲେଡ଼ା ସ୍ପର୍ଶାଭ ବାହୁଯୁଗଳ ଆଜ୍ ଅଧରପ୍ରାନ୍ତରେ ଆଶ୍ଚର୍ଯ୍ୟ ଡାପ୍ୟରେଂଜାର । ଆପଣମାନେ ପୁରୁଷ ହୋଇ କଣ ଗୃହିଁ।ନ୍ତୁ—ନାଶ୍ଵ ନା ଧର୍ମ ।

ସମ୍ରାଟ ଆଉରଙ୍ଗଜେବ ନରୁତ୍ତର । ବଶ୍ରାମ ନେବାକୁ ଉପଦେଶ ଦେଇ ସେ ଚାଲଗଲେ । ତାଙ୍କର ପ୍ରସ୍ଥାନ ପଥକୁ ଗୃହିଁ ହସି ଉଠିଲେ ଗୋଲନେପ୍ୱାର । ପ୍ରତ୍ତହ୍ଵଂସା, ପ୍ରତ୍ତଶୋଧର କାମନାରେ ସେ ହୋଇ ଉଠିଲେ ପାଗଳିନୀ । ତାଙ୍କର ରକ୍ତରେ ଅପୂବ୍ଵ ରୋମାଞ୍ଚ—ମସ୍ତକରେ

Digitized by srujanika@gmail.com

ଚନ୍ଦାର ଅନନ୍ତ ଝଞ୍ଜ । ସେ ଫେର ଆସିଲେ ସୁକୋମଳ ଦୁଗ୍ଧ ଫେନନିଭ ଶଯ୍ୟାଧାରକୁ । ଆଃ ! କ ନିଷ୍ଠୁର, କ ହୃଦୟହୀନ ଧାଷ୍ଟାଣ ଓରଙ୍ଗଜେବ୍ର ଆଜ୍ଞରଙ୍ଗଜେବ । ଦିଲ୍ଲୀର ବାଦଶାହା, ଲକ୍ଷାଧିକ ସେନାର ସେନାନାୟକ । ଯିଏ କ୍ଷମତାର ପ୍ରଲେଭନରେ ନଜର ରକ୍ତର ସମ୍ପର୍କିତ ଭାଇମାନଙ୍କୁ ହତ୍ୟା କରପାରେ—ସେ କଣ ବୁଝିବ ନାସ୍ତର ହୃଦୟ, ଯାହାର ରଗରଞ୍ଜତ ନେଶ ଆଜ ରକ୍ତ ରଞ୍ଜତ ଭରବାସ୍ତ ପ୍ରଭୃତମୋହ, ଯିଏ ସୃଷ୍ଟି କରପାରେ ରକ୍ତ ରଜ୍ୟରେ ରକ୍ତର କରାଳ ସମୁଦ୍ର । ସେହ ଧର୍ମାନ୍ଧ ମୋଗଲ ସମ୍ରାଟର ଦମ୍ଭ ଅହଂକାରକୁ ମୁଁ ଧୂଳିସାତ୍ କରବାକୁ ଗୁଡ଼େଁ । ବଶ୍ରାମ ! ବଶ୍ରାମ କାହିଁ ? ଯେ ପର୍ଯ୍ୟନ୍ତ ସ୍ୱର୍ଣ୍ଣ-ଖଚିତ ରଜମୁକୁଟ ଓହ୍ଲାଇ "ରଜପୁତ ବୀର ଦୁର୍ଗାଦାସ ମଥାରେ ପିନ୍ଧାଇ ନ ଦେଇଛୁ ସେ ପର୍ଯ୍ୟନ୍ତ ମୋର ଶାନ୍ତ ନାହିଁ, ବଶ୍ରାମନାହିଁ, ଆଜ୍ଞ ପୂରଣ ହୋଇନ ମୋର ଲକ୍ଷ୍ୟ । ଦୁର୍ଗାଦାସ । ତୁମେ ଜାଣନା ଗୋଲନେପ୍ୱାରକୁ—ଥରେ ବୁଝିବାକୁ ଚେଷ୍ଟା କରନା । ତଥାପି ମୁଁ ତୁମକୁ ଭଲ ପାଏ । ତୁମକୁ ଦିଲ୍ଲୀ ସିଂହାସନରେ ସମ୍ରାଟପଦରେ ଅଭିଷିକ୍ତ କରାଇ ମୁଁ ଦେବାକୁ ଗୁଡ଼େଁ ତୁମର ସାମ୍ରାଜ୍ଞୀ । ସିଦେଦ୍ଧା ଧର୍ମାନ୍ଧ ରଜ୍ୟଲେଖ୍ଚ ବାଦଶାହା—ପ୍ରସ୍ତୁତ ରହ ।

ଗଭୀର ଅନ୍ଧକାର । ଅବସାଦର ଅନ୍ଧକାର ।

ଜଜ୍ଜଳ ଆଲୋକରେ ସମଗ୍ର ପୃଥିବୀ ହସି ଉଠିବା ପର୍ଯ୍ୟନ୍ତ ନଦ୍ୟପାପ୍ୱିନା ଗୋଲନେପ୍ୱାର ଶୋଇଗଲେ; ଅଥଚ ଶୋଇପାରଲେ ନାହିଁ । ଉତ୍ତେଜନାରେ ଉଠି ସେ ଗଭୀର ନସ୍ତବ୍ଧ ରାତ୍ରୀରେ ଛଦ୍ମବେଶରେ ଆଗେଇ ଗଲେ ।

ଅଦୂର ବେଢସକୁଞ୍ଜରୁ ଶୁଭ୍ୱଥିଲ ହ୍ୱଂସ୍ର ପଶୁର ଗର୍ଜନ—ଶିବର ସମୀପସ୍ଥ ବଂଶକୁଞ୍ଜରୁ ଶୁଭ୍ୱଥିଲ ନଶାଚର ପେଚକ ଗୁରୁଗମ୍ଭୀର ଅଶୁଭସ୍ୱର ।

ବଶାଳ କାତ୍ୱକ୍ଷର ଛତ୍ର ବାତାପ୍ୟନ ଉତ୍ତର ଦେଇ ଦୃଷ୍ଟି ନକ୍ଷେପ କଲେ ସୁଦଶ୍ଚ ଗୋଲନେପ୍ୱାର । ଅନ୍ଧକାର ମଧ୍ୟରେ ପ୍ରେତଚ୍ଛାପରି ଦେଖା ଗଲେ ଦୁର୍ଗାଦାସ । କପାଟ ଦପ୍ଦ ଜନ୍ଦ୍ରୁକ୍ତ କରି ଗୋଲନେପ୍ୱାର ସତୋଷ ସେନାନାୟକ ଦୁର୍ଗାଦାସ ନକଟକୁ ଗଲେ । କନ୍ତୁ ସେ ବଧମୀର କାରଗାରରେ

Digitized by srujanika@gmail.com

କେବଳ ବଶ୍ୱାସଘାତକ ଶମ୍ଭୁଜୀଙ୍କ କଥା ଘବୁଥିଲେ । ମାଡ ଡଠାତ୍ ନାସ୍ତକଣ୍ଠ ବାଣ ସେ ଜତ୍କର୍ଣ୍ଣ ଡେଲେ—

—କଏ ?

—ମୁଁ ବେଗମ ଗୋଲନଯ୍ୟାର

—ଗୋଲନଯ୍ୟାର ।

—ଚହ୍ନି ପାରୁନ ମୁଁ ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କ ସାମ୍ରାଜ୍ଞୀ

—ମନେ ଅଛୁ

—ତମର ସେଇ ଗୋଲନେଯ୍ୟାର ଆଜ ପ୍ରେମପ୍ରାର୍ଥନା

—ପ୍ରେମପ୍ରାର୍ଥନା

—ଆଶ୍ଚର୍ଯ୍ୟ ଡେବାର କଣ ଅଛୁ

—ପରଦାସ ନୁଡେଁଚ ବେଗମ

—ପ୍ରାଣର ଅକୃତ୍ତମ କଥା ଦୁର୍ଗାଦାସ

—ତା ଡେଲେ ମୁକ୍ତ ମିଳବ ପ୍ରଦ୍ଦର ଉପକାର ପାଇଁ

—ନଶ୍ଚଯ୍ୟ, କନ୍ତୁ···

—କନ୍ତୁ ?

—ଆଜୀବନ ଶତ୍ରୁ ଘଟୋର ସେନାନାଯ୍ୟକକୁ ମୁକ୍ତ ନାନ୍ଦିଁ

—ଡେବେ ଶାସ୍ତି

—ସେ ଶାସ୍ତି ସମ୍ରାଟଙ୍କର ନୁଡେଁ ସାମ୍ରାଜ୍ଞୀଙ୍କର, ସାମ୍ରାଜ୍ଞୀଙ୍କର ଅଭଲାଷ ପୂରଣ କରବାକୁ ଘଡ଼ବ, ଦୁର୍ଗାଦାସ ।

—ବେଗମ ସାଡେବା ।

—ମୋଡେ ପ୍ରେମଦାନ କର ମୋର କାମାଶକ୍ତ ଶୁଷ୍କପ୍ରାଣରେ ରସର ଫଲରୁ ଛୁଟାଇଦଅ । ଡଳ ଡଳ କର ମୋର ସୌନ୍ଦର୍ଯ୍ୟ ପାନ କର ଦୁର୍ଗାଦାସ । ନାସ୍ତ ହୃଦଯ୍ୟର ବେଦନା ବୁଝିବ ନଶ୍ଚଯ୍ୟ !

—ବେଗମ ସାଡେବା ।

—ତୁମେ ଘୃଣା ସାଜ୍ଜଚ ଉଯ୍ୟରେ ଦୁର୍ଗାଦାସ । ମୋର ପ୍ରେମପ୍ରାର୍ଥନାକୁ ବାର ଡୋଇ ଖାରୁ ଉଳ ପାଦରେ ଦଳ ଦେଇ ପାରୁଚ ? ମୁଁ

Digitized by srujanika@gmail.com

ବଙ୍ଗାଳ ସାମ୍ରାଜ୍ୟର ସାମ୍ରାଜ୍ଞୀ ହୋଇ ସାମାନ୍ୟ ଜଣେ ସେନାପତ୍ତ ପାଖରେ ପ୍ରେମ ଭିକ୍ଷା କର ପତ୍ରଜତା ହେଲେ···

—ନା, ନା—ଗୋଲନେପ୍ୟାର । ମୃତ୍ୟୁକୁ କେବେ ଭପ୍ତ କରେନା ଦୁର୍ଗାଦାସ ।

—ଦୁର୍ଗାଦାସ, ତୁମେ କଣ ଗ୍ରହଁନା, ଦିଲ୍ଲୀ ଫିଦାସନ । ତୁମେ କଣ ଗ୍ରହଁନା—ଅପ୍ସରୀ ରୂପସୀ ଗୋଲନେପ୍ୟାରକୁ ?

—ମୁଁ ସମ୍ରାଟ ହେବାକୁ ଗ୍ରହେନା—ଗ୍ରହେନା ତୁମକୁ ଗୋଲ-ନେପ୍ୟାର । ରାଜପୁତ ଜାତ ନାଶକୁ ସମ୍ମାନ ଦେଇ ଶିଖିନ୍ତୁ···

—କଣ ହେବ ପ୍ୟାର ପରଣତ ଦୁର୍ଗାଦାସ, କୁହ ପ୍ରେମ ଗ୍ରହଁନା ମୃତ୍ୟୁ

—ଜାଣେ ମୃତ୍ୟୁ ମୋର ଅନିବାର୍ଯ୍ୟ ।

—କାମନକସ ।

—ମୋତେ ଡାକଲେ କେଗମ ସାହେବା ।

—ଏଇ ମୁହୂର୍ତ୍ତରେ ମୋଗଲ ଶତ୍ରୁ ଦୁର୍ଗାଦାସକୁ ହତ୍ୟାକର ।

—ନା, ମୁଁ ପାରିବ ନାହିଁ ।

—ତମେ ପାରିବନ ? ମୋଗଲ ସାମ୍ରାଜ୍ଞୀର ଆଦେଶ ପାଳିବ ନାହିଁ ?

—କ୍ଷମା କରିବେ ସାମ୍ରାଜ୍ଞୀ !

ଗୋଲନେପ୍ୟାର ଅଧର ଗ୍ରପିଲେ ହୋଧରେ । ହୁଏତ କଣ କରିବେ ସେ । ଠିକ୍ ଏହି ସମୟରେ ପଦଶବ୍ଦ ଶୁଭିଲା—ସେ ଫେରି ଗ୍ରହିଁଲେ କଏ ?

—ମୁଁ ସମ୍ରାଟଙ୍କର ବଶ୍ୱସ୍ତ ସେନାପତ୍ତ ଦିଲ୍ଲୀର ଖାଁ ।

—ଦିଲ୍ଲୀର ଖାଁ ।

—ତମକ ପଡ଼ନ୍ତୁ ନାହିଁ କେଗମ ସାହେବା ମୁଁ ସବୁ ଶୁଣିଛୁ

—ତଥାପି ତୁମକୁ ନର୍ଦ୍ଦେଶ, ସାମ୍ରାଜ୍ଞୀଙ୍କର ଆଦେଶ ଦୁର୍ଗାଦାସକୁ ହତ୍ୟାକର ।

—ତୁମେ ଏ ଆଦେଶ ଦେଇ ପାରିବ ନାହିଁ ସାମ୍ରାଜ୍ଞୀ ।

—ଆଦେଶ ମାନିବ ନାହିଁ

—ନାଁ

—ଦିଲ୍ଲୀର ଖାଁ ।

Digitized by srujanika@gmail.com

—ଜଣେ ମଦ୍ୟପାପୁଣି, ବଣ୍ଟାସଘାଣ୍ଡଣୀ, ଭ୍ରଷ୍ଟାଚରଣୀ ରାଜ-ଦ୍ରୋହିଣୀର ଆଦେଶ ମାନିବାକୁ ମୋଗଲ ସେନାପତି ଦଲ୍ଲୀର ଖାଁ ବାଧ୍ୟ ନୁହେଁ ବେଗମ ସାହେବା ।

—ଦଲ୍ଲୀର ଖାଁ ?

—କଏ ଅଛ ?

—କେହ୍ନାଡାଣ୍ଡୁ ବେଗମ ।

—ତା ହେଲେ, ଅସଦାଚା ଗୋଲନେଯାର ବରଲତ ହୋଇ ଉଠିଲେ ବାରମ୍ବାର ଅଧରଦଂଶନ କଣ ଅସ୍ତ୍ର ଖଣ୍ଡିଏ ଖୋଜିଲେ—ମାନ ନ ଧାଇ କହି ଉଠିଲେ, ମାନିବ ନାହିଁ ଦଲ୍ଲୀର ଖାଁ ?

—ଅନ୍ୟାସ୍ୟ ଆଦେଶ ପାଳିବାକୁ ମୁଁ ବାଧ୍ୟ ନୁହେଁ ।

ବେଗମ ସାହେବା ଜାଲକଷରୁ ନସ୍ତ୍ରାଣ ଦେବାକୁ ଚେଷ୍ଟାକଲେ ମାନ ଦୁର୍ଗାଦାସକୁ ବନ୍ଦୀମୁକ୍ତ କରିବାକୁ ପ୍ରବଳ ଇଚ୍ଛା ନେଇ ଫେରିଲେ— ତା ନହେଲେ ସମସ୍ତ ରତ୍ନସ୍ୟ ଜଡ଼ାଙ୍କିତ ହୋଇଯିବ । ମାନ ଏ କ'ଣ ? ଦଲ୍ଲୀର ଖାଁ ଦୁର୍ଗାଦାସଙ୍କ ନକଟକୁ ଯାଇ ମଥା ଅବନତ କଲେ ।

ଦ୍ୱାରକୁଳ ସୂର୍ଯ୍ୟ, ଘଟୋର ସେନାପତି ଦୁର୍ଗାଦାସ । ଭୁମର ଦ୍ୱାରସ୍ଥର ପରିଚୟ ପାଇଥିଲୁ । ଏବେ ରାଜପୁତ ଜାତିର ଚରିତ୍ର ସମ୍ପର୍କରେ ଆଉ ଅଳ୍ପ ନୁହେଁ । ବେଗମ ସାହେବାଙ୍କର ଏଇ ପାପପୂର୍ଣ୍ଣ ପ୍ରସ୍ତାବରୁ ମୋତେ ଆହତ କରିଛୁ । ମୁଁ ମୁସଲମାନ ସେନାପତି, ଶତ୍ରୁ । କନ୍ତୁ ଭୁମର ସେଇ ଚରିତ୍ରବତ୍ତାରେ ମୁଁ ଅଭିଭୂତ । ଆଜଠାରୁ ଭୁମେ ମୁକ୍ତ । ଘଟୋରଦ୍ୱାର ଦୁର୍ଗାଦାସ ! ଆସ, ଆଜି ଭୁମେ ମୁକ୍ତ । ଆଜି ସନ୍ଧିରେ ଭୁମେ ମୋର ସଙ୍କୁଚିତ ଦୋଷକରେ ନସ୍ତପଦରେ ରାଜ୍ୟକୁ ଫେରିଯାଅ । ଆମର ଶତ୍ରୁ କନ୍ତୁ ମରହଟ୍ଟା ବୀର ଶମ୍ଭୁଜୀ, ଆସ ଦୁର୍ଗା ଦାସ, ଭୁମର ମସ୍ତକ୍ତ ନକଟରେ ମୁଁ ସନ୍ତୁସ୍ତ ହବାର ସଲ୍ଲମ କରୁଛି । ଆସ ବଳସ୍ୱ ନସ୍ତ୍ରପ୍ରୋଜନ । ଗୋଲନେଯାର ବରଲତା ହୋଇ ଚକ୍କାର କଲେ ଦଲ୍ଲୀର ଖାଁ । କନ୍ତୁ ଅଶ୍ୱ ଖୁରର ଶବ୍ଦ ଧୀରେ ଧୀରେ ନଶବ୍ଦ ଅନ୍ଧକାରରେ ମିଳେଇ ଯାଉଥିଲା । ସନ୍ଧୀର ଅନ୍ଧକାର ଭେଦକରି ଦୃଷ୍ଟି ଆଉ ଲମ୍ବି ଯାଉନଥିଲା ଦୂରକୁ । ଆଖି ଜ୍ଲାନାର ଲୁହରେ ଅଂଧ ହୋଇ ଯାଉଥିଲା ।

Digitized by srujanika@gmail.com

# ଛାଇ

ସଚ୍ଚ୍ୟନାରାୟଣ ପଣ୍ଡା

ଅପରାହ୍ଣ ମଳୟବାକୁ ଆରମ୍ଭ ଅନେକ ସମୟ ବାକି ଥିଲେ ବି ପୂର୍ଯ୍ୟକରଣରେ କେମିତି ଏକ ନସ୍ତ୍ରେଜ କ୍ଲୀବତା ସ୍ପଷ୍ଟ ଅନୁଭବ କରି ହେଉଥିଲା । ଖାଲି ଦେହରେତ ଦୂରର କଥା, ଲୁଙ୍ଗି ପଞ୍ଜାବୀ ପିନ୍ଧି ଖରାରେ ଚୌକି ପକାଇ ବସିଲେ ମଧ୍ୟ ଅରମ ଲାଗୁନଥିଲା । କେଉଁଠି ବୋଧହୁଏ ବର୍ଷା ହୋଇ ଯାଇଛି । ବର୍ଷା ତ ଠିକ୍ ନୁହେଁ, କୌଣସି ଗୋଟିଏ ନାମଘୋନ ଶବ୍ଦ-ପ୍ରବାହ ଗତିପଥ ପରିତ୍ୟାଗ କରି ଏ ଅଞ୍ଚଳ ଦେଇ ମାଡ଼ ଆସିଛି । ନହେଲେ ପବନ ଏତେ କଣ କଣିଆ ହୁଅନ୍ତା କାହିଁକି ? ମୋର ତ ଅବସ୍ଥା ଏଇଆ···ପ୍ରୌଢ଼ା ସ୍ତ୍ରୀଙ୍କ ପାଇଁ ଏ ବାସୁଆ ଶୀତଟା ସତେ କେତେ ହାଡ଼ ଫଟା ହୋଇ ନଥିବ ।

ଦେହ ହାତ କେମିତି ଗାଜିଶିଆ ହଣ୍ଡୁଛି । ଗୋଡ ତଳପା ଫାଟିବାକୁ ଆରମ୍ଭ କଲଣି । ତଳ ଓଠରୁ ଆଜି ସକାଳେ ରକ୍ତ ଝରୁଥିଲା । ଅଇନାରେ ମୁହଁ ଦେଖିଲବେଳେ ମୋଲ ମନେପଡ଼ିଲ ମୋ ସାଙ୍ଗରେ ସେକେଣ୍ଡ ଇୟରରେ ପଢୁଥିବା 'ପ୍ରଜଳ' କଥା, ଯାହାର ଦୁଇ କଳ ପାଟି ସବୁବେଳେ ଫାଟୁଥିଲା ଆଉ ନଫାଟିବା ପାଇଁ ସେ କଣ ଗୋଟାଏ ଧଳା ମଲମ ଲଗାଉଥିଲା । ଆଜି ସେ ଏଠି ଥାଆନ୍ତା କି, ତାଠୁଁ ମଲମ ଟିକେ ନେଇ ଓଠରେ ଲଗାନ୍ତି । ସିଏ ମାଗରେ ଥିଲେ ଆଜି ଏଇ ଅପରାହ୍ଣରେ ବି କଚ୍ଛଟା

Digitized by srujanika@gmail.com

ଜମି ଯାଆନ୍ତା । ଗୁଡ଼, ଚା' କଥା ଦୂରେ ଆଜ ଏବେ ପଇସାକର ଲଭ ନାହିଁ । ସେ ଡ୍ରଏଡ ଚା ଅଫିସ ଫେରନ୍ତା ସ୍ୱାମୀଙ୍କୁ ଲ'ନରେ ଅପେକ୍ଷା କରିଥିବ କମ୍ବା ପୁଅ ଝିଅଙ୍କୁ ଖୁଆଇ ପିଆଇ ସାମନା ସଡ଼କରେ ଝଡ଼ଲ ମାରୁଥିବ, ଅଥବା ନଜ ସଙ୍ଗୀତର ଡେଙ୍ଗୁସ୍ଟାକୁ ବେକରେ ପକାଇ ଅଙ୍ଗୀତର ସ୍ୱପ୍ନ ପଙ୍ଗପାଳ ଗୁଡ଼ାକୁ ଡ଼ୁରୁଡ଼ ଦେବା ପାଇଁ ବର୍ତ୍ତମାନ ଡ଼ଂ ଡ଼ଂ ବାଡ଼ଉ ଥିବ । ଆଜ ନଉଚା ?

ଓଃ ପୁଣି ଚରମ୍ଭେ ଶୀତ ଦେହରେ ଲେସି ଦୋଇ ଗଲ୍ଲ । ବାହାରୁ । ସେମିତି । ଗ୍ରସ୍ତାସ୍ତାଃ ଶୁନ୍‌ଶାନ୍ । ଲୋକବାକ ଗାଡ଼ଘୋଡ଼ା କାହାର ସୋ ଶବଦ ନାହିଁ । ଶ୍ମଶାନ ଶୂନ୍ୟତା । ଠିକ୍ ଚା' ନୁହେଁ, ଏହାକୁ ଏକ ପ୍ରକାର ବକଳ ଚଙ୍ଗୁଡା କହିଲେ ବରଂ ଯୁକ୍ତିଯୁକ୍ତ ହେବ ।

ତେବେ ମୁଁ ଏବେ କରେ କ'ଣ ? ଯାଏ କୁଆଡେ ?? ଏଡ଼େ ବଡ଼ ଡାକବଙ୍ଗଳାରେ ଏକା ବସି ବସି ଏଇ ନପୁଂସକ ପରିବେଶର ମୁକାବଲ୍ଲ କରିବ କେମିତି ? ଜକସ୍ମା ଭଲ ବସିଥିବ ନା, ପିଲ୍ଲଟିଏ ଭଲ ଧୂଳଘର ଖେଳ ଚା ଦେହରେ କଛୁ ଫୁଲ କଛୁ ପତ୍ର ଦେଇ ସଜାସର୍ଜି ଆରମ୍ଭ କରିଦେବ ? ପୁଣି ସେଇ ପ୍ରଶ୍ନ । ଏକା ଏକା କେମିତି ଖେଳିବ ଯେ ! ମୁଁ ସିନା ଯାବତ୍ପାପୁ ଘରକରଣା ଜନିଷ ସବୁ ଆଣିଦେବ—ଡାଲି ଗୁଣ୍ଡରୁ ଆରମ୍ଭ କରି ମସଲା, ମସଲା ସଡ଼େଇ ପର୍ଯ୍ୟନ୍ତ ହେଲେ ରାନ୍ଧିବ କିଏ ? ନଉଚା ଥାଆନ୍ତା କି ?

ବଡ଼ରୁପୀ ସମସ୍ୟା ବଡ଼ ଫାଜଲ । କେବେକେବେ ସେ ଆଖି ଆଗରେ ଦର୍ପଣ ଦୋଇ ଛୁଡ଼ାଦିଏ । ଘରେ ମୁହଁ ଫେରାଇ ନେଲେ ବି ଭିତରେକ କସମର ନାଲ ନେଲୀ ଧୂପ ଗୁଇ ଛବି ଆଣି ଥୋଇ ଦିଏ, ରଙ୍ଗ ବେରଙ୍ଗ ପ୍ରଜାପ୍ରତି ଗୁଡ଼ାକୁ ଜଡ଼ାଏ ଆଜ ମନ ପବି ମାନି ଯାଇଛୁ ଚାଡ଼ା ହେଲେ ଦେହମନର ଲୁରୁଛପା ଇଲାକାରେ ହାକମାନ୍ତି ସୁରୁକଣ ଦେବାକୁ ମୋଟେ ପଛାଏ ନାହିଁ । ଆଜ ଏ କାମ ପାଇଁ ଶୀତ ଚା'ର ଏକାନ୍ତ ବୋଲକର୍ତ୍ତା । ଦରକାର ପଡିଲେ ମନର କ୍ଲାନ୍ତକୁ ଧୋଇ ପୋଛୁ ସଫା

Digitized by srujanika@gmail.com

କଣଦଏ ଏଙ୍କ କଛୁଝ। ଜତ୍ତେଜନା,କଛୁଝ। ଜନ୍ମାଦନା ସତ୍ତ୍ୱର କର ଦନ୍ତୁଡ଼ା ଗୋବଡ଼ା ଦେହରେ ବ ଅମୃତ ବର୍ତ୍ତୀଳୀର ନର୍ଯ୍ୟାସ ଭଣଦଏ ।

କଲେଜ ଜୀବନର ଦୀର୍ଘ ବାଇଶବର୍ଷ ପରେ ମୋର ହଠାତ୍ ନଦ୍ଦତା ସହ୍ୱତ ଇଷ୍ଟୁର୍ଣ୍ଡି ଟାଓ୍ୱାର ମାର୍କେଟରେ ସେହ୍ନନ ଦେଖା ହେଲା । ସିଏ ବ ଥିଲ ଆଜ ଭଲ ଗୋଝାଏ ମେଘୁଆ ସନ୍ଧ୍ୟା । ଠିକ୍ ମୋତେ ସେମିତ ଆଜ ଶୀତ କାପି କରୁଛୁ ସେମିତ ବ' ପାଞ୍ଚଝ। ବୁଢ଼ା ଦରବୁଢ଼ା ଘସ୍ତାରେ ସେହ୍ନନ ଗୁଦର ପୋଡ଼ ବା ଦୁଇ ହାତକୁ ପକେଝରେ ପଘଇ ଉଷୁମ ଝାଣୁଥିଲେ । ଅଥଚ ମୁଁ ଙ୍କ ନଦ୍ଦତା କେହ୍ନ ମୋଝ ଶୀତକୁ ଖାତିର କରୁନଥିଲୁ । ଦୀର୍ଘ ଛନ ପରେ ତା' ସହ୍ୱତ ସାକ୍ଷାତ୍ ହୋଇ ଥିଲେ ବ ତା ଜପସ୍ଥିତି ହଠାତ୍ ମୋ ମନରେ କୌଣସି ପ୍ରତନ୍ତିଯ୍ୟା ସୃଷ୍ଟି କର ନଥିଲ । ଅବଶ୍ୟ ପରେ ତାର ଇଙ୍ଗିତ ଧର୍ମୀ କଥା ବାର୍ତ୍ତାରୁ ମୁଁ ଅନୁଭବ କଲ ସେମିତ ବାରଟ୍ଟ ବର୍ଷର ଖୋଳପ ଛଡ଼ା ନାଗସାପ ବଚ୍ଛେଦ କ୍ଲେଶରେ ଘାଏଲ ହୋଇ ମୋ ଚେତନାର ମୂଳାଧାରକୁ ବାର୍‌ବାର ସ୍କେଝ ମାରୁଛୁ । ମୁଁ ତା'ର ସେଇ ପଡୁଚ୍ଚ ଲାରେ ଝଣି ହୋଇଗଲ । ତା ପରର ସାନ୍ଧ୍ୟ ଥିଲ ଆଳାପ, ବଳାପ, ଅନୁଜ୍ଞା ଅବଜ୍ଞା, ପ୍ରଶଂସା ଓ ପ୍ରତ୍ତଶ୍ରୁତିର ଗୋଝାଏ ଗୋଝାଏ ଅଫ୍‌ଲଗ୍ନ କକ୍‌ଟେଲ୍, ଅବଶୋଷର ଗୋଝାଏ ନର୍ଭ୍ୱଲ ସ୍ୱୀକାରୋକ୍ତି···ଏକ ବଦ୍ଧ ପାଗଳର ଅଳୀକ ପ୍ରଳାପ ।

ନଦ୍ଦତା···ନଦ୍ଦତା···ନଦ୍ଦତା । ଅଡ଼ୁଲଶ ବର୍ଷର ଏଇ ନଃସଙ୍ଗ ଜୀବନ ମଞ୍ଚ ଉପରକୁ କୌଣସି ଅଭିନେତ୍ରୀ କେବେ ଧାରବାହ୍ନିକ ଭାବରେ ନାସ୍ୱିକା ହୋଇ ଆସିପାର୍‌ନ୍ନ । ନଦ୍ଦତା ବ ରେଷ୍ଟୁାକର ଫେଲ୍ ମାରୁଛୁ । କେବଳ ଗୋଝାଏ ଗେଷ୍ଟ ଆର୍ଟିଷ୍ଟ ଭାବେ ମଞ୍ଚ ପ୍ରବେଶ କରୁକରୁ ଯବନକା ତଳେ ଲୁଚ ଯାଇଛୁ । ଏ ବ ତାର ଗୋଟିଏ ପାଗଳାମି । ଜବାନ୍ତ ବସ୍ତୁସ ଗଡ଼ଗଲେ କ'ଣ ସବୁ ପ୍ରୁଷ, ସବୁନାସ୍ତ ଏମିତ ଗୋଟିଏ ଗୋଟିଏ ପାଗଳ ଚରିତ୍ରକୁ ରୂପାନ୍ତରିତ ହୁଅନ୍ତି ?

ଆଚ୍ଛା, ଏ ସଂସାରରେ ଭଲ ଲୋକର ଖୋଳପା ନ ପିନ୍ଧି ପାଗଳ ଭଳ ସାତ ସିଆଁ କଜପୁନୀ ମାର ଅଧା ଲଙ୍ଗଳା ରହିଲେ କ୍ଷତି କଣ ?

Digitized by srujanika@gmail.com

ମିଛମିଛକା ଆଳାପ ନକର ନଚ୍ଛକ ବଳାପ ଭିତରେ ବୁଡ଼ ରହିଲେ କେଉଁ ମହାଲାଭର ଅଶୁଦ୍ଧ ହୋଇଯାଆନ୍ତା । ସତରେ ଏ ଶଠତାପୂର୍ଣ୍ଣ ସରସ ଫଳାପ ଅପେକ୍ଷା ପାଗଳର ଲଗାମଛଡ଼ା ପ୍ରଳାପ ବରଂ ଶତଗୁଣରେ ଭଲ । ଉଦ୍ଦେଶ୍ୟ ବଜାୟତ ଅଳୀକ ଆଳାପଠାରୁ ସତେ କଣ ସ୍ୱାର୍ଥପ୍ରାନ ପ୍ରଳାପ ଶ୍ରେସ୍ କୁ ନୁହେଁ ।

ମନଝା କେମିତି ଲଗାମଛଡ଼ା ହୋଇ ଉଠୁଥାଏ ବହୁ ପ୍ରଶ୍ନ ଓ ପ୍ରତି ପ୍ରଶ୍ନର ପଥେ ଭିତରେ କଛୁ କୂଳ କନାରୁ ପାଉ ନଥାଏ । ନିଜଝ ନଃସଙ୍ଗତାର ଗୁରୁଭାର ଦେହଝାକୁ ଅବଶ କରି ଦେଇଥାଏ । ମନେ ହେଉଥାଏ ଏ ସାମାଜକତା, ଅଭ୍ୟାଚ୍ୟ, ପରଂପରାକୁ ପଶିବାର କଣ ସନ୍ୟାସୀ ହୋଇଯାଆନ୍ତା । ବାବା ଫାବା କଛୁ ଗୋଝଏ ହୋଇ ବାଙ୍କା ଙ୍ଗବନଝାକୁ ଆରମ୍ଭରେ କଝାଇ ଦଅନ୍ତା । ସେଠିକ ଭସ୍ମ ରହିଛୁ—ଭକ୍ତ ମାନଙ୍କର ପିଅ ଦୁଧ ଦହ୍ନ ଛେନା ଫଳ ମୂଳରେ ନୈବେଦ୍ୟ ମଡ଼ାଙ୍ଗା ମାନଙ୍କର ଚର୍ବଚଣ୍ଡ ଉଙ୍ଗରଙ୍ଗ—ଏଥିରୁ ମୁକ୍ତ ପାଇବ କଥର ? ସାଧୁ ବ୍ରହ୍ମଚାରୀଙ୍କ ସଂଖ୍ୟା ଜମେ ବଢିବ, ଦେଶ ବଦେଶରେ ମୋର ପ୍ରଚାର ପ୍ରସାରତ ହେବ—ମୋ ମଠ ଗୋଝଏ ଆନ୍ତର୍ଜାତିକ ଷ୍ଟେସ୍ କାରବାର ପାଁଠ ହୋଇ ଉଠିବ—ତାପରେ କମିଶନ ବସିବ । ଜେଲ ଯିବ କମ୍ବା ଜେଲ ଉପରେ ରାତ ଅଧରୁ ଉଠି ସମସ୍ତ ଷ୍ଟେଶନାଲ ଗଣ୍ଠିଲା ବାନ୍ଧ ସହରର ସୀମାପାର ହୋଇଯିବ ଭକ୍ତ ମାନଙ୍କ ଆଖିରେ ଧୂଳ ପକେଇ ଇତ୍ୟାଦ ଇତ୍ୟାଦ । କେଉଁଠି ହେଲେ ନସ୍ତାର ନାହିଁ ମୋ ପାଇଁ ସଂସାଷ୍ଟ ହେବା ଯେପର କଷ୍ଟକର, ସନ୍ୟାସୀ ହେବା ସେମିତି ଅପସ୍ତବ । ସଂସାଷ୍ଟ ହୁଏତ ହୋଇ ପାରଥାନ୍ତା କନ୍ତୁ ମା' ନାମକ ବଧବାଝିର ମୁଖାଗ୍ନି ଦେଇ ସରଲ ପରଠ୍ ଆଜ କୌଣସି ଦ୍ୱିଟ୍ପ୍ୟ ଆକର୍ଷଣ ମୋ ମନରେ ବସା ବାନ୍ଧି ପାରଲ୍ନାହିଁ । ମୁଁ ସଂପୂର୍ଣ୍ଣ ମୁକ୍ତ ।

ଏମିତି ଜଦ୍ଖୋର ପ୍ରକୃତ୍ତର ପୁନରୁଦ୍ରେକ ହେଲା ବେଳକୁ ଦୋଟିଲ ଝଡ଼ ପର ପଶି ଆସିଲ ପାଗଳୀମାଝିଏ ଏବଂ ଡ଼ାକ ବଙ୍ଗଳାର ଆମ୍ବଗଛ ତଳେ ଜମେଇ କର ବସିଗଲ୍ । ମୁଁ କାନ୍ଥିକ ନଜର ଆପାତତଃ ଜଟିଳ ପରସ୍ଥିତିରୁ ନଜକୁ ମୁକ୍ତ କରବାପାଇଁ ଚା ପାଖକୁ ଆଗେଇ ଯିବାକୁ ବ୍ୟସ୍ତ

Digitized by srujanika@gmail.com

ହୋଇ ଉଠିଲା । ତା ସାଙ୍ଗରେ ପଦେ ହ'ପଦ କଥାବାର୍ତ୍ତା କଲେ ହୁଏତ ମୋର କେତୋଟି ଜିଜ୍ଞାସାର ସମାଧାନ ହୋଇପାରେ । ସେତେବେଳେ ମୁଁ ଚିନ୍ତା କରି ନଥିଲି ଯେ କେଇ ଘଣ୍ଟା ସେ ପାଗଳୀ ସାଙ୍ଗରେ ଗପସପ କଲେ ଲାଭ ବାସ୍ତବିକ ହେବ କମ୍ବା ମୋ ଅଧସ୍ତନ ଆଜ୍ଞାକାରିଙ୍କର ଗୁରୁବାକ୍ୟ ଅଧିକ ସୁଖରୁଚକ ହେବ । ଜନ୍ ଷ୍ଟୁଆର୍ଟ ମିଲ୍ ନାମକ ସାହେବ ଏଠିଥିଲେ, ସାଙ୍ଗେ ସାଙ୍ଗେ ନକଲିଟିଏ ଆଣି ଲାଭ ଷ୍ଟକ୍ସର ଉଚ୍ଚମାଣ ମାପି ବସନ୍ତେ ଆଜ୍ଞ କେତେ ନର୍ଦ୍ଦେଶ ଦେବା ଭଙ୍ଗୀରେ କହନ୍ତେ—ଯା' ପାଗଳୀ ଘରକୁ । ତା ଦୁଃଖରେ ପଦେ ଆହା କର !

ପାଗଳୀ ମୋର ନକଲରୁ ଆସ୍ତର ନକଲଟର ହୁଅନ୍ତେ ତାର ମାନବିକ ଚମଶଃ ସ୍ପଷ୍ଟ ହୋଇ ଉଠିଲା । ବସ୍ତୁସ ଛଶଶ ଭିତରେ । ଫରସା ରଙ୍ଗ । ସଭ୍ୟତାର ସ୍ପର୍ଶ ଦେଇ ଆମ୍ବିକତାର ଦର୍ପଣରେ ଦେଖିଲେ ସେ ଯେ ଆଭିଜାତ୍ୟର ନକ୍ଷଣ ପ୍ରତିମାଟିଏ ହେବ ଏଥିରେ ସନ୍ଦେହ ନାହିଁ । ମୋର ଉପସ୍ଥିତି ତା'ର ବ୍ୟବହାରରେ କୌଣସି ଗୁରୁତ୍ୱର ପ୍ରତିକ୍ରିୟା ସୃଷ୍ଟି ନ କଲେ ବି ମୋ ଆଗରେ ସେ ତା'ର ପିନ୍ଧା ଲୁଗା ଶାର୍ଟ ଓ ଫୁଲପ୍ୟାଣ୍ଟକୁ କଞ୍ଚତ ଟଣା ଟଣି କଲା । ତହିଁରୁ ମୁଁ ଅନୁଭବ କଲି ଯେ ଅଜ୍ଞାତରେ ବି ସେ ତାର ନାସ୍ତିତ୍ୱ ସମ୍ପର୍କରେ ଅଚେତନ ନୁହେଁ ।

ତାର ପ୍ରତ୍ୟେକଟି ଅସଂଯତ ଓ ବଚଣ୍ଡିତ ସଂଳାପ ଉପରେ ମୁଁ ସଚେତନ ଥିଲି । ଆପାତତଃ କେଇ ମିନଟ ପାଇଁ ମୋ ମନର ଅହଂ ପୁରୁଷ ସେଇ ନାସ୍ତିର ସ୍ୱର୍ଗତୋକ୍ତ ଭିତରେ ଗଙ୍ଗାସ୍ନାନ କରିଥିଲା ଓ ମୋ ଭିତରେ ଦସ୍ୟୁ ରତ୍ନାକର ହଠାତ୍ ବାଲ୍ମୀକି ରୂପରେ ଅବତୀର୍ଣ୍ଣ ହୋଇ ମରା ମରର ସମାଧି ଉପରେ ରାମଚନ୍ଦ୍ରଙ୍କ କମନୀୟ ମୂର୍ତ୍ତି ଅବଲୋକନ କଲା । ମୁଁ ତାର ଅସଲଗ୍ନ ସଂଳାପ ଭିତରୁ ଅନୁନିହିତ ସେଇଁ ତଥ୍ୟର ସନ୍ଧାନ ପାଇଲି ତାକୁ ପଦ୍ୟ ସୁସଙ୍ଗତି କରି ଏକ ଆଖ୍ୟାୟିକାକୁ ରୂପାନ୍ତରିତ କରିଯାଏ ତାର ପ୍ରାଣ ନମ୍ର ପ୍ରକାରର ହେବ ।

ଟିଅଟିର ନାଁ ଅମୃତା । ଘର ତାର ହରଆଣାର ଇତ୍ତାନୀ । ବାପା ମାଆଙ୍କର ଏକମାତ୍ର ଟିଅ । ସ୍ୱାମୀ ତାର ସେଇ ଗାଁର ଜଣେ ବୃଦ୍ଧୀ, ଯେ କ

Digitized by srujanika@gmail.com

ଘରଟିଅ ଓ ଛନଯୁଅ ମଲ୍ଲପରେ ସେ ଅଷ୍ଟମ ଗର୍ଭରେ ଭୂମିଷ୍ଠ ହୋଇଥିଲା । ଛେଣ୍ଡୁ ବାପା ମା ତା ନାଁ ରଖିଲେ କଣନ । ଅମୃତା ନୂଆବୋହୂ ହୋଇ ଆସିଥାଏ । ପ୍ରାପ୍ତ ଘର ଛ' ମାସ ପରେ ଶାସନ ମଣ୍ଡଳରୁ ଏକ ନୂଆ ଧରଣର ସ୍ଲୋଗାନ ଶୁଭିଲା···ଛୁଆ କମ୍, ଗଛ ବେଶୀ । ସ୍ଲୋଗାନର ପ୍ରତିଧ୍ୱନୀରେ କଣନର ଗାଁ ବ ବାଦ ଯାଇ ନଥିଲା । ସେ ନଜେ ବ ସେଥିରେ ଚଢ଼ିଲ ଯାଇଥିଲ···ପୂର୍ବପୃଷ ମାଡ ଯାଇଥିଲା । ତା ଜମି ବ'ଣରେ ଝିଲିଝିଲି ଢପି ଉଠିଲ କେଇଟି ଟ୍ରେକ୍ଟର ଚାରୁଗଛ । ତା ଭଣାମାଟିର ଶରଦ୍ଦଦ ଭିତରେ ନୂଆ ଜୀବନର ସଞ୍ଚାର ଘଟିଥିଲ । ନୂଆ ବୋହୂଟି ସେଇ ଛନଛନିଆ ଘୁଘୁ ଗଛ ଉପରେ ପାଣି ଢାଳୁଥିଲ ବେଳେ ସ୍ୱାମୀଙ୍କ ସ୍ପର୍ଶର ଦୂରର କଥା ତାଙ୍କ ଚୁଇରେ ବ ଚମକ ଉଠୁଥିଲ, ଗଭଘ୍ରିର ଅନୁଭୂତିକୁ ମନେ ପକାଇ ।

କନ୍ତୁ ମାସକ ପରେ ସ୍ଲୋଗାନର ପ୍ରଥମ ପର୍ଯ୍ୟାପ୍ତ କାର୍ଯ୍ୟକାଷ୍ଠ ହେଲ । କେବଳ ପ୍ରବାଣ ଜନନାପ୍ତକମାନେ ନୁହଁନ୍ତ କମ୍ୟା ପ୍ତବନେତା ନୁହଁନ୍ତ, ପ୍ରତ୍ୟେକ ପରକାଷ୍ଠ ବେଦରକାଷ୍ଠ ଦପ୍ତରର କର୍ମଚ୍ଚାରୀ ତଥା ବଉଦ୍ଧ ସମାଜ ସେବୀ ଅନୁଷ୍ଠାନର ମୁଖପାତ୍ରମାନେ ମଧ୍ୟ ପଶିବାର ନପ୍ତ୍ରଣ ପାଇଁ ଆହ୍ୱାନ ଦେଲେ । ହଜାର ହଜାର ଡାକ୍ତର ନପ୍ତ୍ରକ୍ତ ପାଇଲେ ଏଇ କାମରେ । ଓ କ୍ତରଖାନା ଭ୍ୟାନଠୁ ଆରମ୍ଭ କରି ପ୍ରାଇଭେଟ୍ ବସ ଟ୍ରକ ପର୍ଯ୍ୟନ୍ତ ଦଉଡ଼ିଲ ନାଗା ପୁରୁଷକୁ ଭର୍ତ୍ତି କରି । ଗନ୍ତୁମୂଳ ବ ଠାଏ ଠାଏ ଅପରେସନ ଥିଏଟରରେ ପଶିଣତ ହେଲ । ଏଇ ଧାଉଡ଼ି ଭିତରୁ ଛଶର ବର୍ଷ ବପୁଷ୍କ କଣନ ଚନ୍ଦର ଓ ପଶର ବର୍ଷୀପ୍ତା 'ଅମୃତା' ବାଦ ଯାଇ ନଥିଲେ । ପଶିବାର ନପ୍ତ୍ରଂଣ ଯୋଜନାର ପଣା ଖେଳରେ କଣନର ପୌରୁଷ ଚୋଟ୍ଟାଏ ସାଧାରଣ ସୋଲଜର ଭଳ ଟକଉଲ୍ଲ । ସେ ଦିନ ଅମୃତାର ବଳଳ ବଳାପ କାଡାର କର୍ତ୍ତୁକୁଡରରେ ପ୍ରବେଶ କରି ନଥିଲ କମ୍ୟା ସେଇ ଅଷ୍ଟମ ଗର୍ଭ ସଂଭୂତ ବଣାଳ ଧ୍ୱସବଧ୍ୱସ ପଦ୍ମଙ୍କର ନୂଆ ସର୍ଜନା କରିବାକୁ ସେତେ ବ୍ୟାକୁଳ ମିନତି କଲେ ବ ତାଡା କାଡାର ପିତୃ ସୁଲଭ ପ୍ରାଣରେ ରେଖାପାତ କରି ନଥିଲ । ବଗନ୍ତ

Digitized by srujanika@gmail.com

ସେ ପକ୍ଷରୁ ଶୁଣୁଥିଲା : ଗୋଟାଏ ଉଦୟମାନ ବାଳସୂର୍ଯ୍ୟର ଅସ୍ତାମ୍ମାନ ବର୍ଣ୍ଣିଛନ୍ତି ।

ମୁଁ ସେଇ ସଧବା ପାଗଳୀର ବୈଦବ୍ୟ ଭିତରେ ନାଟ୍ଟୁଙ୍କର ଏକ ମନ୍ତାଯାତ୍ରା ଓ ଅବଲୋକନ କରୁଥିଲ ଏବଂ ତା ପ୍ରଲାପର ଛନ୍ଦପଡ଼ନ ଭିତରେ ନଜ ପଦୋନ୍ନତି ପାଇଁ ପାଣ୍ଠି ସଂଗ୍ରହ କରିବାକୁ ମୋ ଦପ୍ତରର ସମସ୍ତ କର୍ମଚାରୀଙ୍କୁ ନେଇ ଅଙ୍ଗଭରେ ଆପ୍ୟୋଜନ କରିଥିବା ଗ୍ରସେକ୍ରୋମୀ ଅପେରାର କନସର୍ଟ ବାଜଣା ଶୁଣୁଥିଲା ।

ମନ୍ତ୍ରୀ ବା ନେତାଙ୍କ ହାତରୁ ଫଳରସ ପିଇ ଅନଶନ ଭଙ୍ଗ କଲ୍ ପରି ଏଇ ପାଗଳୀଟିର ହାତ ଧରି ଚରା କୁମାର ବ୍ରହ୍ମଚର ଜଦ୍‌ଯାପନ ଓ ପାଳନ କଲେ କ୍ଷତି କଣ ?

---

Digitized by srujanika@gmail.com

# ଯା' ଚହବାର ଥିଲା

ରାମଚନ୍ଦ୍ର ମହାନ୍ତ

ଅମରଜତ୍ ଘଣ୍ଟଧ୍ୱନ ହେଲା କେଉଁଠିକୁ ଯାଇଛୁ ତାର କ'ଣ କଛୁ ଖବର ଅଛୁ ? ବାଇଶି ତେଇଶି ବର୍ଷର ପିଲା ହେଲଣି, ହେଲେ କ'ଣ ବାପ ମାଆଙ୍କ କଥା ଶୁଣୁଛୁ ? ଦନେ ନୁଚ୍ଚେଁ, ଦ' ଦନ ନୁଚ୍ଚେଁ ଆସି ଘଣ୍ଟଧ୍ୱନ ହେଲଣି ସବୁ ବଲ୍ଲ୍ ବାଲ୍ଲବ, ଚଲ୍ଲାଜଣା ଲେକଙ୍କୁ ଫୋନ ହେଲଣି ହେଲେ.....

ସୁଲତା ଦେଗ୍ଗା ଲୁଡ଼ ଛଳଛଳ ଆଖିରେ ପୁଅ ଅମରଜତ୍ କଥା ଭାବୁଥିଲେ । ତାଙ୍କର କେଉଁ ଭୁଲ୍ ଧାଇଁ ଅମରଜତ୍ ଆଜ ଏମିତ ଉଦାସୀନ ହୋଇ ରହିସାଇଛୁ । ବାପ ମାଆ, ଘରଦ୍ୱାର ଭୁଲ ବାହାରେ ବାହାରେ ରହିସାଇଛୁ । ଫଳରେ ଏତେ ମନସ୍ତାପ ପଲ୍ଲଣାରେ ଛଟପଟ ହେବାକୁ ପଡୁଛୁ ।

ଅମରଜତ୍ ଅଧିକାଂଶ ଦନ କଟକ ଯାଏ । ପୁଣି ଘଡକୁ ଫେରିଆସେ । କଟକ କାହିଁକି ଯାଏ ସେ କଥା ସୁଲତା ଦେଗ୍ଗା ଅବଶ୍ୟ ଜାଣିଛନ୍ତି । ଅବଶ୍ୟ ଏକଥା ଅମରଜତ୍ ତା' ବାପାଙ୍କୁ କହି ପାରୁନ କ ସୁଲତା ଦେଗ୍ଗା ବ କହି ପାରୁନାହାନ୍ତି । ତାଙ୍କ ସ୍ୱାମୀ ଭଗବାନ ବାବୁ ଅମରଜତ୍‌ର ଏପରି କଟକ

Digitized by srujanika@gmail.com

ମିବାଈକୁ ପସନ୍ଦ କରନ୍ତନି । ତାଙ୍କ ପରେ ଏତେ ବଡ଼ ଶିଲ୍ପର ଦାୟିତ୍ୱ ନେବାକୁ କେହି ନାହିଁ । ଅମରଜତ୍ ତାଙ୍କର ଏକମାତ୍ର ପୁଅ । ସେ ଗୃହାନ୍ତ, ଅମରଜତ୍ ସବୁଦିନ ଯାଇ ତାଙ୍କ ପାଖରେ ବ୍ୟବସାପତ୍ର ଦେଖନ୍ତା—କାମ ଶିଖନ୍ତା ଅନ୍ୟାନ୍ୟ ଶିଳ୍ପଫଟ୍ଟା, ବ୍ୟବସାପତ୍ର ପ୍ରତିଷ୍ଠାନ ସବୁ ସୁସମ୍ପର୍କ ରଖନ୍ତା ।

ଅମରଜତ୍‌କୁ ଏ ସବୁ ଭଲ ଲାଗେନା । ସୁଲତା ଦେବୀ ଦେଖିଛନ୍ତି ଅମରଜତ୍‌କୁ ଏ କଥା କହିଲେ ସେ ଜଠି ଘୁଲଯାଏ । ପରେ ଯେମିତି ଏତେ ଧନ ସମ୍ପତ୍ତି, କୋଠାବାଡ଼, ଗାଡିରେ ତାର କୌଣସି ଆକର୍ଷଣ ନାହିଁ ।

ଅମରଜତ୍‌ର ଭାବଗ୍ରବ ଦେଖିଲେ ମନେହୁଏ ସେ ଯେମିତି ଏକ ନୂତନ ପୃଥିବୀର ସନ୍ଧାନରେ ବାହାରିଛି ଯେଉଁ ପୃଥିବୀରେ ମଣିଷ ଧନର ପ୍ରାଚୁର୍ଯ୍ୟ ଭିତରେ ଗୁପି ନ ହୋଇ ନୂତନ ସୃଷ୍ଟିର ସ୍ୱପ୍ନ ଦେଖେ । ସେଇଁଠାରେ ଧନପାଇଁ ପ୍ରତାରଣା ନାହିଁ, ପ୍ରତିଯୋଗିପାଇଁ ଛଳନା ନାହିଁ, ଦେଶ, ଜାତି ଓ ଭବିଷ୍ୟତ ପାଇଁ କଳଙ୍କ ନାହିଁ ।

ତାହେଲେ କଣ ସେ ସ୍ୱପ୍ନ ?—ସୁଲତା ଦେବୀ ଥରେ ଏଇ ପ୍ରଶ୍ନ ଅମରଜତ୍‌କୁ ପଚାରିଥିଲେ । ଶିଳ୍ପପତି ପିତାଙ୍କ ଉପରେ ଅମରଜତ୍ ତା' ମନ କଥାକୁ ଗୋପନ ରଖିଥିଲା କନ୍ତୁ ମାଆର ଅପତ୍ୟ ସ୍ନେହ, ଛଳଛଳ ଆଖି ପାଖରେ ସେ ହାରଯାଇଥିଲା । କହିଥିଲା—ବୋଉ ! ତୁ ଉତ୍କଣ୍ଠିତ ହଉନା ବାପାଙ୍କର ମନରେ ଆଶଙ୍କା ମୁଁ କଂକ ଯାଉଛି ଅର୍ଥ କେଉଁ ଦିଅ ପଛେ ଗୋଡ଼ାଉଛି ବା କେତେକ ଅସାମାଜିକ ଲୋକଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ କରୁଛି । କନ୍ତୁ ମୁଁ ଏ ଘରର ମାନ ସମ୍ମାନରେ କଳଙ୍କ ଆଣିବନି ବୋଉ, ମୁଁ ଯେଉଁ ନୂତନ ପୃଥିବୀକୁ ଖୋଜୁଛି, ତାର ସନ୍ଧାନ ପାଇଲେ ତୁ ଜାଣିବୁ । ଅନ୍ୟ ସମସ୍ତେ ବି ଜାଣିବେ ଏ ଧନସମ୍ପତ୍ତି ମୋତେ ମଣିଷ କରିବନି । ମୋର ସେଇ ସାଧନା ସଫଳ ହେଲେ ମୁଁ ମଣିଷ ହିଁ ମଣିଷଟିଏ ହୋଇପାରିବି ।

କଥାଟା କଣ ଖୋଲି କହିଲେ ଚଳନ୍ତାନି ?

—ମୁଁ ସାଦା କରିବାକୁ ଯାଉଛି ବାପା ତାହା କେବେ ପସନ୍ଦ କରିବେନି ବୋଉ !.....

Digitized by srujanika@gmail.com

—ବାପାଙ୍କ ଇଚ୍ଛା ବରୁଦ୍ଧରେ କୌଣସି କାମ କରିବା ତ ଠିକ୍ ନୁହେଁ ତୋର ।

—କନ୍ତୁ ବାପାଙ୍କ ମାନସମ୍ମାନ ପ୍ରତିପତ୍ତିରେ ତ ଆଞ୍ଚ ଆସିବନି । ବରଂ ତାଙ୍କର ସୁନାମ ବଢିବ ବୋଲି ମୋର ଧାରଣା ।

—ଆରେ କଥା କଣ ଖୋଲି କହୁନୁ କାହିଁକି ?

ମୁଁ କଟକରେ ଜଣେ ଭଲ ବନ୍ଧୁଙ୍କ ସନ୍ଧାନ ପାଇଛି । ଠିକ୍ ବନ୍ଧୁ ନୁହେଁ, ଗୁରୁଙ୍କ ସନ୍ଧାନ ପାଇଛି । ବପୁସ ମୋ'ଠାରୁ ଅନେକ ବେଶୀ । ପ୍ରାପ୍ତ ବାପାଙ୍କ ସମବୟସ୍କୀ । କେତେ ଅମାୟିକ ସେ । କେତେ ନମ୍ରତା, କେତେ ଭବ୍ୟ ତାଙ୍କର ଦୃଢତା !

ସେ କଣ କରନ୍ତି ?

ସେ କଣ କରନ୍ତି ମୁଁ ଜାଣିନି, କନ୍ତୁ କଟକରେ ଗୋଟିଏ ଭଡ଼ାଘରେ ରହୁଛନ୍ତି ଏବଂ ଲେଖାଲେଖି କରୁଛନ୍ତି । କ ଚମତ୍କାର ଶବ୍ଦାଧାର ତାଙ୍କର ସତରେ । ତାଙ୍କ ଭାଷାରେ, ତାଙ୍କ ଶୈଳୀରେ ମରୁଭୂମିରେ ଫୁଲଫୁଟି ଦିଶିବ ।

ତାହେଲେ ସେ ଜଣେ ଲେଖକ ?

'ହଁ ବୋଉ । ତାଙ୍କ ପାଖରେ ମୁଁ ସାଧନା କରୁଛି । ମୋର ବିଶ୍ୱାସ କେବେ ହାର ମିଳିନି । ମୁଁ ବି ତାଙ୍କ ପରି ଜଣେ ପ୍ରତିଷ୍ଠିତ କବି, ଗାଳ୍ପିକ ହେବି । ଏକଥା ବାପାଙ୍କୁ କହିଲେ ବାପା କଣ କେବେ ସମର୍ଥନ କରିବେ । ଏ ପଥରେ ଆଗେଇ ଯିବାକୁ ପ୍ରେରଣା ଦେବେ ?

ସୁଲତା ଦେବୀ ଭଲ ଭାବେ ଜାଣନ୍ତି ତାଙ୍କ ସ୍ୱାମୀ କେବେ ଏ କଥାକୁ ପ୍ରଶ୍ରୟ ଦେବେନି । ଜଣେ ସାହିତ୍ୟିକର ପୁଅ କଣ୍ଟ୍ରାକ୍ଟର ହେବା, ଡାକ୍ତରପୁଅ ବ୍ୟବସାୟୀ ହେବା, କୃଷକର ପୁଅ ଅଭିନେତା ହେବା ବା ବୈଜ୍ଞାନିକର ପୁଅ ପୁସ୍ତକ ବିକ୍ରେତା ହେବା ଅସମ୍ଭବ ନୁହେଁ କି ଅସ୍ୱାଭାବିକ ମଧ୍ୟ ନୁହେଁ । ଯାହାର

Digitized by srujanika@gmail.com

ପୁଅଡ଼େ ରୁଚ ବା ଆକର୍ଷଣ ସେ ସେଇ ଆଡ଼କୁ ଟାଣି ଦୋଇପିବ । ପୁଣି ପରସ୍ପର ଭାଡ଼ନାରେ ବା ଗୁପରେ କଏ କୁଆଡ଼େ ଗଡ଼ କରବେ, କାହାର ଭବଷ୍ୟତ କଣ ଦେବ ଚାହା କେହ୍ନ କହ୍ନ ପାରବେନ । ଶିଲ୍ପପତ୍ତଙ୍କ ପୁଅ ବା ସ୍ତ୍ରୀ ସାହ୍ନତ୍ୟ ପ୍ରତ ଅନୁରକ୍ତ ଦେବା ବା ସାହ୍ନତ୍ୟ ସେବା କରବାରେ ଅସ୍ୱାଭ୍ନବକତା କଣ ଅଛୁ ?

ହଠାତ୍ ସୁଲତା ଦେବ୍ଙ୍କ ଭ୍ନବନାରେ ପୂର୍ଣ୍ଣଚ୍ଛେଦ ଟାଣି ଅମରଜତ୍ କହ୍ନଲ—ଆଜ୍ଞ ଚାଙ୍କ ଶେଷ ଆଶା କଣ ଜାଣିଛୁ ବୋଉ ?

ଏଁ—କଣ ବାପା !

—ସେ ମୋ ଉତରେ ଚାଙ୍କ ଶନ୍ୟାଧାତ୍ର, ଚାଙ୍କ ଶୈଳୀକୁ ଙ୍ଗଇ ରଖିବାକୁ ଗ୍ନହ୍ନିଛନ୍ତ୍ର ।

—କନ୍ତୁ ଜାହ୍ନିକ ତୋ' ପ୍ରତ ଚାଙ୍କର ଏତେ ସ୍ନେହ ?

ମୁଁ ଠିକ୍ ଜାଣେନା ବୋଉ । ଥରେ ଗୋଟିଏ ସାହ୍ନତ୍ୟ ସଭାରେ ଚାଙ୍କ ସହ ଦେଖା ହେଲ । ନୂଆନୂଆ ଲେଖନୀ ଧରଥାଏ ତ । ପ୍ରତଷ୍ଠିତ ଲେଖକଙ୍କ ସମ୍ପର୍କରେ ଆସିଲେ ଜାହ୍ନିକ କେଜାଣି ଗୁପ୍ତ ମୋର କୁଣ୍ଢେ ମୋଟ ହେଇଯାଏ । ମୁଁ ଯାଇ ଚାଙ୍କ ପାଦ ଛୁଇଁ ପ୍ରଣାମ କଲ । ଆଶୀର୍ବାଦ ଭିକ୍ଷା କଲ । ସେ ମୋ' ଆଡକୁ ତକତ ଦୃଷ୍ଟିରେ ଗ୍ନହ୍ନିଲେ ।

'ମୁଁ ଅମରଜତ୍ ଆଜ୍ଞା ! କେତେବେଳେ କମିତ ଲେଖାଲେଖି କରୁଛୁ । ଆପଣଙ୍କ ଆଶୀର୍ବାଦ ପାଇଲେ·····

ସେ ହସି ହସି କହ୍ନଲେ—ତମେ ଲେଖକ ହେବ ?

ମନର ଏତେ ବଡ଼ ବ୍ୟତ୍ରତାକୁ ଏତେ ଶୀଘ୍ର ପ୍ରକାଶ କରବାକୁ ଭିଷା ପାଉ ନଥିଲ । ସେ କହ୍ନଲେ—ବାବା ! ତମର ଇଚ୍ଛା ମହତ୍ କନ୍ତୁ ଏଥି ପାଇଁ ସାଧନା ଦରକାର । ତା'ଛଡ଼ା ଏଥିରେ ପେଟ ପୋଷିବା ପାଇ ସାମର୍ଥ୍ୟ ମିଳେନା ବରଂ ମନ ଜାଳବା ପାଇଁ ଇନ୍ଧନ ମିଳେ ।

Digitized by srujanika@gmail.com

ସାର୍ ! ମୁଁ ଜଣେ ଶିଳ୍ପପତିଙ୍କ ପୁଅ । ଅଳ୍ପଚଳ୍ତା ତ ଆଦୌ ନାହିଁ ।

—କନ୍ତୁ ବାବା ! ଧନର ପ୍ରାଚୁର୍ଯ୍ୟରେ ଖସିଯିବାର ଭୟତ ଅନେକ ଥିବ । ତା' ଛଡ଼ା ଏ ଲେଖା ଲେଖି ଅଭ୍ୟାସଟା ବଢିଗଲେ ଯଦ୍ଦ ଜ୍ୱଳନ ଦେଖାଦେଏ ମନରେ···ତାଙ୍କ କଣ୍ଠ ଥର ଉଠିଲା । ସେ କଣ କହିବାକୁ ଯାଉଥିଲେ କନ୍ତୁ କହି ପାରିଲେନି ।

ସେଇ ଦିନରୁ ମୁଁ ତାଙ୍କର ଅତି ନିଜର ହୋଇ ଯାଇଛି । ତାଙ୍କ ଘରେ ପ୍ରଥମ ଯେତେବେଳେ ପାଦ ଦେଲି ତାଙ୍କୁ ସେମିତି ଚୁପଚାପ ଗମ୍ଭୀର ଭାବାବେଶ ଭିତରେ ଦେଖିଥିଲି ଏବେ ଆଜି ସେ ସେମିତି ନାହାନ୍ତି, ସେ ମୋ' ପାଖରେ ପିଲାପରି ଖେଳୁଛନ୍ତି, ବୁଲୁଛନ୍ତି, ହସୁଛନ୍ତି । ବାସ୍ତବିକ ବୋଧ, କବି, ଲେଖକମାନଙ୍କୁ ବୟସ ଆଦୌ ସ୍ପର୍ଶ କରି ପାରେନି । ଚିର ସୌବନର ଆଭା ତାଙ୍କ ମନରେ ସଦାସର୍ବଦା ଜଡ଼ିତ ହୁଏ ।

ସୁଲତା ଦେବୀ ଭାବୁଥିଲେ ଏଥିପାଇଁ ଅମରଜିତ୍ ତା ପିତାଙ୍କଠାରୁ ଦୂରେଇ ରହେ । ସାହିତ୍ୟ ପ୍ରତି ତାଙ୍କର ଆଦର ନାହିଁ, ଉତ୍ସାହ ନାହିଁ କି ସମ୍ମାନ ବି ନାହିଁ । ସେ କହନ୍ତି ଅଳ୍ପ ମୂଲଧନ ଖଟାଇ ଅଧିକରୁ ଅଧିକ ଲାଭ କରିବାର ସଫଳତାରେ ଯେଉଁ ଖୁସି, ଯେଉଁ ଉତ୍ସାହ ମିଳେ ତାହା କଣ ଶୁଷ୍କ ବହିରୁ ମିଳେ ? ଆଶ୍ଚର୍ଯ୍ୟ ଲାଗେ ନିଜ ବ୍ୟବସାୟ ସମ୍ବାନ୍ଧୀୟ କାର୍ଯ୍ୟରେ ତାଙ୍କ ଜୀବନ ରୁଟିନ ଏମିତି ଜିବେ ବନ୍ଧା ଯେ ସେଥିରୁ ପାଞ୍ଚ ଦଶ ମିନିଟ କାଢି ଅନ୍ୟ କଥାରେ ମୁଣ୍ଡ ପୂରାଇବାକୁ ପସନ୍ଦ କରନ୍ତିନି । କନ୍ତୁ ସୁଲତା ଦେବୀଙ୍କର ସାହିତ୍ୟ ପ୍ରତି ଆକର୍ଷଣ ଜନ୍ମଗତ । ସେଇଥିପାଇଁ ସେ ଜିନିଷକି କେଉଁ ଲେଖକର ନା କେଉଁ ଲେଖକର ବହିଟିଏ ଧରି ବସିଥାନ୍ତି । ଆଉ ତାଙ୍କ ଶିଳ୍ପପତି ସ୍ୱାମୀ ଏ ଗୁଡ଼ିକ ସହ୍ୟ ପାରନ୍ତିନି । ତାଙ୍କ ମତରେ ସାହିତ୍ୟ ହେଉଛି ଗ୍ଲେର, ବଦମାସ, ଗୁଣ୍ଡାଙ୍କ ଜୀବନ କାହାଣୀ । କଣ ବା ରୋମାନସ ଅଛି ସେଥିରେ ? ସେ ଭାବନ୍ତି ଏତେ ଟଙ୍କାର ବହି କଣି ପଢିବା ଯେ କେବଳ ସମୟର ଅପଚୟ ତା' ନୁହେଁ ଅର୍ଥର ଅପଚୟ ମଧ୍ୟ । ଏଇ ମନର ଯେଉଁ ସ୍ୱାମୀଙ୍କ ହାତ ଧରିଛି ତାଙ୍କଠୁ ଯେ ତାଙ୍କ ପୁଅ ଉତ୍ସାହ ପାଇବ, ପ୍ରେରଣା ପାଇବ ସେ କଥା ସେ କମିଟିବା ଚଳା କରି ପାରିବେ । ଅମରଜିତ୍ ବି କେମିତି ଆଶା କରିବ ।

Digitized by srujanika@gmail.com

ଆଚ୍ଛା ଅମର ! ତୋ କବ ଗୁରୁଙ୍କ ନାଆଁ କଣ କହିଲୁ ?

—ଅଜ୍ଞାତ ।

—ଅଜ୍ଞାତ ! ହଁ ଅଜ୍ଞାତଙ୍କର ଅନେକ ଲେଖା ତ ଦେଖିଛୁ । ଲେଖା ଗୁଡ଼ିକ ବେଶ ଦରଦୀ, ମର୍ମସ୍ପର୍ଶୀ । ବାସ୍ତବରେ ମୁଁ ବଡ଼ତ ଖୁସି ଚୁ ତାଙ୍କ ସମ୍ପର୍କରେ ଆସିଛୁ, ଆଚ୍ଛା ତାଙ୍କର ପ୍ରକୃତ ନାଆଁ କଣ ?

ପଘ୍ଟରଥିଲ, କନ୍ତୁ କହିଲେନ । କଥା ପ୍ରସଙ୍ଗରେ ଶୁଣିଛୁ ତାଙ୍କ ଲେଖା ପ୍ରତି ଆକୃଷ୍ଟ ହୋଇ ଜଣେ ଧନୀ ଝିଅ ତାଙ୍କୁ ଭଲପାଇ ବସିଥିଲ—ସେ ବ ତାଙ୍କୁ ଖୁବ ଭଲ ପାଉଥିଲେ, କନ୍ତୁ ଧନୀ ଝିଅ ଗ୍ଲଲଗଲ ଧନର ପାଚର୍ଯ୍ୟ ଉତରକୁ—ଧନର ସଂସାର ଗଢିବାକୁ ଆଜ ସେ ସେହ୍ନ ପୃଷ୍ଠକୁ ଓ ନଜକୁ ଭୁଲଯିବା ପାଇଁ ନଜ ନାଆଁର ମୃତ କର 'ଅଜ୍ଞାତ' ବୋଲ ପରଚତ ହୋଇଛନ୍ତ ପାଠକମାନଙ୍କ ପାଖରେ । ତା'ଛଡ଼ା ଏକଥା ପଡ଼ଲେ ତାଙ୍କ ଆଖି ଜକେଇ ଆସେ, ସେ ବଡ଼ତ ବଚଳଚ ହୋଇ ପଡ଼ନ୍ତ । ସେଥିପାଇଁ ତାଙ୍କ ଅଙ୍ଗତ ଜାଣିବା ପାଇଁ ଜଜ୍ଞର୍ତ୍ତିତ ଥାଇ ବ ମୁଁ ପଘ୍ଟର ପାରେନା, ତାଙ୍କ ମନ ଦୁଃଖ ମୁଁ ସହ୍ନପାରେନା ।

ତାଙ୍କୁ କେବେ ଆମ ଘରକୁ ଡାକୁନୁ ? ତୋ' ବାପା ସିନା ସାହ୍ନତ୍ୟକୁ ଘୃଣା କରନ୍ତ, ସାହ୍ନତ୍ୟକମାନଙ୍କୁ ପରଶ୍ରୀକାତର କାପୁରୁଷ କହନ୍ତ କନ୍ତୁ ମୁଁ ତ ସମ୍ମାନ ଦଏ ।

ଡାକଥିଲ କନ୍ତୁ ମନା କଲେ, କହିଲେ ତୁ ପ୍ରତଷ୍ଠିତ ହୋଇଗଲେ ମୁଁ ତମ ଘରକୁ ଯିବ ତମ ବାପା ବୋଉଙ୍କୁ ଶୁଭେଚ୍ଛା ଜଣେଇବାକୁ । ମୋ'ସହ ପରଚତ ହେଲପରେ ସେ ମୋ' ଉପରେ ଅନେକ ଭରସା କରଛନ୍ତ । ମୁଁ ନଶ୍ଚୟ ତାଙ୍କ ଆଶାକୁ ସମ୍ମାନ ଦେବ, ତାଙ୍କ ପର ହେବ ।

ତୋର ଯେଉଁ କେତେଟା ଲେଖା ପତ୍ରପତ୍ରିକାରେ ବାହାରଛୁ·····

—ସବୁଥିରେ ତାଙ୍କ ଲେଖନୀର ସ୍ପର୍ଶ ଅଛୁ ବୋଜ, ତାଙ୍କ ଆଶୀର୍ବାଦ ବନା ଜଣେ ଶିଲ୍ପପତ୍ତର ପୁଅ କେବେ କଣ ଲେଖକ ହୋଇ ପାରନ୍ତା!

Digitized by srujanika@gmail.com

ତା'ପରେ ଅମରଜତ ସେଠାରୁ ଘୁଲଯାଇଥିଲା । ସୁଲତା ଦେବୀ ଭବୁଥିଲେ କଏ ସେଇ ମହାପୁରୁଷ ଯିଏ ତାଙ୍କ ପୁଅକୁ ପ୍ରତିଷ୍ଠିତ କରବାକୁ, ମଣିଷ ପରି ମଣିଷଟିଏ କରି ଗଢି ତୋଳବାକୁ ଏମିତି ଏକନିଷ୍ଠ । ଅମରଜତ୍ ତାଙ୍କର ମଣିଷ ହେବ—ଜନ୍ମଜନ୍ମକୁ ନାଆଁ କରବ । ତା' ବାପା ପରି ଶିଳ୍ପ ଭିତରେ ମଜ୍ଜିରହି ମାନବକତାଙ୍କୁ ଯାନ୍ତ୍ରିକତାର ରୂପ ଦେବନି । ସେ ତାଙ୍କ ଶିଳ୍ପରେ ବୁଡ ରହନ୍ତୁ—ସେ ତାଙ୍କ ଧନ ପ୍ରାଚୁର୍ଯ୍ୟକୁ ପୃଥିବୀର ଶ୍ରେଷ୍ଠ ସମ୍ପଦ ବୋଲି ଭାବ ଆତ୍ମଗର୍ବରେ ମଜ୍ଜି ରହନ୍ତୁ, କନ୍ତୁ ସୁଲତା ଦେବୀଙ୍କର ସାହିତ୍ୟ ପ୍ରତି ମମତା ଯେମିତି ତାଙ୍କ ରକ୍ତରେ ମିଶି ଯାଇଛୁ । ସେ ବଞ୍ଚିଥିବା ଯାଏ ରହିବ ଓ ଅମର ହିଁ ତାଙ୍କ ରକ୍ତର ସେହି କଣିବାରୁ ଜନ୍ମ ନେଇଛୁ ।

ସୁଲତା ଦେବୀଙ୍କ ଅଜାତ ପୁଣି ତାଙ୍କ ମନ ଭିତରକୁ ଘୁଲ ଆସିଲ । ସେହି ଅଜାତକୁ ଦୀର୍ଘ ୨୩।୨୪ ବର୍ଷ ଧରି ଭୁଲବାକୁ ଚେଷ୍ଟା କରି ଆସିଥିଲେ, ସେ ଅଜାତ ଅମରଜତ୍ କଥା ଶୁଣିବାପରେ ଆହୁରି ସଜାଗ, ସଚେତନ ହୋଇ ତାଙ୍କ ଆଗେ ଛିଡା ହୋଇଗଲା ।

ମନକୁ ଘୁଲ ଆସିଲା ତାଙ୍କ କଲେଜ ଜୀବନ କଥା, ଆଉ ମନକୁ ଘୁଲ ଆସିଲେ ପୁଣ୍ୟଶ୍ଲୋକ । ପୁଣ୍ୟଶ୍ଲୋକ ସେତେବେଳକୁ ତା' ଉପର ଶ୍ରେଣୀରେ ପଢୁଥିଲେ । ସେ ସବୁ ଅନ୍ୟ ପିଲାଙ୍କ ପରି ଖାଲି ପଢୁଥାନ୍ତେ ତାହେଲେ ପୁଣ୍ୟଶ୍ଲୋକ ଅନ୍ୟ ପିଲାଙ୍କ ପରି ତା' ପାଖରେ ଅପରିଚିତ ରହି ପାଇଥାନ୍ତେ । କନ୍ତୁ ତାଙ୍କର ଏଇ ଲେଖାଲେଖି ଅଭ୍ୟାସଟା ତାଙ୍କୁ ସମସ୍ତଙ୍କ ଠାରୁ ପୃଥକ କରି ଦେଇଥିଲା ଆଉ ତାଙ୍କ ଲେଖାମାନ ପଢି କେବଳ ସହପାଠିମାନେ ନୁହନ୍ତି ଅଧ୍ୟାପକମାନେ ବି ଚକିତ ହୋଇ ଯାଇଥିଲେ । ପୁଣ୍ୟଶ୍ଲୋକ ପ୍ରତି ସେଥିପାଇଁ ଥିଲା ଆଦର, ଥିଲା ସ୍ନେହ, ଥିଲା ଆନ୍ତରିକତା କନ୍ତୁ ସେଇ ସ୍ନେହ, ସେଇ ଆନ୍ତରିକତା ଯେ ଦିନେ ମାନସିକ ଦୁର୍ବଳତାରେ ପରିଣତ ହୋଇଯିବ ଆଜି ପୁଣ୍ୟଶ୍ଲୋକଙ୍କ ଅନୁପସ୍ଥିତି ତାଙ୍କ ମନକୁ ଦୁର୍ବଳ ସନ୍ଦେହ ଭିତରକୁ ଟାଣିନେବ, ଅସ୍ଥିର କରିବ ଏହା ସେ ଭାବି ନ ଥିଲେ । ଧନର ପ୍ରାଚୁର୍ଯ୍ୟ, ପ୍ରତିପତ୍ତିର ଘାତପ୍ରତିଘାତ ଭିତରେ ବଢିଲା ସେ । ସେଇ

Digitized by srujanika@gmail.com

ପାଚେଞ୍ଚକୁ ଡେଇଁ ପୁଣ୍ୟଶ୍ଲୋକ ପଣ ଏକ ଗଣ୍ଡବ, ଈଶ୍ୱର ହାତ ଧରବାକୁ ମନ ବଳାଇବ ଏ କଥା ବି ସେ ଭାବ ନଥିଲେ ।

କନ୍ତୁ ମନର ଭାବନା ଭାବନାରେ ରହିଗଲ । ବାପାଙ୍କର ବାଧ୍ୟ ସନ୍ତାନ ହୋଇ ସେ ହେଲ ଶିଳ୍ପପତ୍ତ ଭଗବାନଙ୍କ ସହଧର୍ମିଣୀ ଆଜ ଶାନ୍ତ, ସରଳ ତାର ମନର ମଣିଷ ପୁଣ୍ୟଶ୍ଲୋକ ଆଖିରେ ଆଖିଏ ଲୁହ ଆଜ ହୃଦପୁ ଭରା ଦୁଃଖ ନେଇ ହେଲେ ସଂସାରତ୍ୟାଗୀ । କୁଆଡ଼େ ସେ ଗଲେ, କ'ଣ ତାଙ୍କର ହେଲ ସେ ସନ୍ଧାନ ଆଜ କେହି ପାଇ ନାହାନ୍ତି । ଆକସ୍ମିକ ଧୂମକେତୁ ପଣ ପୁଣ୍ୟଶ୍ଲୋକ ହେଲେ ଅନ୍ତର୍ଧାନ । ସେ ସତ୍ୟର ଅନୁସନ୍ଧାନରେ, ପୁଣ୍ୟର ଅନୁସଂଧାନରେ ଗଲେ କ ମାନସିକ ସନ୍ତ୍ରଣା ଆଜ ଅନ୍ତର୍ଦାହକୁ ଭୁଲଯିବାକୁ ଆତ୍ମହତ୍ୟା କଲେ ସେ ଖବର ବି କେହି ରଖିଲେନ । ପୁଣ୍ୟଶ୍ଲୋକଙ୍କ ଏଇ ସୃଷ୍ଟି ପ୍ରଥମେ ପ୍ରଥମେ ଯେ ସୁଲତାକୁ ବଚଳତ, ଶୋକାର୍ତ୍ତ କରି ନ ଥିଲ ତା' ନୁହେଁ କନ୍ତୁ ୨୩।୨୪ ବର୍ଷ ଭିତରେ ସୃଷ୍ଟିକୁ ସେ ମନରୁ ପୋଛୁ ଦେଇ ସାରଥିଲେ । ଯୌବନର ରଙ୍ଗୀନ ଡେଣା ଛିଡ଼ଗଲେ ସୃଷ୍ଟି ସବୁ ଧୀରେ ଧୀରେ ମଳନ ହୋଇଯାଏ ।

'ହେଇ ପଘ ଷ୍ଟେଟ ବାବୁ ଆସିଲେଣି'—ବୁଢ଼ା ଶୁକରଟା ଚାଟି କରି ଉଠିଲ ।

ସୁଲତା ଦେବୀଙ୍କ ଭାବନାର ଖିଅ ହଠାତ୍ ଛିଡ଼ଗଲ । ଚମକ ପଡ଼ଲେ ସେ, ଅମର ଫେରିଲଣି । କାହିଁ ? ସୁଲତା ଦେବୀ ଉଠିଗଲେ ଅମର ପାଖକୁ । ଅମରଜଉକୁ ଅବାକ୍ ହୋଇ ଘୁଣ୍ଟି ରହିଲେ ।

ଅମରଜଉ ଅସହାପୁ ଭାବେ କାନ୍ଦୁଥିଲ । କାନ୍ଦ କାନ୍ଦ ମୁହଁ, ଆଖି ଶୁଖି ଯାଇଛୁ । ଗୋଟା ଚକଚକ ମୁହଁଟା, ଏମିତି ଶୁଖିଲ ଓ ଅସ୍ୱାଭାବିକ ଦେଖାଯାଉଥିଲ ଯେ ତାହା ଦେଖି କେହି ସହ୍ୟ ପାରବେନ । ସୁଲତା ଦେବୀ ତ ସଜେ ମାଆ । ପୁଅର ଏ ଅବସ୍ଥା ଦେଖି ତାଙ୍କ ଆଖିରୁ ଲୁହ ଝରଗଲ । ବଶିଷ୍ଟ ଶିଳ୍ପପତ୍ତଙ୍କ ପୁଅ ଏମିତି ଅସହାପୁ ଭାବରେ କାନ୍ଦପାରେ ଏ କଥା ନ ଦେଖିଲେ କେହି ବିଶ୍ୱାସ କରି ପାରବେନ ।

Digitized by srujanika@gmail.com

ସୁଲତା ଦେବୀ ଅମରକୁ କୋଳକୁ ଜାକ ଆଣି ପଚାରିଲେ—ତୋର କ'ଣ ହୋଇଛି ବାପା ?

ମାଆକୁ ଜାବୁଡ଼ି ଧରି ଅମରଜଇ ଆଡୁର ଜୋରରେ କାନ୍ଦିବାକୁ ଲଗିଲା । ଏତେ ବଡ଼ ଦୁଃସମ୍ବାଦକୁ ସେ ଯେ କମିତି ପ୍ରକାଶ କରିବ ସେ ପାଇଁ ତାର ଭାଷା ନଥିଲା । କାନ୍ଦି କାନ୍ଦି କହିଲା—ମୁଁ ହାରଗଲି ବୋଉ । ସେ ମୋତେ ଛାଡ଼ି ଚାଲିଗଲେ ।

"କଏ ?" ବ୍ୟସ୍ତ ଓ ଶଙ୍କିତ ହୋଇ ପଚାରିଲେ ସୁଲତା ଦେବୀ ।

ମୋର ପଥ ପ୍ରଦର୍ଶକ, ମୋ ଜୀବନର ଆଲୋକ, ମୋର ଗୁରୁ କବ 'ଅଚ୍ଛତ' । ବଡ଼ ଚେଷ୍ଟା କଲି କନ୍ତୁ ପାରିଲନି । ମୋ କୋଳରେ ମୁଣ୍ଡ ରଖି ଶେଷ ନିଶ୍ୱାସ ତ୍ୟାଗ କଲେ । ଆଜି ତାଙ୍କର କଥାକୁ ସମ୍ମାନ ଦେଇ ତାଂକ ଶବ ସତ୍ସଙ୍ଗଘରେ ଦାଢ଼ କରି ଆସିଲି । ମୋ' ଭାଉରେ ମୁଖାଗ୍ନି ପାଇବେ ଏହାହିଁ ଥିଲା ତାଂକର ଇଚ୍ଛା । ମୋର ଯେମିତି ମନେ ହେଉଛି ବୋଉ ମୁଁ ମୋ' ନଜକୁ ଜାଲ ଦେଇ ଆସିଛି ।

ସୁଲତା ଦେବୀ କାନ୍ଦୁଥିଲେ ;ଅଜ୍ଞ କନ୍ଦୁଥିଲେ — ଭୁ ଟିକେ ଖବର ଦେଇ ପାରିଲୁନ । ଆଡା ! ସେଇ ମହାପୁରୁଷଂକ ଶେଷ ଦର୍ଶନ ମୁଁ ଟିକେ କରି ପାରିଲନି । ଭଗବାନ କେତେ ନିଷ୍ଠୁର ସତେ ।

ବୋଉ ! ତଥାପି ମୁଁ ହାରିଯିବନି । ତାଂକ ଆଶା ପୂର୍ଣ୍ଣ କରିବ । ମୋ' ଗୁରୁଙ୍କୁ ମୁଁ ନେଇ ଆସିବି । ସେ ମୋତେ ପ୍ରେରଣା ଦେବେ । ଅମରଜଇ ଫଟୋଟି ଧରି କାନ୍ଦିବାରେ ଲଗିଲା—କବ 'ଅଚ୍ଛତ'ଙ୍କ ଫଟୋ ।

ସୁଲତା ଦେବୀ ଫଟୋଟି ଦେଖି ଆଖ କୋଡକୁ ବୁଜି ରଖି ପାରିଲେନି । ଚିତ୍କାର କରି ଉଠିଲେ—ପୁଣ୍ୟଶ୍ଲୋକ ।

ବୋଉ ! ତୁ ତାଙ୍କୁ ଜାଣିଛୁ ?

ସୁଲତା ଦେବୀ କିଛି ଉତ୍ତର ଦେଇ ପାରିଲେନି । ମୂର୍ଚ୍ଛିତା ହୋଇ ପଡ଼ି ଯାଇଥିଲେ । ଅମରଜଇ ଓ ବୁଢ଼ା ଚାକରଟି କଂକର୍ତ୍ତବ୍ୟ ବିମୂଢ଼ ।
ନିସ୍ତବ୍ଧ, ନିସ୍ପନ୍ଦ ।

---

Digitized by srujanika@gmail.com

# ଧର୍ମଘଟ

ଅଭ୍ୟୁତ୍ଥାନର ନାୟକ

ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ କରିବା ରମଣଙ୍କର ବାବୁଙ୍କର ଏକ ଅଭ୍ୟାସ । କନ୍ତୁ ଆଜି ଅସମ୍ଭବ ଘଟଣା ସେଥିରେ ବ୍ୟତିକ୍ରମ ଦେଖାଦେଲା । ପତ୍ନୀ ରମା ଦେବୀ ସକାଳ ଛଅରୁ କେତେଥର ଡାକ ଡାକ ଫେର୍ ଗଲେଣି—ସେଥିକ ଚାଙ୍କୁ ନଡା ନାହିଁ । ରମଣଙ୍କର ବାବୁ ନଡରୁ ଉଠିଲେ ମଧ୍ୟ ରମା ଦେବୀଙ୍କ ଗରଗର ଶବ୍ଦର ଆବାଜ ଅବଚେତନ ଅବସ୍ଥାରେ ଶୁ ପାଇଥିଲେ । ଗତ ରାତ୍ରରେ ଅଫିସରୁ ଫେରିବାକୁ ବହୁତ ଡେରି ହୋଇଥିଲା । ଅଫିସରଙ୍କର ପଦବର୍ତ୍ତନ ହେତୁ ତାଙ୍କୁ ବଦାପୁ ସମ୍ବର୍ଦ୍ଧନା ଦିଆଯିବା ପଙ୍ଗେସଙ୍ଗେ ନୂତନ ଅଫିସରଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇ ଦିଆଯାଇଥିଲା । ଅଫିସର ବଡ଼ବାବୁ ଘରେ ତାଙ୍କର ଭୂମିକା ଅନ୍ୟମାନଙ୍କ ତୁଳନାରେ ଅଧିକ । ତେଣୁ ଘରକୁ ଫେରିଲାବେଳକୁ ରାତ୍ରର ଦ୍ୱିତୀୟ ପ୍ରହର ଅତିକ୍ରମ କରି ସାଇଥିଲା ।

ଉଠିବାରେ ବିଳମ୍ବ ହେଲେ ମଧ୍ୟ ରମଣଙ୍କର ବାବୁ ମୁହଁଟାକୁ ଧୋଇ ନେଇ ନିତ୍ୟକର୍ମ ସମାପ୍ତ କରିବାକୁ ପ୍ରସ୍ତୁତ ହେଉଥିଲେ । ରମା ଦେବୀ ଆସି ତାଙ୍କ ସମ୍ମୁଖରେ ଦଣ୍ଡାୟମାନା । ଘଡିରେ ବୋଉଲ ଅଠ ବେଗ୍ ।

"ମୁଁ ସକାଳ ଛଅରୁ ତୁମକୁ ଦଶଥର ଡାକିଲଣି—ନଦ କ'ଣ ତୁମର ଶୁଙ୍ଗୁଛୁ ? ଘରେ ଅଳ୍ପ କିଣଏ ବୋଲ ସଜ୍ଜଡା ନାହିଁ । ପରବା ବ ସବୁ କାଲିଠାରୁ ସରିଛୁ । ବେଳ ଆସି ୯ଟା ବାଜିବାକୁ ବସିଲଣି । ମୁଁ ପୁଣି ରେଷେଇ କରିବ କେତେବେଳେ ଯେ ? ନଅ ! ବଜାରରୁ ଶିଘ୍ର ଏ ଜନପଗୁଡ଼ିକ ନେଇ ଆସିବ ।"

Digitized by srujanika@gmail.com

ସକାଳୁ, ସକାଳୁ ରମଣଙ୍କର ବାବୁଙ୍କ ମଳଟା ଆଜି ଖୁବ୍ ଜରୁସ ହୋଇଗଲ । ଜାଆଁକୁ ଅଫିସ୍‌ରେ ବଡ଼ବାବୁ, ହେଲେ ବାସ୍ତବ ଜୀବନରେ—

ବ୍ଲକଗ୍ର କାଲ୍ଲ ଚାକିରୀ ଆସି ହେଲ୍ ୨୫ ବର୍ଷ । ଏହି ୨୫ ବର୍ଷ ମଧ୍ୟରେ ଜୈଲ୍:ଡ଼: ଆସିଷ୍ଟାଣ୍ଟ—ଜ୍:ଡ଼: ଅଫିସ୍ଟାଣ୍ଟ ଓ ଚା'ପରେ ହେଉ କ୍ଲର୍କ ବା ବଡ଼ବାବୁ । ବଡ଼ବାବୁ—ବଡ଼ବାବୁ ଡାକରେ ଅଫିସ୍ ଫାଟି-ପଡ଼େ । ହେଲେ ବଡ଼ବାବୁଙ୍କର ଦରମା ମାସକୁ ଗୋଏନା ବର୍ଷକୁ ବର୍ଷ ଯେତେ ଦରମା ବଢୁଛି, ଜଅଣ ସେତେ ଅଧିକ ଲଜି ରହୁଛି ।

ବ୍ଲକଗ୍ରର ପ୍ରଥମ ଅବସ୍ଥାରେ ବରଂ ଟିକେ ଭଲରେ କଟୁଥିଦନ ଚଳି ଯାଇଥିଲେ ରମଣଂକର ବାବୁ । ପ୍ରଥମେ ଯେବେ ସେ ବ୍ଲକଗ୍ରରେ ଗୋଡ଼ ଦେଲେ, ସେ ଥିଲେ ଅବିବାହିତ । ଘରେ ବାପା, ମା' ଆଉ ଭାଇଟିଏ । ବେଶ୍ ଭଲରେ ଚଳି ଯାଉଥିଲେ । ଘରକଥା କିଛି ତାଙ୍କୁ ବୁଝିବାକୁ ପଡୁ ନ ଥିଲ ।

ଚା'ପରେ ଆସିଲ ସେହ୍ନ ଜବାବର ଜନ । ଯାହା ଜୀବନରେ ଥରେ ଆସେ । ଭଇକୁ ବୋହୂ ହୋଇ ଆସିଲେ ଉମା ଦେବୀ । ବ୍ଲକଗ୍ର ଷ୍ଟେସନକୁ ଉମା ଦେବୀଙ୍କୁ ସେ ନେଇ ଆସିଥିଲେ କିଛିଦନ ପରେ ।

ପ୍ରମପ୍ର ଜମେ ଗଡ଼ଗଲେ । ବାପା, ମାଆ ଜଣଜଣ କରି ଆଗ ଛତ ହୋଇ ବଦାପ୍ର ନେଇଯାଆନ୍ତି ରମଣଙ୍କରଙ୍କ ଦୂନଆରୁ । ସାନଭାଇ ତର ବାହା-ସାହା ହୋଇ ସେ ଚା'ର ଘରସଂସାର କରେ । ରମଣଙ୍କର ବାବୁଙ୍କ ସଂସାର ଧିରେ ଧିରେ ନିତି ଅକାର ଧାରଣ କରେ । ଗୋଟି-ଏରୁ ଦୁଇଟି, ଦୁଇଟିରୁ ତିନଟି ଏକ୍ରମରେ ବଡି ବଡି ବର୍ତ୍ତମାନ ପାଞ୍ଚୋଟି କନ୍ୟା ଓ ଦୁଇଟି ପୁଅ ସନ୍ତାନ ଉମା ଦେବୀଙ୍କ କୋଳ ମଣ୍ଡନ କରନ୍ତି । ପରିବାରର ସଭ୍ୟ ସଂଖ୍ୟା ବୃଦ୍ଧିକୁ ତାଳଦେଇ ବଜାରରେ ଦରବୃଦ୍ଧି ପ୍ରତଯୋଗିତା ଆରମ୍ଭ କରିଦଏ । ତଥାପି ରମଣଙ୍କର ବାବୁ କେବେ ହତୋତ୍ସାହ ହୋଇନାଦାନ୍ତି । ପିଲାମାନଙ୍କୁ ଖାଇବା, ପିଇବା, ପାଠ ପଢିବା ଓ ଲୁଗାପଟା କେଉଁଥିରେ କେବେ ଅବହେଳା କରନାଦାନ୍ତି । ହେଲେ ଦନଲୁଦନ ଆବଶ୍ୟକତାର ମାତ୍ରା ବଢିବଢି ଚାଲିଛି । ସବା ବଡ଼ଟିଅ ଓ ତା' ତଳ ପୁଅ ଜଲେଜ୍‌ରେ ପଢିଲେଣି । ଅନ୍ୟମାନେ ହାଇ ସ୍କୁଲରୁ ମାଇନର ସ୍କୁଲ ମଧ୍ୟରେ । ସେମାନଙ୍କର ଆଜି ଦରମାଠୁ କାଲି

Digitized by srujanika@gmail.com

ଗୁନ୍ଦା; ପଅରବନ ପ୍ରେଷା ଫିସ୍‌ତ ଚା'ପରବନ ଆଉ କ'ଣ । କାଗଜ, ଖାତା, ବହିପତ୍ର ଓ କଲମ-ପେନ୍‌ସିଲ୍ ଆଦ କାହିଁ କେତେ କ'ଣ । କାହାର କଲେଜ ଫ୍ରେମ୍ ତ, କାହାର କାହାର ସ୍କୁଲ ଇଉନିଫର୍ମ । ଏଏ ମେକ୍‌ସି ଗୁହିଁଲଣି ତ କାହାର ଗାଉନ୍ ଦରକାର । ରମଶଙ୍କର ବାବୁ ସମସ୍ତେ ସମସ୍ତେ ଚନ୍ତାକରନ୍ତି—"ମଝିପ ଗୋଟାଏ ଟଙ୍କା ଉତ୍‌ପାଦନ କରିବା ଯନ୍ତ୍ର ହୋଇ ଯାଆନ୍ତା କ !"

ଯେତେ ଯାତାକଲେ ବ ଟାଣୁଣି ମାସ୍ଟିଂ ଚଳିବା ମୁସ୍କିଲ ହୋଇପଡ଼େ । ଆଜ ମାସର ଉଣରିଶି ତାରିଖ । ଆଉ ଗୋଟିଏ ଦିନ ରହିଲା ମାସ ଶେଷ ହେବାକୁ । ତା'ପରଦିନ ପହିଲା । ଦରମା ମିଳିବା ଦିନ ସଉଦା ସବୁ ସୁରିଯାଇଛି ବୋଲି ଶୁଣି ରମଶଙ୍କର ବାବୁ ଏକ-ରକମ ପ୍ରମାଦ ଗଣିଲେ । "ଏହି ଉଣେଇଦିନ କପର କ'ଣ କରିବାକୁ ହେବ ? ସତର ବଜାର ଜାଗା । ସବୁତ କଣିବାକୁ ପଡ଼ିବ । କୌଣସି ଗୋଟିଏ ଜିନିଷ ନ କଣିଲେ ନ ଚଳେ ।

ରମଶଙ୍କର ବାବୁ ଆଉ ନିତ୍ୟକର୍ମ ଶେଷକରିବେ କ'ଣ । ପ୍ରଥମେ ରମା ଦେବୀଙ୍କ ଡାଲକାଟି ପଡ଼ିବସିଲେ ।

ଅଟା, ଡରଡ଼, ସୋରଷ ତେଲ, ଜିରା, ଲଙ୍କା, ଆଳୁ ଓ ବାଇ-ଗଣ ଇତ୍ୟାଦି ।

ଏତେଗୁଡ଼ାଏ ଜିନିଷ ମାସ ନ ପରୁଣୁ ସରିଗଲା ?

"ହେ ଶୁଣୁଛ ! ମାସ ସରି ନାହିଁ । ତୁମର ଏତେଗୁଡ଼ାଏ ଜିନିଷ ଜଅଣ ପଡ଼ିଲା କେମିତି ? ସୋରଷ ତେଲ ସବୁ ଜ କେଜି ଆସିଥିଲା !" ରମଶଙ୍କର ବାବୁ ରମା ଦେବୀଙ୍କୁ ଡାକି ପଚାରିଲେ ।

"ମଲା ! ମୁଁ କ'ଣ ଖାଇଗଲି କି ? ତୁମ ଘରେ କ'ଣ କମ୍ ଲୋକ ଖାଇବାକୁ ହେଲେଣି ? ଆହାରୁଡ଼ା ଘରକୁ ତ ଅଧିକାଂଶ ସମ-ସ୍ତେ ବାହାର ଲୋକ ଆସୁଛନ୍ତି । ଜିନିଷ ସବୁ ସରିବ ନାହିଁ ରହିବ କେମିତି ?" ଉତ୍ତରୁ ଆଇ କହିଲେ ରମାଦେବୀ ।

ଆଉ ବେଶି କଛୁ କହିବା ଉଚିତ ମନେକଲେ ନାହିଁ ରମଶଙ୍କର ବାବୁ । ଜିନିଷ ତ ସରିଛି ଆଣିବାକୁ ହେବ । ପାଣିକଣ୍ଟ ଲାଭ ବା କ'ଣ ମିଳିବ ? ଉଣେଇଦିନ ପାଇଁ ଏହି ଜିନିଷଗୁଡ଼ିକ କଣିଲେ ଅତକମ୍‌ରେ ୫ ୭୦-୦୦ ଦରକାର । ପଇସା ତ ଗୋଟିଏ ବି ନାହିଁ । ଯକେଇ

Digitized by srujanika@gmail.com

ଅଣ୍ଡାଳଲେ ରମଣଙ୍କର ବାବୁ । ଅଫିସ୍ ଫେସ୍ଟାରଜଏଲ୍ ଝଙ୍କାରୁ, ମାଡ ପଦରଟି ଝଙ୍କା ବଳପଡ଼ୁଛୁ । "ଯାଦାଦେଉ ଆଜ ଦନକ ଚଳଯାଉ— ପରେ ଯାଦାଦେବ ଦେଖାଯିବ" ମନେମନେ କହୁଉଠିଲେ ରମଣଙ୍କର ବାବୁ । ଏଥିମଧ୍ୟରେ ଗୁ' ଡଆର କର ରମାଦେଗା ବଡ଼ଟିଅ ଡାଡରେ ଠୋଇ ଦେଇଛନ୍ତି । ଗୁ' କପ୍ଟିକୁ ପିଇଦେଇ ସାଇକେଲ ଧର ବଜାର ବାଡ଼ାଣଗଲେ ରମଣଙ୍କର ବାବୁ ।

ପୁରୁଣା କେଉଁ ଅମଳର ସାଇକଲଟାକୁ ପେଡ଼ାଲ ଉରେ ପେଡ଼ାଲ ମାର ଗୁଲଥିଲେ ସେ । ସାଇକଲରେ ଦନେ ଯେ କଣ୍ଟୁ ଗୋଟାଏ ଇଙ୍ଗ ଥିଲା, ତାଡ଼ା ବୋଧଡୁଏ ଆଜକାଲ ଆଉ କାହାର ମନେ ନାହିଁ । ଲୁଡାର ଓଜନାଲ ରଙ୍ଗ ସହତ ସାଇକେଲର ରଙ୍ଗ ସମାନ ହୋଇଯାଇଛୁ । ସେଥିକ କଣ୍ଟୁ ରମଣଙ୍କର ବାବୁଙ୍କ ଲକ୍ଷ୍ୟ ନ ଥାଏ । ତାଙ୍କର ଗୋଟାଏ ବଡ଼ ଗବ ଯେ ସାଇକଲଟା ତାଙ୍କର ଓଜନାଲ ଇଂଲସ୍ ଗୁଲେ । ଆଜକାଲ ତ ଏପର ସାଇକଲ ମିଳବ ନାହିଁ । ମିଳବାତ ଦୂରର କଥା ଦେଖିବାକୁ ବ ସୁପ୍ତ । ସେ କଣ୍ଟୁ ଇଂଲସ ଗୁଲେ ସାଇକଲଟାଏ ରଖି ପାରଛନ୍ତି । ଅବଶ୍ୟ କେତେଶତ ଥର ଯେ ସାଇକେଲ୍ଟି ଟପେପ୍ଟାର ଡେଲ୍ଟି ତା'ର ଇପ୍ଟତା ନାହିଁ । ଆଉ ଅଧିକାଂଶ ଥର କୌଣସି ନା କୌଣସି ପାର୍ଟସ ଲୁଭିଥାଏ ଏବଂ ତାଡ଼ା ଡେଉଛୁ ପୁରପୁର ସ୍ୱଦେଶୀ । ଅର୍ଥାତ୍ ମେଡ୍ ଇନ୍ ଇଣ୍ଡିଆ । ଏକଥାକୁ ରମଣଙ୍କର ବାବୁ ନଜର ଦେଇ ନ ଥାନ୍ତି ।

ଏତକବେଳେ ରମଣଙ୍କର ବାବୁଙ୍କ ପାଖଦେଇ ଝକ୍ସାରେ ମାଇକ୍ଟିଏ ପ୍ରଚୁର କରତର ଗୁଲଯାଉଥାଏ—

"ଭାଇମାନେ ! ସ୍ଥାମାପ୍ୟ କଲେଜ୍ର ଛାତ୍ରମାନେ ସେମାନଙ୍କର ଦାବିଜ୍ଞ ଦାଖଜେଇ ଧର୍ମଘଟ କରଛନ୍ତି । ଏଥିପାଇଁ ଆଜ ଏ ସହରର ସବଂଶ 'ବନ୍ଦ' ପାଳନ କରିବ । କୌଣସି ଦୋକାନ, ବଜାର ଓ ହୋଟେଲ ଆଦ ଖୋଲଯାଇ ପାରବନାହିଁ । ଯଦ ଭ୍ରଲବଶତଃ କେହ କେହ ସେମାନଙ୍କର ଦୋକାନ ବଜାର ଖୋଲ ଦେଇଥା'ନ୍ତ, ଏହ ଘୋଷଣା ଶୁଣିବା ମାତ୍ରେ ବନ୍ଦ କରଦଅନ୍ତୁ । ଖୁବ୍ ଅଳ୍ପ ସମସ୍ୟ ମଧ୍ୟରେ ଏକ ବଘଟ ଛାତ୍ରବାହ୍ନୀର ପଟୁଆର ଏହ ସହର ପରକ୍ରମା କରବ ।"

ଏତାଦୃଶ ଘୋଷଣା ଶୁଣିଲ ପରେ ପରେ ରମଣଙ୍କର ବାବୁଙ୍କ ଅକଲ ଗୁଡୁମ୍ । ସତକୁ ସତ ଦେଖାଗଲ ଯେ ଦୋକାନ-ବଜାର ସବୁ

Digitized by srujanika@gmail.com

ବନ୍ଦ । ଯେଉଁ ଅଳ୍ପ କେତୋଟି ଦୋକାନ କାଁ-ଭାଁ ଖୋଲିଥିଲା ଏହି ମାଇକ୍ ପ୍ରଚାର ଶୁଣିଲା ପରେ ପରେ ଧଡ଼ାଧଡ଼୍ ବନ୍ଦ କରିଦେଲେ । ସବୁଠାରେ ଚାବି-କବାଟ ପଡ଼ିଗଲା ।

କ'ଣ କରିବେ ? ରାମଶଙ୍କର ବାବୁ ମହା ଚିନ୍ତାରେ ପଡ଼ିଗଲେ । ଚାରିଆଡ଼େ ବୁଲିବୁଲି ଖୋଜିବାକୁ ଲାଗିଲେ କାଳେ କେଉଁଠି ଦୋକାନ-ଟିଏ ଖୋଲା ରହି ଯାଇଥିବ । କାହିଁ କେଉଁଠି ହେଲେ ବି ଆଖିରେ ପଡ଼ୁନାହିଁ । ରାମଶଙ୍କର ବାବୁ ଯାଇ କେତୋଟି ଦୋକାନୀଙ୍କୁ ଦୋକାନ ଖୋଲିବାକୁ ଅନୁରୋଧ କଲେ । ହେଲେ କିଏ ଶୁଣୁଛି ? ଆଜି ଯିଏ ବା ଶୁଣିଲେ କଲେଜ୍ ପିଲାମାନଙ୍କ ଉପରେ ଦୋକାନ ଖୋଲିବାକୁ ରେକ୍‌ଟୋକ୍ ମନା କରିଦେଲେ । ଉପାୟ ନାହିଁ କାହାର ?

ବାପର ତ ପୁଣି ଫାଗକୁ ଉପାୟ । ଦୋକାନ ଖଣ୍ଡି ଲୁଟ୍ ହୋଇ-ଗଲେ, ସବୁ ସରିଗଲା । ଖାଲି କ'ଣ ସେଉଁଠି ? ଆପତ୍ତି ଓଜର କଲେ କିଛି ଗୋଟାଏ ଉତ୍ତମ ମଧ୍ୟମ ହୋଇଯିବା ବି ବଡ଼କଥା ନୁହେଁ ।

"ଆଲେ ସଖି ! ଆଣୋ ମହତ ଆପେ ରଖି ।" ରାମଶଙ୍କର ବାବୁ ଏପାଖ-ସେପାଖ ଚାହିଁ ବଜାରଟା ସାରା ଘୂରି ବୁଲୁଛନ୍ତି । ହଠାତ୍ ଗୋଟାଏ ଦୋକାନର ପଛ କବାଟ ଅଳ୍ପ ଟିକିଏ ଖୋଲିଥିବାର ନଜରରେ ପଡ଼ିଲା । ଧାଇଁଲେ ଭରତର ହୋଇ । ଦୋକାନୀଟି ରାମ-ଶଙ୍କର ବାବୁଙ୍କ ହାତକୁ ଧରି ଦୋକାନ ଭିତରକୁ ଟାଣିନେଇ ଭିତର ପଟୁ କବାଟ ବନ୍ଦ କରିଦେଲା । ରାମଶଙ୍କର ବାବୁ ଗୋଟାଏ ନିଶ୍ୱାସ ମାରିଲେ । ଦୋକାନୀ ରାମଶଙ୍କର ବାବୁଂକ ହାତରୁ ଚଟାଣି ନେଇ ଜନାଷ ସବୁ ଓଜନ କରି ଦେଇଦେଲା । ଯେତେବେଳେ ସେ ସଉଦା-ଗୁଡ଼ିକର ଦର ପକାଇଲା, ରାମଶଂକର ବାବୁଂକ ଆଖି ତ କପାଳକୁ ଉଠିଗଲା । ପୋରଷ ତେଲ କଲେଗ୍ରାମ ପ୍ରତି ଟ ୨୨-୦୦, ହରଡ଼ କଲେଗ୍ରାମ ପ୍ରତି ଟ ୭-୦୦, ଆଳୁ କଲେଗ୍ରାମ ପ୍ରତି ଟ ୩-୦୦ ଇତ୍ୟାଦି ଏହିପରି ସବୁର ଦର ଅତି ଅଧିକ ।

"କଡୋ ବାବୁ ! ଏ କ'ଣ ? ଏତେ ଏତେ ଦର କ'ଣ ପକା-ଉଛ ?" ରାମଶଂକର ବାବୁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ ଦୋକାନୀକୁ ।

ଟିକିଏ ହସିଦେଲା ଦୋକାନୀଟି ହଃ ହଃ ହଃ । ଆପଣ ଆଜ୍ଞା ପୁରୁଣାଲୋକ ହୋଇ ଏତଲ୍ଲ ଜାଣିପାରୁ ନାହାନ୍ତି ? ଆଜି ମାର୍କେଟ ବନ୍ଦ ।

Digitized by srujanika@gmail.com

ସବୁ ଜନ୍ତୁଷର ଷ୍ଟକ୍ କମ୍‌ଅଛି । ବଜାରରେ ଖୁଚୁରା ଚଉଗୁଣା ହୋଇଯାଇଛି । ନଡ଼ିଆତେଲ ମଣ୍ଡି କଣ ସୋରଷ ତେଲ ୫ ୧୮-୦୦ ବଦଳରେ ୫ ୨୨-୦୦ ଓ ଡରଡ଼ ୫ ୫-୦୦ ବଦଳରେ ୫ ୭-୦୦ ଆଦ୍ଦ ନେଇଥାନ୍ତି ? ଏଥିରେ ଆମର ଆଉ କ'ଣ କରିବାର ଅଛି ।

ରାମଶଂକର ବାବୁଂକର ଆଉ କହିବାର କିଛି ନଥିଲା । କାନମୁଣ୍ଡ ଆଉଁସି ସଉଦାତକ ବ୍ୟାଗ୍‌ରେ ଭର୍ତ୍ତିକର ଦୋକାନାକୁ ପନ୍ଦରଟି ୫ଂକା ଦେଲେ । ଅବଶିଷ୍ଟ ୫ଂକା ବାକା ରହିଲା ବୋଲି କହିଲେ । ଦୋକାନାଟି ଚଳା ଲୋକ, ସେ ରାଜି ହୋଇଗଲା । ରାମଶଂକର ବାବୁଂକୁ ଦ୍ୱାର ଖୋଲିଦେଲା । ସେ ଚାଂକ ସାଇକେଲରେ ବେଗ୍ ୫ଙ୍ଗାଇଲେ । ଏତକିବେଳେ ଆଉଜଣେ ଲୋକ ତରତର ହୋଇ ସେହି ଦୋକାନ ଭିତରକୁ ପଶିଗଲେ । ମନସ୍ତାପ ମଧ୍ୟରେ ବି ହସିଦେଲେ ରାମଶଂକର ବାବୁ । ଯାଆରେ ପୁଅ ! ଭିତରକୁ ଯାଆ । ଅଖା ଧୋଇଥିବୁ, ଗୁଣ ଶାଉଥିବୁ—ମନେମନେ କହି ସାଇକେଲ ଚଢ଼ିଲେ ରାମଶଂକର ବାବୁ ।

ଘର ଦୁଆରମୁହଁରେ ଯାଇ ସାଇକେଲରୁ ଓହ୍ଲାଇ ପଡ଼ି ଦେଖିଲେ—ଶକ୍‌ସାଟିଏ ଛୁଡ଼ା ହୋଇଛି । କିଏ ଆଉ ଆସିଲା ଶକ୍‌ସାରେ ସକାଳୁ ସକାଳୁ ? ମନେମନେ ଚନ୍ତା କରୁଥିଲେ ରାମଶଂକର ବାବୁ । ଶକ୍‌ସାବାଲାର ନକ୫ବଣୀ ହୋଇ ତାକୁ ନମ୍ରକଣ୍ଠରେ ପଚାରିଲେ—

"ଆରେ ହେ ! ଶକ୍‌ସାରେ କିଏ ଆସିଛନ୍ତି ?"

'ଆଜ୍ଞା ! ବାବୁଆଣୀ ଆଉ ପିଲାମାନେ ସବୁ ଆସିଛନ୍ତି । ସେମାନଙ୍କୁ ତ ମୁଁ ଜାଣେ ନାହିଁ ।

କେଉଁଠାରୁ ଆସିଲେ ସେମାନେ ? କୁଆଡ଼େ ଗଲେ ?"

"ବସ୍ ଷ୍ଟାଣ୍ଡରୁ ଆସିଲେ । ଏହି ଘର ଭିତରକୁ ଯାଇଛନ୍ତି । ମୁଁ ପଇସା ପାଇନାହିଁ ଯେ ଅପେକ୍ଷା କରିଛି ।" କହିଲା ଶକ୍‌ସାବାଲା । ରାମଶଙ୍କର ବାବୁଙ୍କୁ ଜାଣିବାକୁ ଆଉ ବାକା ରହିଲା ନାହିଁ ଯେ ସକାଳୁ ସକାଳୁ କେହି କୁଣିଆ ସପରିବାରେ ଆସି ପହଞ୍ଚିଗଲେଣି ବୋଲି । ଏତକବେଳେ ପେଣ୍ଟ-ସାର୍ଟ ପିନ୍ଧା ଜଣେ ଯୁବକ ଘର ଭିତରୁ ବାହାର ଆସି ଶକ୍‌ସାବାଲାଟିକୁ ଭଡ଼ା ବାବଦ ପଇସା ଦେଲା । ଶକ୍‌ସାବାଲାଟି ଶକ୍‌ସା ନେଇ ଚାଲିଗଲା ।

ରାମଶଙ୍କର ବାବୁ ନଡ଼ା ଅଡୁଆରେ ପଡ଼ିଲେ । କାହିଁ ଏ ଯୁବକକୁ ତ କେବେ ଦେଖିଲା ପରି ମନେ ପଡୁନାହିଁ ! ତେବେ କଏ ସବୁ

Digitized by srujanika@gmail.com

ଏମାନେ ? ଘର ଭିତରକୁ ସଜଦା ବେଗ୍ ନେଇ ପଶିଗଲେ ସେ । ପତ୍ନୀ ରମାଦେବୀଙ୍କ ନିକଟରେ ବସିଥିଲା ଜଣେ ଚାଳିଶ ବୟସ୍କା ଭଦ୍ର ମହିଳା । ଗୌରବର୍ଣ୍ଣା-ସାଧାରଣ ସ୍ୱାସ୍ଥ୍ୟ-ଗଠନଟି ମନ୍ଦ ନୁହେଁ ।

ରମାଦେବୀ ସଙ୍ଗେସଙ୍ଗେ କହି ଉଠିଲେ—"ଏ ମୋର ହାଇସ୍କୁଲ ବେଳର ପଢ଼ା ସାଙ୍ଗ 'ନମିତା' । ଏ ପିଲା ଦୁଇଟି ତା'ର ପୁଅଝିଅ ବୁଲୁ ଓ ଝୁନୁ । ଆଉ ସେ ତା'ର ସାନଭାଇ ରମେଶ ।"

ନମିତା ଦେବୀ ସଙ୍ଗେସଙ୍ଗେ ହାତ ଉଠାଇ ନମସ୍କାର କଲେ । ରମେଶ, ବୁଲୁ ଓ ଝୁନୁ—ସେମାନେ ବି ନମସ୍କାର କଲେ । ରମଣଙ୍କର ବାପାଙ୍କ ହାତ ଆପେଆପେ ଉଠିଗଲ୍ ପ୍ରତି ନମସ୍କାର କରିବାକୁ । ତାପରେ ସେ ତାଙ୍କ ରୁମ୍‌କୁ ଚାଲିଗଲେ ।

ସଜଦା ବେଗ୍‌ଟି ରେଖେଇ ଘରକୁ ନେଇ ରଖିଦେଇ ଆସି ରମାଦେବୀ ରମଣଙ୍କର ବାପାଙ୍କ ପାଖରେ ଆସି ପହଞ୍ଚି ଚପିଚପି କରି କହିଲେ, "ଶୁଣୁଛ ! ଖାଲି ଆଳୁ, ଡାଲିରେ ସାଧା ତରକାରି କରି କ'ଣ ଏମାନଙ୍କୁ ଖାଇବାକୁ ଦେବା ?"

"ଆଉ କ'ଣ ଦେବ-ଦେଉନାହିଁ । ମୁଁ କ'ଣ ମନାକରୁଛି ।"

"ମୁଁ କ'ଣ ଅଜ ଦେବ ? ତୁମେ ଆଣିଲେ ସିନା । କେତେଦିନର ସାଙ୍ଗଟାଏ ପ୍ରଥମ କରି ଆସିଛି । କ'ଣ ସେ ଗ୍ରହଣ ମନରେ ? କଲେଜ ପିଲା ସବୁ କୁଆଡ଼େ ଧର୍ମଘଟ କରିଛନ୍ତି ସେ ବସ୍, ଟେକ୍‌ସି ସବୁ ଏଠି ବନ୍ଦ । ସେମାନେ ତ ଜାଣିନାହାନ୍ତି ଏକଥା । ବାଲେଶ୍ୱରରୁ କଟକ ବସ୍‌ରେ ତାର ସ୍ୱାମୀ ପାଖକୁ ଯାଉଥିଲା ନମିତା । ବାଟରେ ଭଦ୍ରକରେ ଏହି ଅବସ୍ଥା । ବସ୍ ବନ୍ଦ । କ'ଣ କରିବ ବିଚରା ? ବହୁତ ସମୟ ଏପାଖ ସେପାଖ ହୋଇ ଶେଷରେ ବାଧ ହୋଇ ଆମ ଘରକୁ ଆସିଲା । ଆମର ଚଢ଼ା-ଜଣା ବୋଲି ଆସିଲାନା—ଆଉ କାହିଁ କାହା ଘରକୁ ଗଲାନାହିଁ ?

"ଆରେ, ବଡ଼ ଆଶ୍ଚର୍ଯ୍ୟ କଥା ! ମୁଁ କ'ଣ ମନାକଲି ଆସିବାକୁ ?"

"ମୁଁ କ'ଣ କହୁଥିଲି କି ମାଛଟେ,ଯାଇ ଆଣିଥାନ୍ତ । ମାଛ ତରକାରି-ଟାଏ ନ ହେଲେ ଭଲ ହେବନାହିଁ ।" ରମାଦେବୀ ସାଉଁଳେଇ କରି କହିଲେ । "ତୁମେ ଏହାଭଣ୍ଡା କଲେଜ ପିଲାଙ୍କ 'ଧର୍ମଘଟ' କଥା କହୁ-ଥିଲନା ?" "ହଁ ତ ।" "ଆଜି ସେଥିପାଇଁ ଦୋକାନ ବଜାର ସବୁ ବନ୍ଦ । ଏଉକ ସଜଦା ଆଣିବା ପାଇଁ ମୁଁ ସେତେ ଦଇରାଣ ହେଲାଣି ଆଉ କେତେ ଅଧିକ ପଇସା ଦେଇଛି, ସେକଥା ମୁଁ ଜାଣେ ।" ଅଜ

Digitized by srujanika@gmail.com

ଚାଦାଲେ କ'ଣ କରବା ଯେ ?'' ମୁହଁକି ଶୁଖାଇ କହିଲେ ରମାଦେଗା । ''କ'ଣ ଆଉ କରବ ? ମାଛତ ମିଳବା ସମ୍ଭବ ନୁହେଁ । ତା' ଛଡ଼ା ମୋ ପାଖରେ ବ ଆଉ ଗୋଟିଏ ବୋଲ ପଇସା ନାହିଁ, ମାଛ ଆଣିବ ବା କେମିତି ?''

ମୁରୁକି ହସି ରମାଦେଗା କହିଲେ—''ମୋ ପାଖରେ ଦଶଟା ଟଙ୍କା ଅଛି ନେଇଯାଅ ! ଯେମିତିହେଉ ଗୋଟାଏ ମାଛ ନେଇଆସିବ ।' ତରତର ହୋଇ ଘର ଭିତରକୁ ଚାଲିଗଲେ ସେ ।

ରମଣଙ୍କର ବାବୁ କନ୍ତୁ ଗୁରୁଥିଲେ ଏକ କଲେଜ ପିଲଙ୍କ ଧର୍ମଘଟ କଥା । 'କଣ' ବା ଏମାନେ ଧର୍ମଘଟ କରି ଦାବୀ ଦାସଲ କରିବେ ? ଧର୍ମଘଟ-ହରତାଳ-ବନ୍ଦ ଏସବୁ ଦ୍ୱାରା ସମାଜର ଯେ କେତେ ଅପକାର ହେଉଛି, ତାହା କେବ ବୁଝାବ ଉଖୁନାହିଁ । ମୁନାଫାଖୋର, କଳାବଜାରୀମାନେ ଫାଇଦା ଉଠାଉଛନ୍ତି । ଉତ୍ପାଦନ ବାଧା ପାଉଛି । ଦରିଦ୍ର ଶ୍ରମିକ ବେକାର ହୋଇ ଉପବାସ ରହୁଛି । ଆଉ ଆମ ପରି ଲୋକତ ଅସୁବିଧା ଭୋଗ କରିବ ହିଁ କରିବ ।

ଏକ ସମୟ ମଧ୍ୟରେ ରମାଦେଗା ଦଶ ଟଙ୍କାର ନୋଟ ଖଣ୍ଡିଏ ରମଣଙ୍କର ବାବୁଙ୍କ ହାତରେ ଦେଲେ । ରମଣଙ୍କର ବାବୁ ପୁଣି ସାଇ-କଲ ଧରି ବଜାରକୁ ଚାଲିଲେ ।

ମାଇକ୍‌ଟିଏ ଦୂରରୁ ଚିତ୍କାର କରୁଥିଲା—''ଆଜି ସନ୍ଧ୍ୟାରେ ଗାନ୍ଧୀ ପଡ଼ଆଠାରେ ଏକ ବୃହତ ସାଧାରଣ ସଭାର ଆୟୋଜନ ଧର୍ମଘଟକାରୀ ଶ୍ରମିକମାନଙ୍କ ପକ୍ଷରୁ କରାଯାଇଛି । ଏଥିରେ ପୌରହିତ୍ୟ କରିବେ ଆମ ବିଧାନସଭାର ବରେଣ୍ୟ ଦଳ ନେତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଜଗଦେବ ଏବଂ ମୁଖ୍ୟ ବକ୍ତା ଭାବେ ଯୋଗଦେବେ ସ୍ଥାନୀୟ ବିଧାନ ସଭା ସଦସ୍ୟ ଶ୍ରୀଯୁକ୍ତ ବିଜୟ ଦାଶ ।''

କଏ ବୁଝୁଛି—ସମାଜର ବର୍ତ୍ତମାନ ଗତି କୁଆଡ଼େ ? ଦେଶର ଅବସ୍ଥା କ'ଣ ? ଆଃ କି ଶୋଚନୀୟ ପରିସ୍ଥିତି ।

''ଭଜମାନ—ଧର୍ମଘଟ, ଧର୍ମଘଟ—ଭଜମାନ''

ରମଣଙ୍କର ବାବୁଙ୍କ ମନଟା ବିଷାକ୍ତ ହୋଇ ଉଠୁଥିଲା ।

Digitized by srujanika@gmail.com

# ଗହ୍ୱର

● ମାନସୀ ଦାସ

ଉଚ୍ଚ ସରକାର ମହଲରେ ସୁନାମ ଅର୍ଜନ କରିଥିବା ଦକ୍ଷ ଆଇ.ଏ.ଏସ୍. ଅଫିସର ପ୍ରାର୍ଥ ସାମନ୍ତରାୟଙ୍କର ଉଚ୍ଚ ଶିକ୍ଷିତା ପତ୍ନୀ ମାଳବିକା ସାମନ୍ତରାୟ । ଏତେ ବଡ଼ ଅଫିସରର ସ୍ତ୍ରୀ ଅଥଚ ନିଜେ ଡେଲେ ଗର୍ବ ନାହିଁ । ସ୍କୁଲ, କଲେଜ ବେଳର ସାଙ୍ଗମାନଙ୍କୁ ଦେଖିଲେ କାନ୍ଥରେ ହାତ ପକାଇ ଗପ ଯୋଡ଼ ବସନ୍ତି । ରାସ୍ତାରେ ଚଢ଼ାଲୋକ ଦେଖିଲେ ଗାଡ଼ି ଅଟକାଇ ଭଲମନ୍ଦ ପଚାରନ୍ତି । ସେମାନଙ୍କ ପଛରେ ଥିବା-ନଥିବା ସାମାଜିକ ସମ୍ମାନ ବା ପରକାର ପାହ୍ୟା ବିଷୟରେ ଧ୍ୟାନ ଦିଅନ୍ତି ନାହିଁ ।

ଓଡ଼ିଶା ବାହାରେ ଅନେକ ବର୍ଷ କଟାଇଲ ପରେ ସମ୍ବଲପୁରରେ ମିଃ ସାମନ୍ତରାୟଙ୍କର ନଯୁକ୍ତି । ସମ୍ବଲପୁରକୁ ଆସିବା ଖବର ଶୁଣି ଖୁସି ହୋଇଥିଲେ ଶ୍ରୀମତୀ ସାମନ୍ତରାୟ, କାରଣ ସେହିଠାରେ ହିଁ ତାଙ୍କ ସ୍ୱାମୀଙ୍କର ଗୌରବମୟ ଜୀବନର ଆରମ୍ଭ ଓ ବିବାହ ପରେ ଗୋଟିଏ ବର୍ଷ ସେମାନେ ସେହିଠାରେ ରହିଥିଲେ । ସମ୍ବଲପୁର ତାଙ୍କୁ ବର୍ତ୍ତମାନ ହୁଏତ ତାଙ୍କ ପରିଚୟ ମନେ ପକାଇ ପାରିବ ନାହିଁ । ସେ ସମ୍ବଲପୁରକୁ ଜାଣନ୍ତି । କେଉଁଠି କେତେ ଖପର ଘର ଥିଲ, ଭଙ୍ଗାଆଘ ବଣ ଥିଲ ଓ ଆଜ ସେଠାରେ ବଡ଼ ବଡ଼ କେତେ କୋଠା, ଅଫିସ ଘର, ହୋଟେଲ ଇତ୍ୟାଦି ହୋଇଛି, ତାର ହିସାବ ଶ୍ରୀମତୀ ସାମନ୍ତରାୟଙ୍କର ମୁଣ୍ଡେ ମୁଣ୍ଡେ । ସେତେବେଳେ ହାତରେ ପ୍ରଚୁର ସମୟ ଥିଲ ସ୍ୱାମୀଙ୍କର ଓ ଟୁର୍‌ରେ ନ ଯାଇଥିଲେ ସେମାନେ ପ୍ରାୟ ସନ୍ଧ୍ୟାରେ ବୁଲା ଯାଉଥିଲେ, ବୁଲି ବୁଲି ରାତି ଦଶଟା ପରେ ଫେରୁଥିଲେ । ଆଜପର ନୂଆ

Digitized by srujanika@gmail.com

ମଡ଼େଲର ଆମ୍ବାସଡ଼ର କାର୍ ସେତେବେଳେ ତାଙ୍କର ନଥିଲା । ବାପାଙ୍କଠୁ ପୁରୁଣା ଅଷ୍ଟିନ ଗାଡ଼ିକୁ ଆଣି ମିଃ ସାମନ୍ତରାୟ ପାଖରେ ରଖିଥିଲେ ।

ସେ ସମୟରେ ଶ୍ରୀମତୀ ସାମନ୍ତରାୟ ଗାଡ଼ି ଚଳାଇ ଶିଖି ନ ଥିଲେ । ସ୍ୱାମୀ ଗାଡ଼ି ଷ୍ଟାର୍ଟ କରୁଥିବା ସମୟରେ ସେ ସାମାନ୍ୟ ଟିକେ ଚଳାଇବା କୌଶଳ ଶିଖିବାକୁ ଚେଷ୍ଟା କରିଥିଲେ । ତାଙ୍କର ଗାଡ଼ି ବିଷୟରେ ବିଶେଷ ଦକ୍ଷତା ନ ଥିଲା, କିନ୍ତୁ ସେହି କଳା ଅଷ୍ଟିନ ଗାଡ଼ିରେ ସେ କାର୍ ଚଳାଇବା ଶିଖିଥିଲେ ଓ ତାକୁ ହିଁ ନେଇ ତାଙ୍କର ଅନେକ ମଧୁର ସ୍ମୃତି ଜଡ଼ିତ ହୋଇ ରହିଛି, ଯାହାର ପଟ୍ଟଭୂମି ଥିଲା ସମ୍ବଲପୁର ।

ସମ୍ବଲପୁରର କମିଶନର୍ ବଙ୍ଗଳାରେ ସେମାନେ ଫଧାରେ ଓହ୍ଲାଇବା ପରେ ସକାଳୁ ଲୋକର ସୁଅ ଛୁଟିଲା । ଅଫିସରମାନେ, ସ୍ଥାନୀୟ ନେତୃସ୍ଥାନୀୟ ଲୋକ, ବ୍ୟବସାୟୀ, ସାଧାରଣ ବାସିନ୍ଦା ଇତ୍ୟାଦି ସମସ୍ତେ କମିଶନର ସାହେବଙ୍କୁ ଦେଖାକରିବା ପାଇଁ ଆସି ପହଞ୍ଚିଲେ । ସେହି ପ୍ରଥମ ମାସରେ କମିଶନର ସାହେବ କୃଷି ପ୍ରଦର୍ଶନୀ ଉଦ୍‌ଘାଟନ, ପବ୍ଲିକ ଲାଇବ୍ରେରୀର ଶୁଭ ଦେବା ଓ ଅନେକ ସଭା ସମିତିରେ ଯୋଗ ଦେବାର ନିମନ୍ତ୍ରଣ ପାଇଲେ ଓ ତାଙ୍କ ସହିତ ଶ୍ରୀମତୀ ସାମନ୍ତରାୟ ସବୁ ସ୍ଥାନକୁ ଯାଉଥିଲେ । ଏହା ଅନେକ ବର୍ଷର ଅଭ୍ୟାସ । ତେଣୁ ଏବେ ଆଉ ଶ୍ରୀମତୀ ସାମନ୍ତରାୟଙ୍କୁ ସଙ୍କୋଚ ଲାଗେ ନାହିଁ ।

ସେହିଦିନ ଫଧାରେ ସ୍ଥାନୀୟ କନ୍‌ଭେଣ୍ଟ ସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେବାପାଇଁ ସାମନ୍ତରାୟ ଦଂପତ୍ତି ନିମନ୍ତ୍ରଣ ପାଇଥିଲେ । ମିଃ ସାମନ୍ତରାୟ ସଭାପତ୍ତିର ପଦ ଅଳଂକୃତ କରିବେ ଓ ଶ୍ରୀମତୀ ସାମନ୍ତରାୟ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବେ ବୋଲି ସ୍ୱୀକୃତି ଦେବା ପରେ ନିମନ୍ତ୍ରଣ କାର୍ଡରେ ତାହା ଛପା ଯାଇଥିଲା ।

କନ୍‌ଭେଣ୍ଟ ସ୍କୁଲରେ କାର୍ ପହଞ୍ଚିବା କ୍ଷଣି କମିସନର ସାହେବ ଦମ୍ପତ୍ତିଙ୍କୁ ପାଗ୍ଲେଟ୍ ନେବା ପାଇଁ ସ୍କୁଲର ଶିକ୍ଷୟିତ୍ରୀମାନେ ଆଗେଇ ଆସିଲେ । ପଛରେ ଧାଡ଼ି ଧାଡ଼ି ହୋଇ ତିନି ଚୌକିମାନ ପଡ଼ିଥିଲେ ମଧ୍ୟ ପ୍ରଥମ ଧାଡ଼ିରେ ଗଦଭରା ସୋଫା ରଖା ଯାଇଥିଲା ।

Digitized by srujanika@gmail.com

ପରଦା ଉଠିଲା । ଆରମ୍ଭ ହେଲା ପିଲାମାନଙ୍କ ଦ୍ୱାରା ଅଭିନୀତ ନାଚ, ଗୀତ, ନାଟିକା । ସମସ୍ତେ ହସୁଛନ୍ତି । ସବୁଲେ ତାଳ ମାରୁଛନ୍ତି । ଖୁସି ହେଉଛନ୍ତି । "ଏଇ ସେ ଡ଼େଙ୍ଗା ହୋଇ ଝିଅଟି—ବାମ ପଟେ ନାଚୁଛି, ସେ ମୋ ଝିଅ ··· । ଏଇ ଗୀତ ପରେ ଇଂଲିଶ ଡ୍ରାମା ହେବ । ସେଥିରେ ମୋ ବଡ଼ ଝିଅର ମେନ୍ ରୋଲ୍ ଅଛି । ଆଜି ସାନ ପୁଅ ହୃଦ କୋରସ୍‌ରେ । ଝିଅ ଦୁହେଁ ଖୁବ୍ ଭଲ ନାଚନ୍ତି ମଧ୍ୟ ··· । ଏ ଟିକି ପିଲାଟି ଆପଣଙ୍କର ବାଃ, ଭାରି ସ୍ମାର୍ଟ ଟି !"

ପିଲାମାନଙ୍କ ଅଭିନୟ ଦେଖୁଛନ୍ତି ମିସେସ୍ ସାମନ୍ତରାୟ । ସ୍ୱାମୀଙ୍କ ସହିତ ଆଗି ମିଳିଗଲେ ସାମାନ୍ୟ ହସୁଛନ୍ତି । ମନ୍ତବ୍ୟ ଦେଉଛନ୍ତି— "ଏତେଗୁଡ଼ଏ ପିଲାଙ୍କୁ ଧର ଶିଖାଇବା କାଠିକର ପାଠ । ଯେ ଶିଖାଇଛୁ ତାକୁ ଧନ୍ୟ କହିବ ।" ତାଙ୍କର ବାଁ ପଟେ ସ୍କୁଲର ପ୍ରିନ୍‌ସପାଲ ବସିଛନ୍ତି । ସେ ତାଙ୍କ କଥା ଶୁଣି ଭୃପ୍ତ ହେଉଛନ୍ତି ।

—ସେ ପିଲାଟି କାହାର ? ବଡ଼ ବଡ଼ ଆଖି ତାର । ସମ୍ବଲପୁରୀ କାଚରେ ଧାଡ଼ର ପ୍ରଥମରେ ଥିଲା ।

ମିସେସ୍ ସାମନ୍ତରାୟଙ୍କ କଥା ଶୁଣି ଫେରି ଚାହିଁଲେ ସିସ୍ଟର । ସେ ଝିଅଟି ନାଇନ୍‌ଥ ଷ୍ଟାଣ୍ଡାର୍ଡରେ ପଢ଼େ । ଅଲ୍ ରାଉଣ୍ଡର ଝିଅଟି । ରୂପ ଯେମିତି ଗୁଣ ସେମିତି । ସ୍ପୋର୍ଟସ, ନାଚ, ଗୀତ ସବୁଥିରେ ଭଲ କରେ । ତାର ବଡ଼ ଭଉଣୀ ମଧ୍ୟ ଭଲ ଝିଅଟିଏ । ଆମ ସ୍କୁଲରେ କେତେ ବର୍ଷ ଧରି ଟିଚର୍ ଥିଲା । ଓଡ଼ିଆ ପଢ଼ାଉଥିଲା । ବୁଢ଼ ବର୍ଷ ହେଲା ବାହା ହୋଇ ରୂରକ୍ଷା ଛାଡ଼ିଦେଇଛି ।

ପର୍ଦ୍ଦା ଉଠିଲା । ଏଥର ଇଂରାଜୀ ରୂପକ । ପିଲାମାନଙ୍କର ପାଟି ଖଣ ବାଜୁନାହିଁ । ସୁନ୍ଦର ଭାବରେ କହି ଚାଲିଛନ୍ତି । ପୂରାପୂରି ମୁଖସ୍ଥ ।

—ସେଇ ଝିଅଟି ଏ ରୂପକ ଲେଖିଛି । ଶ୍ୟାମଳା ବହିନଦାର । ଭଲ କବିତା ମଧ୍ୟ ଲେଖେ ।

—ତାର ମାଆ··· ?

—ଆପଣ ମିସେସ୍ ବହିନଦାରଙ୍କୁ ଜାଣନ୍ତି ନାଁ କ'ଣ ?

—ଏ ଝିଅର ମୁହଁ ସହିତ ମୋର ଜଣେ କଲେଜ ବେଳ ସାଙ୍ଗର ବହୁତ ସାମଞ୍ଜସ୍ୟ ଅଛି । ତା' ନାଁ ଥିଲା ଆରତୀ ।

Digitized by srujanika@gmail.com

—ହଁ, ଶ୍ୟାମଳାର ମାଆଙ୍କ ନାମ ଆରଙ୍ଗ ବନ୍ଧୁଦାର୍ । ତାଙ୍କ ବାପା ଜଣେ ବଡ଼ ବଜନେସ୍ ମ୍ୟାନ । କନ୍ତୁ ମିସେସ୍ ବନ୍ଧୁଦାର୍‌ଙ୍କ ସହିତ ସେମାନଙ୍କର କିଛି ସମ୍ପର୍କ ନାହିଁ ।

"ଗୁଲ ଯାଣୀ ଗୁଲ, ଯାଣା ପଥେ ମେଲ ବଜପୁର ଅଞ୍ଜଯାନ୍"

ପୃଥ, ଟିଅ ମିଶି ଗୀତ ଗାଉଛନ୍ତି । କୋରସ୍ ସଙ୍ଗ୍ । ମୁଣ୍ଡରେ ଧଳା ଟୋପି, ଦେହରେ ଧଳା ପୋଷାକ, ହାତରେ ବିରଙ୍ଗୀ ପତାକା ।

—ଏ ଗୀତଟି ଶ୍ୟାମଳା ଲେଖିଛୁ ?

—ନାଁ, ଏ ଗୀତଟି ତା' ଲେଖା ନୁହେଁ, ସେ ଆଇବା ଶିଖାଇଛୁ । ତାଙ୍କର ପିଲାମାନଙ୍କୁ ଦେଖିଲେ ଖୁସି ଲଗେ, କନ୍ତୁ ମିସେସ୍ ବନ୍ଧୁଦାର ବଡ଼ ଦୁଃଖୀ । ପାଞ୍ଚ ବର୍ଷ କାଳ ସ୍ୱାମୀ ତାଙ୍କର ବଛଣାରେ ଦଉ ପଡ଼ି ଗଲା ବର୍ଷ ମରିଗଲେ । ସେମାନେ ବର୍ତ୍ତମାନ ଏକପ୍ରକାର ନିଃସ୍ୱ କନ୍ଧୁଲେ ଅଟୁଣ୍ଟି ହେବନାହିଁ । ସ୍ୱାମୀଙ୍କୁ ବଂଚାଇବା ପାଇଁ ଅନେକ କିଛି ଖର୍ଚ୍ଚ କଲେ ମିସେସ୍ ବନ୍ଧୁଦାର୍, ବହୁତ ସେବା କଲେ, ତେଲେ ଭଗବାନଙ୍କ ଇଚ୍ଛା ··· । କେତେ ବର୍ଷ ହେଲଣି ସେ ଆମ ସ୍କୁଲରେ ଅଛନ୍ତି । ସମସ୍ତେ ତାଙ୍କୁ ଭଲ ପାଆନ୍ତି ।

—ଆରଙ୍ଗ ଏଇଠି ହିତର ଅଛୁ ? କାହିଁ ସେ ? ଆପଣ ତାକୁ ଡକାଇ ଦେବେ ? କେତେବର୍ଷ ପରେ ଆଜି ତା' ସହିତ ମୋର ଦେଖା ହେବ ଜାଣନ୍ତି ?

ପ୍ରିନ୍‌ସପାଲ୍ ଦୁଃଖିତା ହେଲେ । "ତାକୁ ଘୋରଣ ଜ୍ୱର । ସେଥି-ପାଇଁ ସେ ଚନନ୍ଦନ ହେଲ ଛୁଟି ନେଇ ଘରେ ଅଛନ୍ତି । ଛୁଟିରୁ ଫେରିଲେ ମୁଁ କନ୍ଧୁବ । ଆପଣଙ୍କୁ କୋଠିରେ ଯାଇ ଦେଖାକରିବେ ।"

× × ×

ଆରଙ୍ଗ—ଆରଙ୍ଗ ହିଁ ପାଠୀ । ମୋ ନାଁ ଆରଙ୍ଗ, ତମ ନାଁ କଣ ? ମା-ଳ-ବି-କା । ମାଳବିକା କଣ ? ହିଁ ପାଠୀ ? ନାଁ ସାମନ୍ତ-ରପ୍ପ । ଓ, ମାଳବିକା ସାମନ୍ତରପ୍ପ । ବାଃ, ଭଲ ନାଁ ହିଏ ତ । ମୋ ବାପା ଏଠି ବଡ଼ ଲଣ୍ଡ୍ରାକର । ତମ ବାପା ? ମୁଁ ଜା-ଣି-ନା-ହିଁ । ଜାଣ ନାହିଁ ? କ-ଣ୍ଡ୍ରା-କ୍ଟ-ର ବୋଧେ । କପର ଏକ ଅବଣ୍ଡାସ

Digitized by srujanika@gmail.com

ଗୃହାଗାରେ ଗୃହିଣୀ ଆରମ୍ଭ । ମାଳବକା ଆଡୁଡ଼ି ଫକୁଚଡା ହୋଇଗଲା । ଭଲର କାର୍ ଅଛୁ ? ନାଁ ଟ୍ରକ୍ ଅଛୁ ? ନାଁ । ଜପ୍-ଅଛୁ । ଜପ୍ ? କାର୍ ନ ରଖି ଜପ୍ କାହିଁକି ରଖିଛୁ ? ଆ-ମେ-ରିକିନୁ । ଜପ୍ଟା ବାପାଙ୍କ ଅଫି-ସି-ର ।

ସ୍କୁଲରେ ନଆ ହୋଇ ଆସିଥିବା ଝିଅଟିକୁ ଏକପ୍ରକାର ଜେରା କରୁଥିଲା ଆରମ୍ଭା । ଜପ୍ ନାଁ ଶୁଣି ତାର ମୁଖ ହଠାତ୍ ଉଜ୍ଜ୍ୱଳ ହୋଇ ଉଠିଲା । କନ୍ତୁ ସେ ତାହାକୁ ପ୍ରକାଶ ନ କରି କହିଲା, ତା ହେଲେ ତମ ବାପା କଣ୍ଟ୍ରାକ୍ଟର ନୁହନ୍ତି । ଅଫିସରେ କାମ କରନ୍ତି । ମାନେ ଚୁକୁଣା କରନ୍ତି, ସେଇଆ ନାଁ ? ହଁ । ··· ଜପ୍‌ରେ ବସିଲେ କେମିତି ଲାଗେ ? ଡର ମାଡ଼େ ନାହିଁ ? ଏତେବେଳେ ମୁହଁ ଟେକି ସ୍ପଷ୍ଟ କରି ଝିଅଟିକୁ ଦେଖିଲା ମାଳବକା । ଅଣ୍ଟାରେ ହାତ ଦେଇ ଯେ ତାକୁ ଏତେ ସମୟ ଧରି ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ଚାଲିଛି ଓ ସେ କାକୁସ୍ତ ହୋଇ ଉତ୍ତରଦେଇ ଚାଲିଛୁ, ତାକୁ ମାଳବକା ହଠାତ୍ ନିଜ ପ୍ରତି ଓହ୍ଲାଇ ଆଣିଲା—ତାର ମଧ୍ୟ ଡର ଅଛୁ । ସେ ଡରେ । ତା ନ ହେଲେ ଜପ୍‌ରେ ବସିଲେ ଡରମାଡ଼େ କ ନାହିଁ ପରୁରନ୍ତା ନାହିଁ ।

ହଠାତ୍ ନିଜ ଉପରେ ବରକ୍ତ ହେଲା ମାଳବକା । ତାର ଏତେ ଉତ୍ତରବାର କଣ୍ଟୁ ଦରକାର ନ ଥିଲା । ଝିଅଟି ଭଲ ଫ୍ରକ୍ ପିନ୍ଧିଛୁ, ତା ପର ଦୁଇପଟେ ଦୁଇଟା ବେଣୀ ନ କରି ଗ୍ଲୋଟେ ଗ୍ଲୋଟେ ବାଳ କାଟିଛୁ । ଜୋତା, ମୋଜା ପିନ୍ଧିଛୁ । ସୁନ୍ଦର ଦିଶୁଛୁ । ତା ବୋଲି କଣ ସେ ତାକୁ ଡରିବ ? ମାଳବକାର ନିଜ ବାପାଙ୍କ କଥା ମନେପଡ଼ିଲା । ବାପା ଘରେ ଯେତେସମୟ ରହନ୍ତି, ଖୁବ୍ ପାଟିତୁଣ୍ଡ କରନ୍ତି । ସମସ୍ତେ ତାଙ୍କୁ ଡରନ୍ତି । ଅଫିସର୍ ଆଗରେ ଚୁପ୍‌ଚାପ୍ ଚଳକୁ ଗୃହିଁ ଠିଆ ହୁଅନ୍ତି । ପ୍ରତ୍ତ କଥାରେ ମୁଣ୍ଡ ହଲାନ୍ତି—ଆଜ୍ଞା । ଘରେ ସେ ରଗୁଥିବା ସମୟରେ ମାଳବକା ଭାବେ, ବର୍ତ୍ତମାନ ଅଫିସର୍ ଆସିଯାଆନ୍ତେ କ ! ତା ହେଲେ ବାପାଙ୍କ ସ୍ୱର ତଳକୁ ଚସିଯାଆନ୍ତା । ଆଉ ପାଟିରୁ କଥା ବାହାରନ୍ତା ନାହିଁ··· । ସେ ବ କଣ୍ଟୁ ସମସ୍ତ ପାଇଁ ତାର ବାପା ପାଲଟି ଯାଇଥିଲା ।

ଜପ୍‌ରେ ମୁଁ ମୋଟେ ଦ ଥର ବସିଛି—ଏକଥା ନ କହି ମାଳ-

Digitized by srujanika@gmail.com

ବକା କହିଲ୍—"ତର କାହିଁକ ମାଡ଼ବ ? ବଡ଼ଡ ଆରମ୍ଭ ନାଗେ । ଗଲ୍ଲ ଦନେ ବ ଦୋମାଳ ପବନ ବଡ଼ରେ ବାଜେ ।"

ସେହ୍ନ ଝିଅଟି ସଙ୍ଗେ ଅନେକ ବର୍ଷ ଏକାଠି ପଢ଼ିଥିଲେ ମିସେସ୍ ସାମନ୍ତରାୟ । ଚତୁର୍ଥ ଶ୍ରେଣୀରୁ ଆଇ:ଏ: ପର୍ଯ୍ୟନ୍ତ । କେବଳ ପଢ଼ୁ ନ ଥିଲେ । ତା' ଠାରୁ ଅନେକ ସାହାଯ୍ୟ ମଧ୍ୟ ପାଇ ଆସିଥିଲେ ।

—ତୋର ଶ୍ରୀପଞ୍ଚମୀକୁ ଫ୍ରକ୍ ଦୋଇନ ? ମୋର ଆଉ ଦୁଇଟା ନୂଆ ଫ୍ରକ୍ ଅଛୁ । ଛତେ ଗୋଟାଏ ଦେଇଦେବ ।

—ବୋଉକୁ ପଚାରେ ।

କେବଳ ଲୁଗା ନୁହେଁ, ବହି, ଖାତାଠାରୁ ଆରମ୍ଭ କରି ସ୍କୁଲ ଦରମା ପର୍ଯ୍ୟନ୍ତ ଅନେକ କଛୁ ସାହାଯ୍ୟ କରିଥିଲା ଆରଙ୍ଗୀ । ତା'ର ସାହାଯ୍ୟରେ ସେ କଲେଜରେ ନାଁ ଲେଖାଇବା ପାଇଁ ସାହସ କରିଥିଲେ । ଆରଙ୍ଗୀର ଅର୍ଥର ପ୍ରାଚୁର୍ଯ୍ୟ ଥିଲା । ତା' ସହିତ ସାଙ୍ଗ ହେବା ପାଇଁ ଅନେକ ଝିଅ ଆଗ୍ରହୀ ଥିଲେ । ଶିକ୍ଷକମାନଙ୍କର ସୁନଜର ସବୁ ସମୟରେ ତା'ର ଉପରେ ଥିଲା । ଅଥଚ ସେ ଆଗେଇ ଆସିଥିଲା ଲଜ୍ଜାକୁଳୀ ମାଳବିକା ନକଟକୁ, ଯାହାର ସାମାଜିକ ମର୍ଯ୍ୟାଦା ନଥିଲା, ବାପ ଫୁଲ ପରି ସମସ୍ତଙ୍କ ଆଖିର ଅନ୍ତରାଳରେ ହିଁ ତାର ଅବସ୍ଥାନ ଥିଲା ।

—ତେ ଏ ଦୁଇଶ ଟଙ୍କା । ଆଉ ବୋଧେ ମୁଁ ତତେ କଛୁ ସାହାଯ୍ୟ କରି ପାରିବନି ।

ମାଳବିକା ହାତରେ ଦୁଇଟା ଶହେ ଟଙ୍କିଆ ନୋଟ ଗୁଞ୍ଜି ଦେଇଥିଲା ଆରଙ୍ଗୀ । ଦେଲବେଳେ ତା' ହାତ ଥରୁଥିଲା । କଲେଜର ଶେଷ ଦୁଇଟା ପିରିୟଡ୍‌ରେ ଯୋଗ ନ ଦେଇ ସେ ରେକ୍‌ସା କରି ଘରକୁ ଫେରିଗଲା । ତା' ପରଦିନ ମାଳବିକା ଶୁଣିଲା, ସମସ୍ତେ ଶୁଣିଲେ, ଆରଙ୍ଗୀ ବି ପାଠୀ କାଲିଠାରୁ କେଜିଆଡ଼େ ପଳାଇଛୁ ।

× × ×

Digitized by srujanika@gmail.com

ମିସେସ୍ ସାମନ୍ତରାପ୍ଟଙ୍କର ସବୁ ଗୋଟି ଗୋଟି ମନେ ପଡ଼ିଯାଉଥିଲା । ପ୍ରାଇଜ୍ ଦେବାକୁ ମିସେସ୍ ସାମନ୍ତରାପ୍ଟଙ୍କୁ ବାଟ କଡ଼ାଇ ଷ୍ଟେଜ୍ ଉପରକୁ ନେଇଗଲେ ଅଧ୍ୟକ୍ଷ । ଗୋଟି ଗୋଟି ଦୋଇ ପିଲ୍ଲଙ୍କର ନାଁ ଡକାଗଲା । ସେମାନେ ଆସି ନମସ୍କାର କରି ଠିଆ ହେଲେ । ହସି ହସି ମିସେସ୍ ସାମନ୍ତରାପ୍ଟ ସେମାନଙ୍କ ହାତକୁ ପୁରସ୍କାରମାନ ବଢ଼ାଇ ଦେଉଥିଲେ ।

କେତେ ପ୍ରାଇଜ୍ ଥରକୁଥର ଆସି ନେଇଛୁ ଶ୍ୟାମଳା । ଇଂରାଜୀ ଡିବେଟ୍‌ରେ ଫାଷ୍ଟ । କ୍ଲାସରେ ଫାଷ୍ଟ । ହୁଇରେ ଶ୍ରେଣୀରେ ସବୁଠାରୁ ବେଶୀ ନମ୍ବର ରଖିଛୁ । ମଝିଲ ସାଇନ୍‌ଟରେ ମଧ୍ୟ । ଏତେ ପ୍ରାଇଜ ! ଏତେ ପ୍ରଶଂସା ! କନ୍ତୁ ··· ଏ କ'ଣ ? ଷ୍ଟେଜ୍ ତଳକୁ ଠିଆହୋଇ ସେ କାନ୍ଦୁଛୁ । ଏଁ, ଏ କ'ଣ ? ଆରଙ୍ଗ ବିଦ୍ୟାଠୀ । ହାତରେ ଚଡ଼ି ନାହିଁ, ବାଳ ଫୁରୁ ଫୁରୁ ଉଡ଼ୁଛୁ । ଧଳା ଲୁଗା ପିନ୍ଧି ଏକ ପେଡଗା ପର ବଶୁଛୁ ଯେ ··· ? କାନ୍ଧରେ ଲୁଗାକୁ ପରପାଟୀ କରି ସଜାଡ଼ିଦେଲେ ମିସେସ୍ ସାମନ୍ତରାପ୍ଟ । ସବୁଲୋକଙ୍କ ଉପରେ ଥରେ ନଜର ବୁଲାଇ ଆଣିଲେ । ସମସ୍ତଙ୍କ ଆଖି ତାଙ୍କର ଉପରେ ନବଦ୍ଧ । ଆଗରେ ତାଙ୍କର ସ୍ୱାସ୍ଥ୍ୟବାନ ସ୍ୱାମୀ ସୋଫାକୁ ଅଡୁଜ ବସିଛନ୍ତି । ଗୋଟି ନଜରରେ ଗଲା-ବର୍ଷ କଣା ହୋଇଥିବା ସବୁଜ ରଙ୍ଗର ଆମ୍ବାସଡ଼ର । ତା'ର ଡ୍ରାଇଭର୍‌କୁ ଆଉଜ ଡ୍ରାଇଭର ଠିଆହୋଇଛୁ । କାହା ସହିତ କଥା ହେଉଛୁ । ସବୁ ଭଲ । ସବୁ ସୁନ୍ଦର । କନ୍ତୁ ··· ତା' ହିଁ ଏତେ ପ୍ରାଇଜ ପାଉଛୁ ଅଥଚ ଆରଙ୍ଗ ବିଦ୍ୟାଠୀର ଆଖିରୁ ଧାର ଧାର ଲୁହ ଝରଯାଉଛୁ !

× × ×

ଘରେ ପହଞ୍ଚିବା କ୍ଷଣି ଜଗନ୍ନାଥ ଆସି ମୁଣ୍ଡ ଶୁଖାଇ ଠିଆ ହେଲା—ସାନବାବୁ ପାଟିକୁ ଆଜ ଗୋଟାଏ ଦାନା ନେଇନାହାନ୍ତି । କେତେ ବୁଝାଇଲି ମା, ଡରେଇଲି ବି । କଛୁ ଫଳ ହେଲାନାହିଁ ।

Digitized by srujanika@gmail.com

ଚଉଚଉର ହୋଇ କୋଠରୀ ଭିତରକୁ ପଶିଗଲେ ମିସେସ୍ ସାମନ୍ତରାୟ । ପୁଅ ତାଙ୍କର ଚଟାଣରେ ଗଡ଼ୁଛି । ହାତ ଗୋଡ଼ ଘୁଞ୍ଚୁଛି । ମାଆଙ୍କୁ ଦେଖି ବାଁ-ବାଁ-ବାଁ ଗେଁ-ଗେଁ ହାଉଁ-ହାଉଁ- କରୁଥିଲା । ଯାହାକୁ କୋଳରେ ଧର ଅତି ଆଦରରେ ସେ ନାଁ ଦେଇଥିଲେ "ସୂର୍ଯ୍ୟପ୍ରକାଶ" । ଯାହାପାଇଁ ତାଙ୍କ ମନରେ ଥିଲା ଅପୂର୍ବ ତୃପ୍ତି ଆଜି ଅବର୍ଣ୍ଣନୀୟ ପ୍ରଶାନ୍ତ ।

ସେହି ପୁଅର ଆଜି···ହଠାତ୍ ଆଖି ଆଗରେ ସବୁ କଛି ଝାପ୍‌ସା ହୋଇଗଲା ମିସେସ୍ ସାମନ୍ତରାୟଙ୍କର । ଶ୍ୟାମଳା ବନ୍ଧୁଦାଇ ଲୁଚିଗଲା; ଆରଙ୍ଗ ନିପାଠୀର ଛବି ଅସ୍ପଷ୍ଟ ହୋଇଗଲା, ଅସ୍ପଷ୍ଟ ହୋଇଗଲା ତାଙ୍କ ବର୍ଣ୍ଣ ବଙ୍ଗଳାର ଦଶ ଫୁଟିଆ ଗେଟ୍, ସବୁଜ ଲନ୍, ଜନଆ ଫୁଲର ଡେଉ ଡେଉକା ଟେଲ, ଡ୍ରଇଂ ରୁମ୍‌ର ଅଜନ୍ତା ପେଣ୍ଟିଂ ··· । ସିଲ୍‌କ ଶାଡ଼ୀର ପଣତକୁ ଟାଣିଆଣିଲେ ମିସେସ୍ ସାମନ୍ତରାୟ । ନଜ ଆଖିର ଲୁହ ବଦଳରେ ପୁଅ ପାଟିରୁ ବନ୍ଧ ଆସୁଥିବା ଲାଳକୁ ସେଥିରେ ଧୀରେ ଧୀରେ ପୋଛିବାକୁ ଆରମ୍ଭ କରୁଥିଲେ ।

Digitized by srujanika@gmail.com

# ଶ୍ରେପ୍ସୀ

● ସାଉକଡ଼ ହୋତା

ଶ୍ରେପ୍ସୀ ପୁଅମାନଙ୍କଠାରୁ ନଜକୁ କଛୁ କମ୍ ମନେ କରେ ନାହିଁ । ସାଇକଲ ଚଡ଼ା ଏବଂ ଘୋଡ଼ାଦୌଡ଼ଠାରୁ ଆରମ୍ଭକରି ବକ୍ସିଂ କରିବା ପର୍ଯ୍ୟନ୍ତ ଏବଂ ବଶ୍ୱବଦ୍ୟାଳୟ ପଯ୍ୟଷାଠାରୁ ଚନ୍ଦ୍ରମଣ୍ଡଳର ଅଭିଯାନ କରିବା ପର୍ଯ୍ୟନ୍ତ କୌଣସିଥିରେ ସେ କାହାଠାରୁ ପଛରେ ନାହିଁ । ଭୟ ନାହିଁ କି ଭ୍ରାନ୍ତି ନାହିଁ । ସବୁ ବଷୟରେ ନଜସ୍ୱ ମତ ପୋଷଣ କରିବାରେ ସେ ସିଦ୍ଧହସ୍ତା । କାହାକୁ କୌଣସି କାର୍ଯ୍ୟରେ ଅପେକ୍ଷା କରେ ନାହିଁ । ଏହା ଛାଡ଼ା ପ୍ରକୃତି ବରୁଦ୍ଧ । ଅନ୍ୟମାନଙ୍କ ସହିତ ସହଯୋଗ ବି ସେପରି କରେ ଆବଶ୍ୟକ ହେଲେ ଅସହଯୋଗ ବି ସେହିପରି କରେ । ପ୍ରଧାନ କଥା ହେଲା ତାକୁ କେହି ଗୋଟିଏ ପରସ୍ଥିତିରେ ଗୋଟିଏ ପ୍ରକାର ପ୍ରତିକ୍ରିୟା ପ୍ରକାଶ କରିବ ବୋଲି ପାବ୍ୟସ୍ତ କରି ପାରିବ ନାହିଁ । ସମାନ ପରସ୍ଥିତିରେ ମଧ୍ୟ ତାର ପ୍ରତିକ୍ରିୟା ଭିନ୍ନ ହୋଇପାରେ । ସେଥିପାଇଁ ସେ ବେଳେ ବେଳେ ପ୍ରହେଳିକା ହୋଇ ରହିଯାଏ । ତାକୁ ବୁଝିବାକୁ ଯେ ଯେତେ ଚେଷ୍ଟା କରେ ସେ ସେତେକ ଦୁର୍ବୋଧ୍ୟ ହୋଇଯାଏ । ପୁଣି ସେ ମଧ୍ୟ ବେଳେ ବେଳେ ଖୁବ୍ ଦୁର୍ବୋଧ୍ୟ ଏବଂ ଜଟିଳ ମନେହଉଥିବା ବେଳେ ହଠାତ୍ ନାଗେଶ୍ୱର ଫୁଲ ପରି ଫୁଟି ଉଠି ନଜର ଅପୂର୍ବ ଶୋଭାକୁ ବଢ଼ାଇ ଦିଏ । ନାସ୍ତି ଗୁଣାଚତ ବ୍ୟବହାର ଅପେକ୍ଷା ପୁରୁଷ ଗୁଣାଚତ ବ୍ୟବହାର ତା'ଠାରେ ଅଧିକ ପ୍ରକାଶିତ ହୁଏ ବୋଲି ତାକୁ ଅନେକେ ଅଣ୍ଡିଚଣ୍ଡୀ, ଘୋଡ଼ୀ, ମତ୍ତଗଜ ପ୍ରଭୃତି ବଭିନ୍ନ ନାମ ଦେଇଛନ୍ତି । କନ୍ତୁ ସେ, ସେସବୁକୁ ଚରୁଆ

Digitized by srujanika@gmail.com

କରେନ । ମଉଗଜ କହିଲଛଣି ବରଂ ମଉଗଜ ପରି ସେ ମାଡ଼ଆସେ, ଘୋଡ଼ୀ କହିଲଛଣି, 'ଘୋଡ଼ା କାନ୍ଦି' ବୋଲ ପରିଚୟ ଏ । ସାଙ୍ଗପିଲ ଭରସି ପାରନ୍ତୁ ନାହିଁ, ପଛେଇ ଯାଆନ୍ତୁ ଯୁଝରେ । ବଜପ୍ୱିଗାର ଦପ ଦପି ଘରକୁ ଫେରି ମାଆଙ୍କୁ କୁଦେ ସବୁ କଥା । ତା'ପରେ କୋଠରି ଭିତରେ ଏକା ବସି ବସି ସାଙ୍ଗମାନଙ୍କ କଥା ଭାବେ ଏବଂ ବାରମ୍ବାର କୁଦେ, ମାଇଚଥା, ସମସ୍ତେ ମାଇଚଥା ।

ଶ୍ରେପ୍ୱସୀ ଦିଲ୍ଲୀ ବଶ୍ୱବଦ୍ୟାଳପ୍ୱକୁ ପଢ଼ିବା ପାଇଁ ଆସିଥିଲା । ଆସିଲ୍‌ବେଳେ ମାଳାଚଳ ଏକ୍ସପ୍ରେସ୍‌ରେ ଗୋଟିଏ ବଡ଼ କାଣ୍ଡ ଘଟିଗଲ । ଦ୍ୱିତିପ୍ୱ ଶ୍ରେଣୀର ଅପର ବର୍ଥଟିଏ ମିଳିଥିଲା ତାକୁ । ସାଧାରଣତଃ ତଳ ବର୍ଥମିଳେ ମହିଳାମାନଙ୍କୁ । ସେଥିପାଇଁ ତା ବାପା ଶଜଜଇେମନ୍ ଅଫିସରେ ପାଞ୍ଚ ଟଙ୍କା ମଧ୍ୟ ଦେଇଥିଲେ । ଟ୍ରିଅପିଲ୍ । ଉପର ବର୍ଥରୁ ଚଢ଼ାପ୍ରଚଳ ପାଇଁ ଅସୁବିଧା । କନ୍ତୁ ତଳ ବର୍ଥ ନ ପାଇ ଉପରବର୍ଥ ପାଇଥିବାରୁ ଶଜଜଇେସନ୍ ଅଫିସକୁ ଧନ୍ୟବାଦ ଜଣାଇ ନଜ ବର୍ଥ ଦଖଲ କଲା ଶ୍ରେପ୍ୱସୀ । ବରଂ ଉପର ବର୍ଥକୁ ଉଠିବାପାଇଁ ସିଡ଼ିଖଣ୍ଡ ଜୁଥିବା ଜଣେ ପୃଥୁଲକାପ୍ୱ ଭଦ୍ରବ୍ୟକ୍ତିଙ୍କୁ ସେ ତଳଆଡୁ ଠେଲି ଉପରକୁ ଉଠାଇଦେଲ । ସେ ଉପରକୁ ଉଠିଯାଇ ବପ୍ରତ ହୋଇ କହିଲେ, ଉପରକୁ ତ ଉଠିଆସିଲି, ତଳକୁ ଓହ୍ଲେଇବ କପର । ଅନ୍ୟମାନେ କହିଲେ ଉପରକୁ ଯିବା ପାଇଁ ଏତେ ପ୍ରତଃପାର୍ଗିତା, ଆପଣ ତଳକୁ ଆସିବା କଥା ଭାବୁନ୍ତୁ କାହିଁକି । ଶ୍ରେପ୍ୱସୀ ତାଙ୍କୁ ସାହସ ଦେଇ କହିଲା, ଉପରକୁ ଉଠିବା ଯେଭଳି ସହଜ ଓହ୍ଲାଇବାଟା ତ ସେହିପରି, ବରଂ ଆହୁର ସହଜ । ଦିଲ୍ଲୀଯାଏ ଅମର ବର୍ଥରେ ଯାତ୍ରାକଲା ସେ । ଦୁଇଜଣ ସହଯାତ୍ରୀ ସହାନୁଭୂତି ଦେଖାଇ ଯାଚିଥିଲେ ତଳ ବର୍ଥ । କନ୍ତୁ ଶ୍ରେପ୍ୱସୀ ଧନ୍ୟବାଦ ଜଣାଇ କହିଲା, ଉପରେ ନ ରହିଲେ ତଳେ କଅଣ ଘଟୁଛୁ ଜାଣିବ କପର । ଏଇ ସୁଯୋଗଟା ଆପଣମାନେ ଦେବେ ନାହିଁ ମୋତେ ? ଆଜି କେହି କିଛୁ କହିଲେ ନାହିଁ ।

ଗୋମୋରେ ଫେରିବାରୁ ଜଣେ ଡବା ଭିତରକୁ ପଶିଆସି ଡରେକ୍ ମାଲ୍ ଟଙ୍କାଟିଏ ବୋଲି ଡାକ କଲା । କେତେ ଯାତ୍ରୀ କଣିଲେ ମଧ୍ୟ । ଗାଡ଼ି ଚାଲୁଥାଏ । ହଠାତ୍ ଗୋଟାଏ ଅନ୍ଧାରୁଆ ଜଙ୍ଗଲିଆ ପାଗାରେ ଗାଡ଼ି ଛିଡ଼ା ହୋଇଗଲା । ସେଇ ଫେରିବାରୁ ଛୁରି ଦେଖେଇ ଯେଉଁମାନଙ୍କୁ

Digitized by srujanika@gmail.com

ଦରେକ୍ ମାଲ୍ ବକଥିଲ ସେଇମାନଙ୍କଠାରୁ ସେମାନଙ୍କ ପାଖରେ ପାଣ୍ଠାଥିଲ ସବୁ ଛୁଞ୍ଚ ଦେଖେଇ ଆଦାୟ କଣ ଗାଡ଼ର ଦରଜା ଖୋଲ ଖଆଁ ମାଣବାକୁ ଯାଉଥିବା ବେଳେ ପଛରୁ ଧରନେଲ ଶ୍ରେପ୍ଟର୍ପୀ । ଏତେବେଳକୁ ଅନ୍ୟ-ମାନଙ୍କର ପାଦ୍ଧ ବଢ଼ିଯାଇଥାଏ । ତାଠାରୁ ଝଙ୍କା ଏବଂ ଅନ୍ୟାନ୍ୟ ଜନଷ ଛଡ଼େଇ ନେଇ ଏପର ଯୋର୍ରେ ଲଥିଏ ମାଣଲ ଯେ ଶ୍ରେପ୍ଟର୍ପୀ, ସେଦ୍ଧ ଫେଣବାଲ କରୁଣ ଆଜିନାଦ କଣ ଭଲେ ପଡ଼ଲଯାଇ । ସେତେବେଳକୁ ଗାଡ ପୁଣି ଗୁଲବା ପାଇଁ ଆରମ୍ଭ କଣଥାଏ । ବସ୍ପ୍ର ବମୁଡ଼ ସଦ୍ଧଯାଣ୍ଟୀ-ମାନଙ୍କୁ କଦ୍ଧଲ ଶ୍ରେପ୍ଟର୍ପୀ, ପୁଲସ୍ କୁ ଦେଇ ପୁଲସ୍ର ଡାଡ ଚକ୍କଣ କରିବ କାହିଁକି । ଏଇ ସବୁ ଲେକଙ୍କର ପୁଲସ୍ ସହିତ ଯୋଗାଯୋଗ ଥାଏ । ସେମାନେ ପୁଲସ୍କୁ କଣ୍ଠୁ କଣ୍ଠୁ ବ ଦଅନ୍ତି, ନଜର ଧଦାକୁ ନର୍ବିଘ୍ନରେ କରବା ପାଇଁ । ଆଜ ଯେଉଁ ଲଥି ଗାଇଲ ତାହା କନ୍ତୁ ତାକୁ ଅନ୍ତ କମ୍ରେ ଦଣ୍ଡଦନ ପଙ୍ଗ୍ କଣ ରଖିବ । ପ୍ରାଣକେନ୍ଦ୍ରରେ ବାଜନ୍ତୁ ଗୋଇଠା ।

ସମସ୍ତେ ଅଭ୍ୟୁଚ ଢୋଇ ପଡ଼ଥିଲେ । ଏବେ ଅପର ବର୍ଥର ସେଦ୍ଧ ପୃପୁଲକାପ୍ଟଙ୍କୁ କଦ୍ଧଲ ଶ୍ରେପ୍ଟର୍ପୀ, ଚଳ ବର୍ଥରେ ନ ଯାଇ ଉପର ବର୍ଥରେ ଯିବାର ମତ୍ତ ଏବେ ଯାଣିଲେ ତ ?

ଦଣ୍ଟୀରେ କନ୍ତୁ ବେଶୀ ଦନ ରହିଲ ନାହିଁ ଶ୍ରେପ୍ଟର୍ପୀ । ଆଡ୍ମିସନ୍ ନେଇ ମିରଣ୍ଡା ଡାଉପ୍କୁ ଜଠଚଲ ଜଜ୍ଜଳ ଭବନରୁ । ମିରଣ୍ଡା ଡାଉପ୍ରେ ସେତେବେଳେ ନବାଗତାମାନଙ୍କୁ ପ୍ରଚଣ୍ଡ ର୍ଯିଂ କରଦଜଥାଏ । ଅନେକ ନବାଗତାଙ୍କୁ ଖ୍ରିଭସ୍ତ ଢୋଇ କାନ୍ଦଥିବାର ଦେଖିଲ ଶ୍ରେପ୍ଟର୍ପୀ । ଜଣେ ନବାଗତାକୁ ଜଲଟ୍ଟ ଢୋଇ ଅଶ୍ଳୀଳ ଇଙ୍ଗୀତ କଣବାକୁ କଦ୍ଧବାରୁ ସେ ତାହା ନ କଣ କେବଳ ମୁକ ପଣ ଛୁଡ଼ାଢୋଇ ରହିଲ । ଆଜ ଜନଜଣଙ୍କୁ ପୂଅ ପଣ ତା'ଜପରେ ଆକ୍ରମଣ କରିବାକୁ ଆଦେଶ ଦେବାରୁ ସିନଅରମାନଙ୍କ ମଧ୍ୟରୁ ଜନଜଣ ଯାଇ ତା ସହିତ ଯେଉଁଳ ଅଚରଣ କଲେ ସେଥିରେ ଆଖି ବୁଜଢୋଇ ପଡ଼ଲ ଶ୍ରେପ୍ଟର୍ପୀର । ତା'ର ପାଳ ପଞ୍ଚ ନ ଥାଏ ଏଯାଏ । ସେ ନଜକୁ ସମ୍ଭାଳ ନ ପାର ଏପର ଯୋର୍ରେ ର୍ଯିଂ ଚଣ୍ଟୁଳନା କରୁଥିବା ସିନଅରକୁ ଗ୍ଭପୁଡ଼ାଝାଏ କଷଦେଲ ଯେ ସେ ମାଟି କାମୁଡ଼ ଭଲେ ପଡ଼ଗଲ । ଦା ଦାଁ କଣ ଦଉଡ଼ ଆସିଲେ ଅନ୍ୟ ସିନଅରମାନେ । ସେତେବେଳକୁ ନବାଗତାମାନଙ୍କୁ କଦ୍ଧଲ ଶ୍ରେପ୍ଟର୍ପୀ, ଗ୍ଭହିଁଛ କଅଣ ଆକ୍ରମଣ କର ଏବଂ

Digitized by srujanika@gmail.com

ମୁହଁରେ କେମ୍ବ ନ କରି ଟାମ୍ପ ଦେଲ ରଣକ୍ଷେତ୍ରରେ । କାହାର ଚକ୍ଷୁ ଝାଣି, କାହାକୁ ମୁଥାଏ ମାରି, କାହାର ଶାଢ଼ୀ ଛଡ଼େଇ ନେଇ କହିଲ ଶ୍ରେପ୍ସୀ—ନବାଗନ୍ତୁମାନେ ଦେଖିବେ, ତୁମେ ସବୁ ଯାହା କରିବା ପାଇଁ କହୁଥିଲ ସେପରି କର । ନବାଗନ୍ତୁ, ପରୀକ୍ଷା ଜଣ ଛତୁଣୀ ଶ୍ରେପ୍ସୀର ପଛରେ । ସେମାନଙ୍କର ନେତା ସେ । ଦୁଇଶହ ସିନିଅର ପଛଘୁଞ୍ଚାଦେଲେ ସୁବ୍ୟା ସମ୍ବର ଅପେକ୍ଷା କଲା । ଏହାପରେ ଶ୍ରେପ୍ସୀର ନାମ ଘରଆଡ଼େ ବ୍ୟାପିଗଲ । ସବୁର ମୁହଁରେ ତାର ନାମ । କେହ ପ୍ରଶଂସାରେ ପଞ୍ଚମୁଖ ତ କେହ ନନ୍ଦା ଗାନ କରିବାରେ ପଞ୍ଚମୁଖ । ଶ୍ରେପ୍ସୀକୁ ସାବାସ୍ ଦେଇ କହିଲେ ପ୍ରିନ୍ସିପାଲ୍, ଏତେଦିନ ପରେ ଘଣ୍ଟି ବନ୍ଦ ହେଲ । ତୁମ ପରି ପାଞ୍ଚଜଣ ଷ୍ଟିଅ ଥାଆନ୍ତେ କ ? ଶ୍ରେପ୍ସୀ ତାଙ୍କୁ କୃତଜ୍ଞତା ଜଣାଇ କହିଲ, ଆପଣଙ୍କ ଆଶୀର୍ବାଦ ଥାଉ, ଅନେକ ଷ୍ଟିଅ ଏପରି ବାହାରିବେ । ମୋତେ ବଦ ପ୍ର ଦିଅନ୍ତୁ । ପ୍ରିନ୍ସିପାଲ ଆଶ୍ଚର୍ଯ୍ୟ ହୋଇ କହିଲେ, ଏମିତି ଘରକୁ ଏତେ ଶୀଘ୍ର ଫେରିଯିବ ? ଶ୍ରେପ୍ସୀ କହିଲ ଏଭଳି କଲେଜରେ ମୁଁ ପାଠ ପଢ଼ିବା ଜାଣିଥିଲେ ଆସି ନ ଥାନ୍ତି । ଆସିଯାଇ ଭୁଲ କରିଛି । ସେହି ଭୁଲର ସଂଶୋଧନ କରିବି । କାଲି ଭୁବନେଶ୍ୱର ଫେରିଯିବି । ମନସ୍ଥିର କରି ସାରିଛି । ବାଧ ହୋଇ ପ୍ରିନ୍ସିପାଲ ତା ହାତକୁ ଟ୍ରାନ୍ସଫର ସର୍ଟିଫିକେଟ ଖଣ୍ଡକ ବଢ଼ାଇ ଦେଇ ତା ମୁହଁରେ ଚୁମ୍ବାଟିଏ ଦେଇ କହିଲେ, ତୁମେ ଆଯୁଷ୍ମତୀ ହୁଅ, ଭଗବାନ ତୁମର ମଙ୍ଗଳ କରନ୍ତୁ । ତାକୁ ବଦାପ୍ର ଦବାବେଳେ ନବାଗନ୍ତୁମାନଙ୍କ ସହିତ ସିନିଅରମାନେ ବି କାନ୍ଦିଲେ । ଜଣେ ସିନିଅର କହି ପକେଇଲ, ସବୁ ଭୁଲିଯାଅ ଶ୍ରେପ୍ସୀ । ଆଜି ଏପରି ଘଟଣାର ପୁନରାବୃତ୍ତି ହବ ନାହିଁ । କନ୍ତୁ ତୁମେ ରହିଯାଅ । ଶ୍ରେପ୍ସୀ ତାଠାରୁ ବଦାପ୍ର ନେଇ କହିଲ, ଜଲଗ୍ନ ହବା କଥା ନୁହେଁ । ନଜର ଜଲଗ୍ନ ହେଉଛ। କେ ବା ନ ହେଉଛି । ମୋର ଅନୁରୋଧ ଯେଉଁଦିନ ଷ୍ଟିଅମାନେ ଏପ୍ରା ବ୍ରୁଟ୍ ଘଣ୍ଟି ବନ୍ଦ କରିଦେବେ, ସେହିଦିନ ମୁଁ ପୁଣି ଆସିବି ମିରଣ୍ଡା ହାଉସକୁ; ପଢ଼ିବା ପାଇଁ ନୁହେଁ, ତୁମମାନଙ୍କ ସହିତ ଖେଳ ଖାଇବା ପାଇଁ ।

ଶ୍ରେପ୍ସୀ ଦିଲ୍ଲୀରୁ ଦଶ ଦିନ ପରେ ଫେରିଆସି ଭୁବନେଶ୍ୱରରେ ନାମ ଲେଖାଇଲ । ଛଅମାସ ପଢ଼ିଲ ପରେ ହଠାତ୍ ଦିନେ ଖବର-

Digitized by srujanika@gmail.com

କାଗଜରେ ଗୋଟିଏ ବଜ୍ଞାପନ ଦେଖି ଚମକ ପଡ଼ିଲ । "ଜଣେ ସୁପୁରୁଷ ବପୁଷ୍ମ ଭଦ୍ରବ୍ୟକ୍ତିଙ୍କ ପାଇଁ ଜଣେ ସ୍ୱାସ୍ଥ୍ୟବନ୍ତା ଯୁବନ୍ତା ପାତ୍ରୀ ଆବଶ୍ୟକ । ଜାତିଗୋତ୍ର ଘ୍ରଷାର ନଥିବାର ନାହିଁ । ଗୋଟିଏ ସର୍ତ୍ତ କେବଳ : ଯୁବନ୍ତା ଜନନୀ ହବା ପାଇଁ ବନ୍ଧ୍ୟାକେ ନାହିଁ ।" ବଜ୍ଞାପନଟି ଜନଥର ପଢ଼ିଲ ଶ୍ରେପୂର୍ଣ୍ଣୀ । ପ୍ୱାର ଅର୍ଥ ବୁଝିବା ପାଇଁ ଚେଷ୍ଟା କଲ । ଭଦ୍ରଲୋକ ବପୁଷ୍ମ ହେଲେ ବ ହବାକୁ ଆଗ୍ରହୀ, କନ୍ତୁ ସନ୍ତାନ ବଗ୍ଧେଧୀ । ତାହେଲେ ? ସେ ବୋଧହୁଏ ଆଧୁନିକ ଶ୍ରୀକୃଷ୍ଣ, କେବଳ ଗୋପଲ୍ଲାରେ ବଶ୍ୱାସୀ । କାଗଜଗୋଟେ ହାଣି ନେଇ ନଜର ବାପ୍ପୋଡ଼ାଟା ଲେଖି ଗୋଟିଏ ଫଟୋ ସହିତ ସେହ୍ନଦନ ଡାକଘରେ ଚଠି ପକାଇଦେଲ ।

କୌଣସି ପୁରୁଷ ପାଖକୁ ନଜ ସମ୍ବନ୍ଧରେ ଚଠି ଲେଖିବା ଏଇ ପ୍ରଥମ । ଲେଖିସାର ଚଠିଟା ପକାଇଦେଲ ଗୋଟିଏ ଙ୍କ୍ଲବ୍ରେ । ଙ୍କ୍ଲବ୍ ନୁହେଁ ତ ଆଉ କଅଣ ? ପୁରୁଷମାନଙ୍କର ସବୁ କ୍ଷେତ୍ର ପର ପାରବାରିକ କ୍ଷେତ୍ରର ଔଚ୍ଚତ୍ୟ ସେ ଆଦୌ ସହ୍ୟ କରିପାରେ ନାହିଁ । ସେହ୍ନ ବଜ୍ଞାପନଟି ଔଚ୍ଚତ୍ୟର ପ୍ରମାଣ ବହନ କରି ନାସ୍ତ୍ର ସମାଜକୁ ସେପରି ଅଳ୍ପଲ ନର୍ଦ୍ଦେଶ କରି କହୁଛି, ଯାହାର ଇଚ୍ଛା ଗ୍ଲଲଆସ, ନଷିଦ୍ଧ ଫଳ ଭକ୍ଷଣ କରୁ, କନ୍ତୁ ତୁମ ସଂଗମର ଫଳ ରକ୍ଷିବା ପାଇଁ ଜଳ ସ୍ଥିତ ଦୁଅ ନାହିଁ । ପୁରୁଷ ତୁମର ସଙ୍ଗସ୍ପୃ କନ୍ତୁ ତୁମେ ପୁରୁଷର ଅନେକ ସ୍ୱାର୍ଥ ଉଉରୁ ଗୋଟିଏ । ଶ୍ରେପୂର୍ଣ୍ଣୀ ପୁରୁଷମାନଙ୍କୁ ଗୋଟାଏ ଶିକ୍ଷା ଦବାପାଇଁ ବଦ୍ଧପରିକର ଥିଲା । ଏହ୍ନ ସୁଯୋଗଟା ଅପ୍ରତ୍ୟାଶିତ ଭବରେ ଆସି ପହଞ୍ଚିଯିବାରୁ ସେ ନଜକୁ ଧନ୍ୟବାଦ ଦେଲ ।

ପୁରୁଷମାନେ ଯଦି ଖାଲି ପୁରୁଷ ହୋଇ ଥାଆନ୍ତେ ତାହେଲେ ଏତେ ଛଳନା, ଦ୍ୱିଚାରିତ୍ର ପ୍ରକାଶ ପାଆନ୍ତା ନାହିଁ ସେମାନଙ୍କ କଥାରେ । ନାସ୍ତ୍ର ପାଖରେ ତାର ଅଳଙ୍କାର ପରି ପୁରୁଷ ମଧ୍ୟ ଅଭିରକ୍ତ ହବା ପାଇଁ ଚେଷ୍ଟା କରେ । ସେଇ ଚେଷ୍ଟାଟାକୁ ପସନ୍ଦ କରେନ ଶ୍ରେପୂର୍ଣ୍ଣୀ । ସତରେ ଯଦି ତୁମେ ପୁରୁଷ ଏବଂ ତୁମକୁ କୌଣସି ପ୍ରସଙ୍ଗ ଭଲ ଲଗିଲା ସିଧାସଳଖ ନ କହି ବଙ୍କେଇ କହିବାରେ ବାହାଦୁସ୍ତି କଅଣ । ସେଇଟା ମାଇଚଆ ପଣ, ପୁରୁଷକାର ନୁହେଁ । ନାସ୍ତ୍ର ପୁରୁଷର ନଏଲେଜ ବା ଟାଇ ନୁହେଁ ଯେ ସମସ୍ତ ଅନୁପାରେ କାମ ସରଗଲେ ଫିଙ୍ଗି ଦବ । ସେ ବ ପୁରୁଷର ଗୋଟେ ନଜସ୍ୱ ନବଡ଼, ଏକାନ୍ତ ବ୍ୟକ୍ତିଗତ ପ୍ରୟୋଜନ । ପୁରୁଷ ବ ନାସ୍ତ୍ର ପକ୍ଷରେ

Digitized by srujanika@gmail.com

ସେଇପରି । ଏଇ ଏକାନ୍ତ ବ୍ୟକ୍ତିଗତ ପ୍ରସଙ୍ଗଟାକୁ ବ୍ୟକ୍ତିଗତ ସ୍ତରରେ ନ ରଖି ବାଣିଜ୍ୟିକ କରି ବଜାରକୁ ଛାଡିଛନ୍ତି ବୋଲି ଏତେ ପ୍ରକାର ଫେଶନ, କସମ କସମର ଗର୍ଭନିରୋଧକ ବା ଗର୍ଭନିରୋଧକ ବଟିକା, ଏତେ ପ୍ରସାଧନ ଏବଂ ଏତେ ଭାଷା ଓ ବାଗ୍ମିତା । ଫଳିପ୍ରକୁ ଫ୍ରୀଜ କରିବା ଯେପରି ନାସ୍ତି ଓ ପୁରୁଷ ସମ୍ପର୍କର ପ୍ରଥମ ଓ ଶେଷ ଅଭିଳାଷ । ଶ୍ରେପ୍ସୀ ସେଥିପାଇଁ ପୁରୁଷମାନଙ୍କୁ କୁହେ, ତୁମେ ଯଦି ଫ୍ରୀଜ ହିବାକୁ ରାଜି କରି ମନା କରୁଛ କିନ୍ତୁ ଆଜି ଜଣକୁ ସେଥିପାଇଁ ଲେଡ଼ା କାହିଁକି ? ସେ ତୁମର ଖେଳନା ନୁହେଁ । ଫ୍ଲାସ୍କରେ ନ ଦେଲେ ଯେ ଧୋଇଧାଇ ଦେଲେ ପ୍ରଣି ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଯିବ । ସେ ତୁମ ପରି ଗୋଟିଏ ଜୀବନ, ତୁମର ଗଡ଼ ପରି ତା'ର କଥା ଅଛି ପ୍ରବାହ । କେବଳ ଗୋଟିଏ ଚଟାଣ—ପୁରୁଷର ଅଛି ଶବ୍ଦ, ନାସ୍ତିର ଅଛି ଭାଷା । ସେ ଭାଷା ଅସୀମ, ଅନନ୍ତ, ଅଗମ୍ୟ । ତାର ଦୁଃଖ ବହୁଦୂର ପ୍ରସାରିତ ।

ଶ୍ରେପ୍ସୀ ଲେଖିଦେଇ ପ୍ରଣି ଭାବିଲା । ସାଧାରଣତଃ କୌଣସି କାମ କରିସାରି ସେ ପଛକଥା ଭାବେ ନାହିଁ, ଅନୁତାପ କରେ ନାହିଁ । କିନ୍ତୁ ପ୍ରଥମ ଥର ପାଇଁ ସେ ପଛରେ ଭାବିଲା, ଯାହା କଲା ତାହା ଠିକ୍ କି ନାହିଁ ? କିନ୍ତୁ ଯେତିକି ଏ ସମ୍ପର୍କରେ ଭାବିଲା ସେତିକି ତାର ଦୃଢବୋଧ ହେଲା ଯେ ସେ ଯାହା କରିଛି ଠିକ୍ କରିଛି । ସେଇ ବପୁଷ୍ମ ପୁରୁଷକୁ ଗୋଟେ ଶିକ୍ଷା ଦିବାକୁ ହିବ ।

ପୋଷ୍ଟବକ୍ସର ଠିକଣା ନେଇ ସବୁ ତଥ୍ୟ ଫ୍ରୀଜ କଲା ଶ୍ରେପ୍ସୀ । ସେଇ ପୁରୁଷ ଆଖରେ ସେ ନିଏତ ନଚ୍ୟନ୍ତନ ହୋଇ ଜିତି ହିବ, କିନ୍ତୁ ସେ ଜିତି ହିବା ଆଗରୁ ପୁରୁଷଟା ତା ଆଖରେ ପୁରୁଣା ଓ ପରିଚିତ ହୋଇଯିବା ଆବଶ୍ୟକ । ସବୁବେଳେ ନୂଆ ଲୋକ ସହିତ ସବୁ ପ୍ରସଙ୍ଗ ଆଲୋଚନା କରିହେଉ ନାହିଁ ।

ସମସ୍ତ ବିବରଣୀ ଫ୍ରୀଜ କରି ଠିକଣା ସ୍ଥାନରେ ପହଞ୍ଚି ଘରର ଫାଟକ ଆଗରେ ଝୁଲୁଥିବା ନାମଫଳକଟିକୁ ଦେଖି ଚମକି ପଡିଲା ଶ୍ରେପ୍ସୀ । ବାଣ୍ଟର ସନଡ୍ ଦାସ ।

ସନଡ୍ ଦାସଙ୍କୁ ସେ କଲେଜ ଫଙ୍କ୍ସନ୍‌ରେ ଥରେ ଅଧେ ଯେ ଦେଖି ନ ଥିଲା ଏପରି ନୁହେଁ । କିନ୍ତୁ ଶହେ ଜଣ ଲୋକ ମଧ୍ୟରେ ସେ କାର

Digitized by srujanika@gmail.com

ଦୋଇ ନ ପଡ଼ ବରଂ ଲୁଚ ଯାଉଥିଲେ । ଏଭଳ ବ୍ୟକ୍ତିଙ୍କୁ ମନେରଖିବା ଭଲ ନୁହେଁ । ଅନ୍ତ ସାଧାରଣ ମଣିଷର ସବୁ ସଦ୍‌ଗୁଣ ବା ଦୁର୍ଗୁଣ ତାଙ୍କ ଆଖରେ ଦିଶୁଛି ଅଛି, ତେଣୁ ସେ ଅସାଧାରଣ ହୋଇ ପାରୁ ନାହାନ୍ତି । ତଥାପି ସେହି ଦିନଠାରୁ ତାଙ୍କ ଚଞ୍ଚଳତା ଉପରେ ଟାଉ ନଜର ରଖିଲା ଶ୍ରେପ୍ସୀ ।

ସନତ୍ ଦାସ ବାରମ୍ବାର କରନ୍ତି ବୋଲି ତାଙ୍କର ନାମ ଡାକ ଅଛି । ଅନେକ ମଦକଲ ଆସନ୍ତି ତାଙ୍କ ଆଖକୁ ମୋକଦ୍ଦମା ଚଳେଇବା ପାଇଁ । ସନତ୍ ଦାସ କାହାକୁ ମନା କରନ୍ତି ନାହିଁ । ସେଥିପାଇଁ ମର୍ତ୍ତର କେସ୍‌ଠାରୁ ମାନହାନ ମୋକଦ୍ଦମା ପର୍ଯ୍ୟନ୍ତ ସବୁଥିରେ ଲଢ଼ନ୍ତି । ଦରକାର ହେଲେ ତଳ ଓ ଉପର କୋର୍ଟ ଉଭୟକୁ ଯାଆନ୍ତି । ତାଙ୍କ ମଦକଲ ମାନଙ୍କର ତାଲିକା ଲମ୍ବା । କଏ ନାଗ୍ ଧର୍ଷଣ ପାଇଁ ଅଭିଯୁକ୍ତ ଚ ଆଉ କଏ ଅର୍ଥ ଚୋଷରଚ ତ ପାଇଁ ଅଭିଯୁକ୍ତ । ସମସ୍ତଙ୍କର କଥା ଧର ସ୍ଥିର ଖବରେ ଶୁଣିବା ତାଙ୍କର ଅଭ୍ୟାସ । ସକାଳୁ ସନ୍ଧ୍ୟାଏ ଲଗି ରହନ୍ତି କାମରେ । କାମ ସରିବା ବେଳକୁ ଦଶଟା । ତା'ପରେ ଘଣ୍ଟି ବ୍ରେଜନ ଏବଂ ପରେ ପ୍ରାପ୍ତ ଦୁଇ ଘଣ୍ଟା ପଡ଼ନ୍ତି । ଘଣ୍ଟ ସାଢ଼େ ବାରଟା ବା ଗୋଟାକ ବେଳକୁ ନଡ ବଟିକା ଖାଇ ଶୋଇପଡ଼ନ୍ତି ଯେ ଉଠନ୍ତି ସାତଟାରେ । ତା'ପରେ ପୁଣି ସେଇ ପୁରୁଣା କଥା, ସେଇ ଏକ ରକମର କାର୍ଯ୍ୟସୂଚୀ । ସବୁ ଖବରଣୀ ଫଗ୍ରଡ କର ପାର୍ଦ୍ଦନଶ୍ୱାସଟିଏ ପକେଇଲା ଶ୍ରେପ୍ସୀ । ବଡ଼ ଦପ୍ପା ହେଲା ସନତ୍ ଦାସଙ୍କ ଉପରେ । ଏପର ଲୋକଟିଏ ଦପ୍ପାର ପାଖ, ପ୍ରେମର ନୁହେଁ ।

ଶ୍ରେପ୍ସୀ ସନତ୍ ଦାସଙ୍କର ଉଦ୍ଦେଶ୍ୟେ ସମ୍ପର୍କରେ ଅନେକ ଶୁଣା କଲା । କିନ୍ତୁ ଅଶ୍ରଦ୍ଧା ନ ଥାଇ ମଧ୍ୟ ତାଙ୍କର ସେପର ଅନେକ ଅଶ୍ରଦ୍ଧା ସେହିପର ମନେ କଲା ସେ । ବପ୍ପୁସ ଏପର କିନ୍ତୁ ବେଶୀ ହୋଇନ । ଦୁଇଜଣ ପାଖାପାଖି । ଏବେ ତ ଯୁବକ କୁଦାଯାଇପାରେ । କିନ୍ତୁ ସେ ନଜକୁ ବପ୍ପୁସ ବୋଲି କହିବା ଦ୍ୱାରା ନଜକୁ ସଂକୁଚିତ କରିବା ପାଇଁ ଉଦ୍ୟମ କରିବାର ଦରକାର ନ ଥିଲା । ବପ୍ପୁସ ନ ହୋଇ ତ ବପ୍ପୁସର ରୂପ ସହି ଧାରଣ କରିପାଏ ବପ୍ପୁସର ତାତ୍ତ୍ୱି ଓ ଅହଙ୍କାର ଲଭିପାଏ ।

ଶ୍ରେପ୍ସୀ ପିଲାଦିନୁ ପୁରୁଷମାନଙ୍କୁ ସାଧାରଣ ନାଗର ଦୃଷ୍ଟିରେ ନ ଦେଖି ନଜସ୍ୱ ଦୃଷ୍ଟିରେ ଦେଖେ । ସେଥିରେ ନ ଥାଏ କୌତୂହଳ ବା

Digitized by srujanika@gmail.com

ଅନାବଶ୍ୟକ ଆକର୍ଷଣ । ବରଂ ସେଥିରେ ଥାଏ ମଣିଷ ଓ ମଣିଷ ମଧ୍ୟରେ ଥିବା ଏକ ସହଜାତ ବ୍ୟବହାରିକ ସଂପର୍କ । ଜଣେ ମଣିଷ ଏକାକୀ ଥିଲେ ସେ କଥା କହିବାରେ ନାହିଁ, ଘରର ବନ୍ଦାପଣ ଦୂର ନାହିଁ, ଅଭାବରେ ଅଂଶ ଗ୍ରହଣ ପାଇଁ କେହି ଆସନ୍ତା ନାହିଁ । ସେଥିପାଇଁ ସେ ଏକା ନ ରହି ଆଉ ଜଣକର ସାଥି ହୁଏ, ଏକା ଘୋଚ ନ କରି ଘରଦ୍ୱାରରେ ଖୁସି ହୁଏ । ସେହି ଦୃଷ୍ଟିରେ ପୃଷ୍ଠକୁ ଦେଖେ ଶ୍ରେପ୍ସୀ । ସାଥୀ କାହା ଶତ୍ରୁ, ପରସ୍ପରଙ୍କ ଉପରେ ନର୍ଭର କରେ ।

ସନତ ଦାସ ସାଥୀ କି ଶତ୍ରୁ ହେବେ ସେ ଆଜିରୁ କହି ପାରିବ ନାହିଁ । ବଜ୍ଞାପନ ଅନୁସାରେ ସେ ଦରଖାସ୍ତଟିଏ ପକେଇଛି । ଉହାଁର ପ୍ରତିକ୍ରିୟା ଜାଣିବା ପରେ ଯାହା ସେ ସ୍ଥିର କରିବ ।

ସାତ ଦିନ ହୋଇ ନ ଥାଏ, ଉତ୍ତର ଆସିଗଲା । ଏତେ ଶୀଘ୍ର ଉତ୍ତର ଆସିବ କୋଲ ଆଶା କରି ନ ଥିଲା ଶ୍ରେପ୍ସୀ । ଇଣ୍ଟରଭ୍ୟୁ ପାଇଁ ସମୟ ଲେଖା ଅଛି ଚିଠିରେ । ଇଣ୍ଟରଭ୍ୟୁଟା କୌଣସି କୋଠରୀ ଭିତରେ ବା ଖୋଲା ଯାଗାରେ ନୁହଁ, ଗୋଟିଏ ଚଳନ୍ତା ଟ୍ରେନ୍‌ରେ । ଅଜବ ବ୍ୟାପାର । ଶ୍ରେପ୍ସୀର ବୁଦ୍ଧି କୁଳଜ ନ ଥାଏ । ସନତ ଦାସ ତା'ଠାରୁ କଲଗଲେ ଯେପରି । ତଥାପି ପ୍ରସ୍ତୁତ ହେଲା ଶ୍ରେପ୍ସୀ । ଭୁବନେଶ୍ୱରରୁ ତାଙ୍କ ସାଙ୍ଗରେ ଟିକାକୁ ଭବ କଲିକତା ଏବଂ ଏକା ସାଙ୍ଗରେ ପ୍ରତ୍ୟାବର୍ତ୍ତନ । କଲିକତାରେ କାର୍ଯ୍ୟସୂଚୀ : ଗୋଟିଏ ପ୍ରଖ୍ୟାତ ହୋଟେଲରେ ଏକଥ ମଧ୍ୟାହ୍ନ ଭୋଜନ । ଅନ୍ୟସବୁ ଯିଏ ଯାହାର ସୁବିଧା ଅନୁସାରେ ।

ପୂର୍ବ ଏକ୍‌ସପ୍ରେସର ନର୍ଦ୍ଦାରେଡ ଡବାର କୋଠରୀ ଭିତରେ ବସିଲା ଶ୍ରେପ୍ସୀ । ଆଉ ଦୁଇଟି କେହି ଆସିବେ ନାହିଁ ସନତ ଦାସଙ୍କୁ ଛାଡ଼ି । ଟ୍ରେନ୍‌ଟି ବର୍ଥରୁ ଦୁଇଟି ସେମାନଙ୍କର । ଆଉ ଦୁଇଟି ଖାଲି । ଗାଡ଼ି ଛାଡ଼ିବା ପର୍ଯ୍ୟନ୍ତ କେହି ଆସିଲେ ନାହିଁ ତାଡ ଛାଡ଼ିବା ଆଗରୁ ସନତ ଦାସ କୋଠରୀ ଭିତରକୁ ପଶିଆସି କହିଲେ, ଜଇସ୍ ଯୁ ଏ ଗୁଡ୍ ଜର୍ନି । ଶ୍ରେପ୍ସୀ ଫର୍ମାଲିଟି ମାନେ ନାହିଁ । ସେ କହିଲା ମୁଁ ଶ୍ରେପ୍ସୀ । ଆପଣଙ୍କ ସହିତ ସାଥି ହୋଇ ଯାଉଥିବାରୁ ଏକାକୀ ଟିକାର କ୍ଲାନ୍ତି ରହିବ ନାହିଁ । ଆପଣ କିଛି ଖାଆନ୍ତୁ ମୋ ସାଙ୍ଗରେ । ମା ଯଥେଷ୍ଟ ଖାଦ୍ୟ ଦେଇଛନ୍ତି । ସନତ୍ ଦାସ ଚୁପ୍ ହୋଇ ବସିପଡିଲେ । କେଇ ମୁହୂର୍ତ୍ତ ପରେ କହିଲେ, ମୋର

Digitized by srujanika@gmail.com

ଅଭ୍ୟାସଟା ଭଲ ଧରଣର । ତଥାପି କଣ୍ଠୁ ବଅ । ଖାଇବାରେ ମୋର ଆଦୌ ନାହିଁ । ଶ୍ରେପ୍ସୀ କହିଲା, ମାନ କରିବା ମୁଁ ପସନ୍ଦ ନ କଲେ ମଧ୍ୟ ପାନ କରିବାର ବରେ୍ଦଖୀ ନୁହେଁ । ମୋର ଆପତ୍ତି ନାହିଁ । ସନତ୍ ଦାସ କହିଲେ, ନା, ଆଜି ନୁହେଁ, ଆଉ ଦିନେ·····।

ଭୋଜନ ପରେ କଥାବାର୍ତ୍ତା ଚାଲେ କିଛି ସମୟ । ତାପରେ ସନତ୍ ଦାସ ଢୁଳୁଥିବାର ଦେଖି ଲଇଟ୍ ଅଫ୍ କରିଦେଲା ଶ୍ରେପ୍ସୀ । ଖୁବ୍ ଅଳ୍ପ ସମୟ ମଧ୍ୟରେ ଶୋଇ ପଡ଼ିଲେ ସେ । ଅନେକ ଦେରରେ ଶୋଇଲା ଶ୍ରେପ୍ସୀ ।

ନଡ ଡଜ୍ ନ ଥାଏ ଭଲ କଣ । ତଥାପି ସନତ୍ ଦାସଙ୍କର ଶୃଙ୍ଖଳା ଏବଂ ସୌନ୍ଦର୍ଯ୍ୟଜ୍ଞାନ ତାକୁ ମୁଗ୍ଧ କଲା । ଗୋଟିଏ କୋଠରୀ ଭିତରେ ସେ ଏବଂ ସନତ୍ ଦାସ । ପୁଣି ତାଙ୍କର ବଜ୍ଞାପନର ପାର୍ଟୀ । ତଥାପି ସନତ୍ ଦାସ ଆଗେଇଲେ ନାହିଁ, ବରଂ ଶ୍ରେପ୍ସୀକୁ ଏଡ଼ଗଲା ପରି ମନେ ହେଲା ।

ପକାଳ ଡବାବେଳକୁ କଲିକତା । ଡାଉଡ଼ା ଷ୍ଟେସନରୁ ହ୍ୱନ୍ଦ୍ରାନ ହୋଟେଲକୁ ମାତ୍ର କୋଡ଼ଏ ମିନଟ୍‌ର ବାଟ । ଦୁହେଁ ବସିଲେ ପାଖାପାଖି ଗୋଟିଏ ଗାଡିରେ । ରାସ୍ତାରେ ଗୋଟେ ଦୁଇଟା ବଷପୂରେ ସାମାନ୍ୟ କଥାବାର୍ତ୍ତା ହେଲା । ତାହା ପୁଣି ଦିଁ କ ନାରେ ସୀମାବଦ୍ଧ । ଓକଲ ଜ୍ଞବଟରେ ସନତ୍ ଦାସ ପ୍ରସିଦ୍ଧ, କନ୍ତୁ ବ୍ୟକ୍ତି ଜ୍ଞବରେ ନୁହେଁ । ସେ ଚଟ୍‌ଚଟ୍ ମାରକ ପ୍ରକୃତିର । କଥା କମ୍ କୁହନ୍ତି । ଜପରେ ପଡ଼ି କଥା କହିବାର ଅଭ୍ୟାସ ଶ୍ରେପ୍ସୀର ନାହିଁ । କନ୍ତୁ ତଥାପି ତାର ମନେହେଲା ସନତ୍ ଦାସ ଖୁବ୍ ଗୁପ୍ତା ପ୍ରକୃତିର, ଅସ୍ପାଭବକ ଜ୍ଞବରେ ମାରବ ।

ପକାଳଟା କଟିଗଲା । ସନତ୍ ଦାସଙ୍କ ସହିତ ମଧ୍ୟାହ୍ନ ପର୍ଯ୍ୟନ୍ତ ଆଉ ସାକ୍ଷାତ ହେଲା ନାହିଁ । ମଧ୍ୟାହ୍ନ ଭୋଜନ ସମୟରେ ପୁଣି ଦୁହେଁ ଏକାଠି ବସିଲେ । ଆହାର ପର୍ଯ୍ୟାପ୍ତ, ଭଲ ଖାଇଲେ ସନତ୍ ଦାସ । କନ୍ତୁ ପ୍ରାୟ କିଛି ଖାଇଲା ନାହିଁ ଶ୍ରେପ୍ସୀ । ଖାଇବାକୁ ଇଚ୍ଛା ହେଲା ନାହିଁ । ସେ ସାଙ୍ଗ ହୋଇ ଆସିଥିଲା, ସାଙ୍ଗ ହୋଇ ଖାଇବାର କଥା ଥିଲା । କନ୍ତୁ ସନତ୍ ଦାସ ଯେପରି ଖାଇ ଚାଲିଲେ ସେଥିରୁ ଅନୁମାନ କଲା ଶ୍ରେପ୍ସୀ ଯେ ସେ ଖାଇବାରେ ବ ଏକା, ତାଙ୍କର କେହି ସାଙ୍ଗ ନାହିଁ । ଶ୍ରେପ୍ସୀ ନଜକୁ ନଜେ କହିଲା, ତୁ ଅନ୍ୟଙ୍କରେ ବସିଗଲୁ ।

Digitized by srujanika@gmail.com

ଅପରାହ୍ଣ ବ ରଙ୍ଗ ଦ୍ରୁତ । ବଗିଚାରେ ବଡ଼ ବଡ଼ ଡାଳଆ ଏବଂ ଗୋଲପ ଫୁଟିଥିଲେ । ସେହ୍ନ ଫୁଲମାନଙ୍କ ଗନ୍ଧରେ ଅନେକ ସମୟ ବମିଳ ଶ୍ରେପ୍ସୀ । ଗାର୍ଡେନ ଚୌକି ଆଜ୍ଞ ଗୋଟେ ଖାଲଥିଲା । ସନତ୍ ଦାସ ଟିକେ ଦୂରରେ ବାରଦାରେ ଏକାକୀ ବସି ଖବର କାଗଜ ପଢ଼ୁଥିଲେ । ସେ ଶ୍ରେପ୍ସୀକୁ ଦୁଏ ଚ ଦେଖି ନ ଥିବେ ଖୁବ ଶ୍ରେପ୍ସୀ ଡାକୁ ଶୁଭବା ଭଳ ଡାକି କଣ ବପ୍ କୁ ଡାକ ଗ୍ଲ ଅଣିବା ପାଇଁ କହିଲା । ଗ୍ଲ ଆସିଲ; କନ୍ତୁ ସନତ୍ ଦାସ ଆସିଲେ ନାହିଁ । ଗ୍ଲ'ଟା ନ ପିଇ ସେହ୍ନଧର ଗୁଡ଼ଦେଲ୍ ଶ୍ରେପ୍ସୀ । ବର୍ଗିଗ୍ଲଟା ଆଜ୍ଞ ଭଲ ଲଗୁ ନଥାଏ । ସେ ଉପରକୁ ଉଠ ନଜ କୋଠରୀର ଦରଜା ବନ୍ଦ କରଦେଲ୍ ।

ଘଣ୍ଟ ନଅଟାରେ ଗାଡ଼ି । ରବିନ୍ଦ୍ରେଜନ ନଧ ଜାରବରେ ଏକାକ୍ଷ ସମାପ୍ତ କଲ୍ ଶ୍ରେପ୍ସୀ । ତାପରେ ସେ ବାହାର ପଡ଼ଲ୍ ଷ୍ଟେସନ ଅଭିମୁଖେ । ସିଡ଼ି ତଳେ ତାକୁ ଅପେକ୍ଷା କରୁଥିଲେ ସନତ୍ ଦାସ । ଦୁହେଁ ଗାଡ଼ିରେ ବସି ଷ୍ଟେସନ ଗଲେ । ତାଙ୍କର ମୋନବଡ଼ାରକୁ ଖୋଜିବା ପାଇଁ କହିଲା ଶ୍ରେପ୍ସୀ, କପଣ ଲଗିଲ ବନଟା, କେତେ କାମ କଲେ ? ସନତ୍ ଦାସ କହିଲେ, ବେଶ୍ ଭଲରେ କଟିଗଲ୍ । କାମ କରବା ପାଇଁ ତ ଆସି ନ ଥିଲ । ଆସିଥିଲ ବଶ୍ରାମ ପାଇଁ । ଭଲ ବଶ୍ରାମ ଦେଲ୍ । ଶ୍ରେପ୍ସୀ ଷ୍ଟେସନ ପହଞ୍ଚି ଟିକାରୁ କହିଲ, ଏକା କୋଠରୀରେ ଟିକା ? ସନତ୍ ଦାସ କହିଲେ—ହଁ, ଅନ୍ୟ ବ୍ୟବସ୍ଥା ତ ମୁଁ ଚନ୍ତା ବ କଣ ନାହିଁ ।

ପ୍ରଶ୍ନ ଏକ୍ସପ୍ରେସ୍ର ଶୀଚଡାପ ନପ୍ତ୍ତିତ ଡବାର ଗୋଟିଏ ଦୁଇଜଣ୍ୟା ବଶିଷ୍ଟ ବଗରୁ । ସନତ୍ ଦାସ ଏବଂ ଶ୍ରେପ୍ସୀ । ବଛଣା ପାଣ ଦେଇଥାଏ ଆଟେଣ୍ଡେଣ୍ଟ । ପାଣି ଦୁଇଗ୍ଲାସ ବ ଛଡି ଦେଇଥାଏ ଯଥା ସ୍ଥାନରେ । ଆଜ୍ଞ କଛୁ ପ୍ରମ୍ବେଜନ ଅଛୁ କ ବୋଲ୍ଲା ପରର ଶୁଭରାତି ଜଣାଇ ଗ୍ଲଲଗଲ୍ ସେ । ଗାଡ଼ ଗ୍ଲଲବା ବେଳକୁ କୋଠରୀ ଭିତରେ ଶ୍ରେପ୍ସୀ ଓ ସନତ୍ ଦାସ । ଶ୍ରେପ୍ସୀ ଆଶ୍ଚର୍ଯ୍ୟ ହୋଇ କହିଲ, ଆସିବାବେଳେ ଗ୍ଲଟା ବର୍ଥରୁ ଦୁଇଟା ଖାଲଥିଲ । ଟିକାବେଳେ ଦୁଇଟା ବର୍ଥ ପୂର୍ଣ୍ଣ । ସନତ୍ ଦାସ କହିଲେ, ଗ୍ଲଟା ବର୍ଥରୁ ଦୁଇଟା ଖାଲଥିଲେ ମାଡମାଡ ପଡ଼େ, ମନେହୁଏ ଆଜ୍ଞ କଏ ରହିଛୁ । ଏ ବରଂ ଭଲ । ଅନେକ ନବ୍ରେଳା ଏବ..... । ସମାପ୍ତ କରବା ପୂର୍ବରୁ କହିଲ ଶ୍ରେପ୍ସୀ, 'ଆପଣଙ୍କୁ ଭଲ

Digitized by srujanika@gmail.com

ଲଗେ ଇପିନ୍ଧ ଟିବା ପାଇଁ ? ସନତ୍ ବାସ କହୁ ନ କହି କେବଳ ଘୃଣି ରହଲେ ଶ୍ରେପ୍ସୀକୁ । ଘଣ୍ଟ ବେଶୀ ଦେଲଣି । ଲାଇଟ୍‌ଟା ଅଫ କରଦେଇ ଜପର ବର୍ଥକୁ ଉଠିଗଲେ ସନତ୍ । ଶ୍ରେପ୍ସୀ ଆନନ୍ଦ ଦୋଇ ବସି ରହିଲା ନଜ ବର୍ଥରେ ।

ସାରା ଘଣ୍ଟ ଗାଡ଼ି ଘୁଲଲା । ଇଞ୍ଜିନର ଶବ୍ଦ ସହିତ ଚୁଷ୍ପର ଶବ୍ଦ ଶୁଣିଲା ଶ୍ରେପ୍ସୀ । ଝରକାର ପର୍ଦ୍ଦା ଠେଲି ବାହାରକୁ ଅନାଇଲା । ମଶବ୍ୟାପ୍ତ ଅନ୍ଧକାର । କଁ। ଖୁଁ କେଉଁଠି ଆଲୋକର ଛଟା ।

ଶ୍ରେପ୍ସୀ ଜାହ୍ନିକ ଉଷୁଣ୍ଣ ଦୋଇ ପଡ଼ଲ; କାରଣ ଖୋଜ ପାଇଲା ନାହିଁ । ଘୁକଘୁର ଇଣ୍ଟରଭଜ ଶେଷ ଦେବା ପରେ ଘୁକଘୁ ଡେଲା ନାହିଁ ଜାଣିଲେ ଯେପରି ବ୍ୟଥା ଜାଗେ ମନରେ ସେହିପରି ମନଃ। ବେଦନା ଓ ଅବସାଦରେ ମୁହ୍ୟମାନ ହୋଇଗଲା । ଶୋଇବାକୁ ଚେଷ୍ଟା କରି ବି ଶୋଇ ପାରିଲା ନାହିଁ । ଜୀବନରେ ଅନେକ ଲୋକ ସହିତ ଏକାଠି ବସିଛୁ, ଗପିଛୁ, କନ୍ତୁ ଜନକୁ ପରତ୍ୟକ୍ତ ମନେ ହୋଇନାହିଁ । ଆଜି ମନଃ ଅସ୍ଥିର ହେଲା ଏଇ ଚନ୍ଦ୍ରାରେ । ସେ ସନତ୍ ବାସଙ୍କର ସତ୍ତ୍ୱ ମାନ ଦରଖାସ୍ତ କରିଥିଲା, ତାଙ୍କ ପରଖି ନବା ପାଇଁ ନୁହେଁ, ଶାସ୍ତି ଦବା ପାଇଁ । ସେ ସୁଯୋଗଟା ଆଜି ଆସିଲା ନାହିଁ । ବସି ବସି ଭାଟିଲା, ଶବ୍ଦ ବି ଟିକେ କଲା । କନ୍ତୁ ଜଦ ଭ୍ରକ୍ଷିପ୍ତ ସନତ୍ ବାସଙ୍କର । ସତେ ଯେପରି କୁମ୍ଭକର୍ଣ୍ଣ ଜଦା । ଶୋଇଥିଲେ ଉଠନ୍ତା ନାହିଁ ।

ଭୁବନେଶ୍ୱର ପହଞ୍ଚିବା ବେଳକୁ ସକାଳ ସାତ । ମଥାଟା ଭାର ଲଗୁଥାଏ । ଅନଦ୍ରା ଯୋଗୁଁ ଆଖି ଥାଏ ଆଗି । କନ୍ତୁ ଆଜି କହୁ ନ କହି ଜାଜ ଯାଇ ଗୋଟେ ଶକ୍ ସାରେ ବସିଲା ଶ୍ରେପ୍ସୀ । ସନତ୍ ବାସ ଗାଡ଼ରେ ଟିବା ପାଇଁ କହିଲେ । କନ୍ତୁ କଛି ଶୁଣିଲା ନାହିଁ ସେ ।

ଘରକୁ ଆସି ବି ମନଃକୁ ଶାନ୍ତ କରି ପାରିଲା ନାହିଁ ସେ । ଅସ୍ଥିର ଲଗୁଥାଏ । ମନେ ହେଉଥାଏ ଯେପରି କଅଣ ପାଇବାର ଥିଲା ମିଳିଲା ନାହିଁ । ଗୋଟେ ଖାଲି ପଣ୍ଡାରେ ସେ ଶିଡର ଉଠିଲା ।

ତା ପରଦିନ ଦି ପ୍ରହରର ଡାକରେ ଚଠିଟା ପାଇ ଖୋଲି ପଢେଇଲା ଶ୍ରେପ୍ସୀ । ସନତ୍ ବାସଙ୍କର ଚଠି । ଲେଖିଛି ପର ଉତ୍ତର ମଧ୍ୟ ମର୍ଷିପ୍ତ । "ତୁମେ ପଶ୍ଚାତ୍ତାପ୍ ଜରୁଛ । ଶୁଭଦିନ ଶୀଘ୍ର ସ୍ଥିର କର

Digitized by srujanika@gmail.com

ତୁମ ବାପାଙ୍କୁ ଜଣାଇ ଦେବ । ତୁମ ଅପେକ୍ଷାରେ ଅନନ୍ତକାଳ—ସନତ୍ ଦାସ ।"

ଚଠିଟା ସନତ୍ ଦାସଙ୍କର ଲେଖା କମ୍ବା ଆଜ୍ କାହାର ଭଲ କର ଜାଣିବା ପାଇଁ ଛନ୍ଦ ଛନ୍ଦ କର ପୁଣି ଚଢ଼ିଲ ଏବଂ ଠିକଣା, ଡାକଘରର ମୋହର ଏବଂ ତାରଖ ସବୁ ପଙ୍ଖା କର ଦେଖିନେଲ । ନର୍ଭଲ । ସନତ୍ ଦାସଙ୍କର ଆମନ୍ତ୍ରଣ ।

ସନ୍ଦସା ସବାଙ୍ଗରେ ସେଇ ଯନ୍ତ୍ରଣାଟା ଆହୁରି ଗାଢ଼ ହୋଇ ଉଠିଲ । ଶ୍ରେପ୍ସୀ ଛଟପଟ ହୋଇ କାଗଜ ଖଣ୍ଡେ ଟାଣିଆଣି ଲେଖିଦେଲ, ପାଷାଣ ସନ୍ଧତ ଏକା ସାଙ୍ଗରେ ରହିବା ମୋର ସ୍ୱଭାବ ବରୁଦ୍ଧ । ତାପରେ ଚଠିଟା ଚଠି ବାକ୍‌ସରେ ପକାଇଦେଇ ନଜେ ନଜକୁ ଶାସନ କଲ୍ ଭଙ୍ଗୀରେ କହିଲ୍, ତୋ ଭିତରେ ଏତେ ଇଚ୍ଛା ସଦା ଥିଲ ଜାଣି ନ ଥିଲୁ କାହିଁକି ? ଶେଷରେ ଅନ୍ଧଛଡ଼ରେ ବସିପିବୁ ?

———

Digitized by srujanika@gmail.com

# ଆଓଜାଣ

● ରବୀନ୍ଦ୍ର ନାଥ ଦାସ

ସମସ୍ତ ହାଁ କରି ଅନାଇଛନ୍ତି ଏକ ଲପ୍ଟରେ ସେହ୍ନଆଡ଼କୁ — ବଗ ଭଲଆ ଆଖି ଦୁଇଟାକୁ ଗେଞ୍ଜି ଦେଇ ମଝିରେ ମଝିରେ 'ଏହ୍ନ ଗଲ, ଗଲ' ବୋଲି ଚଲେଇ ଛଡ଼ୁଛନ୍ତି । ଏତେ ବଡ଼ ସୁନ୍ଦର ଫାଙ୍କା ଆକାଶରେ ଚଣ୍ଡି ଆଭୁତ ଭଲଆ ଡେଇଁ ଡେଇଁକା ସେ ଆଖି ଟିକୁଲାକେ କୁଆଡ଼ୁ ଆସି କୁଆଡ଼େ ଜହ୍ନଇ ଯାଇଛୁ । ସତେଅବା ଲଙ୍କା ଠାବ କରିବାକୁ ସାତ ସମୁଦ୍ରକୁ ଜଡ଼ ଜଡ଼ ଟିବାକୁ ଘାର ହନୁମାନ ସଜବାଜ ହେଲେଣି । ସେହ୍ନ ଏକ ସ୍ଥାନରେ ସେହ୍ନ ଗୋଟିଏ ଜନଷକୁ ଅନେଇ ଅନେଇ ସମସ୍ତଙ୍କ ଆଖି ସେମିତି ଜଳକା ହୋଇଗଲଣି । ଓକଆ ଭିତରେ କ'ଣ ସବୁ ଖିଦାଖିଦ ହେଲଭଳଆ ସେଟ ଭିତରର ଏତେଗୁଡ଼ଏ ଶବ୍ଦ ଜାକଜୁକ ହୋଇ ବସିଥିଲେ ବି ଦାକୁଡ଼ ଖାଇଲ ଭଳ 'ଚେଇଁ', 'ଚେଇଁ' ଶବ୍ଦଟା ପାଟି ଭିତରୁ ଅକାଣତଇ ବାହାର ଆସୁଛୁ । ରେଡଓରେ ପାଣିପାଗର ବିଶେଷ ସମ୍ବାଦ ନ ଥିଲେ ବି ଅରାନକ ଚବନଟା କୁଆଡ଼ୁ କେଜାଣି 'ସୁ' 'ସୁ' କରି ମାଡଆସି କେଇ ଦଣ୍ଡ ଭିତରେ ସବୁ ଏପଟ ସେପଟ କରି ସବୁ ଗଛ, ବୃଛ, ଘରକୁ ପରସ୍ତେ ପରସ୍ତେ ଜାବୁଡ଼ା ମାରି 'ଛୁ' ମାରି କୁଆଡ଼େ କୁଆଡ଼େ ଜହ୍ନଇ ହୋଇଯାଏ । ଆଜି ସୁମାରି କଲ ବେଳକୁ କ'ଣ ସେମିତି କୁଆଡ଼େ କ'ଣ ଘଟିଯାଇଛୁ । ଭଟସି କରି ପଗ୍ଗରବାକୁ କାନ୍ଦାର ପାଟିରୁ ପଦୁଟିଏ ବି ବାହାରେ ନାହିଁ । ସେମିତିଆ ଅଘଟଣ ଘଟଣା ଘଟିଯାଇଛୁ ଘଡ଼ିକୁ ଘଡ଼ି । ବୁଢ଼ାମାନେ ଧୀରେ ଧୀରେ କହୁଛନ୍ତି—ବେଳ ନକଟ ହୋଇଗଲ—ଘୋର କଳକାଳ । ଏତ

Digitized by srujanika@gmail.com

ପ୍ରଭୁ ଜଳକ ଅବତାର ଧାରଣ କରିଛନ୍ତି ବାରହାତ ଖଣ୍ଡା ଧରି—ସାତ ଦେଶରୁ ମ୍ଲେଚ୍ଛ ଫଉଜର ଚଢ଼ି କାମ ଆରମ୍ଭ କରି ଦେଲେଣି ପରା । ଦ୍ୱାରକା ନଗରରେ ଏଥର କୋକୁଆ ଭୟର ଘାଲ—ଭୂମିକମ୍ପ, ଅଜ ବୃଷ୍ଟି, ଅର୍ଦ୍ଧ ଇତ୍ୟାଦି ସାତବର୍ଷ ଧରି ଲଗି ରହିବ । ସମସ୍ତେ ନଜ ନଜ ବେଳକୁ ଅପେକ୍ଷା କରି ବସିଅଛନ୍ତି । ସାତ ନଗରରେ ମୃତକଭ ନସ୍ତବ୍ଧତା ବରାଜମାନ କରୁଛି । ରାଜା, ପ୍ରଜା, ସେନାପତ୍ତି, ମନ୍ତ୍ରୀ, ନଗ୍ନ ଜନେ ସମସ୍ତେ ମାଚତ ଭିତରେ ଅଜାଣତରେ ଏ ଦଃଣା ସହ ଛନ୍ଦ ଦୋଇ ଯାଉଛନ୍ତି । ନାହିଁ ନ ଥିବା ଏ ଏକ ମନୋହର ରାଜ୍ୟ । ଏ ରାଜ୍ୟରେ ସେଉଁ ଫୁଲ ଫୁଟଇ ତାର ମଦ ମଦ ବାସ ଖାଲି ମନ ଭିତରେ ଏକ ସ୍ୱପ୍ନ ଭିର ସଞ୍ଚାର କରଏ, ତା ନୁହେଁ···ସେ ଗଛରୁ ବର୍ଷେ ବର୍ଷେ ଧରି ଫୁଲ ମଡଲେ ନାହିଁ । ଏ ରାଜ୍ୟର ଚରୁଣୀମାନେ ଚିର ଯୌବନା । ଏ ନଗରର ପୁରୁଷମାନେ କନ୍ଦର୍ପ ମନ ଅତ୍ୟନ୍ତ ଶୋଭିବନ୍ତ । ଶାଳ, ପିଆଶାଳ, କୃତ୍ରିମ ଓ ଡରେକ୍ ଜକମର ବୃକ୍ଷ ପରିବେଷ୍ଟିତ ଏ ରାଜ୍ୟର ଶୋଭା, ତହିକର ମନ ହରଣ କରିଜଏ ଓ ପ୍ରହରୀ ଚିର ସଦା ଜାଗ୍ରତ । ଚେଣ୍ଟୁ ଶତ୍ରୁମାନେ ଏହାର ସୀମା ସ୍ପର୍ଶ କରିବାର ଆସ୍ପର୍ଦ୍ଧା କରି ପାରନ୍ତି ନାହିଁ । ଏ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ କଟିରେ କମ୍ବା ହସ୍ତରେ ଅତ୍ୟାଧୁନିକ ଅସ୍ତ୍ର ଶସ୍ତ୍ର ଶୋଭା ପାଉଥିଲା । ହଠାତ୍ ଏପରି ଏକ ଚିର ସବୁଜମାର ଦେଶରେ କାଉଣ ବତ୍ତୀନ ଆଡଙ୍କ ଟେଲିଫିବ, କେହ୍ନ ଭାବି ଚନ୍ତା କରି ନ ଥିଲେ । କାରଣ ଏ ରାଜ୍ୟର ରାଜକୁମାର ଏବେ ମଧ୍ୟ ଅନୁଢ଼ା । ଯେହେତୁ ସେ ଭାଙ୍କର ମନଲଗି ସାଥୀ ବାଛୁ ପାରି ନାହାନ୍ତି । ଭାବାର କାରଣ ସମ୍ପର୍କରେ ଏକଥା କୁହାଯାଇ ପାରେ ରାଜକୁମାର ସେଉଁ ଅତୁଳନୀୟ। ସୌନ୍ଦର୍ଯ୍ୟର ଅଧୀକାରୀ, ତାଙ୍କ ସମତୁଲ୍ୟ ଜଣେ ଯୋଗ୍ୟତମ ଏ ମତ୍ତାଦେଶରେ କଆଁ ସାରା ବଶ୍ୱରେ ବରଳ । ସବୁ ଯାଗାରେ ଖଚ କରିବାର ଲୋକଙ୍କର ଅଭାବ ନାହିଁ । ସେମାନେ ରାଜକୁମାରଙ୍କ ସମ୍ପର୍କରେ ନଭିତରେ ଏପରି କଥୋପକଥନ କରଅନ୍ତି ପଥା—ରାଜା ଅର୍ଥ ଶ୍ରାଦ୍ଧ ଭିତରେ ରାଜକୁମାରଙ୍କୁ ବବାହ ଦେବାକୁ ଅମଙ୍ଗ । ତେଣୁ ସେ ଭାଙ୍କର ବସ୍ତ୍ର ଅନ୍ତର୍ଦ୍ଧାନ୍ତା କଲେଣି । ସେହି ଖଳ ବ୍ୟକ୍ତିମାନେ ଏ କଥା ମଧ୍ୟ ପ୍ରଚାର କରନ୍ତି—ରାଜକୁମାର ଜଉର ଯୌବନରେ ଅନେକଙ୍କ ସହ ପ୍ରେମସକ୍ତା ଥିଲେ—ଏପରକ ଭାଙ୍କ ସ୍ୱଦେହ ରକ୍ଷୀଙ୍କ ସହ । ସେଥିପାଇଁ ଦେହ ରକ୍ଷୀକୁ

Digitized by srujanika@gmail.com

ମୃତ୍ୟୁଦଣ୍ଡ ଦେବା ପ୍ରଚୁର ସେ ଖୁବ୍ ଚତୁରତା ସହ ଅଂବିଧ ସନ୍ତାନକୁ ଧରି ରାଜ୍ୟ ଛାଡ଼ି ଚାଲି ଯାଇଥିଲେ । ଏହାପରେ ରାଜକୁମାରଙ୍କ ଚରିତ୍ରରେ ଏକ ପରିବର୍ତ୍ତନ ଦେଖାଗଲା ଓ ସେ ବ୍ରହ୍ମଚାରୀ ସନ୍ୟାସିନୀ ସଦୃଶ୍ୟ ଅନ୍ତରାଳରେ ଠାକୁରଙ୍କ ପୂଜାରେ ସମସ୍ତ ସମୟ ବିତାଇଦେଲା । ସେମାନେ ଏକଥା ଖୁବ୍ ସତର୍କତା ସହ ଚପ୍‌ଗପ କଥାବାର୍ତ୍ତା ହୁଅନ୍ତି, କାରଣ ଏହା ସହ ରାଜାଙ୍କ ଶ୍ରବଣକୁ ଯାଏ ଶିରଚ୍ଛେଦ ଅନିବାର୍ଯ୍ୟ । ଏ ରାଜ୍ୟର ମୁଷ୍ଟିମେୟ ପୁନାଗଗଣ ବ୍ୟତୀତ ସେଇମାନେ ଏ ରାଜ୍ୟର ଅଧାନ୍ତରେ ବାସ କରୁଛନ୍ତି, ଯାହାଙ୍କର ଘରଦ୍ୱାର, ଜମିବାଡ଼ି, କିଛି ନାହିଁ—ସେମାନେ ତାଙ୍କର ସବୁକିଛି ଦେଇ ରାଜ୍ୟର ଶ୍ରୀବୃଦ୍ଧି ସାଧନ କରୁଛନ୍ତି । କାରଣ ଏଥିପାଇଁ ସେମାନଙ୍କର ଜନ୍ମ—ଯାହାକୁ ଜଣେ ଜଣେ ନେତା ମଝିରେ ମଝିରେ ଭାଷଣ ଦେଲାବେଳେ ନଷ୍ପେଷିତ, ଦଳିତ, ଅବହେଳିତ ବୋଲି ବାକ୍ୟ। କରନ୍ତି ଆଉ ତନା ସେମାନଙ୍କୁ ଅଭିଶପ୍ତ ବୋଲି କହନ୍ତି । ସେମାନେ ରାଜ୍ୟର ଶେଷ ସୀମାରେ ବସତି ସ୍ଥାପନ କରିଛନ୍ତି ଏଇଥିପାଇଁ, ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ଅଲଗା ମନେ କରନ୍ତି ଓ ରାଜାଙ୍କୁ ସ୍ୱୟଂ ଭଗବାନଙ୍କ ଅବତାର ବୋଲି ସ୍ୱୀକାର କରି ତାଙ୍କର ଆଦେଶରେ ତନା ଦ୍ୱିଧାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି । ପଢ଼ି ନପଢ଼ି କେବେ ସେହି ରାଜ୍ୟର ବଳିଷ୍ଠ ପୁନାଗରକଙ୍କ ସୁଦୃଷ୍ଟି ସେହି ବସତିର ରକ୍ତଘୋନା ତରୁଣୀମାନଙ୍କ ପ୍ରତି ପଡ଼େ, ତାହେଲେ ସେମାନଙ୍କର ଅନୁରକ୍ତ ବାପ, ମା କମ୍ବା ସ୍ୱଦେଶବେହ୍ଲକ ସ୍ୱାମୀ ସେମାନଙ୍କୁ ତନା ଦ୍ୱିଧାରେ ସେହି ପୁନାଗଗଣଙ୍କ ପାଖରେ ଉତ୍ସର୍ଗ କରି ଦିଅନ୍ତି । ସେମାନଙ୍କ ଜୀବନ ଧନ୍ୟ ହେବ ବୋଲି—ଯଦିଓ ସେମାନେ ସେହି ଲଜ୍ଜାଘ୍ନ ବାପ, ମା କମ୍ବା ନପୁଂସକ ସ୍ୱାମୀମାନଙ୍କ ବିରୁଦ୍ଧରେ ପ୍ରତିବାଦ ତୋଳି ପାରନ୍ତି ନାହିଁ ତଥାପି ସେମିନ୍ତ ଏକ କୁତ୍ସିତ ଲାଳସା ତାଙ୍କର ସମଗ୍ର ଶରୀରକୁ ଗ୍ରାସ କରିଥାଏ । ସେମାନଙ୍କର ଦପ୍‌ଦପ୍ ହୋଇ ଜଳୁଥିବା ଆଖି ଉଚ୍ଚରୁ ଏହାର ସନ୍ଧାନ ମିଳେ । ମାତ୍ର ରାଜପୁରୀମାନଙ୍କ ପାଇଁ ଏହା ଏକ ଖୋରାକ ମାତ୍ର—ମାତ୍ର ଏହାକୁ ସହି ନଇ ଅତ୍ୟାଚାର କରେ, ତା'ହେଲେ ଏହା ଶବ୍ଦର ଅପଭ୍ରଂଶ ବୋଲି ବୁଝିବାକୁ ପଡ଼ିବ । ଏଥିପରି ଏକ ରାଜ୍ୟରେ ସବୁ ଠିକ୍ ଥିଲାବେଳେ ପିଲାଠାରୁ ବୁଢ଼ାପାଟେ ଖାଲି 'ହେଇ', 'ହେଇ'

Digitized by srujanika@gmail.com

କନ୍ଥ ମିଟିମିଟି ଜ୍ୱଳିବା ଓ ଚାପରେ ଦଠାଡ଼ ଚଳକୁ ମଥା ନୁଆଁଇ ଦେବା ପେମିନ୍ତ ଅନ୍ୟ ଏକ ଅଭିନବ ଦୃଶ୍ୟ । ଘଡ଼ଙ୍କ ଘଡ଼ ମଲ୍ଲଣା ଗୁଲୁଛୁ । ମାଣ ଚାକୁ କେନ୍ଥ ଧର ଚାରୁ ନାଡ଼ାନ୍ତି । ପଟେ ପେମିନ୍ତ ମେଘ ଖଣ୍ଡେ ଆକାଶରୁ ଛିଣ୍ଡି କୁଦାମାର ଏ ପଖ ସେପାଖ ଦୋଇ ସାରା ରଜ୍ୟକୁ କଲବଲେଇ କର ଚକାଉଛୁ । ଚାପରେ ମୃତ୍ତୁର ଏକ ଶୀତଳ ନସ୍ତବ୍ଧତା । ଏନ୍ଥ ପେପର 'ଦେଇ', 'ଦେଇ', 'ଦେଇ' । ଚାପରେ ଦେଖାଗଲ୍ ରଜାଙ୍କ ମଦ୍ୟଶାଳାର ସମସ୍ତ ଚାଟ ଭୁଲୁଣ୍ଠିତ ଦୋଇଯାଇଛୁ—ମଦ୍ୟପମାନଙ୍କୁ ନର୍ଦ୍ଦାଡ ମାଡ଼—କାହା ମୁଣ୍ଡ ଫାଟିଛୁ—କାହା ନାକରୁ ରକ୍ତ ବାହାରୁଛୁ । ପୁଣି ସିଏ କେତେବେଳେ ଯାଇଁ ବନ୍ଦୀଶାଳାରେ ଦାଜର ଡେଲ୍ଲଣି— ସମସ୍ତେ ଚାକୁ ସଲମ ଠୁକୁଛନ୍ତି । ଡୋଟି ଗୋଟି ଦୋଇ ସବୁ ନଗ୍ନପଗ୍ନଧ ବନ୍ଦୀ ଗୁଲଯାଉଛନ୍ତି—'ଦେଇଁ', 'ଦେଇ,' 'ଦେଇ'— ଦଠାଡ଼ ଚାର ଆଦର୍ଶିବ ଦେଲ ମୁଖ୍ୟବନ୍ଦୁରପଙ୍କଙ୍କ ଇଜଲ୍ସରେ—ଘମାଘମ ବନ୍ଦୁର ଗୁଲୁଥାଏ—ସେନ୍ଥ ସଡ଼ରଚଳ ନଗ୍ନଡ଼ ଲେକଟିର ପଞ୍ଜର ଡ଼ ଓ ଖୁଙ୍ଗି ଯାଇଛୁ—ତଥାପି ସେ ଦୋଖୀ—କାରଣ ଚାର ଘରପାଖ ଖାଲରେ ରଜପୁତ୍ରଙ୍କ ଘୋଡ଼ାଟା ଟ୍ରଣ୍ଡି ପଡ଼ଲ । ସେ ଓକଲର କାନ ଧର ପଚ୍ଚରଲ ଚୁ ଏମିନ୍ତ ନ୍ୟାପ୍ୟକୁ ପେଷା କରିଛୁ । ନଗ୍ନଡ଼ ଲେକଙ୍କୁ ଫାଶୀ ଦେବାକୁ ଚୋ ଡାକ ଯାଉଛୁ—ଚାପରେ ଗୋଟାଏ ମୁହୂର୍ତ୍ତରେ ସବୁ ରେକର୍ଡ଼ ଇତସ୍ତତ ଫିଙ୍ଗି ଦେଇ ସାମାନ୍ୟ ମାଣ ସ୍ୱପ୍ନ ନ ରଖି ସେ କୁଆଡେ ଉଭାଇ ଗଲ । ବନ୍ଦୁରପଙ୍କ ସଡ଼ ଚାଙ୍କର ପାର୍ଶ୍ୱଚରମାନେ ମୋଡ଼ଗସ୍ତ ଦୋଇ ପଡ଼ଥିଲେ । ଏନ୍ଥପର ସମଗ୍ର ରଜ୍ୟରେ ଚାର ଗୋଟିଏ ପରେ ଗୋଟିଏ ଉତ୍ପାତ ଆରମ୍ଭ ଦୋଇଗଲ୍ । ଆକାଶରେ ଏମିନ୍ତ ଉଡ଼ଉଡ଼ ଗଲ୍ଲବେଳେ ସେ କେଉଁଠିକୁ ଯାଉଛୁ, ସେକଥା କେନ୍ଥ ଜାଣି ପାରୁ ନ ଥିଲେ, ମାଣ ସେ ଥରେ ପଡ଼ଞ୍ଚଲ ପରେ ସବୁ ଠିକ୍ ଠାକ ଗୁଲବ, ଏଥିରେ କାହାର ସନ୍ଦେଡ଼ ନ ଥିଲ । ଲେକମାନେ ଚାକୁ ଯମଦୂତ, କାଳପୁରୁଷ କମ୍ବା ସ୍ୱୟଂ ଫଡାର କର୍ତ୍ତା ବୋଲ ବବେଚନ କରୁଥିଲେ । ଘଣ୍ଟାକୁ ଘଣ୍ଟା ତା ରୂପ ବଦଳ ଯାଉଥିଲ । କଏ କଡୁଥିଲ ସେ ଭୂଇଁ ଉପରେ ମାଙ୍କଡ଼ ଭଳଆ ଡେଇଁ ଡେଇଁ ଯାଉଛୁ—ମୁଦିଁଟା ଗୋଜଆ—ଲାଙ୍ଗୁଡ଼ ନାହିଁ । ଆଉ କଏ କଡୁଥିଲ ଭାଲୁ ଭଳଆ କଳାକଳା ଲୋମ ତା' ଦେହଯାକ ଭର୍ତ୍ତି

Digitized by srujanika@gmail.com

ଦୋଇଛୁ । ମେ ଚଉଇ ଭଳଆ ଜଡ ପାରୁଛୁ, ମାଛ ଜଳଆ ପାଣି ଭିତରେ ଡୁବ ପାବୁଛୁ । ଆଜ କଏ କଡ଼ଥିଲ ଚେତେଗ୍ଟା ଦେଖିବାକୁ ବଣମଣିଷ ଭଳଆ— ଖଟୁର ଭଳଆ ନଖ ସବୁ ଯେମିତ ଇସ୍ପାତରେ ତଆର । ତା ବଷପୃରେ ସଠିକ ବବରଣୀ ଠିଏ ଯେମିତ ଗୁଡ଼ୁଥିଲ ଘଡ଼ଙ୍କ ଘଡ଼ ମନଇଚ୍ଛା ତଆର କରୁଥିଲ । ବୁଢ଼ାବୁଢ଼ା ମାନେ କଡ଼ଥିଲେ ସେ ଦ୍ୱାର ବଜରଙ୍ଗ ହନୁମାନ । କାଳକାଳକୁ ସେ ଅଜର ଅମର । ଯେଉଁଠି ଅନ୍ୟାପ୍ୟ, ଦୁର୍ନୀତ ଦେଖାଦେଉଛୁ ତାକୁ ସାବାଡ଼ କରବାକୁ ସେ ପାଇଁ ଦାଜର ଦୋଇ ଯାଉଛୁ । ସେ ଆଜନ୍ମ ବ୍ରହ୍ମଚର୍ଯ୍ୟ ପ୍ରଭୁ ରମଚନ୍ଦ୍ରଙ୍କ ଦୂତ ପଟ୍ଟ—କେତେଦନ ଜଙ୍ଗଲ ଭିତରେ ଅଣିରେ ପୂଚ୍ଛଳ ବାନ୍ଧ ସେ ସବୁ ସଡ଼ଥିବ । ଯେଉଁଠି ଏମିତିଆ ଘଟଣା ଘଟିବ, ସେ ସେଠ ଲଙ୍କା କାଣ୍ଡ ଆରମ୍ଭ କରଦେବ । ସେଇଥିପାଇଁ ତାକୁ କଏ ଧରପାରୁନାହିଁନ୍ତ କ ତାର କଛୁ କରପାରୁ ନ ଦାଁନ୍ତ । ଠିକଣା ଜାଗାରେ ଠିକ୍ ସମପୃରେ ପହଞ୍ଚ ସବୁ ଠିକଣା କର ଦେଉଛୁ । ଯେମିତ ତାର ଆବର୍ଭାବ ଦୋଲ ମେଡ଼କାଲ୍ କ୍ୟାମ୍ପ ଭିତରେ । କଥାତ ଅଛୁ, ଏ ମେଡକାଲକୁ ଯେଉଁ ରୋଗୀମାନେ ଆସନ୍ତ, ପ୍ରଖ୍ୟାତନାମା ଡାକ୍ତରଙ୍କ ସୂଚକହ୍ରା ବଳରେ ସେମାନେ ସବୁଦନ ପାଇଁ ଏ ରୋଗ, ଦୁଃଖ, ଶୋକରୁ ପରତ୍ରାଣ ପାଆନ୍ତ । ଏଠାରେ ରୋଗୀଙ୍କ ପାଇଁ କଣା ଦେଉଥିବା ଔଷଧ ବାବାରେ ଭିଷପ୍ ହୁଏ, କାରଣ ଡାକ୍ତରଙ୍କ ଦାତ ବାଜୁ ବାଜୁ ରୋଗୀ ଭଲ ଦୋଇଯାଏ । କଡ଼ତ ସମପୃରେ ଡାକ୍ତରଖାନା ଡାକ୍ତରଶୂନ୍ୟ । ତାଦାର କାରଣ ସମ୍ପର୍କରେ ଏକଥା କୁହାଯାଇ ପାରେ, ରଜା ବା ବଜପରବାରଙ୍କର ସ୍ୱାସ୍ଥ୍ୟ ପଖ୍ୟାରେ ସେମାନେ ବ୍ୟସ୍ତ । ଡଠାତ୍ ଏପର ଏକ ମୁଖ୍ୟ ଚକହ୍ରାଳପୃରେ ତାର ଯେମିତ ଆବର୍ଭାବ ଦୋଲ ମୁଖ୍ୟ ଚକହ୍ରକଙ୍କ ଯଡ ତାର ଭେଟଣା ଦୋଇଯିବ ରୁ ସେ ଚେତାଶୂନ୍ୟ ଦୋଇ ପଡ଼ଥିଲେ । ସେ ତାଙ୍କୁ ଚେତା କରାଇଲ ଓ ସେ ତାର ଦୁଇ ଦୁଇଁରୁ କ'ଣ ବୁଝିଲେ କେଜାଣି, ମୁଖ୍ୟ ଚକହ୍ରକ ତାର ଗୋଡ଼ ଦୁଇଟାକୁ ଜାବୁଡ ଧରଲେ । ତାପରେ ସେ ମୁଖ୍ୟ ଚକହ୍ରକଙ୍କୁ ଧର ଡାକ୍ତରଖାନାର ସବୁ ଓ୍ୱାର୍ଡ଼, ଡାକ୍ତରଙ୍କ ରୁମ୍ ସବୁ ଘର୍ଘିର୍ କର ବୁଲ ଦେଖିଲେ ଓ ରୋଗୀମାନେ ଲମ୍ବଦୋଇ ତାଙ୍କ ଗୋଡ଼ତଳେ ପଡିଯିବାରୁ ଦୁଁ ଦୁଁ କନ୍ଦଲେ । ସେତକରେ ସେମାନେ

Digitized by srujanika@gmail.com

ବୋଧ ହୋଇଗଲେ—ସେଇଠୁ ମେଡ଼କାଲ ବୁଲପାଣ ସେ ଯେତେବେଳେ ମୁଖ୍ୟ ଚକଲ୍‌ଟକୁ ଜମା ଜମା ଆଖିରେ ଅନେଇଲେ, ସେମିତି ତା'ଭିତରେ ସେ ଚଳଚିବେ । ସେ 'ସୁଉଁ ସୁଉଁ' କାଉ ଭୁଲ ହୋଇଛୁ କହି କ୍ଷମା ମଗିବସିଲେ । ତା'ପରଠାରୁ ମେଡ଼କାଲରେ ସବୁକାମ ଠିକ୍ ଠିକ ଗୁଲୁଛୁ—ରୋଗୀମାନେ ତାର ଜୟ ଜୟକାର କରୁଛନ୍ତି । ଡାକ୍ତରମାନେ ଏଠ ଖାଲ ମେଳା ମେଳା ହୋଇ ବୁଲୁଛନ୍ତି, ଔଷଧ ମିଳୁଛୁ—ରୋଗୀମାନେ ସୁସ୍ଥ ଦେହରେ ଫେର ଯାଉଛନ୍ତି । ସବୁଦିନେ ଏମିତି 'ଢେଇ' 'ଢେଇ' 'ଢେଇ' —ଆକାଶର ଖଣ୍ଡି ଆଭୁତ୍ତା ପୁଣି କେଉଁଠିକୁ ବାଡାଇଲଣି—ସେଠ ସବୁ ସାବାଡ଼ କରଦେବ—ଗନ୍ଧବମାନେ ବୁଝିଲେଣି ସେ ତାର ବାପ ମା । ତାଙ୍କର ପାଇଁ ତାର ଏହି ଅବତାର । ପୁଣି ଏକ ଅଘଟଣ ଘଟିଗଲ୍ । ସେତେବେଳକୁ ସାରା ବଜ୍ୟରେ ଗୁଜବ ଗୋଷେ ମିଳୁନ । ଶହ ଶହ ଲୋକ ଧାଡ଼ବାନ୍ଧି ଅଣ୍ଡିପୁନା ଭଣ୍ଡାର ଆଗରେ କେଇଦିନ ଢେଲ ପଡ଼ରହିଛନ୍ତି । ଗୁକର ଆସି କହିଯାଉଛୁ—'ମାଲକ ନାହିଁ' । କେଉଁ ଖଦ୍ୟରେ ବଷ ମିଶାଇ ଲୋକଗୁଡ଼ାକୁ ଅସମୟରେ ଯମ ପୁରକୁ ପଠାଇବା ତାର ଧର୍ମ । ଏମିତି ଏକ ଘଡ଼ସନ୍ଧ ବେଳରେ ସେ ସେଇଠି ହାଜର ହେଲ୍—ତାପରେ ଗୋଦାମର ସବୁ କବାଟ ଖୋଲଗଲ୍—କାଡ଼ା ପାଟିରୁ ଚଉଁଏ ବାଡ଼ୁନ । ଲଙ୍ଗଳା ପିଲାମାନେ ଶୁଣ୍ଡି ଆଳଧର ଗୁଜଲ ଗୋଟାଇବାରେ ଲଗିଛନ୍ତି । ସଭିଙ୍କ ଢ'ଉଗୋଡ଼ ଯେମିତି ବନ୍ଧା ହୋଇଛୁ—ଏମିତିଆ ଏକ କାଣ୍ଡ ଉଆଇ ସେ କୁଆଡ଼େ ଉଭାଇଗଲଣି—ତାପରେ ସବୁ ଠିକ ଠାକ୍ । ଇସ୍‌କୁଲରେ ପାଠ ପଢ଼ାଇଲ୍‌ବେଳେ ମାଷ୍ଟେ ଆଜ୍ଞ ହୋଲେଇବେନ । ବସ୍ ବାଲ ବସ୍ତୁ ଭଳିଆ ଲୋକଙ୍କୁ ଖୁଦ କର ନେଉନ । 'ଢେଇ', 'ଢେଇ', 'ଢେଇ' ବ୍ରହ୍ମ ଅଧରେ ପୁଣି ଖଣ୍ଡି ଆଭୁତ ଆକାଶରେ ଦେଖାଗଲ । ପୁଣି କ'ଣ ଘଟିବ କମ୍ବା ଘଟିବାକୁ ଯାଉଛୁ । ସହର ସୀମାନ୍ତର ଚଳ ସାନ୍ଧରେ ଯୁଆନ୍ ଚୋକାଙ୍କୁ ରଜାଘରୁ ଆସିଛୁ କହି ସେଉଁ ସାତଜଣ ଓଝାଣ ପକାଉଥିଲେ, ଆଜ୍ଞ ଟିକେ ହୋଇଥିଲେ, ଦାଢ଼ି ଭଲଆ ଦଳ ବଦାର ପକାଇଥାନ୍ତେ···ସେଇଠି ତାର ଆବର୍ଭାବ ହେଲ ଆଜ୍ଞ ତା'ପରେ ସବୁ ଦଫାରଫା ହୋଇଗଲ୍ । ସାତଟା ଭେଣ୍ଡାଚୋକା ମଲଭଳିଆ ପଡ଼ଥାନ୍ତି । ସେହି ଦିନଠାରୁ ବ୍ରହ୍ମ ଅଧରେ ସେହି ବଜ୍ୟର ଯୁଆନ୍ ଝିଅମାନେ ଏକା ଏକା ଚଳପ୍ରଚଳ ହେଲେ କେହି ତାଙ୍କୁ

Digitized by srujanika@gmail.com

ଆଡ଼ଆଖିରେ ଅନାଉ ନ ଥିଲେ । ସେଇଠ୍ ଗଜ୍ୟରେ ଚୁଡ଼ାକୁ ଚୁଡ଼ା ମନ୍ତ୍ରଣା ଘଲଛୁ—ରଜାଖାଲ ଫଁ ଫଁ ଦେଉଛନ୍ତ । କେତେବେଳେ ଡ ଉରୁ ଖଣ୍ଡା ଖସିପଡ଼ୁଛୁ ତ ମୁଣ୍ଡରୁ ମୁକୁଝ ଟୁଆଡ଼ ଦୋଇ ମଡ଼ୁଛୁ । ତାକୁ ନ ଧର ଆଣିଲେ, ମୁଁ ସମସ୍ତଙ୍କୁ ଶୂଳଖଣ୍ଡରେ ବସାଇବ । ମୁଁ ରଜା ଦେବ ଆଉ ଜଣେ ମୋ ଗଜ୍ୟରେ ଶାସନ କରବ । ପୂଲସ ସାଙ୍ଗେବ କହ୍ଲେ—'ସେ ଉଡ଼ଗଲ ବେଳେ କଛୁ ଅସ୍ତ୍ର ତାପାଇଁ ଜାଝକରନ ।' ଦଜା ଚଢ଼ପାଇ କହ୍ଲେ, 'ତୁମେ ସବୁ କ'ଣ ପାଇଁ ଅଛ ?' ତା ମୁଣ୍ଡକାଝ ପାଇଁ ଝଙ୍କାର ପିଆଦ ଧନକୁ ଧନ ବଢ଼ୁଛୁ - ଏବେ ଲଖେ ଝଙ୍କା ଦେଲଣି—କେହ୍ନ ତାକୁ ଧରପାରୁ ନାଢ଼ାନ୍ତୁ—ମେ ଡେଙ୍ଗ୍ରା ପିଝି ଆସୁଥିଲ—ପଡ଼ଞ୍ଚ ଯାଉଥିଲ, ସବୁ ଠିକ୍ ଠାକ୍ କରି ଜଭେଇ ଯାଉଥିଲ । ସେତ୍ତକବେଳେ ସେହ୍ନ ଗଜ୍ୟ ବାଡ଼ାରେ ନକାଞ୍ଚଆ ଜଙ୍ଗଲ ଭିତରେ ରହୁଥିବା ସ୍ତ୍ରୀ ପୁରୁଷ ଦୁଇଜଣ କଥାବାର୍ତ୍ତା ହେଉଥିଲେ—ପୁରୁଷଟି ଡମ୍ବରୁଟିଏ ଧର ସଜାଡ଼ୁଥିଲ ।

ସ୍ତ୍ରୀ —ମୁଁ ଆଜି ସମ୍ବଳ ପ ଣବନଏଡ଼େ ବଡ଼ବଡ଼ ଟିଅ ଦୁଇଝ। ବାଡ଼ାଘର ଦୋଇ ପାରୁନ—ପୁଅଝାର ପାଠ ଦେଲଣ, ଦଣ୍ଡ ବାଜୁଛ। ଭଲଆ ବୁଲୁଛୁ—ଖାଇବାକୁ ଦାନା ଥୋଖେ ନାହିଁ—ସାତସିଆଁ ଲୁଗାରେ ଦେହ ଘୋଡ଼େଇ ହେଉନ ।

ପୁରୁଷ —ତମେ ତାହେଲେ କ'ଣ କରୁଛ ?

ସ୍ତ୍ରୀ —ତମକୁ କଏ କରୁଥିଲ ମୋ ସାଙ୍ଗରେ ଛନ୍ଦ ହେବାକୁ । ତମର ରଜା ଟିଅ ସାଙ୍ଗରେ ପିରତ ଥିଲ—ସେ ଛୁଆ ଜନ୍ମକଲ—ଏଠି ନବରଙ୍ଗ କରବାକୁ ପୂଲାଏ ଛୁଆ ଜନ୍ମ କର ମୁଁ ଯାହା ଜନ୍ମସନ୍ନ ହେଉଛୁ । ( ସ୍ତ୍ରୀ ଲେକଟି ସୁଉଁ ସୁଉଁ କାନ୍ଦବା )

ପୁରୁଷ —ତୁମେ ତାହେଲେ ମୋତେ କ'ଣ କରୁଛ ?

ସ୍ତ୍ରୀ —ତୁମ ଘର ଦାର ତୁମେ ସମ୍ଭାଳ—ମୁଁ ପଳାଇଯିବ । ତୁମକୁ ସିଏ ଡମ୍ବରୁ ଦେଇଛୁ । ତୁମେ ଏହ୍ନ ଡମ୍ବରୁ ବଜାଇ ଘୁଲୁ ନାଚ ଦେଖାଉଥିଲ—ସେଇଥିକୁ ବଜାଇଲେ ସେ ଦାଜର ହେବ ।

Digitized by srujanika@gmail.com

ପୁରୁଷ —ନା···ନା, ସେ କଥା ତୁଣ୍ଡରେ ଧରନା ।

ସ୍ତ୍ରୀ —(କାନ୍ଦି) ମୁଁ ତୁମର କଏକ ? ଯାଉଛୁ ସବୁକଥା ଖୋଲି କହିବ— ସେଇଟା ନଜର ଦେଲ—ଆମେ କେହି ନୋହୁଁ ।

ପୁରୁଷ —ଦଉ, ଡମ୍ବରୁ ବଜାଇବ ।

ସ୍ତ୍ରୀ —ମୋ ହାତ ଛୁଇଁଲ··· । ତା'ପରେ ପୁରୁଷ ଲୋକଟି ସ୍ତ୍ରୀ ଲୋକଟିର ଦେହ ଛୁଇଁଲ ଓ କଳାହାଣ୍ଡିଆ ମେଘ ଭଳିଆ ଅନ୍ଧାର ଭିତରୁ ତା ବନ୍ଦ ମୁଣ୍ଡଟି ଯେ ଝଲସି ଉଠୁଛୁ । ଏ କଥା ନ ଦେଖି ପାରିଲେ ବି ସେ ଜାଣି ପାରୁଥିଲା ।

ତା ପରଦିନ ସକାଳେ ରାଜପ୍ରାସାଦ ପାଖରେ ଜଣେ ଲୋକ ତା ସ୍ତ୍ରୀକୁ ଧରି ହାଜର ହେଲ ଓ କହିଲ 'ଭିତରକୁ ଖବର ଦିଅ—ମୁଁ ତାକୁ ଧରି ଆଣିଛୁ' । ତତ୍‌କ୍ଷଣାତ୍ ଭିତରକୁ ଖବର ଦିଆଗଲା—ରାଜା ଙ୍କ ବଶ୍ୱସ୍ତ ପରାମର୍ଶଦାତା ଯିଏ କି ଏହା ଦାୟିତ୍ୱରେ ଅଛନ୍ତି ସେ ସାଙ୍ଗେ ସାଙ୍ଗେ ବାହାରକୁ ଧାଇଁ ଆସିଲେ ଓ ପଚାରିଲେ, 'ସେ କାହିଁ ?' । ଲୋକଟି କହିଲା —'ଘୁମ୍ପୁଁ ଦରବାରରେ ସଭିଙ୍କ ସଡ ବଜେ କରିବେ, ମୁଁ ତାକୁ ଆଣି ହାବୁଡ଼େଇ ଦେବି' । ପରାମର୍ଶଦାତା ପଚାରିଲେ, 'ତୁ ଜାଣିଛୁ, ତୁ ଯଦି ତାକୁ ହାଜର ନ କରାଇ ପାରୁ, ତୋର ମୁଣ୍ଡକାଟି ହେବି' । ଲୋକଟି ହିକେ ତା ଡମ୍ବରୁକୁ ଅନେଇଲ ଓ କହିଲା, 'ସବୁ ବୁଝିଛୁ ଆଜ୍ଞା' । ତା'ପରେ ପରାମର୍ଶଦାତା କହିଲେ, 'ହଜୁ ତୁମେ ଆସନ୍ତାକାଲି ଠିକ୍ ଦଶଟାବେଳେ ରାଜସଭାରେ ହାଜର ହୁଅ' । ତାପରେ ରାଜାଙ୍କ ପରାମର୍ଶଦାତା ରାଜାଙ୍କୁ କ'ଣ କହିଲେ କେଜାଣି ସବୁ ବ୍ୟବସ୍ଥା ହେଲ ଓ ରାଜ୍ୟରେ ସେହି ଅନୁସାରେ ଡେଙ୍ଗୁରା ହୋଇଗଲା । ହେଲେ ଲୋକଟି ଘରକୁ ଫେରିଲା, ମଦ ରାତିପାକ ତାକୁ ନିଦ ହେଲନି । ଖାଲି ବିଛଣାରେ ଛଟପଟ ହେଲା । ତା ସ୍ତ୍ରୀ ପଚାରିଲା, 'ତମର କ'ଣ ହେଉଛୁ, ଏମିତି କାହିଁକି ହେଉଛ ?'—ସେ କହିଲା, 'କିଛୁ ନାହିଁ—ନିଦ ହେଉନି' । ତା ସ୍ତ୍ରୀ କହିଲା ଶୋଇପଡ଼ ଘୋରୁ ଘୋରୁ ରାଜଦରବାରକୁ ଯିବପରି । କଥା ହେଇଛ ଯେତେବେଳେ, ଠିକ୍ ବେଳରେ

Digitized by srujanika@gmail.com

# ସଖୀ କଣ୍ଢେଇ

● ରଣଧୀର ଦାସ

ସୁଶାନ୍ତ ସେତେବେଳେ ଟାଉନ୍-ଥାନାରେ କଟ୍ଟଦନ ପୂର୍ବରୁ ଅଫିସର୍ ଇନ୍‌ଚାର୍ଜ ଭାବରେ ଯୋଗ ଦେଇଥାଏ। ବଡ଼ ବଡ଼ ସହରରେ ଦାୟିତ୍ୱ ବୋଧ ବେଶୀ। ଟେଲିଫୋନ୍‌ର କେତେବେଳେ ବିଶ୍ରାମ ନାହିଁ। ଘଡ଼ିକୁ ଘୋଡ଼ା ଛୁଟେ। ଦଙ୍ଗା, ହଙ୍ଗାମା, ମାର୍‌ପିଟ୍, ରେପ୍ସ, ଦୁର୍ଘଟଣା ଇତ୍ୟାଦ କାବଡାସ୍ତ କେସ୍ ଡାଏରୀରେ ଲେଖି ଲେଖି ସମସ୍ତ ସାର। ତା'ଛଡ଼ା ଉଚ୍ଚ ପଦସ୍ଥ ଅଫିସର ମାନଙ୍କର ଆଦେଶ, ଫର୍ମାଶୀ ମଧ୍ୟ ତୁଲାଇବାକୁ ପଡ଼େ। ଥାନା ଭିତରେ ଏବଂ ନିଜ ସୀମା ଇଲକାରେ ଥାନା ଅଫିସର୍ ରାଜା। କିନ୍ତୁ ବଡ଼ ସହର, କମ୍ବା ଘନଧାନାରେ ଯେ ପଟ କନଷ୍ଟବଳ ଅଫିସର। ନୂଆ ନୂଆ ଟାଉନ୍ ଥାନାରେ ଯୋଗଦେବା ପରେ ସହରର ମାନ୍ୟଗଣ ବ୍ୟକ୍ତିଙ୍କଠାରୁ ଆରମ୍ଭକର ନେତା, କୁକ ନେତା, ଗ୍ରୁପ ନେତା, ଗୁଣ୍ଡା ଧପ୍‌ପାବାଜ୍, ସମସ୍ତଙ୍କ ସାଙ୍ଗରେ ଅଳ୍ପ ବହୁତ ପରିଚୟ ହୋଇଗଲଣି।

ସେଦନ ମଧ୍ୟାହ୍ନ ଭୋଜନ ପରେ କୌଣସି ସମ୍ବାଦପତ୍ର ଉପରେ ଦୃଷ୍ଟି ପକାଉଥିଲେ ସୁଶାନ୍ତ। ଆକସ୍ମିକ ଥାନା ଜକରେ ଗୋଟିଏ ଫିଆଟ୍‌କାର୍ ଆସି ଅଟକିଲା। ଖବରକାଗଜ ବନ୍ଦକର କୌଣସି ଉଚ୍ଚପଦସ୍ଥ ଅଫିସର :ଆସୁଥିବେ ଭାବି ଅପେକ୍ଷାକଲେ ସୁଶାନ୍ତ। ପରକ୍ଷଣରେ ଯାହାଙ୍କୁ ଦେଖିଲେ, ସେ ଥିଲେ ଡାକ୍ତର ପ୍ରାଣବାବୁ ଡାକ୍ତର ଅଜିତ୍ ଦାଶ ମହାପାତ୍ର। ନୂତନ ଘରେ ପୋଲିସ୍ ଷ୍ଟେସନ୍‌ରେ ଯୋଗଦେବାବେଳେ ସୁଶାନ୍ତ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଡାକ୍ତର ଦାସ ମହାପାତ୍ରଙ୍କର ଅପରେସନର ସଫଳତା ଯୋଗୁ ସେ ନୂଆଁ ଜୀବନ ଫେର ପାଇଥିଲେ। କିନ୍ତୁ ପନ୍ଦର ବର୍ଷ ପରେ ସେ'ବା କାହିଁକି ତାଙ୍କୁ ମନେ ରଖିବେ ? ପ୍ରତିବର୍ଷ ହଜାର ହଜାର ରୋଗୀଙ୍କର ସେ ଚକସ୍ତ୍ରା କରୁଛନ୍ତି।

Digitized by srujanika@gmail.com

ସୁଣାନ୍ତ ତାଙ୍କୁ ସମ୍ମାନେ ବସିବାକୁ ଅନୁରୋଧ କଲେ । ଅର୍ଲିକୁ ଘଣ୍ଟି ଦେବାକୁ କହିବାରେ ଡାଃ ଦାସ ମହାପାତ୍ର କହିଲେ ନା···ନା···ସେ ସବୁର କିଛି ଆବଶ୍ୟକତା ନାହିଁ । ମୁ ଗୋଟିଏ ଏଫ୍. ଆଇ. ଆର୍ ଦେବାକୁ ଆସିଛି । ଗୋଟିଏ ଟ୍ରକ୍ ମୋଟର୍‌କୁ ଜାତୀୟ ରାଜପଥରେ ଧକ୍କାଦେଇ ଗଣ୍ଡଯାଇଛୁ । ଟ୍ରାଫିକ କହିଲ ଏଫ୍. ଆଇ. ଆର ଆପଣଙ୍କୁ ଥାନାରେ ଦିଏ ଦେବାକୁ ହେବ ।

ସୁଣାନ୍ତ କହିଲେ—ସାର୍ ଆପଣ ଏଫ୍. ଆଇ. ଆର୍ ଦେବେ କିନ୍ତୁ ସେ ଟ୍ରକ୍ ଡ୍ରାଇଭର ଧରାପଡ଼ିବ ନାହିଁ କମ୍ସ୍ ଧରା ପଡ଼ିଲେ ମଧ୍ୟ ରାଜନୈତିକ ପ୍ରଭାବରେ ଛଟିଯିବ । ଡାକ୍ତର ଦାସ ମହାପାତ୍ର ଅସନ୍ତୁଷ୍ଟ କଣ୍ଠରେ କହିଲେ—ଆପଣ ପୋଲିସ୍ ଅଫିସର ହୋଇ ଯଦି ଏମିତି କହିବେ ତେବେ ଏ ଦେଶର ଆଇନ୍ ଶୃଙ୍ଖଳା ରହିବତ ?

—ସାର୍ ଆପଣଙ୍କୁ ମୁଁ ଜଷ୍ଟ୍ ସତକଥା କହୁଛି । କାରଣ ଆପଣ ଦିନେ ଅପରେସନ କରି ୧୫ ବର୍ଷ ତଳେ ମୋ' ଜୀବନ ରକ୍ଷା କରିଥିଲେ । ମୁଁ ଏତେ ଅକୃତଜ୍ଞ ନୁହେଁ । ସାର୍ ଆମେ ତ ଅଫିସର ମେଲାର ଶେଷ ପିଢ଼ିରେ । ଆମକୁ ପଚ୍ଛରେ କିଏ ?

ଆଜ୍ଞା, ଏଇ ଥାନାରେ ଯୋଗଦେବାର କିଛି ଦିନ ପରେ ସ୍ଥାନୀୟ ସିନେମା ହଲ୍‌ରେ ଗୋଟିଏ ନୂଆ ହିନ୍ଦୀ ଫିଲ୍ମ ରିଲିଜ୍ ହୋଇଥାଏ । ଅସମ୍ଭବ ଭିଡ଼ । ଟିକେଟରେ ଖୁବ୍ କଳାବଜାର ଚାଲିଥାଏ । ଖବର ପାଇ ମୁଁ କେତେକ ଅଫିସର ଓ କନେଷ୍ଟବଲ୍‌ଙ୍କୁ ନେଇ ଚାରିଜଣ ଟିକେଟ୍ କଳାବଜାରୀଙ୍କୁ ଆରେଷ୍ଟ୍ କଲି । ଆରେଷ୍ଟ କରିବାର ଦୁଇଘଣ୍ଟା ପରେ ଜଣେ ଅସାମାଜିକ ଯୁବକ ଆସି ଧମକାଇଲ୍—'କଣ ଥାନା ବାବୁ ତମେ ବୋଧହୁଏ ନୂଆ ଆସିଛ ଏ ଇଲାକାକୁ । ଏ ଇଲାକା ମୋର । ସେଥିରେ ହସ୍ତକ୍ଷେପ କଲେ ଫଳ ଖରାପ ହେବ ।

ମୁଁ ବିସ୍ମିତ ହେଲି । ଗମ୍ଭୀର ସ୍ୱରରେ କହିଲି—ବାଜେ କଥା ଶୁଣିବାକୁ ମୋର ବେଳନାହିଁ । ସିଧା ସଳଖ କଥା କୁହ । ଯେଉଁ ଚାରିଜଣଙ୍କୁ ଗିରଫ କରିଛନ୍ତି ସେମାନେ ମୋ' ଲୋକ । ତାଙ୍କୁ ଛାଡ଼ିଦେବାକୁ ହେବ ।

ମୁଁ ଦର୍ପିତ କଣ୍ଠରେ କହିଲି—ଜାମିନ୍ ନେବାକୁ ହେଲେ ଓକିଲ ଠିକ୍ କର । କୋର୍ଟରେ ତମେ ଛାଡ଼ସ କରିନେଇ ପାରିବ ତା' ପୁଣି ନୁହେଁ ।

Digitized by srujanika@gmail.com

ଅବଜ୍ଞାର ହସ ହସି ସେ ଲୋକଟି କହିଲା, ଉପରୁ ଫୋନ୍ ଆସିଲେ ତମ ବାପା ସିଏ ସିଏ ଗୁଡ଼ିବ । ମୁଁ ସେଦ୍ଦପର ଦର୍ପିତ କଣ୍ଠରେ କହିଲି 'ଏଠାରେ ବେଶୀ ବକ୍ ବକ୍ କଲେ ତମକୁ ମଧ୍ୟ ହାଜତରେ ରଖିଦେବ । କଲାବଜାଙ୍କ ନେତା ଅବଶ୍ୟ ଫେରଗଲା ।

ସହଯୋଗୀ ଅଫିସରମାନେ କହିଲେ—'ସାର୍ ଏ ଲୋକଟି ସହଜ ଲୋକ ନୁହେଁ । ତା'ର ଖୁବ୍ ପ୍ରଭାବ ଅଛି । ସଉକିସତ ଦୁଇଜଣଙ୍କୁ। ପରେ ଉପରୁ ଫୋନ୍ ଆସିଲା । ସେମାନଙ୍କୁ ଛାଡ଼ିଦିଅ ।

—ସାର୍ ଆମେ କେବଳ ଗୁଡାରେ ବନ୍ଧା ହୋଇଥିବା କଣ୍ଢେଇ । ଆମର କୌଣସି ନଜସ୍ୱ ଇଚ୍ଛା ନାହିଁ । ବ୍ୟକ୍ତିତ୍ୱ ନାହିଁ, କ୍ଷମତା ନାହିଁ । ନଗୁଇଲ୍ଲବାଲ୍ ସେମିତି ନଗୁଇବ ଆମେ ସେମିତି ନାଚିବୁ ।

ଡଃ ଦାସ ମହାପାତ୍ର ମୋର ଅସହାୟତା ଦେଖି ହସିଲେ । କହିଲେ ବାବୁ ତମର ଦୋଷ କ'ଣ ? ଆଜିର ଗଣତନ୍ତ୍ରର ଅବସ୍ଥା ଏଦ୍ଦପର । ସ୍ୱାଧୀନତାର ୩୬ ବର୍ଷ ପରେ ମଧ୍ୟ ଆମେ ପରାଧୀନତାର ଶୃଙ୍ଖଳରୁ ମୁକ୍ତ ପାଇନୁ । ଏ ସମାଜରେ ସିଏ ବେଶୀ ଅସାମାଜିକ, ଦୁର୍ଭାଗ୍ୟ ତା'ର ନାଗରିକ ଦାବୀ ସେତେ ଅଧିକ !

ଡଃ ଦାସ ମହାପାତ୍ର ଥାନାରେ ଏଫ୍. ଆଇ. ଆର୍ ଦେଇ ଗଲି ଅସିଲେ । ପରେ ପରେ ଏସ୍. ଭି. ଆଇ ଶଙ୍କରନାଲ୍ ଟ୍ରାନ୍ସପୋର୍ଟ ଅଫିସର ସମସ୍ତଙ୍କୁ ନଜର ଅଇଯୋଗ ଦେଲେ ମାତ୍ର ସମସ୍ତଙ୍କ ନକଟରୁ ଶୁଣିଲେ ସେହି ଅସାହାୟତାର କାହାଣୀ । ପଦ ପଦବୀ ଅଛୁ, କ୍ଷମତା ଅଛୁ ଜନ୍ତୁ ସମସ୍ତେ ଗୋଟିଏ ଗୋଟିଏ ସଙ୍ଗୀ କଣ୍ଢେଇ । ଗୁଡା ଝିଅରେ ଝୁଲୁଛନ୍ତି । ଅନ୍ନଦାତା ଯେମିତି ନଗୁଇଛୁ ସେମିତି ସେମାନେ ନାଚୁଛନ୍ତି ।

ଡଃ ଦାସ ମହାପାତ୍ର ନଜର ରୋଗୀ ଓ ରୋଗର କର୍ମମସ୍ତ ଜୀବନ ମଧ୍ୟରୁ ଅବ୍ୟାହତ ନେଇ କେଣ୍ଟିର କ'ଣ ହେଲ ବୁଝିବା ପାଇଁ ମଝିରେ ମଝିରେ ଫୋନ୍ କରନ୍ତି । ଜଣାଶୁଣା ଉଚ୍ଚପଦସ୍ଥ ଅଫିସରଙ୍କୁ ଫୋନ୍ କରିଛନ୍ତି । ସମସ୍ତେ ସହାନୁଭୂତି ପ୍ରକାଶ କରିଛନ୍ତି । ଆଶା ଦେଇଛନ୍ତି ମାତ୍ର ପ୍ରତିଶୃତି ପାଇନାହାଁନ୍ତି ।

ଡଃ ଦାସ ମହାପାତ୍ର ଖରା ସିଦ୍ଧେ'ର ଲୋକ । ଯେଉଁ କଥାରେ ଲାଗିଥିବେ ତା'କୁ ନସାରିଲା ଯାଏଁ ମନରେ ଶାନ୍ତି ନାହିଁ । କାର୍ ତା'ପରେ

Digitized by srujanika@gmail.com

ରଙ୍ଗ କରି ଠିକ୍‌ଠାକ୍ କରଦେଇଛନ୍ତି । କନ୍ତୁ ମନରୁ କ୍ଷତ ଲାଉ ନାହିଁ । ସେ ମଧ୍ୟ ଜଣେ ଉଚ୍ଚ ଦାସ୍ୱିତ୍ୱ ସମ୍ପନ୍ନ ସରକାରୀ ଅଫିସର ଥିଲେ । ସେତେବେଳେ ତାଙ୍କ କଥାକୁ ଶହ ଶହ ଲୋକ ଗୁଡ଼କଉଛନ୍ତି ଗୁହିଁ ବସିଥିଲେ । ଅନୁରୋଧ ରକ୍ଷା କରିବା ପାଇଁ ପ୍ରତିଦ୍ୱନ୍ଦ୍ୱୀତା ଗୁଣିଥିଲା । ଅଥଚ···ସେ ବର୍ତ୍ତମାନ ଅବସରପ୍ରାପ୍ତ ।

ଡାଃ ଦାସ ମହାପାତ୍ର ଦିନେ ସନ୍ଧ୍ୟାବେଳେ ଆଳସ୍ପିକ ଥାନାରେ ପହଞ୍ଚିଲେ । ଥାନା ଅଫିସର୍ ସୁଶାନ୍ତ ଗ୍ରେଟ୍‌ୱାସ୍ଟ ଥାନାରେ ଥିଲେ ଡାଃ ଦାସ ମହାପାତ୍ରଙ୍କୁ ଦେଖି ସେ ବଡ଼ସ୍ୱ ସହକାରେ କହିଲେ—ସାର୍, ଆପଣ ଜାହାଜିକ ଆସିଲେ ? ଫୋନ୍ କରଦେଇଥିଲେ ହୋଇଥାନ୍ତା ।

—ନା···ନା; ମୁଁ ଏଇବାଟେ ଯାଉଥିଲି । ଭାବିଲି ସେ ଟ୍ରକ୍ ସମ୍ବନ୍ଧରେ କୌଣସି ସନ୍ଧାନ ମିଳିଲା କ—ନଜେ ବୁଝିନେବି ।

—'ସାର୍ ସନ୍ଧାନ ମିଳିଲା । ଆପଣ ଦେଇଥିବା ନମ୍ବରରେ କୌଣସି ଟ୍ରକ୍ ନାହିଁ ।'

—ଅସମ୍ଭବ । ଡାଃ ଦାସ ମହାପାତ୍ର ଆଉଥରେ ନିଜ ଜାବଞ୍ଚା ଦେଖିଲେ । ଥାନା ଅଫିସର୍‌ଙ୍କୁ ଟ୍ରକ୍ ନମ୍ବର ଦେଲେ ।

—ସାର୍ ସେଇ ନମ୍ବର । କୌଣସି ଭୁଲ୍ ନାହିଁ ତ ।'

—'ତେବେ ?'

—କାଙ୍ଗସ୍ତ ରାଜପଥର ଗତକରୁଥିବା ଶହ ଶହ ଟ୍ରକ୍, ଟ୍ରକର୍, କାହ୍ନା ଲାଇସେନ୍‌ସରେ ଗୁଲେ ? ଦୁର୍ଘଟଣାରୁ ମୁକ୍ତି ପାଇବା ପାଇଁ ସେମାନେ ଜାଲ୍ ନମ୍ବର ମଧ୍ୟ ବ୍ୟବହାର କରନ୍ତି ।

ଡାଃ ଦାସ ମହାପାତ୍ର ବସ୍ତ୍ରଣ୍ଡି ବଦନରେ ଥାନା ପରିତ୍ୟାଗ କଲେ ! !

Digitized by srujanika@gmail.com

## ॥ କୁ ॥

● ଡାକ୍ତର ଦେବେନ୍ଦ୍ରନାଥ ମାନସିଂହ

**"I wish I were a rapid.**
**stream···**
**If my love**
**A tiny fish would be**
**She is frolic**
**In my foaming waves."**

॥ **SANTIOR PETOF** ॥

ମାନବ ନାସ୍ତ୍ରମୂର୍ତ୍ତି । ଆଣ୍ଠୁ ଥୁ ଥୁ କୁହ ବହୁଯାଇ ଦେହର ଆଭରଣକୁ ଭେଜେଇ ଦେଇଛୁ । ବାମ ହାତରେ ବହୁତ ପଥର ଖଣ୍ଡ । "ଜେଡ୍ (Jade) ମେଟାଲ୍‌ରେ ଶିଳ୍ପୀର ଅନବଦ୍ୟ ଚଳଣ । ନାସ୍ତ୍ର ସମାଜର ଜ ବଡ଼ମ୍ବନା ? ନାସ୍ତ୍ର ମୂର୍ତ୍ତି ପୃଥିବୀର ନାସ୍ତ୍ର ଚରଣର ରୂପକଳ୍ପ । ଯୁରୁପ ପ୍ରାଧାନ୍ୟ ସମାଜରେ ନାସ୍ତ୍ର, ସମାଜର ସମସ୍ତ ବୋଝକୁ ବହନ କରି ଗଲଛୁ ଯୁଗ ଯୁଗ ଧରି । କେତେ ରାଜା ମହାରାଜାଙ୍କ ଠାରୁ ଆରମ୍ଭ ଜର ଆଜିର ଗଣତାନ୍ତ୍ରିକ, ସମାଜବାଦ ରାଷ୍ଟ୍ରର ମନ୍ତ୍ରୀ ଅବା ସଂଦ୍ରସ୍ତ ଏକ ନାସ୍ତ୍ରକର୍ତ୍ତାର ପ୍ରବକ୍ତା, କେହିବି ନାସ୍ତ୍ରର ବୋଝକୁ ତା'ର ହାତରୁ ନଜର ଜାବକୁ ଟେକ ନେବାର ସାହସ ପ୍ରଦର୍ଶନ କରିନାହିଁ । କେବଳ ସହାନୁଭୂତି, ମିଥ୍ୟା ଆଦର୍ଶବାଦ ।

ନାସ୍ତ୍ରର ଏଇ ଯନ୍ତ୍ରଣାରୁ କ'ଣ ମୁକ୍ତି ନାହିଁ ? ଏଇ କ'ଣ ତାର ଚରିତ୍ର ?

ମୁଁ ଦେଖିଛୁ ମହାଭାରତରେ ରୂପସୀ ଚିତ୍ରାଙ୍ଗଦାର ବଳିଷ୍ଠ ସଫାର । ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ କମନୀୟ ରୂପ ଓ ଗୁଣରେ ମୁଗ୍ଧ ହୋଇ କୁମାରୀ ଚିତ୍ରାଙ୍ଗଦା ପ୍ରେମ ନିବେଦନ କରିଥିଲା । ଆତ୍ମା ଓ ଶରୀରର ସମର୍ପଣ । ପ୍ରତିଦାନ, ଅଶାନ୍ତିର ସାଜବପନ ।

କେଉଁଠି ଅର୍ଜୁନ ? ଝୁଣ ଝୁଣ ଚିତ୍ରାଙ୍ଗଦାର ନାବନର ଶିଞ୍ଜା ନିସ୍ତବ୍ଧ ହୋଇଲା । ନାସ୍ତ୍ର ଚରିତ୍ରର ଏଇତ ବଡ଼ମ୍ବନା !

Digitized by srujanika@gmail.com

ମହାଭାରତର ପାଞ୍ଚପାଣ୍ଡବଙ୍କ ବନବାସ । ଦ୍ରୌପଦୀର ବସ୍ତ୍ରହରଣ ବେଳେ ଦୁଃଶାସନର ଅଟ୍ଟହାସ୍ୟ । ଭୀମର ଶପଥ । ପାଞ୍ଚାଳୀର ମୁକୁଳା କେଶରେ ରକ୍ତର ଚହାଗ । କୌରବର ପରାଜୟ ।

ନାସ୍ତ ଚରଣକୁ ନେଇ କେତେ ପୋଥି କେତେ ଯେ ପୁରାଣ ମଜଲିସ୍‌ମାନେ ଲେଖି ସାରିଛନ୍ତି ।

ମୁଁ ଆଜ ମହାଚୀନରେ ନାସ୍ତ ଚରଣର ଚିହ୍ନରୁ କେତେ ଜଙ୍ଗଲ, ନଦ ନଦୀ, ମହାସମୁଦ୍ର ପାରହୋଇ ପୁରିବୁଲୁଛି ଅନ୍ୟ ଏକ ଦେଶ । ପୃଥିବୀର ବୃହତ୍ତମ ଜନବହୁଳ କମ୍ୟୁନିଷ୍ଟ ରାଷ୍ଟ୍ର ଚୀନର ରାଜଧାନୀ ବେଜିଙ୍ଗ୍‌ରୁ ଜନାନ୍ । ଜନାନ୍‌ରୁ ମହାନ୍ ଦାର୍ଶନିକ କନ୍‌ଫୁସିୟସ୍‌ଙ୍କର ଜୀଲାଭୂମି କ୍ୟୁଫୁ । : ଅପରକୁ ଭଲପାଅ । ଅନ୍ୟର ଭୁଲ ପାଇଁ କ୍ଷମାଦିଅ ।

କନ୍‌ଫୁସିୟସ୍‌ଙ୍କର ଦର୍ଶନ ପୌରାଜଗତର ଗ୍ରହ ଉପଗ୍ରହ ପରି ପୁରିବୁଲୁଛି । ତା'ର ବିରତି ନାହିଁ ।

କନ୍‌ଫୁସିୟସ୍ ଫରେଷ୍ଟ । ପୃଥିବୀର ବିଭିନ୍ନ ପ୍ରାନ୍ତରୁ କୋଡ଼ିଏ ହଜାର ବୃକ୍ଷ ରୁଗ୍ ଆସି ରୋପଣ କରିସାଇଛି । ହଜାର ହଜାର ବର୍ଷର ବୃକ୍ଷ ବଶ୍ୱପ୍ରେମ ଓ ମୈତ୍ରୀର ପ୍ରତୀକ ।

ହଜାର ହଜାର ବର୍ଷର ଦର୍ଶନ । କନ୍‌ଫୁସିୟସ୍, ବୁଦ୍ଧର ବାଣୀ ଇତିହାସ ପୃଷ୍ଠରେ ରହିଯାଇଛି । ଧର୍ମ ପ୍ରଚାର ନିଷେଧ । ବହୁ ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ଅନ୍ତଃପୁର । ସ୍ୱର୍ଗର ମନ୍ଦର । ହଜାର ହଜାର ପାହାଚ ଚଢି ସ୍ୱର୍ଗକୁ ସିଢାର ପଥ । କେବଳ ସ୍ମାରକୀ ହୋଇ ରହିଛି । "ଗ୍ରେଟ୍ ଓ୍ୱାଲ୍ ଅଫ୍ ଚାଇନା" । ସାଧାରଣ ମାନଙ୍କର ଆକ୍ରମଣରୁ ଚାଇନାର ସମଦର୍ଶୀ ଇଲକାର ଛଅ ହଜାର ମାଇଲ ଲମ୍ବର ପାଚେରୀ । ଶହ ଶହ ପାହାଡ଼କୁ ଛନ୍ଦାଛନ୍ଦ ହୋଇ ସାପଭଳି ଲମ୍ବି ସାଇଛି । ଆଜି ଚୀନର ଯୁବସମାଜର ଗୌରବ । ଏହି ପ୍ରାଚୀର ଉପରେ ଚଢ଼ିବା । ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ଜଣଙ୍କ ପାଖରେ ପୁଞ୍ଜିର ଠୁଳକୁ ବଲ୍ଲେପ କରି ସମସ୍ତଙ୍କୁ ସମାନ ସ୍ତରରେ ରଖିବା ।

ଏ ବିଶାଳ ଦେଶ । ଏତେ ସବୁଜ ଫସଲ । ଜଳ କାରଖାନା । ନଯୁତ୍ତର ଅସ୍ତିତ୍ୱ ନାହିଁ । ସମାଜରେ ନାସ୍ତ ଓ ପୁରୁଷର ସମାନ ଅଧିକାର । ସାମାଜିକ ବ୍ୟବସ୍ଥାରେ ଉଭୟ ପରସ୍ପରର ପରିପୂରକ । ନାସ୍ତ ଆଜ ପୁରୁଷର ଦାସୀ ନୁହେଁ । ତେବେ କାହିଁକି ଏଇ ମନରେ ବିଦ୍ରୋହ ?

Digitized by srujanika@gmail.com

ମିସେସ୍ ଲ୍ କଲେଜରେ ଅଧ୍ୟାପିକା । ସ୍ୱାମୀ ବ୍ରିଗେଡ୍‌ର ଡାକ୍ତରଖାନାରେ ଡାକ୍ତର । ଦୁହେଁ ବ୍ରିଗେଡ୍‌ର ପରବାର ମାନଙ୍କ ଭିତରେ ବାସ କରନ୍ତି । ଦୁଇଟି ସନ୍ତାନ । ଝିଅ ବଡ଼, ପୁଅ ସାନ । ଦୁହିଁଙ୍କର ରୋଜଗାର । ଘରେ ଫ୍ରିଜ୍, ଟେଲ-ଭିଜନ୍, ସୋଫା, ଲୁଗା ସଫା କରିବା ମେସିନ୍ । ଦ୍ୱାର ମୁହଁରେ ଅଟୁର ଗଛ । ଦରିଗୃରେ ଆପଲ୍ ଗଛ । ପ୍ରଥମ ସନ୍ତାନ ଝିଅଟିର ଲ୍ଲ ପୁଅଟିଏ ପାଇଁ ପ୍ରତୀକ୍ଷାକଲ୍ଲ ବ୍ରିଗେଡ୍‌ର ଡାଗିଦ୍, ସରକାରଙ୍କ ନର୍ଦ୍ଦେଶକୁ ମାନିବାକୁ କୁଣ୍ଠା ପ୍ରକାଶ କଲ । ଆଗରୁ ପାଉଥିବା ଭାର ଦରମାରୁ ନଜଅଂଶ କାଟି ଦିଆଗଲ୍ଲ । ଅର୍ଥନୈତିକ ଦଣ୍ଡର ଶୀକାର ହେଲ୍ଲ । ଛୁଆ ମାନଙ୍କର ସ୍ୱାସ୍ଥ୍ୟ, ଚକସ୍ତା, ଶିକ୍ଷା ପାଇଁ ସ୍ୱତନ୍ତ୍ର ସୁବଧାରୁ ବଞ୍ଚିତ ହେଲ୍ଲ ।

ଜନସଂଖ୍ୟାର ବସ୍ଫୋରଣକୁ ରୋକିବା ପାଇଁ ସରକାରଙ୍କର କଠୋର ନର୍ଦ୍ଦେଶ । "ଏକ ପରବାରରେ ଏକଇ ସନ୍ତାନ ।" ବ୍ରିଗେଡ୍, କମ୍ୟୁନ ଭାକୁ କାର୍ଯ୍ୟକାସ୍ତ କରିବାରେ ସହଯୋଗ କରୁଛନ୍ତି ।

ମିସେସ୍ ଲ୍ ଚନ୍ତା କରୁଛନ୍ତି ଏକ ପକ୍ଷରେ ଦେଶପାଇଁ ସାମାଜିକ କର୍ତ୍ତବ୍ୟ, ଅନ୍ୟ ପକ୍ଷରେ ନାସ୍ତା ମନର ଦ୍ୱନ୍ଦ୍ୱବେଳନ । ମନସ୍ତାତ୍ତ୍ୱିକ ଚନ୍ତା ଓ ତେତନାର ଆବର୍ତ୍ତନ ।

"ପୁଳାଥୈ ଜିସ୍ତେ ସ୍ୱର୍ଗ ।" ଲତ କେଉଁ ଆଦମ ଯୁଗରୁ ଗ୍ଲଲ ଆସିଛି । ଗୋଟିଏ ସନ୍ତାନ ସତ କନ୍ୟାହୁଏ, ତେବେ ଜଣର ଭା'ର କିପରି ରକ୍ଷା ହେବ ? ପ୍ରଥି ସତ ସବୁ ପ୍ରଥମ ସନ୍ତାନ ପୁଅ ହୁଅନ୍ତି ତେବେ ପରବର୍ତ୍ତୀ କିଧର ଜଣର ଦ୍ୱିତୀ ସନ୍ତାନ ଜାତ କରିବ ?

ଗାଁ ଗହଳର ବହୁ ପୁରୁଷ ବହୁ ସନ୍ତାନରେ ବିଶ୍ୱାସ କରନ୍ତି । ଷେତରେ ପୁରୁଷମାନେ ଅଧିକ ସାହାଯ୍ୟ କରି ପାରିବେ । ଖାଦ୍ୟ ପାଇଁ ଜଙ୍ଗଲ ଜୀବନ ଥିଲ୍ଲା । ଆଜି ସେଇଥି ପାଇଁ ଆଇନର ଗୃପରେ ଅନେକ ସାମାଜିକ ଅସନ୍ତୋଷ ଦେଖାଦେଇଛି । ପ୍ରଥମ ସନ୍ତାନ କନ୍ୟା ହେଲେ ତାକୁ ଜୀବନରେ ସାରଦେବା ପାଇଁ ବାପା ଓ ମା କୁଣ୍ଠାବୋଧ କରୁନାହାଁନ୍ତି ।

ଯେଉଁ ସ୍ତ୍ରୀର ଭନ ଗ୍ରୋଟି ସନ୍ତାନ, କମ୍ୟୁନ ଓ ଚ୍ଚର୍ଚ୍ଚର ଗ୍ରୁପ । ସ୍ୱାମୀର ସ୍ତ୍ରୀ ପ୍ରତି ଅତ୍ୟାଗ୍ଦର । ଅର୍ଥନୈତିକ ଦଣ୍ଡର ଶୀକାର ହୋଇଥିବାରୁ ଏମାନେ ଅସହ୍ୟ ହୋଇ ଆସ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ନାସ୍ତା, ତା'ର ରୁପକଲ୍ଲ ।

Digitized by srujanika@gmail.com

ମିସେସ୍ ଲ୍ ନାଞ୍ଚ । ନଜର କନ୍ୟାକୁ ନଜ ହାତରେ ମାରଦେବାକୁ ସାହସ ହେଉଥାନ୍ତେନା । ମନ ଭିତରେ ବଦ୍ରୋହ, ଦ୍ୱନ୍ଦ୍ୱ । ପୁଣି ବହୁ ସନ୍ତାନର ଜନନୀ-ହୋଇ ଦେଶର ସାମାଜିକ, ଅର୍ଥନୈତିକ ଇତ୍ତିଭୁମିକୁ ଦୁର୍ବଳ କରଦେବାକୁ ଚାହେଁନା ।

ସ୍ୱାମୀ ସ୍ତ୍ରୀ ଦୁହେଁ ଯାହା ରୋଜଗାର କରନ୍ତି ସେଥିରେ ନଜର ଘରଫସାର ଚଳଯାଏ । ପ୍ରତି ମାସରେ କନ୍ଥ ଅର୍ଥ ସଞ୍ଚୟ କରି ଶ୍ରୀଷ୍ମ ଛୁଟୀରେ ସିଙ୍ଗାପୁର "ସ୍ନୁଇନା ସ୍ପି"ର ଉପକୂଳରେ ସନ୍ ବାଥ୍ । ନରମ ସକାଳର ବ୍ରେକ୍‌ଫାଷ୍ଟ ପରଠାରୁ ସନ୍ଧ୍ୟାର ସପ୍ତର ପର୍ଯ୍ୟନ୍ତ ଲହଡ଼ି ସଙ୍ଗେ ଖେଳିବା । ବାଲି ଭିତରୁ ନାନା ଜାତର ସମୁଦ୍ରର ଜୀବମାନଙ୍କୁ ଫଉଦ୍ଧ କରି ଛୁଆମାନଙ୍କ ହାତକୁ ବଢ଼ାଇ ଦେବା । ଦୁନାର ଦୁନାର ଯୁବକ ଯୁବତୀ, ବାଳକ ବାଳିକା ମାନଙ୍କ ଭିତରେ ସାରାଦିନ ସମୁଦ୍ରର ଜଳ ତରଙ୍ଗରେ ନଜକୁ ସାମିଲ କରିବା । 'ସାଂଘାଇ'ର ନଦୀରେ ଜାହାଜରେ ଯାତ୍ରା । ଧାଡ଼ି ଧାଡ଼ି ଜାହାଜକୁ ପାରହୋଇ ସମୁଦ୍ର ମୁହାଣ ଛୁଇଁବା । ଦୁଇଟି ଦୀର୍ଘ ନଦୀର ଅଜଗର ସଦୃଶ ସ୍ଥଳ । ସୀମାଞ୍ଚଳ ସମୁଦ୍ରର ତରଙ୍ଗାୟିତ ମନ ଅକା କେଉଁ ବ୍ରିଗେଡର ଧାଡ଼ି ଧାଡ଼ି ମକାଗଛ । ଧାନ ଫସଲର ବୃଦ୍ଧ ମଝିରେ ପନ୍ଥ ସବୁକୁ ଛୁଇଁ ଛୁଇଁ ଦ୍ରୁତ ଗତିରେ ଦୌଡ଼ିବା । କ୍ଷେତରେ କୃଷକମାନଙ୍କ ସହ ଲତୁ ଅକା ଆପଲ ଚାଷ କରିବା । ଗଛରୁ ଫଳ ତୋଳି ମନଇଚ୍ଛା ଖାଇସିବା । ଲାଲ ତରଭୁଜରେ କନ୍ଥମୁହକୁ ଏଇମିତି ଜବଡ଼ କରିବାରେ ଛୁଟୀ ଦିନଗୁଡ଼ାକ କଟିଯାଏ ଆନନ୍ଦ ଉଲ୍ଲାସରେ ।

କନ୍ଥ ଯେଉଁଦିନ ମିସେସ୍ ଲ୍ ତା'ର ସ୍ୱାମୀ ବ୍ରିଗେଡ଼ର ନର୍ସସହ ଗୋପନ ସମ୍ପର୍କ ପ୍ରତିଷ୍ଠା କରିବାର ଦେଖିଲା ସେଦିନ ସେ ବ୍ରିଗେଡକୁ ଜଣାଇଲା । ତା'ର ସ୍ୱାମୀର ଚରିତ୍ରର ସଂଶୋଧନପାଇଁ ବ୍ରିଗେଡରୁ ତାଗିଦ୍ ଆସିଲା । କନ୍ଥ ତା'ର ସ୍ୱାମୀ ତା'ପ୍ରତି ଅଧିକ ଅତ୍ୟାଚାର କଲେ ।

ମିସେସ୍ ଲ୍ ମାନସିକ ଦ୍ୱନ୍ଦ୍ୱରେ ଜର୍ଜରିତା । "ଛାଡ଼ପତ୍ର ଦେବା ଉଚିତ ନୁହେଁ ।" ପୁଣ ପରମୁହୂର୍ତ୍ତକୁ ଭାବିବ କଥା ? ସ୍ତ୍ରୀ କ'ଣ ସ୍ୱାମୀକୁ ଛାଡ଼ପତ୍ର ଦେବ ? ଛାଡ଼ପତ୍ର ଦେବା ପରେ ସମାଜରେ ତା'ର ସ୍ଥିତି କ'ଣ ହେବ ? ସ୍ୱାମୀର ଯାହା ଭୁଲଥିଲେ ବି ସମାଜ ଦୋଷ ଦେବ ସ୍ତ୍ରୀକୁ । ସ୍ତ୍ରୀର ଚରିତ୍ର ଖାସ୍ତ । ଏଭଳି ପ୍ରଶ୍ନର ହେବ । ସ୍ୱାମୀ ଚରିତ୍ରର ସାପକାଠି କଣ ହେଇଥିବ ?

Digitized by srujanika@gmail.com

ମିସେସ୍ ଲ ସ୍ୱାମୀକୁ ଗୁଡ଼ପନ୍ଥ ଦେବାପାଇଁ କାଧ ହେଲା । ତଥାପି ଦୁଇଟି ସନ୍ତାନର ଦାୟିତ୍ୱ ନେବାପାଇଁ ସେ ପଛେଇ ଯାଇନ । ମା'ର ମନଭାରେ ଦୁଇଟି ସନ୍ତାନ ଉଲ୍ଲସିତ । କ୍ଷେତରେ କାମ କରବା । ନଦୀରୁ ମାଛ ଧରବା । "ଷ୍ଟୁଡ଼େଣ୍ଟସ୍ ପ୍ୟାଲେସ୍"ରେ ନାଚ ଶିକ୍ଷା ଓ ଚଳକଳା ଅଧ୍ୟୟନ । ସମୁଦ୍ରର ଉତ୍ତାପଣ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଦୁସର ତରଙ୍ଗ ।

ମିସେସ୍ ଲ ଚନ୍ଦ୍ରାମଗ୍ନ । ଅଙ୍ଗତରେ ନାଙ୍ଗର ବୁକୁ ଫାଟିଗଲେ ବ ମୁହଁରୁ କଥା ଫିଟେନାହିଁ । ଜନ୍ମୁ ଆଜର ସମାଜରେ ସ୍ୱାମୀର ସ୍ତ୍ରୀ ପ୍ରତ ଧାରଣା ବଦଳ ଯାଇଛୁ । ଆଜ ପୁନ ପ୍ରାପ୍ତି ପାଇଁ ବବାହ ଗୌଣ । ତଥାପି ସ୍ତ୍ରୀ ହନରେ ଗ୍ରାସ ଅତ୍ର ସେବା, ଘରତରେ ଦେବ ଦେହ ଆଜ ଶଙ୍କରର ଦାହ । ଏଇ ହେଉଛୁ ନାଙ୍ଗର କହିବାର ଆଦର୍ଶ ।

ଆଜର ସମାଜରେ ନାଙ୍ଗର ମନ ଦାମ୍ପତ୍ୟରେ ଯୌନମୁକ୍ତ । ପୃଥିବୀର ନାଙ୍ଗ ସମାଜ ପୁରୁଷର ଏକଗୁଟିଆ ସମ୍ଭୋଗର ବରୋଧପାଇଁ ଆହ୍ୱାନ କରୁଛି । ପୁରୁଷପଣ ନାଙ୍ଗର ମଧ୍ୟ ମନ ଓ ପ୍ରାଣ ଅଛୁ । ସ୍ୱାମୀ ଓ ସ୍ତ୍ରୀର ସଂପର୍କ । ଏକ ଓ ଅଭିନ୍ନ । ସେଥିରେ ସନ୍ଦେହ । ବଚ୍ଛେଦ ।

ୟୁନେସ୍କୋର ମୁଖ୍ୟ କାର୍ଯ୍ୟାଳୟ ଆଗରେ ପୃଥିବୀର ବଭିନ୍ନ ଦେଶର ନାଙ୍ଗ ସମାଜର ବଦ୍ରୋହ । ନାଙ୍ଗ ଜାଗରଣ । ଆମେରକାରେ ପ୍ରାବୁର୍ଯ୍ୟ ଥାଇ ନାଙ୍ଗମାନେ ସମାଜଠାରୁ ଦୂରେଇ ଯାଉଛନ୍ତି କାହିଁକ ? ଘରତରେ କୃଷ୍ଣ ଚେତନା, ଅର୍ଥନୈତକ ପ୍ରଗତର ତାଳେ ତାଳେ ଯୌତୁକର ଦରବୃଦ୍ଧି । ନାଙ୍ଗର ଆତ୍ମହତ୍ୟା ।

ଚୀନର ଶୋପଣ ବଜ୍ଞନ ରାଷ୍ଟ୍ର ଗଠନରେ ଜନସଂଖ୍ୟାରେ ହ୍ରାସପାଇଁ କନ୍ୟା ସନ୍ତାନର ଙ୍କବନ ହତ୍ୟା । ଆଇଲଣ୍ଡ, ବ୍ୟାଙ୍କକ୍‌ରେ ଅର୍ଥ ରୋଜଗାର ପାଇଁ ପୁରୁଷ ଓ ସ୍ତ୍ରୀର 'ସଙ୍ଗମ'ର ନଗ୍ନ ପ୍ରଦର୍ଶନ । "ଲାଇଭ୍ ସୋ" ପ୍ୟାରସ୍ ସହରରେ କ୍ୟାଲ୍‌କାଟା ! ପରଫ୍ୟୁମ୍‌ର କଡ଼ାବାସ୍ । ଶୃଙ୍ଗାର ଚେତନା । ଆରବ ଦେଶରେ ବଡ଼ ବଡ଼ ଅମୀର ମାନଙ୍କର ଢେଲ ସାମାନ୍ୟ । ଜଲରର ମଲେ ! ଉଜନ୍ ଉଜନ୍ ନାଙ୍ଗଙ୍କ ଦାସୀକର ରଖିବାର ମୋହ । ଅବା କେଉଁଠି :"ଡ୍ରାଗନ୍"ର ଷ୍ଟମଭାର ନଶା । ନାଙ୍ଗର ବ୍ରେନକୁ କଞ୍ଚା ଖାଇବାର, ଲାଳସା । 'ବ୍ଲାକ୍‌ବର୍ଡ଼ିଂ'ର କାବାରେ ନୃତ୍ୟ ପ୍ରଦର୍ଶନ । ଜଭମ୍ବ ଦୋଳନ । ପୃଥିବୀର ବଭିନ୍ନ ଦେଶରେ ନାଙ୍ଗର ଶୋପଣର ଚନ୍ଦ । ଜର୍ମାଜନାର ହରଲିପି । ଝଡର ଝଙ୍କାର ।

Digitized by srujanika@gmail.com

ଲୋଭ, ଲୁବ୍ଧ, ଲୋଳୁପ ।

ମୁଢ, ମୂଲକ ।

ମାର୍ଗ, ମାର୍ଗନ୍ତୁକ ।

ଙ୍ଗୟଁର ବୁକୁଳା ଫଟା ।

ଦାନ୍ତରେ ଚପ ।

ପଦ୍ମନାର ମୁଖ୍ୟ ।

ପବନର ବଲୋପ ।

କମ୍ମାନ ଧର୍ମପୃଷ୍ଠ ।

ହତ୍ୟା ନା ଅହିହତ୍ୟା ।

ଧ୍ୱଂସ ନା ମୁଖ୍ୟ ।

ବଲାସ ନା ବଲୋଭ ।

ବରହ୍ମ ନା ବୈଗ୍ୟ ।

ପଥ ନା ପଥର ।

ନରୋଧ ନା ନବାରଣ ।

ନରୁପାସ୍ୟ ।

"ଏ ଡୋବାଟିକ୍" ପୋ'ର ବ୍ୟାଣ୍ଡର ଭାଲେ ଭାଲେ ଶବ୍ଦର ଖେଳ । କେତେ ଯେ କେତେ ଧ୍ୱନ୍ୟା । ପ୍ରତିଧ୍ୱନ୍ୟା । ମିସେସ୍ ଲ୍ ବବ୍ରତ । ଆଖି ପତା ବନ୍ଦ କରଦେଇଛୁ । ଦୁଇ ହାତରେ କାନକୁ ଗୁପି ଧରଛୁ । ଦେହ ତା'ର କମ୍ପି ଉଠୁଛୁ ।

ଆଗରେ ହୁଙ୍କାର ହୁଙ୍କାର ବୁଦ୍ଧମୂର୍ତ୍ତୀ । କମନୀୟ ରୂପ । ଧର୍ମଚକ୍ର ।

ହାତ ତା'ର ଅପେ ଆପେ ଯୋଡ଼ ହୋଇଯାଇଛୁ । କେବେ ସେ ମୂର୍ତ୍ତୀ ପୂଜା କରନ୍ତୁ । ଥକ ତା'ର ବସ୍ତ୍ର ପରବର୍ତ୍ତନ ।

: ହେ ବୁଦ୍ଧ ! ନାସ୍ତ ସମାଜକୁ ଧ୍ୱଂସମୁଖରୁ ରକ୍ଷାକର !

---

ବେଜିଙ୍ଗ ୬୧/୭/୮୩
("ନୂ"—ଚୀନରେ ନାସ୍ତକୁ
"Ngu" "ନୂ" ଉଚ୍ଚାରଣ ।)

Digitized by srujanika@gmail.com

# ବାଇଧର ବାବୁଙ୍କ ବଦଳି

• ପଙ୍କଜିନୀ ବାଗ

ବାଇଧର ବାବୁ ଯେତେବେଳେ ବିଷମ କଟକରୁ ବଦଳି ହୋଇ ଫୋର୍ ସୁଷମ କଟକରେ ପହଞ୍ଚିଲେ ତାଙ୍କ ମନ ମହାନନ୍ଦଙ୍କ ବାରବୁଲ ଦୁଃଖ ଟାଲ କୂଦା ମାଶିଲ । କାଠଯୋଡ଼ ପୋଲ ଉପରେ ଗାଡ଼ିଟ । ଦଡ଼ ଦଡ଼ ଧାଡ଼ିଲ ବେଳକୁ ଦୂରରୁ କଟକ ସହର ଶୋଲ୍ଡରଙ୍କି ବାଇଧର ବାବୁ ଅତ ଆନନ୍ଦରେ ଜନ୍ତ୍ରିତା ପତ୍ନୀଙ୍କୁ ଗୋଟାଏ ଝୋମାମାର ଉଠାଇବାକୁ ଚେଷ୍ଟାକଲେ । ଯେତେବେଳକୁ ବାସ୍ତାଣୀ ଦେବାଙ୍କ ଗଭ୍ରମ ନଜଟା ଘମାଘୋଟିଆ ଧର ଆସିଥିଲ । ମୁଣ୍ଡଟା ଗୋଟେ ପଟକୁ ଅଜେଇ ହୋଇଟାଇ ଓଠ ଦୁଇଟା ଦରମେଲ । ପାନଗ୍ରପ ଧାରଟାଏ ଓଠ କୋଣରେ ବୋହୁ ଗୁଲ୍ଲିଥାଏ । ପୁରୁଣୁନ ମାନ୍ଥ କେଇଟା ବେଡ଼ି ସାଇଥାନ୍ତି । ଦଡ଼ର ଘଁ ଅଓ୍ୟାଜ କର ନାଶିକା ପୁଡ଼ା ଦୁଇଟା ଟ୍ରେନ୍ ଟେ ସଙ୍ଗରେ ପତହୋଗିତା କରୁଥାଏ । ମୁଣ୍ଡର ଦରପାଟଲ ବାଳ କେଉଁକ ଫର ଫର ହୋଇ ଉଡ଼ୁଥାଏ ! ମଥାର ପଇସିକଆ ସିନ୍ଦୁର ଟୋପାଟା ବଲ୍‌ବଲ୍ ହୋଇ କପାଳ ସାରା ଲେପ୍ତିହୋଇ ଯାଇଥାଏ । ବାଇଧର ବାବୁଙ୍କ ଝୋରେ ଭାଙ୍କ କଥା ନଦଟା ଭୁଲିଗଲ । ସେ ରଙ୍କ ରଙ୍କ ଅଖିରେ ଗୋଟେ ଖାତ୍ର କଟାକ୍ଷ ହାଣି ସ୍ତାମୀଙ୍କୁ ବରନ୍ତ ହୋଇ ମୁହୂର୍ତ୍ତେ କହିଲେ ସେମିତି କାନ୍ଦିକ ଗଞ୍ଜେଇ ଖାଇଲ ପରି ହେଉଛ ? ଗାଡ଼ ତ ଷ୍ଟେସନରେ ଘୁଡ଼ାଏ ବେଳ ପଡ଼ରହିବ । ଆଗରୁ କଇ ନ ଦେଖୁଣୁ ଲଟଳା ହେଉଛ କଆଁ ?

ବାଇଧର ବାବୁ ତାଙ୍କ କଥାକୁ କାନ ନଦେଇ ଛୁଆଗୁଡ଼ାଙ୍କୁ ଝିଙ୍କିଓଟାର ଶୋଇଲା ଥାନରୁ ଉଠାଇ ଦେଲେ । ସେଗୁଡ଼ା ମେଣ୍ଟା ଧୂହାଲରେ ନଆଁ ଲଗିଲପରି ଭେଁ…ଭେଁ ହୋଇ ଗୋଟାକ ଉପରେ ଗୋଟେ କନ୍ଦୁଡ଼ ହେଲେ ! ବାସ୍ତାଣୀ ଦେବା

Digitized by srujanika@gmail.com

ଘରେ ଦାନ୍ତ କଡମଡ଼ କରି ସିଙ୍ଗାର ଉଠିଲେ— କଣ ଭୁତ ଲାଗିଛୁ କ ? ଚୁଆ ଗୁଡ଼ାକୁ ଏମିତି ଉଠାପକା କରୁଛୁ କଟକ କୁଆଡ଼େ ପଳେଇ ଯାଉଛୁ ?

ବାଇଧର ବାବୁ ପାଗଳ ପରି ଫୁଟ୍‌କେଶ୍ ଟାଣି ଆଣୁ ଆଣୁ ଉପରୁ ଧଡ଼ାସ୍ କରି ଜଜେ ଯାତ୍ରୀଙ୍କ ଗୋଡ଼ରେ ପଡ଼ିଗଲା । ଯାତ୍ରୀ ଜଣଙ୍କ ଗୁଣିମାଗି ବାଇଧର ବାବୁଙ୍କ ଉପରକୁ ମାର ନମାର ! କରେ ! ଏଇଟା କଣ ଜୀବନରେ କଟକ ଦେଖିନ ? ଗାଡ଼ି ନ ରହୁଣୁ ଏମିତି ହଇଚଇ ହେଉଛୁ କାହିଁକି ?

ଜାରବରେ ଗାଳଗୁଡ଼ାକ ଦୁଜମ କରି ମୋ ଜନଷପଦ ଗୁଡ଼ାକ ସଜାଡ଼ିବାରେ ଲଗିଗଲେ । ଚୁଆଗୁଡ଼ାକର ନନ୍ଦ ଭାଙ୍ଗିଗଲଣି । ସାନଟା ଠିଆରେ ଠିଆରେ ଏକ କରି ପକାଇଲଣି । ଆଉ ଦୁଇଟା କୁନ୍ଥୁ କୁନ୍ଥୁ ହେଉଛନ୍ତି ।

ଗାଡ଼ି ଯେମିତି ଷ୍ଟେସନରେ ରହୁଛୁ ସେ ଅସମ୍ଭାଳ ହୋଇ କୁଲି କୁଲି ଡାକ ଛାଡ଼ିଲେ । ସାଙ୍ଗେ ସାଙ୍ଗେ ମଡ଼ାକୁ ଶାଗୁଣା ବେଢ଼ିଲା ପରି ନାଲି କୁରୁତିଆ କୁଲି ଗଣ୍ଡାଏ କ ଛଅଟା ଭାଙ୍ଗି ଡବାକୁ ପଶିଆସିଲେ । ଆଗ ଚୁଆଗୁଡ଼ାଙ୍କୁ ଭଲକୁ ଓହ୍ଲେଇ ଦେଇ ନଜେ କୁଲିଙ୍କ ଯନ୍ତରେ ଜନଷପଦ ଓହ୍ଲାଇଲେ । ବାବାରେ ବେଡ୍ଡିଙ୍ଗ୍, ଫୁଟ୍‌କେଶ୍, ଗଣ୍ଠି, କୁଲି ବାଉଁଶିଆ, ଟିଣଡବା ହୋଇ ଅଧଟ୍ରକେ ଜନଷପ ଗାଡ଼ି ଭିତରୁ ବାହାରିଲା । ଘୁରେଇ କୁଲି ମୁଣ୍ଡ ଉପରେ ଅଧାପଙ୍ଖ ଲଦିଲା ପରି ଟଳ ଟଳ ପ୍ଲାଟ୍‌ଫର୍ମ ବାହାରକୁ ଘୁରିଲା । ଭାଇଡ଼ା ନଜେ ବାଇଧର ବାବୁ ଓ ଭାଙ୍ଗି ଥିବା ପିଲାମାନେ ସିବ ଯାହା ପାଖରେ ଗୋଟିଏ ଗୋଟିଏ ଧରି ଘୁରିଲେ । ଗେଟ୍‌ରେ ଟିକେଟ୍ ଦେଇ ପଦାକୁ ବାହାରିଲା ମାତ୍ରେ ରିକ୍‌ସାବାଲା ଗୁଡ଼ାକ ହାଉ ହାଉ ହେଇ ବାବୁ ରିକ୍‌ସା···ବାବୁ ରିକ୍‌ସା କହି ବେଢ଼ିଗଲେ । ସାଙ୍ଗରେ ଏତେ ଜନଷ ପୁଣି ଜୁଆଡ଼ିଲା ! ବାବୁ କୋଉ ବଜାର ସିବେ ବୋଲି ପୁଛିରେ ପଣ୍ଡାମାନେ ନଜ ନଜ ଅଞ୍ଚଳ ଯାତ୍ରୀ ଭଲାଯ କଲାପରି ବଜାରର ରିକ୍‌ସାବାଲା ସବୁ ଟାକୁ ଟାକୁ ଚହଲେ । ବାଇଧର ବାବୁ ଟିକିଏ ଘାବୁରେଇ ଗଲେ । କନକନ ହୋଇ ଘୁରଆଡ଼େ ନଜର ପକେଇ ଆଣିଲେ । କାଇଁ ଜଟାଧାରୀ ? ଘୁରଘୁରଟା ଚଠି ଗୋଟାଏ ଟେଲ-ଗ୍ରାମ୍ ସବୁ ପାଣି ଫାଟିଗଲା । ବାରମ୍ବାର ଯେ ଚଲସିଥିଲେ ଷ୍ଟେସନର ପ୍ରଧାନଗେଟ ପାଖରେ ଥିବୁ । ଭୁ ନ ଆସିଲେ ଆମେ ନଡା ଘର ପାଇବୁନ । ଶଳା ମୋଗଲ ବନ୍ଦୀଆ ଚଲକଗୁଡ଼ାକୁ ଜମା ପରଦେ ଯିବନ । ସେଦେବେଳକୁ ପିଲାଙ୍କ କାନ୍ଦ ରିକ୍‌ସାବାଲାଙ୍କ ମାଡ଼ଗୋଳ କୁଲିମାନଙ୍କ ଚକାର ଆଉ ମାଗିଣିଆଙ୍କ ଦୌଗ୍ଦ ସବୁ ଏକାକାର ହୋଇ ବାଇଧର ବାବୁଙ୍କ ମୁଣ୍ଡକୁ ପାଗଳ କରି ଦେଇଥାଏ ।

Digitized by srujanika@gmail.com

ଶୁଣିଣା ଭାଙ୍ଗି ମାଡ଼ଲପଣ ପତ୍ନୀ ଚଗୁଲେଇ ଚଗୁଲେ କହିଲେ, କଣ ରୁମ ସାଙ୍ଗଟି କାଇଁ ? ଆଗୁରୁହ ଘରଉଡ଼ାବାବଦ ଘୁଶମାସର ୫ଙ୍କା ପଠାଇଦେଲ । ଆଜକାଲି ଭ ମା ଯେ୫ର ଖଇ ଜଳର ହେଉଛନ, ଆଉ ଥରଗୁଡ଼ା ସ୍ୱାଙ୍କୁ ସବୁ ସାହାଯ୍ୟ କଣ୍‌ଦେବେ । କ୫କ ଅସିବବୋଲି ଛଡାଟ ହେଉଥିଲ, ପାଣିପଣ ୫ଙ୍କା ଗୁଡ଼ାକ ଖରଚକଣ୍‌ଦେଲ ଏବେ କୁଆଡ଼େ ଯାଉଛ ଯା ! ଅନ୍ଧାର ମାଡ଼ ଆସିଲଣି । ପିଲାଗୁଡ଼ାକ ଖେଳକରେ ଆଉଟି ହେଲେଣି ।

ବାଇଧର ବାବୁଙ୍କ ବଚ୍ଚାଙ୍କ ଜନ୍ମା ଅପଦ୍ୟ ହେଲ । ସେ ସଙ୍ଗେ ସଙ୍ଗେ ଜହ୍ନପକାଇଲେ ଆରେ କାର କଣ ସୁବଧା ଅସୁବଧା କାଇଁ ? କଣ ଦେହଁ ପା ଟଗ୍ଲପ ହୋଇବ ତା ଛଡ଼ା ଗାଡ଼୫ା ଦୁଇଘଣ୍ଟା ଲେଟ୍ । ସେ ବୋଧହୁଏ ଅପେକ୍ଷା କଣ କର ଫେରଯାଇଥିବ । ତା ଛଡ଼ା ତା' ବର୍ଷାଘର ଠିକଣା ମୋ ପାଟରେ ଅଛି । ଏକା ଗାଁରେ ଘର ପୁଣି ପିଲାଦନର ସାଙ୍ଗ ସେ ତା ଜଜଆଡ଼ୁ ତା ବସା ଠିକ୍ କଣ୍‌ଦେଇଛୁ । ସ୍କୁଲ ତା ବସାକୁ ଗଲେ ସବୁ ଜଣାପଡ଼ିବ । ତାକୁ ସାଧାରଣ ବୋଲି ଭାବୁଛ କି ? ସେ ମନ୍ତ୍ରୀଙ୍କ ପାଖ ଲୋକ । ମନ୍ତ୍ରୀଙ୍କର ତକେ ହେଲେ ତାର ବାରହାତ ।

ଏଉକବେଲକୁ କୁଲମାନେ ଗଦେଇଥିବା ଜନ୍ମପତ୍ରୁ ହଠାତ୍ ଗୋଟେ ଠାଉରିଆ ଆସି ବ୍ୟାଗ୍ ୫ାଏ ଧର ଚଂପଟ୍ । ନେଲ···ନେଲ···ହୋ···ହୁଦ୍ଧା··· ଧାଁ ଧପଡ଼ । ହଉ ଯାଉ, ଭଗ୍ୟଭଲ ସେଥିରେ କଛୁ ଦାମିକା ଜନ୍ମପ ନଥିଲ । ଖାଲି ପିଲଙ୍କ ଖାଇବା ଜନ୍ମପଥିଲ ।

ବାସ୍ୱାଣୀଦେଖା ମୁଣ୍ଡକୋଡ଼ ହେଲେ ମୋ ପିଲେ ଏଇଲେ କଣ ଖାଇବେ । ବାଇଧରବାବୁ ଦେଖିଲେ ଆଉ ବେଶି ସମସ୍ୱ ଏଠି ରହିଲେ ଆହୁରି କଛୁ ବପଦରେ ପଡ଼ିବେ, କୁଲଙ୍କ ପଇସା ରୁ୫ଇଦେ ବୁଲସୀପୁରିଆ ଶକ୍‌ସା ଖ୍ରୁଟିଧର ସିବାକୁ ନର୍ଦ୍ଦେଶ ଦେଲେ । ଆଗ ଶକ୍‌ସାରେ ସେ ପୁଅ ଡନୋଟିକୁ ଧର କଛୁ ଜନ୍ମପ ସହି ଘୁଲେ । ମଝିରେ ଟଣ୍ଡିଆ ପାହାଡ଼ପର ଘୁରେଟି ଶକ୍‌ସା ଜନ୍ମପଥର ଧର ଓ ସଜ୍ଜ ଶେଷ ଶକ୍‌ସାରେ ବାସ୍ୱାଣୀଦେଖା ସ୍ୱାନ ଟିଅ ଉଜଟାକୁ ଧର ଘୁଲିଲେ ।

ଏ ବଜାରରୁ ସେ ବଜାର, ଏ ଗଲିରୁ ସେ ଗଲି ବୁଲି ବୁଲି ଶେଷରେ ବୁଲସୀପୁର ଦେଉଳସାହି ଛକ ପାଟରେ ପହଞ୍ଚିଲେ । ଓଭ୍ରେଇପଡ଼ ବାଇଧରବାବୁ ପାନ ଦୋକାନ, ଜଳଖିଆ ଦୋକାନ ସମସ୍ତଙ୍କୁ ଜଣାଧାସ୍ତବାବୁଙ୍କ ବସା କେଉଁଠି ବୋଲି ପଚାରୁଥାନ୍ତି । କେହି ସଠିକ୍ କହି ପାରୁନଥାନ୍ତି । ଶକ୍‌ସାବାଲା ଗୁଡ଼ାକ ବଜିଡ଼ି ଗଲେଣି । କୁଆଗୁଡ଼ାକ ହୋଲମଟ୍ ହୋଇଗଲେଣି । କେତେବେଳେ କଣ

Digitized by srujanika@gmail.com

ଖାଇଥଲେ । ଖାଇବା ଜନଷ୍ଟଚକ ଅଲପାଇଷିଆ ଗ୍ରେର ହାବୁଡ଼େଗଲ୍ । ବାସ୍ତାଣୀ-ଦେଶ ମନେ ମନେ ଜଟାଧାସ୍ତବାବୁଙ୍କ ସାଉପୁରୁଷି ଉଦ୍ଧାଳଲେଣି । ସ୍ୱାମୀଙ୍କ ଉପରେ ରବେଇ ଖବେଇ ହୋଇ ଗୁଣୁ ଗୁଣୁ ହେଉଛନ୍ତି । ଶିଉଦନଞ୍ଚା ଘୃତ ହେମାଲ ପବନ ଗୁଁ ଗୁଁ ଶବ୍ଦରେ ଗଲଯାଉଛୁ । ସାନ ପିଲ୍ଟା ଗୁହାଖର କାନ୍ଦୁଛୁ । ଯେତେ ମୁହଁରେ ଖୀର ବୋଉଲ ମାଡ଼ୁଛନ୍ତି ଜମା ବୁନ ହେଉନ । ବାଇଧର ବାବୁ ଭଥାପି ଧୈର୍ଯ୍ୟ ନଦ୍ଧଗ୍ଧଇ ଯାହାକୁ ଦେଖୁଛନ୍ତି ପଗ୍ଧରୁଛନ୍ତି । ଘ୍ରା ଉପରେ ଅଧା ପାହାଡ଼-ତର ଶକ୍ସା ଗୁଡାଏ ଦେଖି ଲେକ ଜମା ହୋଇଗଲଣି । ଗଲ୍ଲ ଆଧଲ୍ଲ ବାଟୋଇ ମଧ୍ୟ କୌତୁହଲ ସମ୍ବରଣ ନକରପାର ଠିଆ ହୋଇଯାଇ କଥା କଣ ବୋଲ୍ ପଗ୍ଧରୁଥାନ୍ତି । ଘର ଭଶକୁନ୍ଦ ଆଉ ମନ୍ତ୍ରୀଙ୍କ ଥାଏ ଲେକବୋଲ କହିବାରୁ ଜଟେ ହୋଟେଲବାଲ୍ଲ ଚଢ଼ିଲି । ଶକ୍ସାବାଲ୍ଲକୁ ତାଙ୍କ ଭଡ଼ାଘର ଠିକଣା ବତେଇ ଦେଲ୍ ।

ବନ୍ଧୁତ କଷ୍ଟରେ ଖାଲଢ଼ିପ ଗଲ କନ୍ଦ ଦେଇ ଶକ୍ସାଯାଇ ଜଟାଧାସ୍ତ ବାବୁଙ୍କ ଭଡ଼ାଘର ଗଲ ଆଗରେ ଠିଆହେଲ୍ । ଭେଣିକ ଆଉ ଶକ୍ସା ସିବନ୍ନ । ଖଣ୍ଡେ ବାଟ ଗୁଲ୍ଲଗଲେ ସେଇ ପ୍ରଥମ ସଜନା ଗଛଟା ପାଖରେ ଯେଉଁ ଟିଣ କବାଟ ଲାଗିଛୁ ସେଇଘର । ବାଇଧରବାବୁ ଏକା ଛଆଁକେ ଓପ୍ଲେଇପଡ଼ି ଦ୍ଧ ଖେପାରେ ଯାଇ ଟିଣ କବାଟ ଧଡ଼ ଧଡ଼ ଜଲେ । କେତେବେଳକେ ହଠାତ୍ ଟିଣ କବାଟ ଖୋଲ୍ ଜଣେ ସଶ୍ମାମାର୍କା ମରଦ ଫିଟି ପଛୁଥିବା ଖୋର୍ଦ୍ଧା ଲୁଙ୍ଗିଖଣ୍ଡକ ନାଦ୍ଧି ଭଲେ ଗୁଡ଼େଇ ପୁଡ଼େଇ ପଗ୍ଧରଲ୍ଲ କଏବେ ! ସେମିତ ଅଭଦ୍ରପର କାହିଁକି କବାଟ ଧଡ଼୍ ଧଡ଼୍ କରୁଛୁ ?

ତା ରଙ୍ଗ ରଙ୍ଗ ଆଖିର ଧମକ୍ ଦେଖି ତାଙ୍କ କଲ୍ଲଜା ପାଣି । ସହୁନେ ନୂଆ ସାଗା । ଅଚଲ୍ଲା ଲେକ । ଜନ୍ମୁଟିଆ ଘୃତ ଦ'ଟା ଗ୍ଧପୁଡ଼ା ଥୋଇଲେ କୋଉ ବୋଯା ପିଠିରେ ପଡ଼ବ । ମନ୍ଦରଗରୁ ଅସି କାନ୍ଥାରରେ ପଡ଼ଲେ । ସେ ଅଙ୍ଗ ଅଙ୍ଗ ହୋଇ ଢୋକ ଗିଲ ଗିଲ ପଗ୍ଧରଲେ, ଏଠି ଜଟାଧାସ୍ତ ବାବୁଙ୍କ ବସା ଘର କୋଉଟା । ତାଙ୍କ ଘର ଭଶକୁନ୍ଦ । ମିନ୍ନଷ୍ଟରଙ୍କ ପାଖଲ୍ଲେକ ।

ତାଙ୍କୁ ଆଉ କୁହାଇ ନଦେଇ ଲେକଟା ଗୋଟାଏ ବାଘୁଆ ଗୁହାଣି ମାଣ ଜଲ୍ଲ ଯା ବେ ! ଏଠି କେହି ଜଟାଧାସ୍ତ ନାହିଁ । ଧଡ଼କର ଟିଣ କବାଟଧା ବନ୍ଦକଣ ଗୁଲ୍ଲଗଲ୍ଲ ! ଆଉ ଟିକେ ଯାଇଥଲେ ଜଡ଼ା ମଦ ଗନ୍ଧରେ ତାଙ୍କର ବାନ୍ତହୋଇ ଯାଇଥାନ୍ତା । ଟିଣ କବାଟ ଧଡ଼୍ ଧଡ଼୍ ଶବ୍ଦରେ ଆଶାର ଦୀପାଳୀଟା ଧକ୍କଣ ଲଉଗଲ୍ଲ । ଜଗ୍ଧଣ ହୋଇ ଦୁଇ ପାହୁଣ୍ଡ ଫେରଆସିଛନ୍ତି କ ନାହିଁ ବୁଢ଼ୀଟିଏ

Digitized by srujanika@gmail.com

ଉତ୍ତରଟେ ଧଇ ପାଟପରୁ କବାଟ ଖୋଲିଲା । ଲଉ ଯାଇଥିବା ଆଶାର ଦାପାଲିଟି ପୁଣି ଚେର୍ଦ୍ଦ ଛଡିଲା । ଭରବରହୋଇ ପଗ୍ଭଲେ, ମାଉସୀ ! ଏତି ଜଃଧାଞ୍ଚୁବାବୁଙ୍କ ବହାଘର୍ଟା ବେଉଁଠି କନ୍ଦୁଥାଉବେ ?

ବୁଢ଼ୀଟି ବହେବେଳ ଖୁଁ···ଖୁଁ କାଶି ମେଥାଏ କଫ ଥୁକଣ ପକେଇ କହିଲା, ଜଟିଆକୁ ଖୋଜୁଛୁ ବାପା ?

ବାଇଧର ବାବୁ ଅକୂଳରେ କୂଳ ପାଇଲେ । ହଁ ମାଉସୀ ତୁମେ ଜାଣୁ ଜାଣ ? ବୁଢ଼ୀଟି ପୁଣି କାଶି କାଶି ଭଙ୍ଗି ସଡାଳରେ କହିଲା, ମୁଁ ଜାକୁ ଚହ୍ନିନି ? ବାଡ଼ଗିଆ ଏଇ ଟିଣ କବାଟ ଘରେ ଭଡାଥିଲା ! ଜଣ ରଣ୍ଡେଇ ଅଫିମ ସ୍ତ୍ରେଗ୍ କାରବାର ଲୁଚେଇ ଛପେଇ କରୁଥିଲା ଯେ ଏଇ ଦି'ଦନ ତଳେ ଦୁଲିଟି ବାନ୍ଧ-ନେଇଛୁ । ଗଲା ଚ ଗଲା ମୋର ଗୁଲସ୍ତ ଧଙ୍ଗା ବୁଡ଼ିଲା । ମୁଁ ଗରିବ ବୁଢ଼ୀଟାଏ ଗ୍ଁ'ପକୁଡ଼ ଦୋକାନ କରଚଳେ । ମାସେ ଛପରେ ଝାଇଲଣି ଆଳ ଦେବ କାନ୍ଧ-ଦେବ ବମିତ କର ଟାଳଟୁଳ କଲା । ଝାଡ଼ାବାଣ୍ଟୁଆ ବକ୍ରାହେଇଗଲା ଭଲ ହେଇଚି, ହେଲେ ପୁଅ ମୋ ବେଉସ୍ତା ବୁଡ଼ିଲା । ଚୁଡ଼ମ ଚ'ଣ ଜା'ର ନଜର ଲେକ ? ଯଦି ମୋ ପଇସାଭକ ଜା ପାଇଁ ଦେଇ ଦଅନ୍ତୁ କେତେ ଚଇଲଟ କରନ୍ତୁ ।

ଆଉ ଶୁଣିବାକୁ ଧୈର୍ଯ୍ୟ ନଥିଲା ଭାଙ୍କର । କୋଉ ମୁହଁନେଇ ସେ ଏଇଲେ ଫେରବେ । ସିବେ କେଉଁଠିକ ? ଟିକେ ବା ଚହା ଅନ୍ତେ ଏଇ କଥକ ଦୋର ବାଜନ ବଜାର ଭେପନଗଲ କା ଘର ପାଇବେ । ବ୍ରତ ମାଡ଼ିଆସିଲଣି । ଅଣ୍ଡାରେ ଦେହ ହାଡ କୋଲମାଗ ସାଉଛୁ । ରାସ୍ତା ଉପରୁ କୁଆଙ୍କ କାଦ ସାଙ୍ଗରେ ଶକ୍ସା-ବାଲୁଙ୍କ ପାଟି ଶୁଭୁଛୁ । ଘର ଜଣା ନଥିଲ ବଲେ ଅଉଥଲ କଥାଁ । ଆମ ପଇସା ଦେଇପକା । ଆମେ ପଳେଇବାର । ପହୀଙ୍କ ଟାଇଁ ଟାଇଁଆରେ ଶୁଭିଲା, ହକ୍ ପଇସା ନେବ ସେମିତ ପାଟିକରୁଛ କାହିଁକି ?

ବାଇଧର ବାବୁ ଭର ଭର ହୋଇ ପାଦୁଣ୍ଡ ପକାଇଲେ । ଯୋଉ ଘହାବଳୀ ସ୍ତ୍ରୀ ଏଇଲେ ରାସ୍ତା ଉପରେ ମହାଭାରତ ପୁଷ୍ପିକର ଶକ୍ସାବାଲୁଙ୍କ ଚଇଦ ପୁରୁଷ ଉଦ୍ଧାରବ । ଅବଶରେ ଗୋଡ଼ ଦୁଇଟା ପଙ୍ଗୁ ହେଲପଣ ଲଗୁଥାଏ । ସାର୍ଥ ବାର ବର୍ଷକାଳ କୋଉଠୁଁ ମାଳ ଅଞ୍ଚଳରେ ରହି ରହି ବରଭ ହୋଇ ଜେତେ ଚେଷ୍ଟାକର ଭଲଠାରୁ ଉପର ପର୍ଯ୍ୟନ୍ତ ହଜାର ହଜାର ଟଙ୍କା ଦାତଗୁଣ୍ଡାଦେଇ କଥକ ବଦଳ ହୋଇଥିଲେ । ସାଙ୍ଗସାଥୀମାନଙ୍କର ଭରସାସର୍ତ୍ତ ମିଛ ଆଶ୍ୱାସନାରେ ଭୁଲିଗଲେ । କାହିଁ କାହାର ଦେଖାନାହିଁ । ସମସ୍ତଙ୍କ ଘାଣ୍ଟକୁ ଚଠି ଦେଇଥିଲେ ।

Digitized by srujanika@gmail.com

ମାଳ ଅଞ୍ଚଳ ହେଉପଛକେ କେତେ ଶାନ୍ତରେ ଥିଲେ । ସରକାଷ୍ଟ କ୍ୱାଟର, ବାଡ଼ି ବଗିଚା ମାଗଣା ଗୁକର ସବୁ ପାଇଥିଲେ । ଘରେ ନପଶୁଣୁ ମୁଣ୍ଡରେ ଗୁଳ ବାଜଲପର କେତେ ଝନଝା ହେଲେଣି ! କଟକ ସହର ଧବଳ ଟଗରର ମଜା ବେଶ୍ ଗୁଞ୍ଜିଲେ । ଏଇଲେ ଏତେ ଜନଶ ଛୁଆପିଲ୍ଲ ନେଇ ଯିବେ କେଉଁଠିକି ? ଘାରେ ଚ ଯେଉଁ ଗୁଳଘର ଦବଡ଼ଘର ବାପ ଅମଳରୁ ଥିଲ୍ କେହି ନଦେଖିବାରୁ ବାଡ଼ୁଆରେ ଉଡ଼ି ଯାଇଛି ।

ଦେଖୁ ଦେଖୁ କାମୁଡ଼ା ବଲେଇପର ଗର୍ଜ୍ଜି ଉଠିଲେ ବାସ୍ୱାଣୀ ଦେବୀ । କ'ଣ ଘର ପାଇଲ ? ଘେଠି ଲଷିଯାଇଥିଲ କଆଁ ? ଏ'ଶକ ସାବାଲ୍ ଜନଗପଡ଼ ଧର ।

ବାଇଧରବାବୁ ମୃଗାଟିପର ଶକ୍ସା ଉପରେ ବସିପଡ଼ି ବାଦାମବାଡ଼ି ବନ୍ଦୋବ୍ତ୍ତାଣକୁ ଯିବାକୁ ନର୍ଦ୍ଦେଶ ଦେଲେ । ଶକ୍ସାବାଲ୍ ଗେଁ···ଗେଁ ହେଇ ଶକ୍ସା ବୁଲାଇଲେ ।

ସାପ ଗାଡ଼ରୁ ଫଣାଟେକ ଗ୍ରେଟ ମାଶଲପର ଫଁ ଫଁ ହୋଇ କହିଲେ ବାସ୍ୱାଣୀଦେବୀ ମଲ୍ଲ କଣ ଘୁଆଁ ଲଗିଛି କ ? ରେଲଷ୍ଟେସନରୁ ଭୁଲସୀପୁର, ଭୁଲସୀପୁରରୁ ବାଦାମବାଡ଼ି । କଣ କଟକ୍ସ୍ଥ ସହର ଦେଖିନ କ ? ଏମିତି ଘିର ଘିର ହୋଇ ବୁଲିବାକୁ ଭଲ ଲଗୁଛି ? ଛୁଆ ଗୁଡ଼ାକ ଧକେଇ ଧକେଇ ଶୋଇପଡ଼ିଲେ ଗୁଲୁନ କୋଉଠି ବସା ଠିକ୍ ହୋଇଛି ସେଠିକ ଯିବା ।

ସହିବାର ସୀମା ହରେଇଥିଲେ ବାଇଧରବାବୁ । ଝୋଧରେ ଫାଟିପଡ଼ି କହିଲେ, ତୁମ ବାପ ଏଠି, କୋଠା ଦୋଲଦେଇଛ ରହିବାକୁ । ଗୁଲ ବସ୍ତ୍ଷାଣ୍ଡ ! ସେଠି ଆଜ ଘୁଣ୍ଟା କଟେଇ କାଲ୍ ଯାହା ବ୍ୟବସ୍ଥା ହେବ ।

ଆଜ ବାସ୍ୱାଣୀ ଦେବୀଙ୍କୁ ସମ୍ଭାଳେ କଏ ? କଣ ହେଲ···ମୋ ବାପା ଆହୁର କୋଠା ଦୋଲଦେଇଥାନ୍ତା ·କାଲି କଳଆବୋଲ ନରଦ ଦଶହଜାର ବେଦୀ ଉପରେ ଠନ୍ ଠନ୍ କଲ ଗଣିନେଲ ? କୋଉ ଗୁକସ୍ତା କ ଏତେ ଗଇଁ କାନମୁଣ୍ଡ ଆଉଁସି ଚୁପ୍ ହୋଇଗଲେ ବାଇଧରବାବୁ । ଶକ୍ସାବାଲ୍ ପାଟିରେ··· ବାବୁ ଭଦରନୁକ ହେଇଚ ଦାଣ୍ଡ ବାଟୁଟାରେ ଗାଳି ଦଉଚ । ଏଟା କଣ ତୁମ ଗାଁ । ପାଇଲ । ଏଟା କଟକ ସହର । ପାଟି ଶୁଣିଲେ ପୁଲିସି ଧାଇଁଆସିବ ? କେତେ ଅଡୁଆ ଘର କରବ ।

Digitized by srujanika@gmail.com

# ଚଢ଼ା ମୁହଁ

## ଡକ୍ଟର ପ୍ରତିଭା ରାୟ

ଗାଡ଼ି ଚଲିବାକୁ ଆରମ୍ଭ କରିଛି ତ ଭଦ୍ରଲୋକ ଅସ୍ତବ୍ୟସ୍ତ ହେଇ ବସ୍ ପାଟରେ ଶବ୍ଦ ଅଟକେଇଲେ । ଶବ୍ଦ ଉଡ଼ା ଦେବା ପାଇଁ ମନପର୍ଯ୍ୟ ଉତ୍ତରେ ରେକା ଖୋଜୁ ଖୋଜୁ ପାଟିକଣ କଣ୍ଡକ୍ଟରକୁ କହିଲେ—'ତୋଟାଏ ମିନଟ ଗ୍ଭଲ, ଆଉଗ୍ଭନସ୍ ଟିକେଟ କରେଇ ଦେଇଛୁ ଅଥଚ ପହଞ୍ଚିବାରେ ଦେରି । ଆମେ ସବୁ ଏମିତି ଆଡ଼ଜ୍ଷ୍ଟମେଣ୍ଟ ସବୁ କଥାରେ ।"

ବସ ଅଟକି ଗଲା । ସମସ୍ତେ ଭଦ୍ରଲୋକଙ୍କର ରସିକତାକୁ ମନେ ମନେ ତାରିଫ କରୁଥିଲେ । ଆଉ କେତେଟା ସେକେଣ୍ଡ ଦେରି ହେଇଥିଲେ, ବସ ଗୁଡ଼ା ଦେଇଥାନ୍ତା । ଲମ୍ବା ଘ୍ରାର ଟିକଟ ପଇସା ବରବାଦ । ସବୁ କାମ ଏପଟ ସେପଟ । ତଥାପି ବ ଭଦ୍ରଲୋକ କୌତୁକ କରିପାରୁନ୍ତି !

ଭଦ୍ରଲୋକ ବସରେ ଚଢ଼ିଲେ । ମୋ ପାଖ ସିଟ୍‌ରେ ବସିଲେ । ମୋ ଉପରେ ଆଖି ପଡ଼ିବା ମାତ୍ରେ ଉଚ୍ଛ୍ୱସିତ ହେଇ କହିଲେ—ଆରେ—ଆପଣ ଯେ ! ଗପ୍ତ କୁଆଡ଼େ—କ'ଣ ଏକା ? ମୁଁ ଇତସ୍ତତ ଭାବେ ନମସ୍କାରଟିଏ କରିଦେଲି । ଭଦ୍ରଲୋକଙ୍କୁ ଚିହ୍ନିପାରୁନି—ଯଦିଓ ମୁହଁଟା ଚେନା ଚେନା । କୋଉଠି ଦେଖିଛୁ—କବ—କୋଉ ସଭାକ୍ଷରେ ତାଙ୍କ ସହ ମୋର ପରିଚୟ ? କିଛି ବ ମନେ ପଡ଼ୁନି । ଅଥଚ ମୁହଁଟା ଏତେ ଆପଣାର ଆଉ ଘନିଷ୍ଠ ମନେ ହେଉଛି ଯେ, କିଛି ତୋଟାଏ ଅନ୍ଦାଜରେ କହିବାକୁ ସାହାସ ହେଉନି । ଯଦି ଭଦ୍ରଲୋକ ଦୂର ନିକଟ ସମ୍ପର୍କର ମେହି ହେଇଥିବେ ଏବଂ ମୁଁ ତାଙ୍କୁ ଆଦୌ ମନେ ପକାଇ ପାରୁନି ବୋଲି ଜାଣିପାରିବେ, ନ'ଣ ଭାବିବେ ମତେ ? ଅପ୍ରତିଭତା ସତରେ ବଡ଼ ଅସୁବିଧାଜନକ । ଥରେବାର ସଙ୍କଟଜନକ କହିଲେ ଚଳେ । ଫିଣ କେବେ ଥରେ ଏମିତି ମୋତିରେ ପଡ଼ିଛୁ ସେ ଏକା ବୁଦ୍ଧିମାନେ । ଚିହ୍ନିପାରୁନି ବୋଲି କହିପାରୁ ନଥିବ ଅଥଚ ଚିହ୍ନିପାରିଥିବାର ସୂଚକ କଥା କହିବାକୁ ସାହସ ହେଉ ନ ଥିବ ।

Digitized by srujanika@gmail.com

ଆଜିକାଲି ପ୍ରାସ୍ଥ ଏମିତ ହୁଏ । ଖାଲ ମୋର ନୁହେଁ—ଅନେକଙ୍କର । ଚଲ୍ଲା ମୁହଁ ପୁଣି ଅଚଲ୍ଲା ଅଚଲ୍ଲା ଲଗେ । ବେଳେବେଳେ ସବୁ ମନେ ପଡ଼ିବ ଖାଲି ନାଁଟିକୁ ଛୁଡ଼ି । ଜଭ ଅଗରେ ଥିବ, ଜଭ ଲେଉଟୁ ନ ଥିବ । ଅବ୍ୟକ୍ତ ଗୋଟାଏ ବେଦନାରେ ହୃତ ଟ୍ରେପଟ ଲାଗୁଥିବ । ଅଫଲନ୍ଗା ସ୍ମୃତି ସବୁ ଯୋଡ଼ି ହେଉ ହେଉ ଛୁଡ଼ି ଯାଉଥିବ । ସବୁ ସକାଡ଼ି ହେଇ ଆସିଲ୍ଲ ବେଳକୁ ପୁଣି ବିଗିଡ଼ ଯାଉଥିବ । ଦରକାସ୍ଥ ଜନ୍ମଟିଏ ଅତ ଦ୍ରୁସିଆର ହେଇ କେଉଁଠି ରଟିଦେଇଥିବ ଅଥଚ ଠିକଣା ବେଳରେ ଖୋଜ ଖୋଜ ପାଉ ନଥିବ । ସବୁ ଠିକ୍ ଜାଗା ଡକ ମନେ ପକାଇ ପକାଇ ଖୋଜଲ ବେଳେ ସବୁଥରକ ଲାଗୁଥିବ ଏଇ—ଏଥର ମିଳିପିବ, ଅଥଚ ମିଳୁ ନ ଥିବ । ଅବସ୍ଥାଟା ଏକବାର ସେମିତ ।

ଭଦ୍ରଲୋକ ମୋର ଥଡମତ ଅବସ୍ଥା ଲକ୍ଷକର ଆମୋଦତ ହେଉଛନ୍ତି । ହସି ହସି ପଚ୍ଚାରିଲେ—"କ'ଣ ଚର୍ଚ୍ଚି ପାଉଲେନଟି—ମୁଁ ଜାଣେ ପଟ୍—ବଡଲୋକ ଆପଣ—"

"ଆରେ ନାଁ—ନାଁ—ଚର୍ଚ୍ଚିବନ ଆପଣଙ୍କୁ ? କ କଥା କହୁଛନ୍ତି ? ମୁଁ ଭରବରରେ ଏଡକ କହିଦେଇ ପୁଣି ପଚ୍ଚାରିଲି—"ଆଉ—କେମିତ ଅଛନ୍ତି—ସବୁ ଭଲ ତ ?"

"ହଁ—ଚ୍ଚଲୁଛୁ ଏକରକମ । ବାମା ତ ସବୁଦିନ ବେମାର । ତା' ଭିତରେ ମୋର ତ ବର୍ଷକୁ ଅନ୍ତତ ଥରେ ବଦଳ । ଆପଣ ତ ସବୁ ଜାଣନ୍ତି—" ସେ ହସିଲେ । ଏଡକ କଥାର ଟିଅ ଧର ମୁଁ ଭଦ୍ରଲୋକଙ୍କୁ ମନେ ପକାଇବାକୁ ତେବେ ବ ଚେଷ୍ଟା କରୁଥାଏ । କନ୍ତୁ ନାଁ—ସ୍ମରଣ ଟର୍ଚ୍ଚ ଏକବାର ଲେପ ପାଇଗଲ୍ଣି ।

ଅନ୍ଦାଜ ଉପରେ କଥାବାର୍ତ୍ତା ଚ୍ଚଲିଥାଏ—ମାପି ଚୁପି ମୁଁ ଯାହା କହୁଥାଏ, ସବୁ ଭାଗ୍ୟକୁ ବାଜଯାଉଥାଏ । ମୁଁ ଧିରେ ଧିରେ ସ୍ୱଚ୍ଛନ୍ଦ ହୋଇ ଉଠୁଥାଏ । ମନେ ମନେ ଭାବୁଥାଏ ଯା' ହେଉ ଏଇ ଜମ୍ବା ବସ ଯାତ୍ରା ପାଇଁ ଅନ୍ତତଃ ଚଲ୍ଲା ମଣିଷଟିଏ ପାଖ ସିଟରେ ସହଯାତ୍ରୀ ଭାବରେ ମିଳିଛୁ । ଏକା ଏକା ବସ ଟ୍ରେନରେ ଯାତ୍ରା କଲେ ସ୍ତ୍ରୀ ଲୋକଙ୍କର ଏଡକ ହଉଛୁ ଅସୁବିଧା । ବସ୍ତୁସ ଯେତେ ହଉନା କାହିଁକି ଅଚଲ୍ଲା ପୁରୁଷ ଲୋକଟିଏ ପାଟରେ ସ୍ୱଚ୍ଛଳ ହେଇ ବସି ରୁଏନା—ଆଜିକାଲି ତ ଅଚଲ୍ଲା ଲୋକଙ୍କ ପ୍ରତି ମନରେ ଭୀତଭାବ ଜମାଟ ବାନ୍ଧି ରହିଥାଏ ।

Digitized by srujanika@gmail.com

ଯେତେ ଚେଷ୍ଟାକଲେ ଅଓଲା ମଣିଷଙ୍କୁ ବଶ୍ୱାସ କରବାକୁ ମନ ଏକ୍‌ବାର ନାରାଜ୍ । ମଣିଷର ଅପରାଧ ପ୍ରବଣତା ବଢ଼ିବା ସଙ୍ଗେ ସଙ୍ଗେ ମନଟା ବେଶି ବେଶି ସନ୍ଦଗ୍ଧ, ଅବଶ୍ୱାସୀ, ଅଶାନ୍ତ ଆଉ ଅସ୍ଥିର ହେଇଉଠୁଛୁ । ସେଇଥି ପାଇଁ ଯେତେ ଆମୋଦ-ଦାୟକ ହେଲେ ମଧ୍ୟ ଏକୁଟିଆ ଯାତ୍ରା କଲେ ମୁଁ ଅଡୌ ପୂର୍ଣ୍ଣପ୍ରାଣରେ କଲ୍ପୁ ଉପଭୋଗ କରପାରେ ନାହିଁ । କଥା କଥାକେ ଧନ, ଜୀବନ ଆଉ ମାନ ସମ୍ମାନ ଉପରେ ଆଞ୍ଚ୍ ଆସିପିବ ବୋଲ ସାବଧାନ ହେଉ ହେଉ ନଜ ଅଜାଣତରେ ମନର ସାବଲ୍ଲଲ ସରଘଡା ଟିକକ ହୁଜ ଯାଇଥାଏ । ଅନ୍ୟକୁ ସହଜରେ ବନ୍ଧୁ ଭାବରେ ଗ୍ରହଣ କରି ନେବାର ଜନ୍ମଗତ ସ୍ୱଭାବଟା ଧିରେ ଧିରେ ହାତଛଡ଼ା ହୋଇଯାଏ । ମୁଁ ଭାର ଏକା ହୋଇଯାଏ ଯାତ୍ରାକାଳରେ ଅଥଚ ମୋର ଗୃକଗ୍ଧଟା ଏମିତ ଯେ, ଦୁଃ ଲୋକ ହେଲେବି ଲମ୍ବା ଗସ୍ତକୁ ଫାଙ୍କି ଦେଇ ଦୁଏନ । ଭେଣ୍ଡୁ ଯାତ୍ରା ଏବଂ ଜୀବନ ସଙ୍ଗେ ଅହରହ ଦୁର୍ଭାବନା ମୋ ପଛେ ପଛେ ଗୋଡ଼ାଇଥାଏ ।

ଭାଗ୍ୟବଶତଃ ଏମିତ ଦିନେ ଦିନେ କେହି ଚଲ୍ଲା ଲୋକ ମିଳିଗଲେ ଯାତ୍ରା ସରସ ହୁଏ—ଭାର ନଗ୍‌ପଦ ଲଗେ । ଭଦ୍ରଲୋକ ପାନ ବଢ଼ାଇ ଦେଲେ । ମୁଁ ବଶତଃ ସକୁଚିତ ହେଇଉଠିଲି । ଅଚଲ୍ଲା ଲୋକଙ୍କଠାକୁ ମୁଁ ପାନ ବି ଖାଏ ନାହିଁ । କଥାରେ ଅଛୁ "ଅଚଲ୍ଲା ସାଧ୍‌ଠାରୁ ଚଲ୍ଲା ସଇତାନ୍ ବେଶି ବଶ୍ୱାସ ଯୋଗ୍ୟ ।" ଭଦ୍ରଲୋକ କହିଲେ—"ଆପଣ ତ ସାଧାପାନ ଖାଆନ୍ତି—"

—ଆଜ୍ଞା ହଁ ଅନ୍ତି । ମୁଁ ପାନ ଗଣ୍ଡେ ଖାଇଲି ।

ଭଦ୍ରଲୋକ କମ୍ ତ ଗପୁଡ଼ି ନୁହନ୍ତି ! ନଜେ ନଜ କଥା ଗପୁଥାନ୍ତି ଆଉ ମୋ କଥା ବି ପଚାରୁଥାନ୍ତି—"ମିଷ୍ଟର କେମିତ ଅଛନ୍ତି ? ପିଲାଏ ? ଆପଣଙ୍କ ଦେହ ଭଲତ ? ଆଗ ଅପେକ୍ଷା ଫ୍ରେସ୍ ଲଗୁଛନ୍ତି । ଏତେବର୍ଷ ପରେ ଦେଖା ହେଲ ବୋଲ ଜମାରୁ ଜାଣି ହେଉନ ।"

ମୁଁ ଯାଏ ଚୁପି ଉତ୍ତର ଦେଉଥାଏ । ଧିରେ ଧିରେ ନଜକୁ ସ୍ୱଚ୍ଛନ୍ଦ ଆଉ ସହଜ କରିନେଇ ଆରାମ କରି ସିଟ୍‌ରେ ଆଉଜି ବସିଥାଏ । ବସ ଗଲିଥାଏ । ଆଖି ପଡା ରୁକ୍ଷ ରୁକ୍ଷ ଆସୁଥାଏ । ବର୍ତ୍ତମାନ ମୁଁ ନିଶ୍ଚିନ୍ତରେ ସିଟ୍‌କୁ ଆଉଜି ଶୋଇ ଯାଇପାରେ । ଭଦ୍ରଲୋକ ମତେ ଲକ୍ଷ କରି କହିଲେ—ଆପଣ ଶୋଇଯାନ୍ତୁ । ମୁଁ ତ ଅଛୁ । ଚନ୍ତା କଣ ?

ଏତେବେଳକୁ ଭଦ୍ରଲୋକଙ୍କୁ ମୁଁ ଆଂଶିକ ମନେପକାଇ ପାରିଥାଏ । ପାଞ୍ଚବର୍ଷ ତଳେ ବୋଧହୁଏ କଟକଦନ ଆମ ପଡ଼ିଶା ଘରେ ଭଡ଼ାରେ ରହୁଥିଲେ । ଫୋନ୍

Digitized by srujanika@gmail.com

କରିବା ପାଇଁ ଆମ ଘରକୁ କେତେଥର ଆସିଛନ୍ତି । ଥକ୍‌ସା ମିଳୁନଥିଲେ ମଝେ ରାସ୍ତା ଉପରେ ଥକସା ଡାକ ଦେଇଛନ୍ତି । ମୋ ପିଲମାନଙ୍କୁ କେତେଥର ସ୍କୁଲରୁ ନେଇଆସିଛନ୍ତି ସ୍କୁଟର ପଛରେ ବସାଇ । ସ୍ୱାମୀ ଗସ୍ତରେ ଯାଇଛନ୍ତି ଶୁଣିଲେ ଜାତ୍ୟନ୍ଧ ବୁଝିଯାଇଛନ୍ତି ଘରକୁ ଆସି । କେତେଥର ଡାଙ୍କ ଗାଁରୁ ଆସିଥିବା ନଡ଼ିଆ, ଦେଶିଆଳୁ ଆମ୍ବ ଘରକୁ ପଠାଇଛନ୍ତି । ଠାକୁର ପୂଜାବେ ବୋଲି ଓଷାବ୍ରତ ଦିନେ ଡାଙ୍କ ସ୍ତ୍ରୀ ଆମ ବଗିଚାରୁ ଫୁଲ ମାଗିନେଇଛନ୍ତି । ଥରେ ମୋର ଦେହ ଖରାପ ହେଇଥାଏ । ସ୍ପେଶଲ ଜ୍ୱର । ଦେହରେ ଉଖୁପ ଶହେ ଉଣା, ଶହେ ଗୁଣ । ସ୍ୱାମୀ ଯାଇଥାନ୍ତି ବମ୍ବେ । ଗୁଜୁରୁ ଗୁଜୁରୁ ପିଲଗୁଡ଼ା କଣ ବା ବୁଝିବେ । ଗୁକର ଯାଇ ଭଦ୍ରଲୋକଙ୍କ ଘରେ ଖବରଟା ଦେଇଦେଲ । ସାରା ରାତ ସ୍ୱାମୀ ସ୍ତ୍ରୀ ଜଗି ବସିଛନ୍ତି । ସ୍ୱାମୀ ଔଷଧ ଦେଉଥାନ୍ତି । ସ୍ତ୍ରୀ ବରଫ ବ୍ୟାଗ୍ ମୋ ମୁଣ୍ଡରେ ଦେଇ ବସିଥାନ୍ତି । ଝେର ହୋଇଗଲା । ଘରେ ଯାଇ ଦେଖନ୍ତି ଘଡ଼ରେ ଗ୍ଲେର ପଶି ରେଡେଇ ଘରୁ ସବୁ ବାସନ କୁସନ ନମୁଁଲ କରି ସଫା କରି ଦେଇଛୁ । କ ଲଜ୍ଜା ମୋର ! କେମିତ ଡାଙ୍କୁ ମୁଁ ମୁହଁ ଦେଖାଇବି । ସେମିତ କ ମୁଁ ସେ ଗ୍ଲେରକାଣ୍ଡ ସହ ସପୃକ୍ତ ।

ତାପରେ ଥରେ ବୁଲଯାଇଥିଲି କଲିକତା । ଡାଙ୍କ ସ୍ତ୍ରୀଙ୍କ ପାଇଁ ଶାଙ୍ଗାଇଲ ଶାଢ଼ୀ ଟ୍ରେ; ଭ୍ୟାନଟି ବ୍ୟାଗଟାଏ ନେଇ ଆସିଲି । ଖୁବ ଦୋସ୍ତି ଏମିତ ଟିକେ ବଢ଼ିଯାଇଥିଲା । ସେଇ ଟ୍ରେର ପଟଣା ପରେ ସେତେଥର ଆମେ କୁଆଡ଼େ ବୁଲି ଯାଇଛୁ ସେ ଆମ ଘର ଜଗନ୍ତି ଆଉ ସେ ସେତେଥର ବୁଲି ଯାନ୍ତି ଆମେ ଡାଙ୍କ ଘର ଜଗୁ । ସେ ବଦଳି ହେଇ ଗଲବେଳେ ଡାଙ୍କ ସ୍ତ୍ରୀ ତ କାନ୍ଦ ପକାଇଲେ । କହିଲେ— ଏତେ ଭଲ ପଡ଼ିଶା ଆଉରୁ କେବେ ପାଇନଥିଲ । ଭଦ୍ରଲୋକ ଚଡ଼ାଇ କହିଲେ—"ସେମାନେ କଣ ଆମର ପଡିଶା ଥିଲେ ? ସେମାନେ ତ ଆମର ଘର ଲୋକ ଥିଲେ । ଆଜିଯାଏ ତମେ ଡାକୁ ପଡ଼ିଶା ଭାବୁଛ ?

ଏମିତ ଏ ଜୀବନ—ଯାହା ନଜର ନୁହେଁ, ତାକୁଇ ନଜର ଖୁବ ଗୋଟାଏ ମାୟାରେ ଗୋଟାଏ ନଶାରେ ଆମେ ଖୁବ ବୁଡ଼ାଏ ଦିନ ବଞ୍ଚିଯାଉ । ମୋର କିଛୁ ନୁହେଁ—ମୋର କେହି ନାହିଁ—ମୁଁ ମିଛ—ମୋ ଚତୁରପାଖେ ସମସ୍ତେ ମିଛ ଖାଲି ମଣିଷ ମୁହଁଟେରି ବ କଥା ପାରନ୍ତା ନାହିଁ । ଆଜର ଚୁକସ୍ତ ସଂସ୍ତ ଯାଯାବର ଜୀବନରେ ଆମ ଚତୁରପାଖେ ସମସ୍ତେ ଭିନ୍ନ କାଉର, ଭିନ୍ନ ଧର୍ମର, ଭିନ୍ନ ଭାଲକାର ମଣିଷ । ଅଥଚ ଆମେ ସେଇମାନଙ୍କୁ ନେଇ ବଂଚୁ—କେଏ ଦାଦା, କେଏ ମଉସା, କେଏ ବନ୍ଧୁ କେଏ ଖାଲି ମନେକର ଆମେ ନଜକୁ ସମସ୍ତଙ୍କ ଭିତରେ ନସ୍ତପଦ ମନେକରୁ । ସମସ୍ତଙ୍କୁ ପର ଭାବିଲେ ମଣିଷ ବପନ୍ନ ହୋଇଯାଏ— ପାଦେ ଆଗେଇ ପାରେ ନାହିଁ ।

Digitized by srujanika@gmail.com

ଭଦ୍ରଲୋକଙ୍କ ଉପରେ ଭରସା ରଖାଯାଇପାରେ । ତଥାପି ଭଦ୍ରତା ରକ୍ଷା କରି ମୁଁ କହିଲି—ଆପଣ ତ ଆଜି ସାରାଦିନ ଗୃହିଣୀ ବସିବେନ । ଆପଣ ବରଂ ଟିକେ ଶୋଇଯାନ୍ତୁ ! ମୁଁ ଆମ ଦୁହିଁଙ୍କ ଜଳଖିଆ କରୁଛି । ସେ କହିଲେ—ଠିକ ଅଛି । ପାଳକର ଶୋଇବା ଆଜି ଦୁହେଁ ଦୁହିଁଙ୍କ ଜଳଖିଆ କରିବା ।

ମୁଁ ରାଜି ହେଲି । ଭଦ୍ରଲୋକ କହିଲେ—ଆଗ ଷ୍ଟୁପେଜରେ ରାନ୍ଧି ସେଜନ କରନେବା । ସ୍ନାପରେ ଆଜି ଖାଇବାକୁ ମିଳିବନି । ମୁଁ ଅକସ୍ମାତ କହି ପକାଇଲି—"ନାଁ ବାବା; ଏକା ଗସ୍ତ କଲେ ମୁଁ କୋଉଠି ଓହ୍ଲାଏନି । ବ୍ୟାଗରେ ବର୍ସିଟ ଅଛି । ଆପେଲ ଅଛି । ଆପଣ ଖାଇଲେ ବି ବଳିବ । ସ୍ତ୍ରଗ କରି ଖାଇବା ।" ସେ ହସିଦେଇ କହିଲେ—"ମୁଁ କ'ଣ ସ୍ତ୍ରୀ ଲୋକ ହେଇଛି ? ତା ଛଡ଼ା ଆପଣ କ'ଣ ଏକା ଯାଉଛନ୍ତି ? ମୁଁ ପତ୍ନୀ ସାଙ୍ଗରେ ଅଛି । ଆଗରେ ଯେଉଁ ଡାବା ଦେଖୁଛନ୍ତି ତମକାର ଚକେନ ଆଜି ନାନ କରେ । ଖାଇ ଦେଖନ୍ତୁ ଥରେ—ଜୀବନ ସାରା ଭୁରୁଥିବେ ।"

ସେ ବାଧକର ମତେ ଓହ୍ଲାଇ ନେଲେ । ସାମ୍ନା ସାମ୍ନି ବସି ଦୁହେଁ ଖାଇଲୁ । ସେ ପଇସା ଦେଉ ଦେଉ ମୁଁ କାଉଣ୍ଟରରେ ଟଙ୍କା ଦେଇଦେଲି । ସେ ଅଭିମାନଭରା ସ୍ୱରରେ କହିଲେ—"ଆପଣଙ୍କର ସେଇ ଅଭ୍ୟାସ ରହିଛି ।" ମୁଁ ହସିଦେଇ କହିଲି—"ଆପଣ ମୋର ସାନଭାଇ ଭଳି । ଛେଣ୍ଟୁ ପଇସାଟା ମୋର ଦାବି ଉଚିତ ।"

ସେ ହସିଲେ ଆଉ କହିଲେ—ଅବଶ୍ୟ କସ୍ତୁରରେ ନ ହେଉ ପଟ୍ଟକେ, ପୋଜିସନରେ, ସମ୍ମାନରେ, ଆପଣ ମୋ ଠାରୁ ଉପରେ । କିନ୍ତୁ ସାନମାନଙ୍କ ମନର ତ ଶ୍ରଦ୍ଧା ବୋଲି କିଛି ଅଛି ?

"ହଉ—କୋଲ୍ଡ ଡ୍ରିଙ୍କ୍ସ ଗୋଟାଏ ପିଅନ୍ତୁ ।" ମୁଁ କହିଲି ।

ଦୁହେଁ କୋଲ୍ଡ ଡ୍ରିଙ୍କ୍ସ ପିଇସାରି ବସରେ ଉଠିଲୁ । ପେଟ ଭରି ହେଇଥିଲା । ମନବି ବେଶ ନଦକ ହେଇଯାଇଥାଏ । ବସ ଗଲଲା ମାତ୍ରେ ଆଖିପତା ଖୋଲି ରହିବାକୁ ନାରାଜ । ଅଳସ କଣ୍ଠରେ ମୁଁ କହିଲି—ଆପଣ ଆସୁଛନ୍ତି ବୋଲି ଜାଣିଥିଲେ ନିଷ୍ଟର ନଦକରେ ରହିଥାନ୍ତେ । ଆଜି ରାତିରେ ତାଙ୍କ ଭଲ ନଦ ହେଇ ନ ଥିବ । ଆଜିକାଲି ବସ କହ ଟ୍ରେନ କହ କୌଣସି ସାଧା ନରାପଦ ନୁହେଁ ।"

ଭଦ୍ରଲୋକ ପ୍ରତ୍ୟୁତ୍ତର ଭରା ସ୍ୱରରେ କହିଲେ—ସେ ପଟ୍ଟକେ ଅନାଦ୍ରା ଡୁଅନ୍ତୁ ଆପଣ ଏଥର କଟା ସମସ୍ତ ଶୋଇଯାନ୍ତୁ । ମୁଁ ଜଗିଛି ।

Digitized by srujanika@gmail.com

ବସ୍‌ରେ ଯାତ୍ରୀମାନେ ଡୋଲେଇବାକୁ ଲାଗିଲେଣି । ମୁଁ ଶୋଇବ ବୋଲି ଆସି ବୁଜଲି । ମାତ୍ର ତେବେ ବି ମନ ସମ୍ପୂର୍ଣ୍ଣ ନିଦକ ନୁହେଁ ବୋଲି ବୁଝି ପାରିଲି । ଭଦ୍ରଲୋକ ଯେ ଆମର ପଡ଼ିଶା ଥିଲେ ସେ କଥା ତେବେ ବି ଅଧାର୍ଯ୍ୟ ହେଇପାର ନ ଥାଏ । ତାଙ୍କର ଭଲ ଲାଗୁଥାଏ ତାଙ୍କ ଚେହେରା, ଆଉ କଥାବାର୍ତ୍ତା । ତାଙ୍କ ସାଇ ବି ହେଇପାରନ୍ତି । କଥାଟା ମୋଟରୁ ପରୁର ହେଉ ନ ଥାଏ ଏତେ ବାଟ ଆଳାପ କରି କରି ଆସିବା ପରେ ।

ଶେଷକୁ ଦେଖିଲି ମୁଁ ଜଗି ବସିଛି । ଭଦ୍ରଲୋକ ଡୋଲେଇବାକୁ ଆରମ୍ଭ କଲେଣି ଏବଂ ଅବଶେଷରେ ସେ ସିଟ୍‌କୁ ଆଉଜି କେଶ୍ ଶବ୍ଦ କରି ଘୁଙ୍ଗୁଡ଼ି ମାରୁଛନ୍ତି । ବସର ଗତି ସଙ୍ଗେ ତାଳ ରଖି ସେ ନିଦରେ ଢଳୁଛନ୍ତି ଓ ବେଳେବେଳେ ମୋ ମୁଣ୍ଡରେ ତାଙ୍କ ମୁଣ୍ଡ ଠୋକର ଖାଉଛି । ମୋ କାନ୍ଧ ଉପରେ ସେ ଭର ଦେଇ ନିଦରେ ଢଳି ପଡ଼ୁଛନ୍ତି । କେହି ଅଚିହ୍ନା ଲୋକ ହେଇଥିଲେ ମୁଁ ଏତେମତ ମୁଣ୍ଡ ଘୋଷଣା କରି ସାରନ୍ତିଣି । ଲୋକଟାର ମତଲବ୍ ଯେ ଭଲ ନୁହେଁ ଏବଂ ଲୋକଟା ଜାଣି ଜାଣି ମୋ ଉପରକୁ ଢଳି ପଡ଼ୁଛି ବୋଲି ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ସାରନ୍ତିଣି । ମାତ୍ର ଭଦ୍ରଲୋକ ଯେଉଁହିଁ ମୋର ଚିହ୍ନା ପୁଣି ସେ ମତେ ଏତେ ଭଲ କରି ମନେ ରଖିଛନ୍ତି ଓ ମୁଁ ତାଙ୍କୁ ଭୁଲିଯାଇଛି ଏଇ ଆତ୍ମଗ୍ଲାନି ଯୋଗୁ ଭଦ୍ର-ଲୋକଙ୍କ ପ୍ରତି ମୋର ଅବିଶ୍ୱାସୀ ମନ ଅଧିକ ବିଗୁରଣଶୀଳ ଆଉ ଉଦାର ହେଇ ଉଠିଛି । ମୁଁ ଚୁପ୍‌ଚାପ୍ ବସି ରହିଥାଏ ଓ ମନ୍ଦିରେ ମନ୍ଦିରେ ଭଦ୍ରଲୋକଙ୍କ ସାବଧାନ କରିବା ଛଳରେ ସତର୍କ କରାଇ ଦେଇ କହୁଥାଏ—ହୁସିଆର ହେଇ ବସନ୍ତୁ ଆଜ୍ଞା ବସ୍‌ଟା ଘାଟ ଘୁରାରେ ଘୂରୁଛୁ । ମୁଣ୍ଡ ପିଟି ହେଇଗଲେ କ ସିଟ୍‌ରୁ ଓହ୍ଲିଗଲେ ବିପଦ ।

ଭଦ୍ରଲୋକ ତାଙ୍କର ମନପର୍ସ, ଆଟାଚି ସବୁ ମୋ କାମୁଡ଼ରେ ଗୁଡ଼ି ଦେଇ ଶୋଇଲେ କିନ୍ତୁ ସମସ୍ୟା । ହଠାତ୍ ଗୋଟାଏ ଝାଙ୍କରେ ସେ ଆଖି ମେଲ କହିଲେ—ଆରେ ମୁଁ ଶୋଇଛି, ଆପଣ ଜଗି ବସିଛନ୍ତି, କି ଅନ୍ୟାୟ କଥା କହନ୍ତୁ ତ । ଏତେ ଖାଇଦେଲ ଯେ ତାପରେ ଆଉ ନଶୋଇ ଗତି ନଥିଲା । ସେଥିପାଇଁ ଏକା ସିବା ଆସିବା କଲେ ମୁଁ କମ୍ ଖାଏ । ଆପଣ ପଙ୍ଗରେ ଥିଲେ ବୋଲି ମୁଁ ଘର ଭଲ ଆକଣ୍ଠ ଗ୍ରାସ୍ ମାରି ଦେଇଛି । ମୁଁ ହାଇ ମାରୁ ମାରୁ ହସିଲା—ସେ କହିଲେ—ଏଥର ଆପଣ ଶୁଅନ୍ତୁ । ମୁଁ ନିଦ ଛାଡ଼ିଏ— । ସେ ଫ୍ଲାସ୍‌ରୁ ଗୁ' ଢାଳି ପିଇଲେ । ମୁଁ ତାଙ୍କ ହାତକୁ ତାଙ୍କ ମନପର୍ସଟା ବଢ଼ାଇ ଦେଇ କହିଲି—ବେଶ୍ ମୁଁ ଏଥର ଶୋଇଲି ।

ମୁହଁ ଉପରେ ଲାଗଟା ଓଢ଼େଇଲି ସିଟ୍‌କୁ ଆଉଜି ମୁଁ ଶୋଇଗଲି ଭେର୍

Digitized by srujanika@gmail.com

ପର୍ଯ୍ୟନ୍ତ । ଜଦ ଘଣ୍ଟିଲ ବେଳକୁ ଦେଖେ—ମୋ ସପନର୍ସଟାକୁ କାନ୍ଧରେ ଟଳେଇ ସେ ଦୁଇ ଗ୍ଲାସ୍ ଗୃ' ଧର ବସ ଉପରକୁ ଉଠୁଛନ୍ତି । ବସ ଛଡ଼ା ହେଇଛୁ ଗୋଟାଏ ଗ୍ରେଟିଆ ଷ୍ଟପେଜରେ ।

ସେ ମୋ ହାତକୁ ମୃ କଡ଼ାଇ ଦେଲେ ଓ ମୋ ଭ୍ୟାନଟି ବ୍ୟାଗ୍‌ଟା ବ ବଢ଼ାଇ ଦେଇ କହିଲେ—ଧରନ୍ତୁ ଆପଣଙ୍କ ଅମାନତ । କେତେ ଦେଇଗା ଧର ଯା' ଆସକୁଛନ୍ତି ? ଗୁର ଓଜନଆ ହେଇଛୁ ତ—

ମୁଁ ହସି ଦେଇ କହିଲି—ସ୍ତ୍ରୀ ଲେକମାନଙ୍କ ମନବ୍ୟାଗ ପଇସା ଯୋଗୁଁ ଗୁର ଡ୍ରଏନ—ଗୁର ଦୁଏ, ପ୍ରସାଧାନ ସାମଗ୍ରୀ, ରୁମାଲ, ଆଉ ଅବରକାରୁ କେତେଟା ଜନତରେ । ସ୍ତ୍ରୀ ଲେକଗୁଡ଼ା ଅବୁଝା ପଏଯୋଗୁଁ ଜବନରେ ଗୁଡ଼ାଏ ଗୁର ବୁହନ୍ତି ନାହିଁକ ? ମାହା ଦରକାର ସେଥିମାଇଁ ବ୍ୟସ୍ତ, ସାହା ଦରକାର ନାହିଁ ସେଥିପାଇଁ ମଧ୍ୟ କମ ବ୍ୟସ୍ତ ନୁହନ୍ତି । ଡାକ୍ତର ଜେନଟା ଠିକ୍ ଏଇ ମୂଟାଣି ମୁଣ୍ଡି ଗୁଳ ଅଯଥାରେ ଜଞ୍ଜାଳମସ୍ୟ, ଆଉ ଓଜନଆ—

ସେ ହସି ଦେଇ କହିଲେ—"ଆପଣ କଥା କହୁଛନ୍ତି ସେମିତ ଆପଣ ଜଣେ ସ୍ତ୍ରୀଲେକ ନୁହଁନ୍ତି—"

"ସେଥିପାଇଁ ତ ଠିକ୍ କଥାଟା କହୁଛୁ । ଆପଣ ପୁରୁଷ ଲେକ ବୋଲ ଗୁରଥିଲେ ମୋ ଫୁଟାଣି ମୁଣ୍ଡି ପଇସାରେ ଗୁର ଲଘୁଛୁ—।" ମୁଁ ହସିଲି । ଭ୍ୟାନଟ୍ ବ୍ୟାଗ୍ ଖୋଲି ପାନଆ କାଢ଼ି ଅଲତା ବାଳଗୁଡ଼ା ହାଲୁକାଗୁଡ଼େ ମଜାଡ଼ି ଦେଲି । ରୁମାଲ କାଢ଼ି ମୁହଁ ପୋଛିଲି । ଗ୍ରେଟ ଆଇନାରେ ନିପାଟ ଠିକ୍ ଅଛୁ କ ନାଁରେ ଯୁଝିଯାଇଛୁ ଦେଖି ନେଲି । ଜାପରେ ହସି ଦେଇ ଭଦ୍ରଲେକଙ୍କୁ କହିଲି—ଆପଙ୍କର ଡେଲ ସାବୁନ, ସାଉଡ଼ର, ଦାନ୍ତଘଷା ପେଷ୍ଟ, ସାହା ଦରକାର ନର୍ଭ୍ସରେ ମଡେ ମାଗନ୍ତୁ । ଏପର କ ଏଇ ଜୁନୁମତା ଡ଼େଡ଼ ଭୁଡୁରୁ ଡଜିଆ ବ ମିଳିପିବ । ଭଦ୍ରଲେକ ପ୍ରାଣଖୋଲ ହସହସି କହିଲେ—ସତରେ·ମୁଁ ଗୁବେ ସ୍ତ୍ରୀ ଲେକଗୁଡ଼ା ଏତେ ଗୁଡ଼ାଏ ପଇସା ଧର କାନ୍ଧିକ ସବୁବେଳେ ବୁଲନ୍ତି ଆଉ ବମଦ ମୁଣ୍ଡାନ୍ତି ! ଦୁହେଁ ହସିଲୁ ।

ବସ ଯାତ୍ରା ସରି ଆସୁଛି । ଯା' ହେଉ ଏତେ ବଡ଼ କ୍ଲାନ୍ତିକର ଯାତ୍ରାରେ ଭଦ୍ରଲେକଙ୍କ ମେଲାପି ସ୍ୱଭାବ ଓ କୌତୁକ ଆମୋଦରେ ବେଶ ଉପଭୋଗ୍ୟ ହେଲ । ଏତେ ଲମ୍ବା ଗ୍ରସ୍ତା ମେ କେମିତ ସରଗଲ ଯାଣି ହେଲନ୍ତ । ସେଥିପାଇଁ ଭଦ୍ରଲେକଙ୍କୁ ଧନ୍ୟବାଦ ନ ଜଣାଇବା ଜଭାନ୍ତ ଅଫ୍‌ଟ୍ରାମି ହେବ । କନ୍ତୁ କ ମୁସ୍କିଲ୍—ଭେବେ ବ ଭଦ୍ରଲେକଙ୍କୁ ଠିକ୍ ମନେ ପକାଇ ପାରନ୍ତ । ସେହି କାରଣରୁ ମନ ଭିତରଟା

Digitized by srujanika@gmail.com

ଗୋଲେଇ ଘାଣ୍ଟି ହେଉନ୍ଥା । ନଜର ସ୍ଥିର ବ୍ରାହ୍ମ ଯୋଗୁଁ ନଜ ଉପରେ ମୁଁ ଖୁସି ହୋଇଥିଲି ।

ଭଦ୍ରଲୋକ ମଧ୍ୟ ହଠାତ୍ କେମିତି ଗମ୍ଭୀର ହେଇଯାଇଥିଲେ । ବସ୍ ରହିଲା ଭଦ୍ରଲୋକ ମୋ ଜନ୍ମକୁଣ୍ଡଳୀ ଓଲ୍ଟାଇଦେଲେ । ମୋ ପାଇଁ ଚକ୍‌ସା ଡାକ ଦେଲେ । ତାପରେ କଛୁ ସମୟ ଚୁପ୍ ଗୁମ୍ ଠିଆ ହେଲୁ ଦୁହେଁ । ଚକ୍‌ସାରେ ଜନମ ଲଦା ହେଇଥାଏ । ରେକ୍‌ସାବାଲା ମତେ ଅପେକ୍ଷା କରିଥାଏ ।

ମୁଁ କହିଲି—"ଯା' ହେଉ,ଅନେକ ଦିନ ପରେ ଆପଣଙ୍କ ସଙ୍ଗେ ଦେଖା ହେଲା । ଘରେ ସମସ୍ତଙ୍କୁ ବହୁତ ବହୁତ କହିବେ ।"

ଭଦ୍ରଲୋକ ଉଦାସ ହେଇଯାଇ କହିଲେ—"ଘରେ ମୋର ଆଉ କେ ଅଛୁ ?" —ମାନେ ? ମୁଁ ଆଶ୍ଚର୍ଯ୍ୟ ହେଇଗଲି ।

ଭଦ୍ରଲୋକ ଥଙ୍ଗ ଥଙ୍ଗ ହେଇ କହିଲେ—"କିଛି ମନେ କରିବେନ, ମୋର ବିଶ୍ୱାସ । ଆପଣ ଏଯାଏ ମତେ ଠିକ୍ ଚିହ୍ନି ପାରି ନାହାନ୍ତି ବୋଧହୁଏ—" ମୋର ହସିଲା ମୁହଁଟା ପାଣିଆ ହେଇଗଲା । ପରୀକ୍ଷା ହଲ୍‌ରେ ହାତେ ହାତେ କପି ଧରା ପଡ଼ିଗଲେ ଫାଙ୍କିବାର ଘରା କାହିଁ ?

ମୁଁ କହିଲି "ସତକଥା ଆଜ୍ଞା—ମୋର ଏବେ ଏତେଦୂର ବିସ୍ମରଣ ହେଉଛୁ ଯେ ମୁଁ ଖାଉଛୁ ଏଥିପାଇଁ ଚକ୍ଷୁରା ଦରକାର—" ମୁଁ ଲଜ୍ଜାରେ ଚାଙ୍ଗୁ ଗୁଡ଼ିଥାଏ । ଭଦ୍ରଲୋକ ନଜେ ମଧ୍ୟ ଲଜ୍ଜିତ ହେଲଭଳି କହିଲେ, "ଖାଲି ଆପଣଙ୍କର ନୁହେଁ ଆଜ୍ଞା, ସମସ୍ତଙ୍କର—ମୁଣ୍ଡରେ ବାର ପ୍ରକାର ଚନ୍ତା ଡ—ମୋ ଅବସ୍ଥା ଆଜ୍ଞା ଆହୁରି ଶୋଚନୀୟ । କ୍ଷମା କରିବେ । ଆପଣ ଡାକ୍ତର ସୁନନ୍ଦା ଦେଖା ତ ? ଦେଟିଲ୍ ବେଳଠୁ ସେଇଆ ଖାଲି ମୁଁ ଏତେବାଟ କଥା କହି ଆସିଛୁ ।" ଭଦ୍ରଲୋକ ସତ୍ୟପାଠ କଲେ ।

ମୁଁ ଅବାକ୍ ହେଇଚଲି । ଡାକ୍ତର ସୁନନ୍ଦା କିଏ ? ତାର ଅର୍ଥ ଭଦ୍ରଲୋକ ମଧ୍ୟ ମତେ ଠିକ୍ ମନେ ପକାଇ ପାରି ନାହାନ୍ତି । ମୁଁ କହିଲି—ନାଇଁ ଆଜ୍ଞା ମୁଁ ମିସେସ୍ ଜାଭ୍ରୱା ଲେଜା । ପୁରୁ ହେରାଫେରି ସାହୁରେ ଘର—ଆପଣ ଆମର ପଡ଼ୋଶୀ ହେଇ କିଛିଦିନ ରହିଥିଲେ ନାଁ—" ଭଦ୍ରଲୋକ ହାତଯୋଡ଼ କହିଲେ—"ପାପୀ ଲୋକ ଆଜ୍ଞା । ଜଗନ୍ନାଥ ପୀଠରେ ରହିବାର ସୁଯୋଗ ହେଇନି ଏଯାଏ । ଅବଶ୍ୟ ବୁଲି ଯାଇଛୁ ଅନେକ ଥର । ଭୁଲ ହେଇ ଯାଇଛୁ ଆଜ୍ଞା ଆପଣ ମୋର ସମ୍ପୂର୍ଣ୍ଣ ଅପରିଚିତା । ମୁଁ ବଳବନ୍ତ ମିଶ୍ର—" ବଳବନ୍ତ ମିଶ୍ର ପୁଣି କିଏ ? ଏ ଭଦ୍ରଲୋକ ତେବେ ମୋର ସମ୍ପୂର୍ଣ୍ଣ ଅଚିହ୍ନା । ଅଥଚ ଚିହ୍ନା ହେଇଥିବେ ଖାଲି ମୁଁ ଆଶ୍ରମରେ ଯାହା ଶେଷ କରି ଦେଇଛୁ !

Digitized by srujanika@gmail.com

ମୋ ମୁହଁର ଅସନ୍ତୋଷ ଭାବକୁ ପଢ଼ି ନେଇ ଭଦ୍ରଲୋକ କହିଲେ—"ଯା' ହେଉ ଚଳ୍ତା ଲୋକ ଭାବ ଆଣ ବେଶ ଆରାମରେ ଯାତ୍ରା କରି ପାରିଲେ । ନ ହେଲେ ମୋର ଯାହା ଚେହେରା ଅଚଳ୍ତା ଲୋକେ ପ୍ରଥମ ଦେଖାରେ ମଡେ ଗୁଣ୍ଡା ବଦମାସ ଛଡ଼ା ଅନ୍ୟ କିଛି ଭାବ ପାରନ୍ତି ନାହିଁ । ଆଣ ସେଇଆ ଭାବିଥିଲେ ଟିକେ କଷ୍ଟ ପାଇଥାନ୍ତେ ବାଟ ସାପ୍ତା ।" ସେ ହସିଲେ ।

ବର୍ତ୍ତମାନ ସତକୁ ସତ ଭଦ୍ରଲୋକଙ୍କ ଚେହେରା ମୋ ଆଖିକୁ ଗୁଣ୍ଡା ବଦମାସ ଭଳି ଦିଶୁଥିଲା । ଭଦ୍ରଲୋକ ପକେଟରୁ ଷ୍ଟ୍ରେଟ ଡାବରଟିଏ ଓ ଚେଟ୍‌ପେନ ବାହାର କରି ମୋ ହାତକୁ ବଢ଼େଇ ଦେଲେ । ଅନୁରୋଧ କଲେ—"ଏବେତ ଆପଣ ଆଉ ମୋର ଅଚଳ୍ତା ନୁହଁନ୍ତି । ମୋର ବଡ଼ ଭଉଣୀ ହେଇଯାଇଛନ୍ତି ଆପେ ଆପେ । ଆପଣଙ୍କ ଠିକଣାଟା ଲେଖି ଦିଅନ୍ତୁ ଆଜ୍ଞା । କେବେ ପୁଣ୍ଡା ଗଲେ ନିଶ୍ଚୟ ଆସିବି । ଆଉ ଭଉଣୀ ସାହେବଙ୍କ ସଙ୍ଗେ ବ ଉପରେ ପଡ଼ି ପରିଚୟ ଜଣେଇ ଦେବି—ସେ ତୋ ତୋ ହସିଲେ ।

ଠିକଣାଟା ଠିକ୍ ଲେଖିବ କି ନାଁ ଭାବୁ ଭାବୁ ଲେଖି ଦେଲ ଏବଂ କହିଲ—ଆପଣଙ୍କ ଠିକଣା ?

ଭଦ୍ରଲୋକ ବେପରୁଆ ଭାବେ କହିଲେ—"କହିବୁଡ଼ ବର୍ଷକୁ ଅନ୍ତତଃ ଥରେ ବଦଳଉଛି ମୋର । ମୋ ଠିକଣା ଦେଇ ଲାଭ କଣ ? ଆପଣ ଏବେ ମଡେ କୋଉ ଚିଠି ଲେଖିବେ—ଆଜିକାଲି ନିଜ ଆତ୍ମୀୟଙ୍କ ପାଖକୁ ବାଧାଡ଼ ଚିଠି ଲେଖିବାକୁ ବି ଡର ନାହିଁ । ଆଚ୍ଛା ନମସ୍କାର । ଭଗବାନ କଲେ ପୁଣି ଦେଖା ହେବ । ଗୁଲିଲ୍—କିଛି ମନେ କରିବେନି— ।"

ଭଦ୍ରଲୋକ ହାତ ହଲେଇ ହଲେଇ ଗୁଲିଗଲେ ଆଉ ଗୋଟାଏ ଏକ୍‌ସାରେ । ବାଟ ସାରା ତାଙ୍କର ଆତ୍ମୀୟତାଭରା ହସିଲା ମୁହଁଟା ଦିଶିଯାଉଥାଏ ।

ଅନେକ ବର୍ଷ ଏ ଭିତରେ ଗୁଲିଗଲାଣି । ଭଦ୍ରଲୋକଙ୍କ ସହ ଆଉ ଦେଖା ହେଇନି । ତେବେ ପ୍ରତି ବର୍ଷ ଅଚଳ୍ତା ଦସ୍ତଖତ ଥାଇ ନୂଆ ବର୍ଷର ଶୁଭେଚ୍ଛା କାର୍ଡ଼ ଟେ ମୋ ଠିକଣାରେ ପହଞ୍ଚେ—ଆସିଥିବା ସ୍ଥାନର ମୋହରଟା ସବୁବେଳେ ଅସ୍ପଷ୍ଟ । ଅନୁମାନ କରେ କାର୍ଡ଼ଟା ବନସ୍ଥ ମିଶ୍ର ନାମଧାରୀ ସେଇ ଭଦ୍ରଲୋକ ପଠାଇ ଥିବେ । କାରଣ ସେଇ ପଢ଼ି ନ ହେଉଥିବା ନାମାଙ୍କନର ମୂଳ ଅକ୍ଷରଟା 'ବ' ହେଉଥିବ ବୋଲି ମୋର ଅନ୍ଦାଜ ।

—*—

Digitized by srujanika@gmail.com

# ଜୀବନ ଯାପନ

## ଜ୍ୟୋତ୍ସ୍ନା ରାଉତରାୟ

ଜୀବନର ରାସ୍ତା ବୋଲି କଣ ଜଣ୍ଟୁ ଅଛୁ ! ମାଲତୀ ବିଶ୍ୱାସ କରି ପାରେନା । ଯଦି ଜୀବନର କିଛି ରାସ୍ତା ଥାଏ ତେବେ ତାହା ସହଜ ସୁଗମ ନୁହେଁ, ଅଙ୍କାବଙ୍କା, ଉଚ୍ଚା ନଢା, ଦୁର୍ଗମ । ସେ ରାସ୍ତାର ଧାରରେ ବସନ୍ତର ଫୁଲ ଝଡ଼ି କମ୍ ଫୁଟେ । ବେଶୀ ଭାଗ ଧୂ ଧୂ ଝରା । ଅବିରାମ ସେ ଗ୍ରୀଷ୍ମର ତାପ, ଶେଷ ହୁଏନା ।

କନ୍ତୁ ଏଇ ଆଶ୍ରମ ପାଖ ଦେଇ ଯେଉଁ ଲମ୍ବା ରାସ୍ତାଟା ନଈକୂଳ ପର୍ଯ୍ୟନ୍ତ ଲମ୍ବି ଯାଇଛୁ, ସେ ରାସ୍ତାକୁ ଦେଖିଲେ ମାଲତୀର କେବଳ ହିଁ ଜୀବନର ରାସ୍ତା କଥା ମନେପଡ଼େ । ସହର ପର ଏ ରାସ୍ତା ଉଦ୍ଭାବହ ଭାବେ ଲୋକାରଣ୍ୟ ହୁଏନାହିଁ । ଏଠି ତ୍ରତ ମୁହୂର୍ତ୍ତରେ ଆଗେଇ ଯିବାର ତଡ଼ାଯୋଗିତା ନାହିଁ । ଏ ରାସ୍ତାରେ ଭିଡ଼ ହୁଏ କେବଳ ସକାଳେ । ଲଙ୍ଗଳ ନେଇ ଯାଉଥିବା ଗୃହୀ, ବଳଦ ଗାଡ଼ିର ଅଭ୍ୟସ୍ତ ଶବ୍ଦ, ଏଇ ଆଶ୍ରମକୁ ପାଠ ପଢ଼ି ଆସୁଥିବା ଗ୍ରାମ୍ୟ ଆଦିବାସୀ ପିଲାମାନଙ୍କର କଳକାକଳୀରେ ଭରିଯାଏ ଏହି ଶୂନ୍ୟପାଖର ପୃଥିବୀ । ରାସ୍ତାର ଦୁଇ ପାଖେ ଗ୍ରୁସ୍ୱାଦାର୍ଥୀ ବଡ ବଡ଼ ବର ଅଶ୍ୱତ୍ଥ ଗଛ । ସେତେବେଳେ ମାଲତୀର ଜୀବନର ରାସ୍ତା କଥା ମନେପଡ଼େ । ବଙ୍କାନ ଯେତେ ଉନ୍ନତ କଲେ ମଧ୍ୟ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳକୁ ଏକାକାର ଜଣଦେବାକୁ ଚାହିଁଲେ ମଧ୍ୟ, ବୋଧହୁଏ ଏଇ ନୈସର୍ଗିକ ପୃଥିବୀ ହିଁ ଚରନ୍ତନ ।

ଏ ପଥରେ ସକାଳ ହୁଏ, ମଧ୍ୟାହ୍ନ ହୁଏ, ଅପରାହ୍ନ ହୁଏ, ସନ୍ଧ୍ୟା ହୁଏ । ସନ୍ଧ୍ୟାର ଘନ ଅନ୍ଧାର ରାତିରେ ରୂପାନ୍ତରିତ ହୋଇଯାଏ । ଅପେକ୍ଷା କରେ ପୁଣି ସକାଳକୁ । କନ୍ତୁ.....ମାଲତୀର ଜୀବନ ପଥ କେବଳ ହିଁ ଅନ୍ଧାର । ଚାହିଁ, ଦଗ ମିଳେନା । ସକାଳର ଆକାଂକ୍ଷା ନାହିଁ, ଆଶାହତ ।

ଏ ଆଶ୍ରମରେ ସୀର୍ଘ ଦୁଇ ବର୍ଷ ବତଗଲଣି ମାଲତୀର । ଜୀବନର ଆଉ କେତେ ବର୍ଷ, ତାହା ମାଲତୀ କେବେ ହିସାବ କରିବାକୁ ଗୃହେଁନା । ଚବିଶ ବର୍ଷର ମାଲତୀ ମାତ୍ର ଦୁଇ ବର୍ଷ ଅତିକ୍ରମ କରିଛୁ । ଆଶ୍ରମର ପରିଚାଳକ-ପାଦର ବିଶପ୍ ମହାନ୍ତି

Digitized by srujanika@gmail.com

କହନ୍ତି, "ମା, ଜୀବନରେ ସତ୍ ଭାବେ ବଞ୍ଚିବା ହେଉଛି ବଡ଼ କଥା । ଆଉ ସବୁକିଛି ଉପଲକ୍ଷ । ଏମିତି ଭାବରେ ଜୀବନକୁ ସଙ୍କୁଚିତ କରିଦଅ ନାହିଁ । ପ୍ରଭୁ ଯୀଶୁ କାହାଣିକୁ ଦୁଃଖ ଦଅନ୍ତୁନାହିଁ ।"

କନ୍ତୁ ମାଲଙ୍କର ଆଜି କେଉଁ ଠାକୁରଙ୍କୁ ବିଶ୍ୱାସ କରିବା ପାଇଁ ଇଚ୍ଛା ନାହିଁ । ତା ଆଖି ସାମ୍ନାରେ କେବଳ ଅନ୍ଧାରର ପ୍ରେତନୃତ୍ୟ । ଅବସନ୍ନ ଦେହ, ଅବସାଦଗ୍ରସ୍ତ ମନକୁ ବୋହିନେଇ ସେ ଏଇ ଅନ୍ଧକାରଗ୍ରସ୍ତ ଅଳିଆବଙ୍କା ରାସ୍ତାରେ ଚାଲେ ମାତ୍ର । କେବେ ପୂର୍ଣ୍ଣି ଝରର ଧାସରେ ଜଳ ପୋଡ଼ ଯାଏ ମନ ଦେହ । ଆଉ ସେ କେବଳ ଭାବେ ଜୀବନର ସ୍ଥାସ୍ଥ୍ୟ ଯଦି ଖୁବ୍ ଶୀଘ୍ର ଶେଷ ହୋଇଯାଏ ତେବେ ଷତ କଣ ଜୀବନର ମୂଲ୍ୟ କିଛୁ ନାହିଁ । ବଞ୍ଚିବାରେ କୌଣସି ସୁଖ ନାହିଁ ।

ଧ୍ୱଂସ ସ୍ତୂପ ଖୋଳି ସୁନ୍ଦର ମହେଞ୍ଜୋଦାରୋ ଆବିଷ୍କାର କରିବାକୁ ପଡ଼େନା ମାଲଙ୍କକୁ । ମାତ୍ର ଦୁଇ ବର୍ଷ ଜୀବନ ପାଇଁ ଦୀର୍ଘ ହୋଇପାରେ କନ୍ତୁ ଏମିତି କିଛି ସମସ୍ୟା ନୁହେଁ । ଏତେ ବଡ଼ କୁଳୀନ ପୃଥିବୀରେ ସାମାନ୍ୟତମ ଗୋଟିଏ ଘଟଣା । ଆଜି କେହି ମନେରଖିନାହାନ୍ତି । ଏ ମଣିଷ, ଏ ସମାଜ, ଏ ସଂସାର କେହି ନୁହେଁ । ଭୁଲିଯିବା ଏମାନଙ୍କର ଧର୍ମ ।

କନ୍ତୁ ମାଲଙ୍କ·····ଭୁଲିବା ପାଇଁ ଚେଷ୍ଟା କଲେ ମଧ୍ୟ ପାରୁନାହିଁ ।

ଆଖି ସାମ୍ନାରେ କେବଳ ଦିଶୁଛି ଗତ ଦୁଇ ଜୀବନର ସେଇ ସୂର୍ଯ୍ୟୋଦୟର ଘଟଣା । ମଧୁଚନ୍ଦ୍ରିକା ପାଇଁ ସମୁଦ୍ର କୂଳର ସହରକୁ ଆସିଥିବା ଦୁଇଟି ପାଗଳ ମଣିଷ । ସମୁଦ୍ରର ଉତ୍ତାଳ ଢେଉ, ଝାଉଁବଣର ମର୍ମର, କିଛୁ ଫିସ୍ ଫିସ୍ କଥାବାର୍ତ୍ତା, ମନ ଓ ଦେହରେ ପ୍ରବଳ ଆଲୋଡ଼ନ ସମୁଦ୍ର କୂଳର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଥିଲା ସେମାନଙ୍କ ପାଇଁ ବରଳ ସୌନ୍ଦର୍ଯ୍ୟ । ସହରର ଜନାକାର୍ଣ୍ଣ ପୃଥିବୀ ଭିତରେ ବଢ଼ିଥିବା ମଣିଷ ଜୀବନରେ ଏ ପ୍ରକାର ଆଶ୍ଚର୍ଯ୍ୟ ଅନନ୍ୟତା ଯେମିତି ପରମ କାମ୍ୟ ଥିଲା ।

କନ୍ତୁ.....ଏହା ସତ ଯେ ସବୁ ସୁନ୍ଦର ଅଳ୍ପକାଳରେ ରହିଥାଏ ଏକ ଚରନ୍ତନ ଦୁଃଖର ରାଗିଣୀ । ସମୁଦ୍ରର ଢେଉ, ଝାଉଁର ମର୍ମର ଓ ରୋମାଞ୍ଚିତ ସୁନ୍ଦର ପୃଥିବୀ ଭିତରେ ମାଲଙ୍କ ଲକ୍ଷ୍ୟ କରିଥିଲ ସେମାନଙ୍କୁ । ହୁପ୍ପି ବା ବିଟ୍‌ନିକ୍ ପର ଦଶୁଥିବା ସେଇ ତଥାକଥିତ ସଭ୍ୟ ମଣିଷ ମଣିଷମାନଙ୍କୁ । ନଶା ଫଳ ଫଳ ଆଖି, ଅଫଲଗ୍ନ କଥାବାର୍ତ୍ତା ଭିତରେ ପ୍ରାସ୍ତ ସକାଳ ଓ ସନ୍ଧ୍ୟାରେ ସମୁଦ୍ର କୂଳେ କୂଳେ ସେମାନେ ଅନୁସରଣ କରନ୍ତି । ମାଲଙ୍କ ବିବ୍ରତ ହୋଇ ସ୍ୱାମୀଙ୍କୁ କଣାଏ ।

Digitized by srujanika@gmail.com

ସ୍ୱାମୀ ପରିହାସରେ କଥାର ଘୁଞ୍ଚୁକୁ ହାଲୁକା କରି କହନ୍ତି, ସମସ୍ତଙ୍କୁ ସନ୍ଦେହ କରିବା ନାଟ୍ୟମାନଙ୍କର ଏକ ଅଭ୍ୟାସ ନା ବଳାସ । ଏଠିକୁ ଅନେକ ଆସନ୍ତି । ସହରର ମାନ ପାଞ୍ଚ କଲେମିଟର ଦୂରରେ । ତେଣୁ ଏମାନଙ୍କୁ ସନ୍ଦେହ କରିବା ଅମୂଳକ । ତା'ଛଡା ସୁନ୍ଦର ଫୁଲଟିଏ ଦେଖିବାକୁ କାର ବା ଇଚ୍ଛା ନ କରେ । ତମେ ତ ଏକଦା 'କଲେଜ କୁଇନ' ଥିଲ ।

ସ୍ୱାମୀଙ୍କୁ ବୁଝାଇ ପାରେନା ମାଳତୀ । ଭିତରେ ଭିତରେ ସେ ଭସ୍ମୀଭୂତ ହୋଇପଡ଼ିଥିଲା । ଅବଚେତନ ମନରେ ଏକ ଅଜଣା ଭୟ, ବିପଦର ସ୍ୱର·····।

କନ୍ଥୁ ଝିଅମାନଙ୍କ ଜୀବନ କେତେକ ଅନୁଭୂତ । ଅଘଟଣ ଘଟିଯାଏ । ମଣିଷ ସମାଜ ସହାନୁଭୂତି ଦେଖାଏ । କନ୍ଥୁ ଶେଷ ପର୍ଯ୍ୟନ୍ତ ଏହି ମଣିଷ ବା ସମାଜ କେହି ଉଦ୍ଧାର ହୁଅନ୍ତି ନାହିଁ ବରଂ ଜୀବନଟା ନଷ୍ଟ ହୋଇ ଯାଆନ୍ତି ।

ସବୁଦିନ ପରି ସେଦିନ ମଧ୍ୟ ବନ୍ଧୁମାନ୍ତି ବାଲି ଉପରେ ପାଦ ଚିହ୍ନି ଚିହ୍ନି ବହୁ ଦୂର ଚାଲିଯାଇଥିଲେ । ନିର୍ଜନତାର ସୁଯୋଗରେ ମାଳତୀର କଣ୍ଠରେ ଥିଲା ଚାଁଦର ସଙ୍ଗୀତ ଭରା ହୋଇ ଆସୁଥିବା ସନ୍ଧ୍ୟା, ବସନ୍ତର ଜଗାଉଣୀ ସାମୁଦ୍ରିକ ପବନ ଏକ ଦୂରନ୍ତ ଶିଶୁପରି ମାଳତୀକୁ ଅସ୍ତବ୍ୟସ୍ତ କରୁଥିଲା । ଚତୁର୍ଦ୍ଦଶୀର ଜ୍ୟୋତ୍ସ୍ନାକୁ ବୁଢ଼ି ସ୍ୱାମୀର କାନ୍ଧରେ ମଥା ରଖି ଘଲ୍ ଘଲ୍ ମାଳତୀ ଭାବୁଥିଲା, ଜୀବନ କି ମଧୁର ! ପୃଥିବୀ କି ସୁନ୍ଦର !! କେତେ ନମନୀୟତା ଅଛି ଏହି ବାହୁବାରେ !!!

କନ୍ଥୁ ମାଳତୀର ଏଇ ଭାବନା ସେଇ ମୁହୂର୍ତ୍ତରେହିଁ ବାଘଟ ଭଲରେ ଚୁପାନ୍ତୁଡ଼ି ହୋଇଯାଇଥିଲା । ଏକ ଦ୍ୱନ୍ଦାଚନ୍ଦରେ ଦୃଶ୍ୟ ପଟ ଅଗ୍ନନକ ଘଟିଯାଇଥିଲା ସେଇ ବଡ଼ମ୍ବିତ ଘଟଣା ବନ୍ଧୁମାନ୍ତି ବାଲୁକା ଶଯ୍ୟା ଉପରେ ଚାରିଜଣ ମାଂସ ଲୋଭୀଙ୍କର ଅତର୍କିତ ଆକ୍ରମଣ । ସ୍ୱାମୀଙ୍କର ଚିତ୍କାର, ମାଳତୀର ବୁକୁଫଟା କ୍ରନ୍ଦନ ସବୁ କିଛୁ କେବଳ ଇଥରରେ ମିଳାଇ ଯାଉଥିଲା । ଘଟଣା ଘଟିଯାଉଥିଲା । ସ୍ୱାମୀଙ୍କର ଚିତ୍କାର ଅସ୍ପଷ୍ଟ ହୋଇ ଆସୁଥିଲା । ମାଳତୀ ଅନୁଭବ କରୁଥିଲା ତା ଦେହ ଉପରେ ପ୍ରବଳ ଝଡ଼ କ୍ରନ୍ଦଯାଉଛୁ, ସେ ପ୍ରତିରୋଧ କରି ପାରୁନି । କ୍ଷତବିକ୍ଷତ ହୋଇ ଯାଇଛୁ । ଗୋଟିଏ ପରେ ଗୋଟିଏ ପୁରୁଣା ଦେହର ବଧ୍ୟଂସ ଆସୁରିକ ଲୀଳା ଦହ୍ୟ କରି କ୍ଷତବିକ୍ଷତ ଚେତନାହୀନ ମାଳତୀ ଶେଷ ଶକ୍ତି ସଞ୍ଚୟ କରି ଜାଣିବାକୁ ଚାହିଁଥିଲା ଦେଉଁଠି ତାର ସ୍ୱାମୀ କାହୁ କେହି ନ ଥିଲେ । କେବଳ ଚୁପ୍‌ଚାପ୍ ଜ୍ୟୋତ୍ସ୍ନା ଓ ସମୁଦ୍ରର କାନଫଟା ଗର୍ଜନ ।

Digitized by srujanika@gmail.com

ତାପରେ···ସେଇ ଅଣ୍ଟନ୍ତି କର ଜୀବନ । ଡାକ୍ତରଖାନା ପୋଲିସ, କନ୍ଥ ଲେକଙ୍କର ସମାଚମ । ପ୍ରଶ୍ନ ପରେ ପ୍ରଶ୍ନ । ମଣିଷ ଓ ସମାଜର ଅଯଥା କରୁଣା । କଟୁଦନ ପାଇଁ ଏକ ଦର୍ଶନସ୍ୱ ବସ୍ତୁ ହୋଇଗଲ ମାଲତୀ ସେ ସମୁଦ୍ର କୂଳଆ ସହରରେ । ମଧୁ ଚନ୍ଦ୍ରକାର ସ୍ୱପ୍ନ କେଉଁ ଅନ୍ଧାର ଭିତରେ ହଜିଯାଇଥିଲ ।

ସମସ୍ତ ବନ୍ଦ ହୋଇଗଲ । ପୂଂପଣ ଗତାନୁଗତିକ ଜୀବନଧାରା । ସବୁ ଠିକ୍ ପୂଂପଣ । କନ୍ତୁ ମାଲତୀକୁ ପାସ୍ପୋର୍ଟ ନେବା ପାଇଁ କେହି ଆସି ନ ଥିଲେ । ମାଲତୀ ଜାଣିଥିଲ ସ୍ୱାମୀଙ୍କର କିଛି କ୍ଷତ ହୋଇ ନାହିଁ । ମନେ ମନେ ଈଶ୍ୱରଙ୍କ କିଛି କ୍ଷତ ହୋଇ ନାହିଁ । ମନେ ମନେ ଈଶ୍ୱରଙ୍କୁ ଶତ ଧନ୍ୟବାଦ ଜଣାଇଥିଲ ସେ । ସମାଜର ଜନ୍ମ, ମାନ ସମ୍ମାନ ଏହିଥେ କେତେଗୁଡ଼ିଏ ବୃହତ୍ ତଦେ ଜିନିଷରେ ସ୍ନେହ, ମମତା ଭଲ ପାଇବା, ବା ପ୍ରେମର କୌଣସି ମୂଲ୍ୟ ନାହିଁ 'ଧର୍ଷଣ' ଏକ ନାସ୍ତା ପାଇଁ କଏ କାହିଁକି ହୃଦସ୍ପନ୍ଦକୁ ବଳ ଦବ ! ସ୍ୱାମୀ, ପରିବାରର କେହି ମାଲତୀ ପାଇଁ ଆଶ୍ୱାସନାର ହାତ ବଢ଼ାଇ ଦେଇ ନ ଥିଲେ । ମାଲତୀ ପାଇଁ ସବୁପଥ ନାଟେରେ ବନ୍ଦ ହୋଇ ଯାଇଥିଲ ।

ମରୁଭୂମିରେ ବାଲୁଡ଼ି ଉଠେ । କନ୍ତୁ କେହି କଣ ପଥ ହରାଏ । କେମିତି ଓ କପରି ଏଇ ଆଦିବାସୀ ପାହାଡ଼ିଆ ଇଲକାକୁ ଘୁଲି ଆସିଲ, ତାହା ବୁଝିବାକୁ ଆଦୌ ଇଚ୍ଛା ହୁଏନା ମାଲତୀର । କେବଳ ଏଇ ନୈସର୍ଗିକ ପୃଥିବୀ, ଗ୍ରେଟ ପିଲମାନଙ୍କର ସ୍ନେହ ସମ୍ଭାଷଣ, ଫାଦରଙ୍କର ଅମାପ ସ୍ନେହ ଓ ସେହି ଅଦୃଶ୍ୟ ଦେବତାର କରୁଣା ଭିତରେ ମାଲତୀର ମନେ ହୁଏ । ଜୀବନର ଅର୍ଥ ବହୁ ପ୍ରକାର । ତା ଜୀବନରେ ଇଏ ବି ଏକ ଅର୍ଥ । ଏଠାରେ କୌଣସି ଅହମିକା ନାହିଁ ଦୁଃଖ ଅପମାନ ନାହିଁ । ସମାଜର ଗୁରୁଗମ୍ଭୀର ଜନ୍ମ ନାହିଁ । କେବଳ ବଞ୍ଚିବାର ଗୌରବ । ମାଲତୀର କିଛି ମନେ ପଡ଼େନା, ସ୍ୱାମୀ, ପରିବାର ପରିଜନ କେହି ନୁହେଁ । କେବଳ ଶୂନ୍ୟତା ଜୀବନ ଏକ ଅନ୍ତିତ୍ୱ ପାଇଁ ଦାବି କରେ । ବେଳେ ବେଳେ ଗ୍ରୁଡରେ ଯନ୍ତ୍ରଣା ହୁଏ ଜୋର୍ । ମୁଣ୍ଡ ଲଗେ । ଚିତ୍କାର କରି ନିଜର ଅସ୍ତିତ୍ୱ ଜଣାଇବାକୁ ଇଚ୍ଛା ହୁଏ । ମୁଠା ମୁଠା ଧୂଳି ନେଇ ସମସ୍ତଙ୍କର ପୂର୍ଣ୍ଣ ଜୀବନ ଉପରେ ବରୁଡ଼ି ଦବାକୁ ମନ ହୁଏ । ଜୋର୍ ବଡ଼ ପାଟିରେ କହିବାକୁ ଇଚ୍ଛା ହୁଏ, ମୋର କ'ଣ ଦୋଷ ? କେଉଁଥି ପାଇଁ ମୋର ଏ ଅଦ୍ଭୁତ ଜୀବନଯାପନ !! କାହିଁକି ଏ ଶାସ୍ତି ମୋ ପାଇଁ !!!

କନ୍ତୁ କିଛି କହି ପାରେନା ମାଲତୀ । ଧିକ୍କାର କରେ ସେ । ଧିକ୍···ଧିକ୍ ପୃଥିବୀ··· ଶତାଧିକ ମଣିଷ । ଅସହ୍ୟ ଭାର ଟାବଲେଟରେ କେବଳ ତା ଅସ୍ତିତ୍ୱ ବହୁସାଏ ଚରମ ଲକ୍ଷ୍ୟର ଅଜସ୍ର ଧାରା । ଅନେକ ଦୀର୍ଘଶ୍ୱାସ ଡେକ୍କଲ ଇଥରରେ ମିଳାଇ ଯାଏ ଓ ମାଲତୀ ପୁଣି ଥରେ ବଞ୍ଚିବା ପାଇଁ ଚେଷ୍ଟା କରେ ।

—※—

Digitized by srujanika@gmail.com

# ଆଲୋକିତ ଅନ୍ଧକାର

## କାଳନ୍ଦି ଚରଣ ଜେନା

କ୍ରମାଗତଃ ତିନ ଦିନ ବର୍ଷା ପରେ ବି ଆକାଶରେ ଟିକେ ବି ଫାଙ୍କା ନ ଥିଲା । ଗର୍ଭଣୀ ଗାଈର ପେଟ ପରି କଳା ହାଣ୍ଡିଆ ବାଦଲଗୁଡ଼ା ଓହଳ ପଡ଼ି ଭୂଇଁକୁ ଛୁଇଁ ଦୁମ୍ ଦୁମ୍ ହୋଇ ବର୍ଷି ଯାଉଥିଲା । ବର୍ଷାର ତାଣ୍ଡବ ନୃତ୍ୟ ସହିତ ଅଶ୍ରାନ୍ତ ପବନ ଯୋଡ଼ି ଏକାକାର ହୋଇ ମିଶି ଯାଇଛି ଶୀତୁଆ ସକାଳର ଉତ୍ତୁରା ପବନ ପରି । ସୁ-ସୁ ଗର୍ଜନ ଭିତରେ ବର୍ଷାଗୁଡ଼ା ଟାଇଁ ଟାଇଁ ପିଟି ହୋଇ ଯାଉଥିଲା କାନ୍ଥ ଦେହରେ । ଘରଟା ଦୁଲୁକି ଉଠୁଥିଲା । କଣ ହେଲପ୍ସ ହେବ ? ଗୋଟେ ଓଁକାର ଶବ୍ଦ ଭିତରେ ସମସ୍ତଙ୍କର ସୁର କଣ ବନ୍ଦ ହେଇଯିବ ? ପାଟିଖୋଲ ଡାକବାକୁ କେହି ଫୁରସତ୍ ପାଇବେ ନାହିଁ ବା ଆଗି ଖୋଲ କଛୁ ଦେଖିବାକୁ ମଧ୍ୟ ବେଳ ନଥିବ ! ସେମିତି ଅଶୁଭ ଅଶୁଭ ବୋଧ ହେଉଥିଲା ଗୋପିନାଥକୁ ।

ଚଣ୍ଡିଆ ବଡ଼କୁ ପାଟିରୁ କାଢ଼ି ଥୁ-ଥୁ-କରି ମେଞ୍ଚାଏ ଥୁପ ପକାଇଦେଲା ଗୋପିନାଥ । ପହଲା ବର୍ଷା କର୍ମବାର କୌଣସି ଲକ୍ଷଣ ଦେଖାଯାଉ ନ ଥିଲା । ବରଂ ସକାଳ ଅପେକ୍ଷା ତାର ସ୍ୱତ୍ୱବଟା କ୍ରମଶଃ ଅମାନିଆ, ଅଟ୍ଟିଆ ହୋଇ ପଡ଼ୁଥିଲା । ବର୍ଷା ଅପେକ୍ଷା ପବନକୁ ବେଶୀ ଭସ୍ମ କରୁଥିଲା ଗୋପିନାଥ । ପୁଟ୍‌ଙ୍କି ପବନଟା ମୋଟେ ଶୁଭ ଲକ୍ଷଣ ନୁହେଁ । ମୁହଁ ତିକ ଭିତରେ ଅଘଟଣ ପଟାଇ ବସିବ । କଛୁ କୁଆଡ଼େ ନ ଥିବା ବୋମା ବମ୍ବୋରଣ ପରି ଅକସ୍ମାତ ସମୁଦ୍ର ମୁହାଣଟା ଗର୍ଜି ଉଠିବ ଓ ଅକ୍‌ଟୋପାଣ୍ ପରି ଜଉ ଲହ ଲହ କରି ସମୁଦ୍ର ଜୁଆରଟା ପ୍ରବଳ ବେଗରେ ମାଡ଼ି ଆସିବ । ଛଣିକ ଭିତରେ ସବୁ ଆଶା, ଆକାଙ୍କ୍ଷାକୁ ଟଳ୍ ଜଳ ପାଣିରେ ପକାଇ ଦେଇ ଗୋଧୂଳି ଭୂଇଁରେ ଲେଟି ଲେଟି ଫେରିବ ।

ଗତ ବର୍ଷର ଦାଗଟା ଏବେବି ମନ ଭିତରେ ତେଇଁ ରହିଛି । ଟିକେ ଉଖାର ଦେଲେ ତତଲା ରକ୍ତ ସହ ନଗିଡ଼ି ପଡୁଛି । ଖାଇବା ବନା ତାର ଦ'ଟା ବଳଦ ମରିଗଲେ । କେତେଏ କୁଟା ବା ବଡ଼ାଏ ତୃଣ ପାଇଁ ଖଣ୍ଡମଣ୍ଡଳ ହୁଲ ଆସିଥିଲା ସେ । ତୃଣ ଅଭାବରୁ ଘର ଛପଟାକୁ କେଦ୍ରପଣ ଚଢ଼ି ଦେଇଥିଲା । ମଥାନ ପାଖରେ ପୋତିଠି ସେ ଖୁଆ ଦେଇଥିଲା ଆଜର ଅଲକ୍ଷଣା ପବନଟା ସେଇ ପୁଲାକୁ ଅନାଥଙ୍କ ଭଳି ଉଜାଡ଼ି ଦେଇଥିଲା । ଗଲ ଗଲ ହେଇ ବର୍ଷାଗୁଡ଼ା ସେଇବାଟ ଦେଇ କଗୁଡ଼ି ହୋଇ ପଡୁଥିଲା ଘର ଭିତରେ । ଗୋପିନାଥ ଜଟିଘାଇ ବାଲ୍‌ଟିଟି ଆଣି ଥୋଇ ଦେଲା ବର୍ଷା ମୁହଁରେ ।

Digitized by srujanika@gmail.com

ସନ୍ଧ୍ୟା ପୂଜା ବର୍ଣ୍ଣା ବା ପବନ କୌଣ୍ସିଟା କମି ନ ଥିଲ । ବରଂ ପବନର ବେଗଟା ବେଳକୁବେଳ ଭସ୍ମଙ୍କର ରୂପ ଧାରଣ କରୁଥିଲ । ବାତ୍ୟାଭଳ ସୁ-ସୁ-ଗର୍ଜନ କରି ସାରା ଗାଁଟିକୁ ଦୁଲୁସୁଲୁ କରି ଦେଉଥିଲ ।

ଗତ ବର୍ଷର ଦାଗଟା ମନ ଭିତରୁ ପୋଛୁ ଦେଇ ଏଥର ସେ ପୁରା ଦମ୍‌ରେ ଲଗି ପଡ଼ିଥିଲ । ବାବୁଘରୁ ଦ' ଟ୍ରଣ ପାଳ ହଲ ମାଗି ଆଣି ସେ ସହଲ ସହଲ ଟ୍ରଷ୍ଟ କାର୍ଯ୍ୟଟା ସାର ଦେଇଥିଲ । ବାବୁଘର ତାକୁ ଅନେକ ସାହାଯ୍ୟ ହୋଇଛୁ । ତା ପାଇଁ ସେମାନେ କେବେ କାର୍ପଣ୍ୟ କରି ନାହାଁନ୍ତି । ବାବୁଙ୍କର ଦଂଶ ଦସ୍ତା, ଦୁଦ ଖୋଲ ସଦାନୁଭୂତ ସାହାକ ଗୋପିନାଥ ପାଇଁ ଭୁଲବାର ନୁହେଁ ।

ଗସେନ କମିରେ ଲଣା ଦେଉ ମାଡ଼ିବା ପରେ ସେଥରେ କୁଣ ବ କଂଳ ନ ଥଲ କେତେଦନ ପର୍ଯ୍ୟନ୍ତ । ପୋଟ୍ଟୁ, କୁଅ, ଘର, ବାହାର ହରୁ କେବଳ ଜଣି-ମସ୍ତ ହୋଇ ଯଇଥିଲ । ଟୋପେ ପାଣି ପାଇଁ ଟାଁ ଲେକଙ୍କ ଡହଳ ବକଳ ଯାହା କେତବ ପାଶୋଟିବାର ନୁହେଁ । ଗୋରୁ ଚାଉଁ ସବୁ ଲେ ବାଡ଼ରେ ପଡ଼ ଟ୍ରଟ୍ରଟ୍ ହୋଇ ମରଗଲେ । ମୁଠେ ଖାଦ୍ୟର ଅପେଷ୍ଟାରେ ବୁକୁଫଟା କରୁଣ ଆର୍ତ୍ତନାଦ ଗଗନେ, ପବନର ସ୍ରୋତ ଥଟ୍‌ଇ ଦେଇଥିଲ । ସେ ସମସ୍ତର ଭସ୍ମାବହତା କଥା ମନେ ପଡ଼ିବା କ୍ଷଣି ଗୋପିନାଥର ଲୋମକୂପ ଭସ୍ମରେ ଠିଆ ହୋଇ ପଡୁଥିଲ ।

ଥଲବାଲ, ନଥଲବାଲ ସମସ୍ତେ ଏକାକାର । ଗୋଟେ ଅଣୁଣା କେଉଁଆ ଭସ୍ମର ମର୍ମସ୍ପର୍ଶୀ ଚ୍ଛାଇଟା ସମସ୍ତଙ୍କର ମୁଣ୍ଡ ଉପରେ ଶାଘୁଣା ଭଳ ଚକର କାଟୁଥିଲ । ତାର ମନେ ଅଛୁ, ସେଦନ ଜଲେ ଗୁଡ଼ଲ ପାଇଁ ସେ ଗୋଟିଏ ଓଳ ବାବୁଙ୍କ ଘରେ ଧାରଣା ଦେଇଥିଲ । କେତେଡ କାକୁତ ମିନତା କରିଥିଲ । ଟେର୍ ଘୁମାସ୍ତାଟା ପାଇଁ ତାକୁ ସେଦନ, ଏତେ ଦୁନସ୍ତା ହେବାକୁ ପଡ଼ିଥିଲ । ସେ ବାବୁଙ୍କ କାନେ କାନେ ମିଡାଇଥିଲ, ଗୋପିର ତ ଜମି ଅଛୁ, ସେଥିରୁ ମାଣେ, ଦ' ମାଣ ଟେଇଁ କରୁନ । ଏତେ ଅବସ୍ଥା ଡ୍ରୋଗୁଛୁ କାହିଁକ ?

ବାକୁ ସବୁ ସେଦନ ତା'ଠୁ କଥାରେ ପ୍ରତିମାଳ କରିଥାଲେ, ସେମି ଏତେ ଦୁଇଗୁଣ ଦବା ଅପେକ୍ଷା ଜମି କଛୁ ବଳି କରିଦଏ ।

ଅକ୍କା ମାରଲ ପରେ ଟ୍ରଣକୁ ଆଉଜ ଠିଆ ହୋଇ ପଡ଼ଲ ଗୋପିନାଥ । ହାତ ସଳ ସଳ ଖୋସାମତ ଢଙ୍ଗରେ କହିଲ, ବାବୁ ! ଜମି କୋଇଲେ ତ ଦ' ମାଣ, ସେ ପୁଣି ମୋ ପ୍ରାଁ ନାଁରେ ଅଛୁ । ଆଗକୁ ଆଶା ଅଛୁ । ଆଜିଠୁ ବାକୁ ଟେର୍ କରଦେଲେ ଭବିଷ୍ୟତରେ ପୁଣି କଣ କରିବ ।

Digitized by srujanika@gmail.com

ତା' କଥା ଶୁଣି ବାରୁ ଅଲ୍ପ ହସିଥିଲେ ! ମୁଣ୍ଡ ହଲାଇ କହିଥିଲେ, ତୁ ଯା' ଭଲ ଘୁରୁଚୁ କର । ତୋ ବାରୁଆଣୀ ମଲା ଦିନରୁ ସପତ୍ନି ପ୍ରତ ମୋର ମଧ୍ୟ ମୋହ ଉଚ୍ଚି ଯାଇଛୁ, ତୁହେଲୁ ଏ ଘରର ପୁଟୁଣା ଗୃକର । ଏଘର ଦୁଆର ତୋ ପାଇଁ ସଦାବେନେ ଖୋଲା । ଜମି ବାଡ଼କୁ ଟିକେ ଭଲଭବେ ନଜର କର । ଆଜ ଘରଟା ଅଚଳ ହୋଇ ପଡ଼ିଛୁ; ମୋ ମଉରେ, ତୋ ସ୍ତ୍ରୀକୁ କହି ସେ ଟିକେ ଆସି ଦେଖାଶୁଣା କରୁ ।

ସେ ଦିନ ଦୋ' ଦୋ' ପାଞ୍ଚ ହୋଇ ଘରକୁ ଫେରିଥିଲା ଗୋପିନାଥ । କହିବ କହିବ ବୋଲି ଇଚ୍ଛା କରିବ ସହସା ପାରି ଖୋଲି ନ ଥିଲା ତାର । ସୀତାର ମୁହଁ ଦେଖି ସେ ଯେମିତି ସବୁ କଥା ପାଶୋର ପକାଇଥିଲା । ଏତେ ଡ଼ଗୁଲ ଡାଗୁଲ ରୂମ୍ଭଟିକୁ ସେ ପାଖରୁ ଦୂରେଇ ଦବାକୁ ମୋଟେ ଇଚ୍ଛା କରୁ ନ ଥିଲା । କନ୍ତୁ ଅଜ୍ଞବର ନସ୍ତୁର ସ୍ୱରୂକଟା ପାଦେ ପାଦେ କଏ ଦେହସାରା ପିଟି ହୋଇ ଯାଉଥିଲ ଅବଗ୍ରମ-ଭବେ । ଚଙ୍ଗୁଡ଼ ମାଟିରେ ଯନ୍ତ୍ରଣାରେ ଛଟପଟ ହେଇ ଅହରହ ଡ଼େଉଁଥିଲା ଗୋପିନାଥ ।

ସେ ମନେ ମନେ ଚନ୍ତାକଲା; ବେଳଟା ଆସିଛୁ, ପୁଣି ଗଲ ପିବ । କେହୁତ ସଦାଦନେ ଚନ୍ଦ୍ରନ, ଏ ହତଲକ୍ଷ୍ମା ବେଳଟା କଣ ରହିବ ? ଅବସ୍ଥା ଟିକେ ସୁଧୁରଗଲେ ସେ ପୁଣି ସୀତାକୁ ପାଖକୁ ନେଇ ଆସିବ । ଦା'ମାଣ ଜମିରେ ଧାନଦେଲେ ସେମାନେ ବର୍ଷେ ଖାଇବେ । କଏ ବା ଖାଉଅଛୁ—ଆଗକୁ ନା—ପଛକୁ ।

